ରମଣୀସୁଲଭ ଓ ସୁରୁଚି ଚରିତ୍ରର ବୈଶିଷ୍ଟ୍ୟ ମନରେ ଗଭୀର ରେଖା-ସୃଜନ
କମନୀୟତା ଓ ବାକ୍ ଚାତୁରୀର ଚମ ଦେଇଛି ଅଳ୍ପ ଭାବରେ ଶକ୍ତି ବିକାଶ-
ଅଛନ୍ତି । ଏଣୁ ସେ ରମଣୀ ନାୟିକାରୂପେ ଉଚ୍ଚକୋଟିରେ ଲେଖକ
ସେମାନଙ୍କ ବ୍ୟକ୍ତିତ୍ୱ ବେଶ ଅନୁକରଣ କରିଅଛନ୍ତି । ଉପନ୍ୟାସ
ଅଧ୍ୟାୟର କଲ୍ପନାର ବିବାଦ ଯାଇଁ ବସ୍ତୁର ଆଶ୍ରମ ଦେବାପାଇଁ
ଜନସାଧାରଣ ସ୍ୱଗଠିତ ହୋଇଥିବା ଭାବ ଏହି ଉପନ୍ୟାସଗୁଡ଼ିକରେ ବର୍ଣ୍ଣିତ
ସ୍ମରଣୀୟ । ଅନେକ ପ୍ରାଚୀନ ସ୍ୱଭାବ, ସାମାଜିକ ପ୍ରଥା ଏଥିରେ ଯଥାଯଥ
ଭାବେ ବର୍ଣ୍ଣିତ ହୋଇଛି । ପିଅଣ ଘରର ଆଗରେ ଓଳାଉଣ୍ଠ ଖାଇ
ନିର୍ବିଶ୍ୱାସନାଚରଣକରିବା, କୁଞ୍ଜଗିରିଆ ଗାଈ ଅର୍ଥାତ୍ ବାଲ୍ମିକି ଲକ୍ଷ୍ମୀ ଲତାର
ମାଣବସାର କର୍ମନରେ ପୂଜୁଥିବା ବଳଦବାଉ, ଶ୍ଳେଷ୍ମ ପିଟିଲା ପୁତ ଜନ-
ସାଧାରଣଙ୍କର ଭୟ ଓ ଘୃଣା, ଇତ୍ୟାଦି ସ୍ୱଶାନୁକୂଳପାଳକ ଉପନ୍ୟାସଗୁଡ଼ିକରେ
ସ୍ଥାନପାଇଅଛି । ତତ୍କାଳୀନ ରାଜନୈତିକ ଆଦର୍ଶର ଅବନାଗରୀ
ଏହି ଉପନ୍ୟାସର ଅନ୍ୟତମ ଚରିତ୍ରାଭିନାୟକ ଯୋଗୀନା ଚଞ୍ଚଳାସ୍ତୁକ
ନିର୍ଦ୍ଦୋଷର ସଂକଟ ଦୂତରେ କହାଇଅଛନ୍ତି । "ଯିଏ ହେଲେ ରାଜା,
ଯେଉଁ ରାଜ୍ୟର ପ୍ରଜାମାନଙ୍କର ଧନ, ପ୍ରାଣ, ମାନ ସମସ୍ତର ରକ୍ଷାକର୍ତ୍ତା,
ସେମାନେ ହେବେ ସେ ରାଜ୍ୟର ମଙ୍ଗଳ କରିବେ ନାହିଁ ।" ନୈତିକ ଆଦର୍ଶ
ବୋଧହୁଏ ଚରିତ୍ରଗୁଡ଼ିକର ସମ୍ପାଦକ ହୋଇଅଛି । ଉପନ୍ୟାସକାର
ପୂର୍ବ୍ୟାପ ପାପଜନକ ବ୍ୟବହାର ଦୈନ୍ୟ ସମସ୍ତ ଲୋକଙ୍କୁ ଶାସ୍ତିଭୋଗ
କରିଅଛନ୍ତି । କିନ୍ତୁ ଆଦର୍ଶ ଓ ନ୍ୟାୟ ପଥରେ ପରିଚାଳିତ ହୋଇ ବାସ୍ତବବାଦୀ
ବନବାସୀ ସ୍ୱଭାବ ଜୀବନ, ନଷ୍ଟଚରିତ୍ର ସିଂହ ଓ ପ୍ରେମାଳୀଙ୍କ ଜୀବନରେ
ମିଳନସୂତ୍ର ଲାଭକରିଅଛନ୍ତି । ଆଧ୍ୟାତ୍ମିକ ଜଗତରେ ନୈତିକତା ବୈଚିତ୍ର୍ୟ
ସୃଷ୍ଟି ପାଇଁ ଲେଖକ ଚରିତ୍ରମାନଙ୍କ ମୃତ୍ୟୁର ପ୍ରଭାତ ସନ୍ଧାନ
କରିଛନ୍ତି । ଯେଉଁ ଏହି ପ୍ରକାରର ଭାଷା ବାସ୍ତବଧର୍ମୀରେ ଚାମଡ଼ୀ
ହୋଇଯାଇଛି । ଉପନ୍ୟାସର ସମ୍ବାଦ ଗାମ୍ଭୀର୍ଯ୍ୟ ପରିବର୍ତ୍ତନର
ପ୍ରେମମାର୍ଗର ମୀମାଂସା ଉପରେ ବୈଦ୍ୟମାନଙ୍କର ଶୁଷ୍କତର୍କ ଓ ଆପତ୍ତି-
ମାନଙ୍କ କମ୍ପାଇଦେଇଥିଲା ଅନ୍ୟତମ ସାହିତ୍ୟାଭିଯାନ । ଯାହାକୁ ଆଧୁନିକ
ଭାଷାରେ ସ୍ୱ ଜାତୀୟ ଲୁହନି ତାହାଙ୍କରିଛି ନିଜେକ ବହୁସ୍ୱରର ବ୍ୟଙ୍ଗ
ବର୍ଣ୍ଣିତ କରିଅଛନ୍ତି । ଅର୍ଥାତ୍ ବର୍ଣ୍ଣନାରେ ମହାନ୍ ସାହିତ୍ୟ ସମ୍ବନ୍ଧୀୟ

ଶିଷ୍ଟତା ବର୍ଣ୍ଣନାରେ ହୋଇଥିଲେ କଦାପି ଅଟେ। ତାଙ୍କ ମନ ବୃତ୍ତିରେ ହିନ୍ଦୁସ୍ଥାନୀ ଆନ୍ତରିକତାର୍ ଛେଷ୍ଟିତ୍ୱ ଆସିନଥିଲେ । କେତେକ ଇଂରେଜ ଶବ୍ଦ ପ୍ରୟୋଗକରି ଲେଖକ ସାହିତ୍ୟର ଶ୍ରୀବୃଦ୍ଧିର ପ୍ରୟାସ କରିଛନ୍ତି । "ନଗ୍ନଙ୍କି ଲୋକମାନଙ୍କ ପରି ଅନେକ ବାବୁ ବର୍ଜିତ ପ୍ରବନ୍ଧର ବାହ୍ୟରକ ମେଲନ୍ଧ ନଷ୍ଟ ହୁଏ ।" ଏହା ଉକ୍ତି ମୋର ଦୃଷ୍ଟାନ୍ତ ।

ପଦ୍ମପୁରାଣ କାବ୍ୟରଚନାରେ ଅବଦାନକାରୀ ପ୍ରଗତି ଓଡ଼ିଶାରେ ଲେଖକ ବାରମ୍ବାର ପାଠକମାନଙ୍କୁ ସମ୍ବୋଧନ କରିଛନ୍ତି । ଏହିପୁସ୍ତକର ଏକ ଓଡ଼ିଆ ଉପନ୍ୟାସଟି ଭାଷା-ଶୈଳୀ-ଦୃଷ୍ଟିରୁ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ହୋଇପାରିନଥିଲା । ତଥାପି ଚଳନ୍ତି-ଓଡ଼ିଆ-ଭାଷାରେ ଏଇ ଲେଖକଙ୍କ ଦକ୍ଷତା ନଥିଲା । ଏଥିପାଇଁ ସେ ନିଜକୁ ଓଡ଼ିଆ ଭାଷା ଜାଣନ୍ତି ବୋଲି ସ୍ୱୀକାର କରିନାହାନ୍ତି ଲେଖକ ସାଧୁ-ସଂସ୍କୃତ-ଶବ୍ଦ ସମ୍ବଳିତ ପ୍ରାଞ୍ଜଳ ଭାଷାର ପ୍ରୟୋଗ କରିବାପାଇଁ ଉଦ୍ୟମ କରିଅଛନ୍ତି । ଉପନ୍ୟାସର ଗଳ୍ପାଂଶ ଚରିତ୍ରସୃଷ୍ଟି, ସମାଜଚିତ୍ର ଓ ଭାବପ୍ରବଣତା ପ୍ରଭୃତି କ୍ଷେତ୍ରରେ ପ୍ରକୃତିଷ୍ଠ ପ୍ରକୃତିକୁହିଁ ପ୍ରାଧାନ୍ୟ ଦେଇଅଛନ୍ତି । ଡଃ କୃଷ୍ଣଚରଣ ବେହେରା ମନ୍ତବ୍ୟରେ କହନ୍ତି "ଆମରି ପ୍ରଥମ ଉପନ୍ୟାସ ଆମରି ମାଟି ଜଳବାୟୁର ଫଳ ବୋଲି କହି ପ୍ରତିପାଦନ ମତ ଦେଇପାରି-ବାରେ ।" ପଦ୍ମମାଳୀ ରଚନାର ୨୦ ବର୍ଷ ପରେ ୧୮୯୧ ଖ୍ରୀଷ୍ଟାବ୍ଦରେ ସଂଘଟିତ କେନ୍ଦୁଝର ବିଦ୍ରୋହକୁ ନେଇ ରାମଚନ୍ଦ୍ର ଉପାଧ୍ୟାୟ ନାମରେ କେନ୍ଦୁଝର ବିଦ୍ରୋହ ନାମକ ଏକ ଐତିହାସିକ ଉପନ୍ୟାସ ରଚନା କରିଥିଲେ । ଏହି ଉପନ୍ୟାସର ପାଣ୍ଡୁଲିପି ନଷ୍ଟ ହୋଇ ମୁକୁର ପତ୍ରିକାରେ ପ୍ରକାଶିତ ହୋଇଥିଲା । ଉପନ୍ୟାସଟି ସମ୍ପୂର୍ଣ୍ଣ ହୋଇଥିଲେ କଥାସାହିତ୍ୟକ୍ଷେତ୍ରରେ ଉପନ୍ୟାସକାର ଭାବରେ ଖ୍ୟାତି ପ୍ରକାଶ ପାଉଥାନ୍ତା ।

॥ ୬ ॥

ମୟୂରଭଞ୍ଜରୁ ପ୍ରକାଶିତ ଉତ୍କଳ ପ୍ରଭାରେ ରାମଶଙ୍କରଙ୍କ ବିବାସିନୀ ଧାରାବାହିକ ଭାବେ ୧୮୯୧—୧୮୯୪ ମଧ୍ୟରେ ପ୍ରକାଶିତ ହୋଇଥିଲା। ସେମାନଙ୍କର ଜନ୍ମାଦିନ ଓ ଅନାଥିନୀ ନାମରେ ଆଉ ଦୁଇଟି ଉପନ୍ୟାସ ଲେଖିଥିଲେ ହେଁ ବିବାସିନୀ ତାଙ୍କର ଏକମାତ୍ର ପୂର୍ଣ୍ଣାଙ୍ଗ ଉପନ୍ୟାସ। ଏହି ଉପନ୍ୟାସଟି ରଚନାକରି ସେ ଉତ୍କଳ ସଭା ଦ୍ୱାରା ଏକଶତ ଟଙ୍କା ପୁରସ୍କୃତ ହୋଇଥିଲେ ଓ ଶ୍ୟାମଲାଳ ନନ୍ଦଙ୍କ ଅର୍ଥ ସାହାଯ୍ୟରେ ବିବାସିନୀ ପୁସ୍ତକାକାରରେ ମୁଦ୍ରିତ ହୋଇଥିଲା। ସେ ତାଙ୍କର ଉପନ୍ୟାସ ରଚନାରେ ମଧ୍ୟ ଅଗ୍ରଣୀ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଚେଷ୍ଟା କରିଥିଲେ। ବିବାସିନୀ ଆଦ୍ୟତଃ ମୌଳିକ ଏକ ଐତିହାସିକ ଉପନ୍ୟାସ। ଏହା ଅଷ୍ଟାଦଶ ଶତାବ୍ଦୀର ମରହଟ୍ଟା ଶାସନକାଳରେ ଘଟିଥିବା ଏକ ଘଟଣାକୁ କେନ୍ଦ୍ର କରି ଲିଖିତ। ମାତ୍ର ପୁସ୍ତକରେ ଐତିହ୍ୟ ଇତିହାସ ସଚେତନତା ଅତ୍ୟନ୍ତ କ୍ଷୀଣ। ଅଷ୍ଟାଦଶ ଶତାବ୍ଦୀର ଉତ୍କଳରେ ମରହଟ୍ଟା ଶାସନର ଭୁଲ ଚିତ୍ର ନାଟକରେ ଅନ୍ତଃପୁର ଷଡ଼ଯନ୍ତ୍ରର କଳ୍ପନା, ଧର୍ମୀୟ ଅନ୍ଧବିଶ୍ୱାସ, ଶିଳ୍ପ ଓ ସ୍ଥାପତ୍ୟର ବିକାଶ, ଏ ସବୁର ନିଦର୍ଶନ ବିବାସିନୀ ପୁସ୍ତକରୁ ମିଳେ ନାହିଁ। ବସ୍ତୁତଃ ବିବାସିନୀ ଅଦ୍ଭୁତ ଘଟଣାବଳୀରେ ଭରିକରି ଏକ ଉପନ୍ୟାସ ମାତ୍ର। ନାଟକୀୟତାର ଛଟା, ରୋମାଞ୍ଚକର ଘଟଣାରେ ଜନତାର ସାମୟିକ ଉତ୍ତେଜନାକୁ ନେଇ ସେପରି ଐତିହାସିକ ଆବରଣ ଦେଇ ଏହି ଉପନ୍ୟାସଟି ଲେଖକ ପ୍ରକାଶ କରିଥିଲେ। ତେଣୁ ସେଥିରେ ଦୁଇବର୍ଷର ଶିଶୁ ବର୍ଣ୍ଣିତହୋଇଛି ସେ ସବୁ ଅଦ୍ଭୁତ କଳ୍ପନାପ୍ରସୂତ। ଇଂରେଜର ଭାଲିଅନ୍ତ ନର୍ତ୍ତକ ନିଯୁକ୍ତ ହୋଇ ମରହଟ୍ଟା ଆସି ଓଡ଼ିଶାର ନାଟକୀୟତାର କାରଣ ଓ ପ୍ରକାରର ଶ୍ରୀରକାଳଭନ ନାଗପୁରର ଭୋଁସଲାଙ୍କ ଶରଣ ନେଇଥିବା ଆଦି ପୁଲିସ ବନ୍ଦୀରେ ଭତ୍ତ କରିଥିଲେ ଓ ଓଡ଼ିଶା ଶାସନକର୍ତ୍ତା ମୋଗଲଙ୍କ ସୁବାଦାର ତେଣୁ ବନ୍ଦୋବସ୍ତ କରିବାପାଇଁ ସୁଯୋଗ ନେଇଥିଲେ। ଏସବୁ ଅଷ୍ଟାଦଶ ଶତାବ୍ଦୀର ଘଟଣା ନୁହେଁ, ଲେଖକଙ୍କ କଳ୍ପିତ ଘଟଣାର ପ୍ରତିଫଳନ। ଲେଖକରେ ସୁବାଦାରଙ୍କ ଅସନ୍ତୁଷ୍ଟତା ଓ ଅନ୍ୟାନ୍ୟର ଉତ୍ତମ ନବାବଙ୍କ ମାନବିକ ଗୁଣାବଳୀର

ବର୍ଣ୍ଣନାମଧ୍ୟରେ ଲେଖକ ସାଧାରଣ ମନୁଷ୍ୟଠାରେ ଅନ୍ତର୍ନିହିତ ଗୁଣର ସନ୍ଧାନ କରିଥିବାର ଦେଖାଯାଏ । ସେଇଁଠାରେ ଜନତା ସେହିଠାରେ କଳୁଷ, ଏହାହିଁ ସେଠାର ଲେଖକ ବାରମ୍ବାର ସୂଚାଇଛନ୍ତି ଏବଂ ଉଦାହରଣକୁ ସମର୍ଥନ କରୁଥିଲେ ବାବାଜୀ ହନୁମାନ ଦାସ ଓ ଗିରିଧାରୀ ଦାସ । ବାବାଜିମା ଉପନ୍ୟାସଟି ସେମାନଙ୍କର ଐତିହାସିକ ଘଟଣାର ପୃଷ୍ଠପଟରେ ରଚିତ ହୋଇଥିବାରୁ ଏଥିରେ ସୂତ୍ରଧରଙ୍କ ବାହୁଲ୍ୟ ଦେଖିବାକୁ ମିଳେ । ଏଇ ଉପନ୍ୟାସଟିର ନାୟିକା କଳାବତୀର ଅନ୍ୟନାମ ବାବାଜିମା । କଳାବତୀ ଓ ରାଜକନ୍ୟା ଦୁଇଟି ବିପରୀତ ଚରିତ୍ର ରାଜକନ୍ୟା, କଳାବତୀ ଓ ସ୍ବୟଂ ଦାନପତି ରଘୁନାଥ ପଟ୍ଟନାୟକଙ୍କୁ ନେଇ ଏଠାରେ ପ୍ରେମର ତ୍ରିଭୁଜ ଅଙ୍କିତ ହୋଇଅଛି । ରଘୁନାଥ ପଟ୍ଟନାୟକଙ୍କର ତେଜିଷ୍ଠ ଅତିମାନୁଷିକ ଶକ୍ତି ଓ ଦୃଢ଼ବ୍ୟକ୍ତିତ୍ୱର ପରିସ୍ଫୁଟନ ପାଇଁ ଏଇ ଦୁଇଟି ନାରୀ ଚରିତ୍ର ଯଥାକ୍ରମେ ପ୍ରତିଦ୍ୱନ୍ଦ୍ୱୀ ଓ ପ୍ରେମିକା ଭୂମିକା ଗ୍ରହଣ କରିଅଛନ୍ତି । ଉପନ୍ୟାସର ଶୈଳୀଦିଗରୁ ରାମଶଙ୍କରଙ୍କ ଆଲଙ୍କାରିକ ବର୍ଣ୍ଣନା, ପାଣ୍ଡିତ୍ୟ ଅବତାରଣା, ଚରିତ୍ରମୁଖୀ ସଂଳାପରେ ସୀମାବଦ୍ଧ ହୋଇରହିନାହାନ୍ତି । ନାନାସ୍ଥଳରେ ନିବନ୍ଧଧର୍ମୀ ଟୀକା ଟିପ୍ପଣୀର ମଧ୍ୟ ଆଶ୍ରୟ ନେଇଛନ୍ତି । ଏଇ ଉପନ୍ୟାସ ଲେଖିବାମୂଳରେ କେବଳ ଏକ ମନୋରଞ୍ଜକ କାହାଣୀ ପରିବେଷଣ ନୁହେଁ ସମସାମୟିକ ଧର୍ମୀୟ, ସାମାଜିକ ନାନାଧାରା ମଧ୍ୟ ଲେଖକଙ୍କ ଆମକୁ ପରିଚିତ କରାଇବାକୁ ଅଧିକ ପ୍ରୟାସ କରିଛନ୍ତି । ରାମଶଙ୍କର ଉଦାରମନା ଥିଲେ । ସେ ହେଲେ ଅନ୍ଧ କୁସଂସ୍କାରର ବିରୋଧୀ ଥିଲେ ତେଣୁ ପାଶ୍ଚାତ୍ୟ ସଭ୍ୟତାର ଅନ୍ଧ-ଅନୁକରଣକାରୀ ନଥିଲେ । ତେବେ ତାଙ୍କର ନାୟିକା । କଳାବତୀ ଚରିତ୍ର ଦେଇସେ ମନୋଜ୍ଞ ଦେ ବିଧବାବିବାହର ସପକ୍ଷରେ କହିଲେ । ତଥାପି ବି, ପଣ୍ଡିତମାନଙ୍କର ବାହୁଲ୍ୟବର୍ଣ୍ଣନାରେ ଏମିତି ବୋଧର ଅଭାବ, ଅଳଂକାରିକ ଶୈଳୀ ଔପନ୍ୟାସିକ ଭାବେ ରାମଶଙ୍କରଙ୍କୁ ଯଥାର୍ଥ ସାଫଲ୍ୟରୁ ବଞ୍ଚିତ କରିଅଛି । ରାମଶଙ୍କରଙ୍କ ସୃଷ୍ଟିଶୈଳୀ କ୍ଲିଷ୍ଟ ଓ ଦୁର୍ବୋଧ୍ୟ ସଂସ୍କୃତର ସାଧୁଭାଷା ତଥା କଥିତଗ୍ରାମ୍ୟଭାଷାର ଅନଭିଜ୍ଞତା ସୁରୁଚିସମ୍ପନ୍ନ ହୋଇପାରିନାହିଁ ମନେହୁଏ । ତେଣୁ ରାମଶଙ୍କରଙ୍କ “ବାବାଜିମା” ଉପନ୍ୟାସ ଅନୁପଯୋଗୀ ଓ ଏକ ଅପ୍ରୀତିକର ବାତାବରଣ ଭରା ।”

॥ ୨ ॥

ଊନବିଂଶ ଶତାବ୍ଦୀର ଶେଷଭାଗରେ ଦୁଇଟି ସ୍ୱାତନ୍ତ୍ର୍ୟବାଦୀ ଉପନ୍ୟାସ ପ୍ରକାଶ ପାଇଥିଲା । ପ୍ରଥମଟି ଫକୀରମୋହନଙ୍କ "ଛମାଣ ଆଠଗୁଣ୍ଠ" ଓ ଦ୍ୱିତୀୟଟି ଗୋପାଳବଲ୍ଲଭଙ୍କ 'ଭୀମାଭୂୟାଁ' । ଛମାଣ ଆଠଗୁଣ୍ଠ ଉତ୍କଳ ସାହିତ୍ୟ ପତ୍ରିକାର ପ୍ରଥମଭାଗ ଦଶମ ସଂଖ୍ୟା (୧୮୯୭) ରୁ ଆରମ୍ଭ ହୋଇ ଦ୍ୱିତୀୟ ଭାଗ ସପ୍ତମ ସଂଖ୍ୟା (୧୮୯୯)ରେ ଶେଷ ହୋଇଥିଲା । ଭୀମାଭୂୟାଁ ୧୯୦୮ରେ ଗୋପାଳବଲ୍ଲଭ ରଚନା-କରିଥିଲେ । ଊନବିଂଶ ଶତାବ୍ଦୀର ଉପନ୍ୟାସ ରଚନାଧାରା ଯେଉଁ ରୋମାଣ୍ଟିକ ପଥରେ ପ୍ରବାହିତ ହେଉଥିଲା ତାହାର ଗତି ଭିନ୍ନମୁଖୀ ହେଲା । କେବଳ ରୋମାଞ୍ଚକର ଘଟଣା ଅଥବା ଅଲୌକିକଘଟଣାର ବର୍ଣ୍ଣନା ଉପନ୍ୟାସର ଉଦ୍ଦେଶ୍ୟ ହୋଇ ରହିଲା ନାହିଁ । ଉପନ୍ୟାସରେ ପ୍ରଥମଥରପାଇଁ ଭୂଖଣ୍ଡର ଜନଜୀବନର ସାଧାରଣ ସୁଖଦୁଃଖର ଅତି ପ୍ରକୃତ କାହାଣୀ ମାଧ୍ୟମରେ ଏକ ମହାନଙ୍କ ଅଲେଖ୍ୟ ଚିତ୍ରଣର ପ୍ରୟାସ ହେଲା । ଐତିହାସିକମାନେ କେବଳ କଳ୍ପନା ବା ଭାବାବେଗକୁ ଆଶ୍ରୟ ନ କରି ଜାତିର ଅତୀତ ଓ ବ୍ୟକ୍ତିଗତ ଜୀବନର ମହାନ୍ ଉଜ୍ଜ୍ୱଳତା ଆଧାରରେ ଉପନ୍ୟାସ ସୃଷ୍ଟିରେ ପ୍ରୟାସୀ ହେଲେ । ଫକୀରମୋହନଙ୍କ ଥିଲା ସୂକ୍ଷ୍ମଦର୍ଶିମନସ୍କ ଜୀବନର ଅଭିଜ୍ଞତା । ସେ ଥିଲେ ଜୀବନ ଓ ସମାଜର ଘଟଣାବଳୀକୁ ନିଜ ଆଖିରେ ଦେଖୁଥିଲେ । ସେ ଅର୍ଦ୍ଧଶତାବ୍ଦୀ କାଳୀନ ଜୀବନର ଅଭିଜ୍ଞତାରୁ ଫକୀରମୋହନଙ୍କ ଏକ ନିଜସ୍ୱ ଶୈଳୀ ଗଢ଼ିଉଠିଥିଲା । ଅତି ସରଳ ଓ ସାଧାରଣ ଘଟଣାକୁ କେନ୍ଦ୍ରକରି ସେ ଗଢ଼ିଛନ୍ତି ଅନବଦ୍ୟ ଚରିତ୍ର । ଫକୀରମୋହନଙ୍କ ଏହି ଦୃଷ୍ଟି ଛମାଣଆଠଗୁଣ୍ଠରେ ମଧ୍ୟ ଅଭିବ୍ୟକ୍ତ ହୁଏ । ଭୀମାଭୂୟାଁରେ ମଧ୍ୟ ଏହିପରି ଦୃଷ୍ଟି ଭଙ୍ଗୀର ପ୍ରୟୋଗ । ଗୋପାଳବଲ୍ଲଭଙ୍କ ଏହି ରଚନା ପ୍ରକୃତିକାଳର ଜୀବନ ଅସାଧାରଣତାର ମଧ୍ୟ ଦୁର୍ଲଭ ଦୃଷ୍ଟି । ଏହି ଅର୍ଥରେ ଭୁଞ୍ଜଦେଶୀୟ ଆଦିବାସୀ ବହୁଳ ଜଙ୍ଗଲ ଅଞ୍ଚଳର ଜୀବନ୍ତ ଚିତ୍ରର ଅନୁଭୂତି ନେଇ ଏ ଉପନ୍ୟାସଟି ରଚିତ । ଗୋପାଳବଲ୍ଲଭ (୧୮୭୯ — ୧୯୨୪) ୧୮୯୮ରେ କେନ୍ଦୁଝରଗଡ଼ର ପ୍ରଶାସନର ... ଏବଂ ... ବର୍ଷ କାଳ କେନ୍ଦୁଝର ଗଡ଼ଜାତରେ କାର୍ଯ୍ୟ କରିଥିଲେ

ହୋଇ ପାରିନଥିଲେ । ୧୮୯୨ ମସିହାରୁ ସେ ନିୟମିତ ଭାବେ ଓଡ଼ିଆ
ସାହିତ୍ୟ ସେବାରେ ଆତ୍ମନିୟୋଗ କରିଥିଲେ । ପ୍ରଥମ ଜୀବନରେ ସେ
କବିତା ଓ ଅନୁବାଦ ସାହିତ୍ୟର ମାଧ୍ୟମରେ ପ୍ରକାଶ କରିଥିଲେ ।
ପରବର୍ତ୍ତୀ ସମୟରେ ସେ ବୃଦ୍ଧାବସ୍ଥାରେ ଗଳ୍ପ ଉପନ୍ୟାସ ରଚନା କରି, ଓଡ଼ିଆ
ସାହିତ୍ୟ ଜଗତରେ । ବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ନୂଆ ଦିଗନ୍ତ-
ସ୍ୱରୂପ ଓ ଏକ ଯୁଗସ୍ରଷ୍ଟା ସେ ସମସ୍ତଙ୍କ ମନରେ ଆସନ
ଅଧିକାର କରିଥିବା ଲେଖକମାନଙ୍କୁ ପଥ ଦେଖାଇଥିଲେ । ସେ
ଜାତୀୟତାର ପ୍ରେରଣା ଦେଇଥିଲେ ଓ ମାତୃଭାଷାର ପ୍ରତି ପ୍ରୀତି
ପ୍ରକାଶ କରିଥିଲେ ଏବଂ ପରେ ଉପନ୍ୟାସ ରଚନା କରିଥିଲେ ।
ସେମାନଙ୍କ ଭାଷାରେ "ଆପଣା ଦେଶ ଓ ଜାତିର ଗୌରବ ବୃଦ୍ଧିର ଚେଷ୍ଟା
ନକରିଥିବା ବ୍ୟକ୍ତି ଅଧମ ଅଟେ । ଏହା ଭିନ୍ନ ଭାଷାକୁ ଓ
ଜାତିକୁ ଭଲ ପାଇବା ସେମାନଙ୍କ କର୍ତ୍ତବ୍ୟ" । ଏହିପରି ସେମାନେ
ସାହିତ୍ୟର ଏକ ନୂତନ ଧାରା ସୃଷ୍ଟି କରିଥିଲେ । ପରବର୍ତ୍ତୀ
ଯୁଗର ଲେଖକମାନେ ତାଙ୍କର ପ୍ରଭାବରେ ପ୍ରଭାବିତ ହୋଇ ଏବଂ
ସେମାନେ ମଧ୍ୟ ସାହିତ୍ୟ ସେବାରେ ଆତ୍ମନିୟୋଗ କରିଥିଲେ ।
ଏହା ସେନାପତି ତାଙ୍କ ସଫଳତା । ଉନବିଂଶ ଶତାବ୍ଦୀର
ବାସ୍ତବବାଦୀ ଲେଖକ ଓ ସମାଲୋଚକ ଓ ଐତିହାସିକ ଦୃଷ୍ଟିରେ
ତାଙ୍କ ସାହିତ୍ୟ ଆଦର୍ଶ ଥିଲା ଜନ ଜୀବନ, ବାସ୍ତବତା ଓ ସମାଜ ଜୀବନର
ଚିତ୍ର ଓ ସାଂସ୍କୃତିକ ଐତିହ୍ୟ ଓ ଜନଜୀବନ ସମ୍ବନ୍ଧରେ ଲେଖ-
ନୀରେ ପ୍ରକାଶ କରିଛନ୍ତି । ଆଧୁନିକ ଓଡ଼ିଆ ଗଦ୍ୟ
ସାହିତ୍ୟର ସ୍ରଷ୍ଟା । ତାଙ୍କର ଉପନ୍ୟାସର ଭାଷା ଭୂମିକା, ସୁନ୍ଦର ପ୍ରକୃତ
ବର୍ଣ୍ଣନା ସମ୍ବେଦନଶୀଳ ଅନୁଭୂତି । ସୂକ୍ଷ୍ମ ହାସ୍ୟ, ଉଚ୍ଚ ପ୍ରାକୃତିକ
ଜୀବନ ମଧ୍ୟରେ ଧର୍ମ ଓ ସମାଜ ଜୀବନର ସମସ୍ୟା ପ୍ରକାଶ
କରିଛନ୍ତି । ଚାରିଖଣ୍ଡ ଉପନ୍ୟାସ ପ୍ରକାଶିତ । ଏହି ଯୁଗର
ସାହିତ୍ୟ ଅନେକ ଲେଖକଙ୍କ ପ୍ରତି ଶ୍ରେଷ୍ଠ ନୈତିକ ବର୍ଣ୍ଣନାର
ଉତ୍କର୍ଷକୁ ଉପନ୍ୟାସମାନଙ୍କ ଦ୍ୱାରା ଲେଖକ ପ୍ରତିଷ୍ଠା କରିଛନ୍ତି । ସେ
ନୈତିକ ଆଦର୍ଶକୁ ଭଳି ସମାଜ ଲେଖକ ମାନଙ୍କ ଏବଂ
ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରକାଶ କରିଛନ୍ତି । ତେଣୁ ସାର୍ଥକତା
ଦୃଷ୍ଟିରେ ସୃଷ୍ଟି କରିଛନ୍ତି । ଏହି ଯୁଗର ଲେଖକ ପ୍ରଭାବିତ

ହୋଇଛି । ଜଣେ ସାଧାରଣ ଅଧିକାରୀ ଥାଇଣ୍ଡ଼ି ଭାବରେ ଆବିଷ୍କୃତ ହେମା ବାଣୀ ନୈତିକ ଶକ୍ତିର ସହାୟତାରେ ସେ ଜୀବନରେ ଆଧ୍ୟାତ୍ମିକ ଶକ୍ତି ସାଧନ କରିଅଛନ୍ତି ଓ ଜାତିକମାନଙ୍କୁ ନିଜର ଚାରିକାର ଶକ୍ତି ସମ୍ଭୁଦ୍ଧ ପ୍ରବନ୍ଧକର ସାମ୍ରା ଜୀବନ ଯାତ୍ରା ଲକ୍ଷ୍ମି । ଯୋଗୀ ଦ୍ଵାରା ହନେ ହନ ତାହାଙ୍କ ଗୃହକର ମାନବୀକ ଅନ୍ତର୍ଦ୍ଧାନ ପ୍ରତିଷ୍ଠାଜାବାନର ନେନକଙ୍କ ଦ୍ରୋହ ଅନନ୍ୟାଦି ଓ ତୃଷ୍ଣା । ପ୍ରଧାନ ଚରିତ୍ରର ବ୍ୟକ୍ତିରେ ପ୍ରଜା ଏବଂ ପଦନ ସର୍ବଶୁଭଙ୍କଠାରୁ ସାଧୁ ସର୍ବଜ୍ଞ, ନରେର କରଣାପୁ ତନ୍ତ୍ରସାଧନ ଲଙ୍କାଶୁକ, ଭୂଷଣବିଙ୍କଠାରୁ ନବବର୍ତ୍ତୀ ନିକେତନ ମହାତ୍ମାଙ୍କ ପର୍ଯ୍ୟନ୍ତ ବହୁ ଜାତୀୟ ପତ୍ର ନେଳଣକଙ୍କ ମମତା ଓ ସମବୃଦ୍ଧି ଥାଉକଷୟମା ଓ ଦେବିବର୍ତ୍ତୀ ପରମ୍ପରାର ନରେନ୍ଦ୍ରକ ସ୍ଵରବ ପ୍ରଦୟମାନ । ନିଜ ଅନେକମ ଜୋତିଷକବାଠାରୁ ଦେବବର୍ତ୍ତୀ ପ୍ରକାଶର ଜାଣାଙ୍କ ବଳ୍ପ ପାଇ ସ୍ବିକୃତ ଧରିଛନ୍ତି । କିନ୍ତୁ ପ୍ରେମ ଚେତନବନ୍ଧୁର ଜୀବନର ଶିକ୍ଷାର, ନର୍ତ୍ତିବ୍ୟର କରତୋର ଟିକାରର ବାନ୍ଧାର ଅନାହାରରେ ସର୍ବାର୍ଥ ଧାର୍ମିକ ଅନୁଭୂତି କରିକହୁଛନ୍ତି । ସ୍ଵରେ କାବ୍ୟଚ-ନାଷ୍ଟ୍ର ବୃଷ୍ଟିରେ ଆଶେ ଅଜେମର ପ୍ରକୃଷ୍ଟାର ନବବର୍ତ୍ତି ଙ୍କୁ ନେନକ ନୃତ୍ୟଶିଳ୍ପୀ ଦେଇଛନ୍ତି । ଜାତିରେ ଅଧିକାଂଶ ଜନସ୍ଥ ନିଶ୍ଚିତ କରିଛନ୍ତି । ଉପନ୍ୟାସର ନବବର୍ତ୍ତୀ ପ୍ରତ୍ୟେକ କରିବାକୁ କୁମ୍ଭାରବାଟ ବରିନାହାନ୍ତି । କିନ୍ତୁ ସ୍ୱର୍ଗ ସୂଚକ ଜଗା ଅଟେ ସାଧାରଣ ଚେତନା ଓ ସମାଜର ନିମ୍ନତମ ସ୍ତରକୁ ନିଜର ନେତା ବର୍ଗର ପ୍ରକାଶଶୀ ହୋଇ ମନୁଷ୍ୟତମ ବ୍ୟକ୍ତିଙ୍କ ଲକ୍ଷ୍ୟ କରିଅଛନ୍ତି : ତମୋନାଶୀ, ହରଚରଣ, ଚକ୍ରବର୍ତ୍ତୀଙ୍କ ଆଦି ନାୟିକାମାନେ ସମାଜରୁ ଜନସାଧାରଣଙ୍କୁ ଉପେକ୍ଷଣୀୟ କରିଛନ୍ତି । ପ୍ରକୃତରେ ସମାଜ ସ୍ଥାନୀ ଓ ଦୁଃଖୀମାନଙ୍କ ପ୍ରତି ନାୟକମାନେ ସମାଜ ଭାବୀକାଳ ସୋପାନ ଅଟନ୍ତି । ବୋହିତ ଦୃଷ୍ଟିରୁ ବୈଦିକ ସମାଜୀୟ ଏକ ଜାତିବାଚକ ଉପନ୍ୟାସ । ଏଥି-ବର୍ତ୍ତିକ ଦେବାଳୟ ଜାତୀୟ ଜନନ ଏବଂ ଘଟନ । କିନ୍ତୁ ଭୂସ୍ୱାମୀମାନଙ୍କ ଜଣଜଣ ବେଶୀରୁ ନିଜର ଶାସନ, ଦୁର୍ନୀତି ଚତୁର, ନୃଶଂସ ସହ୍ୟ ଘଟଣା ଅତି ପ୍ରାଣାନୁସଂଧାନରେ ବର୍ଣ୍ଣନାପାଇଁ ଲେଖକ ସାମାଜିକ ବାସ୍ତବତା ଘେନି ଜାତିର ଚରିତ୍ରକରାର ଚେତନା ଦେଇଛନ୍ତି । ଜୀବନପ୍ରତି ଲୋଭୀଙ୍କ ବିଶ୍ୱାସ ଦୃଷ୍ଟିକୋଣ ଭାବେ, ଆଦର୍ଶବାଦୀ ସଂଗଠନବାଦର ସେ ପ୍ରବଳ ସମର୍ଥକ । ସେତ ଯେତେକ ଆନ୍ଦୋଳନର ଶିକ୍ଷିତମାନଙ୍କର ଧର୍ମ

ନାମରେ ଧର୍ମ ଆନୁଷ୍ଠାନିକ ରୀତି ନୀତିକୁ ସମର୍ଥନ କରୁଥିଲା । ନେତାମାନଙ୍କ ଉକ୍ତିର ବାହାଘର ଓ ଧର୍ମ ଡାକ୍ତରଙ୍କର ମାନସୋପାଧି ପ୍ରମାଣକୁ ମିଳିମିଶି ଦେଖିଲେ ଲେଖ ପ୍ରବନ୍ଧ । ମୁକ୍ତିଯୁଦ୍ଧରେ ସମ୍ବାଦପତ୍ର ନିଜର ଲେଖ ବା ଧର୍ମ ଅଗ୍ନିରେ ଧନ୍ଦେବାକୁ ଶିକ୍ଷିତ ହୋଇ ଯାଇଛନ୍ତି । ସ୍ୱାଧୀନତାରେ ଲୋକଙ୍କ ସାହିତ୍ୟ ସର୍ବୋଦୟର ପ୍ରତିଶ୍ରୁତି ଦେଇଥାଇ କରିଥିଲେ ଓ ନିଜ ଭବନାର ସହଜ ଓ ସ୍ୱାଭାବିକ ସୁଧା ଲିଙ୍ଗଯୋଗ କରିବାକୁ ଚେଷ୍ଟା କରିଛନ୍ତି ।

ଏହାର ମୋହନ ଉପନ୍ୟାସ ପ୍ରତିଷ୍ଠିତର ନିଜସ୍ୱ ଦୃଷ୍ଟି ଉପନ୍ୟାସ ପ୍ରମାଣ ଆଲୋଚନା ହେବା ଦରକାର ଯେ ତାହାର ଅନ୍ୟ ସମସ୍ତ ଉପନ୍ୟାସ ଦୃଷ୍ଟିକୋଣରୁ ଭିନ୍ନ । ସେମାନଙ୍କ ଆଧୁନିକ ଓଡ଼ିଆ ସାହିତ୍ୟର ଉପନ୍ୟାସ ସମ୍ପର୍କ ଓ ସାଂସ୍କୃତିକ ଅନନ୍ୟ ସାଧାରଣ ଲୋକଙ୍କ ଜୀବନର ଦୁର୍ଗତି ଦେଖା ଯାଉଛି । କିନ୍ତୁ ଉପନ୍ୟାସ ଲେଖକର ଅବଶ୍ୟ ବାଦ, ସାମ୍ପ୍ରଦାୟିକ, ସକଳ ଦୋଷ ଦେଖିବାର ଉପାଦାନ, ଦେଶର ସ୍ୱାଧୀନ ଚାଲିର ଜନନ ଅଦ୍ଭୁତରେ ମିଶିଯାଏ ଏହି ପ୍ରମାଣ ଅଧ୍ୟୟନକୁ ସମ୍ପର୍କର ଉପନ୍ୟାସରେ ଉଦ୍ଧୃତ କରିବାରେ କୌଣସି ବାଧା ନାହିଁ । କାରଣ ସେ ସେ ସାହିତ୍ୟ ସୃଷ୍ଟି । କିନ୍ତୁ ଉପନ୍ୟାସ ସମ୍ପର୍କର ଓଡ଼ିଆ କଥାସାହିତ୍ୟର ସମୃଦ୍ଧି ଓ ଜନତା ପ୍ରସଙ୍ଗରେ ଲୋକ ପୁରାଣୀୟ ସ୍ୱାଧୀନତା ଲାଗିରହିବା । ଏହା ଅନୁସରଣ ବା ଅନୁକରଣ ନୁହେଁ ଅଧୁନା କଥାସାହିତ୍ୟର ବସ୍ତୁ ମୂଳସୂତ୍ର ଏହି ଉପନ୍ୟାସଟିରେ ପ୍ରଥମ ହୋଇଅଛି । ପ୍ରଥମତଃ ମୋର ଗଦ୍ୟ, ଗଦ୍ୟଛନ୍ଦରେ ବୈଚିତ୍ର୍ୟ ଓ ରୀତି କଥାନାୟକଙ୍କ ଲେଖକ ଜାଣିଥିଲା ସେଥିପାଇଁ ତାହା ଦେଖି ଦେଶରେ କାହାକୁ ଜଣାଇଦେଲା । ଲେଖକ ଲୋକର ବିନ୍ୟାସ, ସ୍ୱାଭାବିକ ଜୀବନ ବିଷୟ ଓ ଘଟଣା ଦୃଶ୍ୟ ଓ ଚରିତ୍ର ପ୍ରବୃତ୍ତିର ଚିତ୍ରଣ ଏହି ରଚନାର ପ୍ରତ୍ୟେକ ଖଣ୍ଡରେ ଦେଖିବାକୁ ମିଳେ । ଆଧୁନିକ ଉପନ୍ୟାସର ଦେଖନ୍ତି ମୂଳସୂତ୍ର ଉପରେ ଗଠିତ । ପ୍ରଥମତଃ ମନୁଷ୍ୟର ଅନ୍ତଃ ପ୍ରବୃତ୍ତିର ବିଶ୍ଳେଷଣ ସନ୍ଧାନ । କେବଳ ବାହାର ବା ବାହ୍ୟ ଘଟଣା ଜନ୍ମାଇବା କଥା ନାହିଁ । ମାତ୍ର ଚରିତ୍ରବଳର ଚରିତ୍ରମାନଙ୍କର ବ୍ୟକ୍ତିର ଭିତର ଚରିତ୍ର ତୋଳିବେ । ଏହି ଦୃଷ୍ଟିରେ ଦେଖିଲେ ମୋହନ ଦେଶ-

ମାନଙ୍କ ଅନ୍ତର୍ନିହିତ ତାତ୍ପର୍ଯ୍ୟକାରେ କଳା ଓ ବିଜ୍ଞାନର ଦୃଷ୍ଟି ଦେଖ-ଟାରେ ହିଁ ଏହାର ପ୍ରଧାନ କାରଣ ଓ ଅନ୍ତର୍ନିହିତଙ୍କର ସୁନ୍ଦର ନମୁନା ପ୍ରକାଶିତ । ରାଧାନାଥଙ୍କ ଉକ୍ତି ର ଭାଷାଶୈଳୀ ପ୍ରକାଶିତ ହେଲେ ଏହି ଧରଣି ଅଭିବ୍ୟକ୍ତିର ସ୍ୱରୂପ ପ୍ରତିଷ୍ଠିତ ହୁଏ । ଠିକ୍ ସେହିପରି ବୈଜ୍ଞାନିକ ଯୁଗର ପ୍ରବୃତ୍ତିର ପ୍ରଭାବ । ଏମାନେ ଆଧୁନିକ ମନୁଷ୍ୟର ଭାଗ୍ୟନିୟନ୍ତାର ଅନ୍ୟତମ କାରଣ । ରାଧାନାଥ ଏହି ସ୍ତରର ଭାବରେ ନିଜର କାହାଣୀଗୁଡ଼ିକରେ ସେମାନଙ୍କୁ ସ୍ଥାନ ଦେଇଛନ୍ତି । ଏହା ଅନ୍ତର୍ଜାତ ପରିଚ୍ଛନ୍ନ ଦୃଷ୍ଟିର ପରିଚ୍ଛନ୍ନ କଳାର ନମୁନା ହୁଏ । ଏହି ଚରିତ୍ରଙ୍କ ମଧ୍ୟରେ ପ୍ରେମ ଓ ବିଦ୍ରୋହ ଓ ଉପନ୍ୟାସଙ୍କ ମଧ୍ୟରେ ବିଚିତ୍ର ବନ୍ଧୁତ୍ୱର ବନ୍ଧନ ଗଢ଼େ ଚରିତ୍ରରେ ରାଧାନାଥଙ୍କ ପ୍ରଥମ ସ୍ୱାଧୀନ କାହାଣୀ ମଧ୍ୟରେ ଦେଖାଇ ଦେଇଛନ୍ତି । ଏହାକୁ ଧରନ୍ତୁ ବିଚାର କଲେ ରାଧାନାଥଙ୍କଠାରେ ଜଣେ ଉପନ୍ୟାସିକଙ୍କର ଗୁଣଗୁଡ଼ିକ ଦେଖାଯାଏ ନାହିଁ ବୋଲି ଥିଲା ଅନେକ ସମ୍ଭାବନା ଓ ଅଙ୍କୁର ରହିଥିଲା । ପ୍ରକୃତରେ ଓ କାବ୍ୟର ଭିତରେ ଏକ ଭିତ୍ତିର ପ୍ରତିଷ୍ଠା କରିବା ପାଇଁ ପ୍ରାଣଦାନ ଓ ଉପନ୍ୟାସର ସୃଷ୍ଟି କରି ଦେଇଅଛନ୍ତି । ରାଧାନାଥଙ୍କ ପରେ ଏହି ବୈଶିଷ୍ଟ୍ୟ ଦେଖାଯାଏ ନୂଆ ଉପନ୍ୟାସିକ ମାନଙ୍କର ଆଧୁନିକ ବୈଜ୍ଞାନିକ ଯୁଗର ପ୍ରତି-ଚ୍ଛବି ଗ୍ରହଣ କରିଛନ୍ତି । ଆଧୁନିକ ପରିବହନ (ଜାହାଜ, ରେଳଗାଡ଼ି ଇତ୍ୟାଦି) ଓ ଯୋଗାଯୋଗ ମାଧ୍ୟମ (ଟେଲିଫୋନ୍, ଖବରକାଗଜ ଇତ୍ୟାଦି)ର ଉଲ୍ଲେଖ କରିଯାଇ ଦେଇଛନ୍ତି । ଏଗୁଡ଼ିକ ବିଶ୍ୱାସର ଚରିତ୍ରରେ କାରୁଣ୍ୟ କୋମଳ, ଲାବଣ୍ୟମୟ ଚରିତ୍ର ମାନବତାର ଛବି ଉନ୍ମୋଚନ କରନ୍ତି ।

—*—

# ବିଂଶ ଶତକର ଓଡ଼ିଆ ଉପନ୍ୟାସ : ପ୍ରଥମପର୍ବ

ଭାରତର ଜାତୀୟ ଜୀବନରେ ବିଂଶ ଶତକ ଏକ ନୂତନ ଯୁଗ-ଚେତନା ସୃଷ୍ଟି କଲା । ଏହା ଥିଲା ନବଜାଗରଣ ଓ ନବନିର୍ମାଣର ଯୁଗ । ଆଧୁନିକ ସମାଜଚେତନାରେ ପାଶ୍ଚାତ୍ୟ ଶିକ୍ଷାର ବିକାଶ, ଏକ ଶିକ୍ଷିତ ମଧ୍ୟ ଶ୍ରେଣୀର ଅଭ୍ୟୁଦୟ ଓ ଜାତୀୟ ଆନ୍ଦୋଳନର ନବଉଚ୍ଛ୍ୱାସନ ଘଟିଲା । ଭାରତର ଶିକ୍ଷିତ ମଧ୍ୟଶ୍ରେଣୀର ପୃଷ୍ଠଭୂମିରେ ସ୍ୱଦେଶରେ ଜାତୀୟ ଆଦର୍ଶ ଅନୁସରଣରେ ସ୍ୱଦେଶୀବାଦୀଙ୍କ ତ୍ୟାଗ ସେବା ଓ ଅବିଶ୍ରାନ୍ତ ଜନ୍ମଲାଭକର ଯୁବକ, କବି, ସାହିତ୍ୟିକ ଓ ଦେଶପ୍ରେମିକଙ୍କର ଭାବ-ଜଗତରେ ଭାରତୀୟ ଆଦର୍ଶବାଦ ଜୀବନର ସକଳ ସ୍ତରକୁ ସ୍ପର୍ଶ କଲା । ଭାରତୀୟ ଜାତୀୟ କଂଗ୍ରେସର ପ୍ରଭାବ ଅଧିକରୁ ଅଧିକ ଜାତୀୟ ଜୀବନରେ ଅନୁଭୂତ ହେଲା । ଏହାରି ମାଧ୍ୟମରେ ତ୍ୟାଗ ଓ ପାଶ୍ଚାତ୍ୟର ନାନାବିଧ ଆଦର୍ଶ ଭାରତୀୟ ଜନମାନସକୁ ଉଦ୍‌ବେଳିତ ଓ ସଜାଗ କରିବାରେ ସମର୍ଥ ହେଲା । ଊନବିଂଶ ଶତକରେ ଧର୍ମ ଓ ସଂସ୍କୃତି ଦିଗରୁ ଇଂରେଜମାନଙ୍କ ବିରୋଧରେ ଏକ ପ୍ରତିକ୍ରିୟା ଜାତ ହୋଇଥିଲା । ମାତ୍ର ବିଂଶଶତକରେ ଏଥିରେ ରାଜନୈତିକ ପ୍ରତିକ୍ରିୟାର ସମ୍ମିଶ୍ରଣ ଘଟିଲା । ବିଂଶଶତକର ଆଦ୍ୟଭାଗରେ ବଙ୍ଗଭଙ୍ଗ ଆନ୍ଦୋଳନର ଦୁଇଟି ପ୍ରସିଦ୍ଧ ଘଟଣା ଭାରତବର୍ଷର ଜନଜୀବନକୁ ବହୁତ ପ୍ରଭାବିତ କଲା । ପ୍ରଥମଟି ୧୯୦୫ ଖ୍ରୀ: ଜାପାନର ରୁଷିଆ ଉପରେ ବିଜୟ, ଦ୍ୱିତୀୟଟି ପ୍ରଥମ ବିଶ୍ୱଯୁଦ୍ଧରେ (୧୯୧୪-୧୮) ଭାରତୀୟମାନଙ୍କର ଅଂଶ ଗ୍ରହଣ । ଜାପାନର ବିଜୟ ସମଗ୍ର ଏସିଆରେ ଗର୍ବ ଓ ଗୌରବବୋଧ ଆଣିଦେଲା । ଆଧୁନିକତା ଓ ପାଶ୍ଚାତ୍ୟ ଆଧିପତ୍ୟ ମଧ୍ୟରେ ପାର୍ଥକ୍ୟ ବୁଝିବାକୁ ଶିକ୍ଷିତ ବ୍ୟକ୍ତିମାନେ ସମର୍ଥ ହେଲେ । ୟୁରୋପୀୟଙ୍କ ସହିତ ଯୁଦ୍ଧରେ ଯୋଗଦେଇ ଭାରତୀୟଙ୍କ ମନରେ ଯୋଗ୍ୟତାରେ ସମାନତାବୋଧ ଜାତହେଲା । ସ୍ୱରାଜ୍ୟ କଳ୍ପନା ଗାନ୍ଧୀଙ୍କ

ପ୍ରେରଣାରେ ସମଗ୍ର ଭାରତରେ ଏକ ନୂତନ ଉନ୍ମାଦନା ଦେଖାଦେଲା ।

ବିଂଶ ଶତକର ଅବ୍ୟବହିତ ପୂର୍ବରୁ ଜାତୀୟ ଆନ୍ଦୋଳନର ଭାବଚେତନା ଓଡ଼ିଶାରେ ମଧ୍ୟ ଅଙ୍କୁରିତ ହୋଇଥିଲା । ଏ ପର୍ଯ୍ୟନ୍ତ ଇଂରେଜଶାସନରେ ଓଡ଼ିଶାର କୌଣସି ନିଜସ୍ୱ ସ୍ଥିତି ନଥିଲା । ଓଡ଼ିଆଂଶ ବିଭକ୍ତଥିଲା ଓଡ଼ିଆ ଜାତିରେ ଏକ ଅସନ୍ତୋଷ ଓ ନୈରାଶ୍ୟ ଭରିଯାଇଥିଲା ଓଡ଼ିଶାର ଚରମ ଦୁର୍ଦ୍ଦିନର କାଳ । ଏହାର ପ୍ରତିକାର ସ୍ୱରୂପ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଶାସନର ଅଧୀନରେ ଆଣିବାପାଇଁ ଭାରତ ସଚିବ ସାର ଷ୍ଟାଫୋର୍ଡ ନର୍ଥକୋର୍ଟଙ୍କ ମନରେ ୧୮୬୮ରେ ପ୍ରଥମେ ଚିନ୍ତା ସ୍ଥାନ ପାଇଥିଲା । ମାତ୍ର ବିଭିନ୍ନ ପ୍ରଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଭାବରେ ଓଡ଼ିଆମାନେ ରହିବା ଫଳରେ ସାଂସ୍କୃତିକ, ରାଜନୈତିକ ଓ ଆର୍ଥିକ କ୍ଷେତ୍ରରେ ଓଡ଼ିଆମାନଙ୍କୁ ଦୁର୍ଯୋଗ ଦେଖିବାକୁ ନେତୃସ୍ଥାନୀୟମାନେ ବ୍ୟାକୁଳଥିଲେ । ଏକପଟରେ ଇଂରେଜ ପ୍ରଶାସନ ଓ ଅନ୍ୟପଟରେ ଏହି ପ୍ରଦେଶବାସୀମାନଙ୍କର ଅସହିଷ୍ଣୁତା ବିରୁଦ୍ଧରେ ଶେଷଯାଏଁ ଓଡ଼ିଆମାନଙ୍କୁ ଆନ୍ଦୋଳନ କରିବାକୁ ପଡ଼ିଲା । ଏହି ଆନ୍ଦୋଳନର ଫଳଶ୍ରୁତିରେ ୧୯୦୩ ମସିହାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଗଠିତ ଉତ୍କଳ-ସମ୍ମିଳନୀର ପ୍ରତିଷ୍ଠା ହୋଇଥିଲା । ଏହି ସମ୍ମିଳନୀମଞ୍ଚରେ ମଧୁସୂଦନ-ଦାସ, ଗୋପବନ୍ଧୁଙ୍କଠୁ ଗୋଦାବରୀଶ, ଫକୀରମୋହନ, ରାଧାନାଥଙ୍କ ଭଳି ସାହିତ୍ୟିକ ରାଜାମହାରାଜାଙ୍କଠାରୁ ଆରମ୍ଭକରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ କଣ୍ଠରେ ଗୋଟିଏ ଭାଷାକୁ କେନ୍ଦ୍ରକରି ଜାତିଗଠନର ସଂକଳ୍ପ ଘୋଷିତ ହୋଇଥିଲା । ଏହି ସଂକଳ୍ପର କୌଣସି ସୀମାବଦ୍ଧତା ନଥିଲା । ଏହି ଅଧିବେଶନ ମଞ୍ଚରେ ମଧୁସୂଦନଦାସ ଦୃଢ଼ଭାବରେ ଘୋଷଣା କରିଥିଲେ "ଓଡ଼ିଆ ମାନବଜାତି ମଣ୍ଡଳୀର ଅଂଶବିଶେଷ ଭାରତୀୟ ଜାତିରୁ ଅନ୍ୟମାନଙ୍କଠୁ ଆମ୍ଭେମାନେ ପୃଥକ୍ ହୋଇ ରହିବାକୁ ଚାହୁଁନାହିଁ ।" ପୁଣି ସେ ଘୋଷଣା କରିଥିଲେ "ଓଡ଼ିଆର ମାନବୀୟ ପୂର୍ଣ୍ଣତା ପ୍ରତ୍ୟେକ ଜାତିର ଲକ୍ଷ୍ୟ । ଏହା ସ୍ଥିର ବିଶ୍ୱାସ ନରହିଲେ ବିଂଶଶତାବ୍ଦୀର ସମତା ଓ ଏକତା ସମ୍ଭବପର ନୁହେଁ । ୧୯୦୩ରୁ ୧୯୧୮ ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ ଦେଶର ଉତ୍କଳୀୟ ଚେତନାର ମୁଖ୍ୟ ଦେଶ କାର୍ଯ୍ୟକରୁଥିଲା । ବିଂଶଶତକର ଅବଦାନ ଦେଶପ୍ରେମ ଭାରତରେ

ଗୌରବ ସମ୍ପାଦନଲାଗି ପ୍ରୟାସ ଆରମ୍ଭ ହୋଇଥିଲା । ଏହି ପରିପ୍ରେକ୍ଷୀରେ ୧୯୧୯ରେ ଗୋପବନ୍ଧୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ଭାରତୀୟ ମହାସମିତିର ଉଦ୍ଦେଶ୍ୟ ଓ ଆକାଂକ୍ଷାକୁ ନିଜର ଉଦ୍ଦେଶ୍ୟରୂପେ ଗ୍ରହଣକରିଥିଲା । ଜଗତରେ ଭାରତର ଓ ଭାରତରେ ଓଡ଼ିଶାର ଯଥାର୍ଥ ସ୍ଥାନ ପ୍ରତିଷ୍ଠା ଉଦ୍ଦେଶ୍ୟରେ ସମସ୍ତେ ଅନୁପ୍ରାଣିତ ହୋଇଥିଲେ । ଏହି ନବଜାଗ୍ରତ ମାନବିକତାର ଆସ୍ଥା ଜାତୀୟ ଜୀବନରେ ପ୍ରତିଫଳିତ ହୋଇଥିଲା । ୧୯୦୫ରେ ପ୍ରକାଶିତ 'ମୁକୁର' ୧୯୧୫ରେ ପ୍ରକାଶିତ 'ସତ୍ୟବାଦୀ' ୧୯୧୯ରେ ପ୍ରକାଶିତ 'ସମାଜ' ପ୍ରଭୃତି ପତ୍ରିକା ଗୁଡ଼ିକ ଏହି ଆଦର୍ଶ ଓ ଆକାଂକ୍ଷାର ମୁଖପତ୍ରରୂପେ ପ୍ରକାଶିତ ହେଲା । 'ସତ୍ୟବାଦୀ'ର ପ୍ରଥମ ସଂଖ୍ୟାରେ ସମ୍ପାଦକୀୟରେ ଗୋପବନ୍ଧୁ ଯଥାର୍ଥରେ ଲେଖିଥିଲେ ''ମାତୃଭାଷା ସାହାଯ୍ୟରେ ମାତୃଭୂମିର ସେବା କରିବାପାଇଁ ଆମ୍ଭମାନେ ମନୋନୀତ ହେବା ଏବଂ ସେହି ସୂତ୍ରରେ କୃତସେବା କରିବାର ଆଶା ରଖିଅଛୁଁ ।''

ସାମନ୍ତ୍ରିକ ଯୁଗରେ ସାହିତ୍ୟରେ ମାନବପ୍ରେମ ଓ ଆଧ୍ୟାତ୍ମିକତାର ଆଦର୍ଶ ପ୍ରତିଫଳିତ ହୋଇଥିଲା । ଅତୀତ ଗୌରବରେ ବର୍ତ୍ତମାନକୁ ଓ ସୁଦୂର ଗୌରବରେ ନିଜର ଜନ୍ମାମର୍ଦ୍ଦିକ ସମାଜକୁ ଦୃଷ୍ଟି ଦେଇସରେ ଉଚ୍ଚ ସାହିତ୍ୟ ସୃଷ୍ଟିର ପ୍ରୟାସ ହେଲା । ଜୀବନର ଏକ ଉଜ୍ଜ୍ୱଳ ଆଲେଖ୍ୟ ଅଙ୍କନ ଉଦ୍ଦେଶ୍ୟରେ ସମାଜରେ ବସ୍ତୁବାଦ ସମସ୍ୟା ସାହିତ୍ୟରେ ଅନ୍ତର୍ଭୁକ୍ତ ହେଲା । ପ୍ରସ୍ଫୁଟନ ସମ୍ଭାବନା ସହିତରେ ଏକ ସତ୍ୟାନ୍ୱେଷୀ ଆଦର୍ଶବାଦ ଓ ନିଷ୍ଠା-ଶୀଳତାର ଆଦର୍ଶ ସାହିତ୍ୟରେ ପ୍ରତିଷ୍ଠିତ ହେଲା । ହେତୁପ୍ରବାର ଅବସାଦକର ବସ୍ତୁବାଦୀ ଚିନ୍ତାର, ସ୍ୱଚ୍ଛନ୍ଦ ବିଶୃଙ୍ଖଳାର ସ୍ଥାନରେ ଏକ ସହଜ ସ୍ୱତନ୍ତ୍ର ଓ ସୁଶୃଙ୍ଖଳ ନିଷ୍ଠାଶୀଳ ମନୋଭଙ୍ଗୀ ପ୍ରକାଶ ପାଇଲା । ଏକ ଦିଗରେ ନୈତିକତା ଓ ଅନ୍ୟଦିଗରେ ମାନବୀୟ ସମ୍ବେଦନଶୀଳତା ମଧ୍ୟରେ ନିହିତ ଅନ୍ତର୍ଦୃଷ୍ଟି ଓ ପ୍ରେମ କଥା-ସାହିତ୍ୟରେ ଏକ ନୂତନ ଦିଗ୍ବଳୟର ଉନ୍ମୋଚନ କଲା । ଜୀବନର ପ୍ରାଣବନ୍ୟାରେ ଆତ୍ମପ୍ରକାଶ ଓ ଆତ୍ମପ୍ରତିଷ୍ଠାର ଉଦଗ୍ର ସାଧନାରେ ଶାଣିତ ବାସ୍ତବତାର, ଶ୍ରେଣୀଚେତନାର କାରୁଣ୍ୟରେ କଥାସାହିତ୍ୟ ସମର୍ଥରେ ହୋଇଉଠିଲା ଜୀବନର ତାତ୍ତ୍ୱିକ ମୂଲ୍ୟାୟନ ।

## —ଏକ—

"ଫକୀରମୋହନଙ୍କ ( ୧୮୪୩–୧୯୧୮ ) ଜନ୍ମ ଆଧୁନିକ ନବଜାଗରଣର ଏକ ସନ୍ଧିକ୍ଷଣ ପୂର୍ବ । ଜୀବନର ସବୁ ଦୁଃଖରେ ସେ ଅନସ୍ଥିର । ୧୮୬୬ର ଡୌଗାମିତ୍ର ରଚନାବଳୀ ସ୍ୱଦେଶର ଉଦ୍ୟମର ଜନୟିତା ଯୋଗନ୍ତୁ । ୧୯୧୮ରେ ମୃତ୍ୟୁପାର୍ଶ୍ୱ ରଚନାବଳୀ ଦେଶଭକ୍ତି ଜନସାଧାରଣ ଶିକ୍ଷାର ସାହିତ୍ୟଗ୍ରନ୍ଥ ପ୍ରକାଶ କରିଥାଇଛନ୍ତି, ମାତ୍ର ଯେଉଁ ମାନସିକ ନୈତିକ କେବଳ ଫକୀର ମୋହନଙ୍କର ଦାନ ।" (ଓଡ଼ିଆ ସାହିତ୍ୟର କ୍ରମବିକାଶ ଧାରା, ପୃ: ୪୪ ସଂସ୍କରଣ ୧୯୭୨) ଉପନ୍ୟାସ ରଚନା ପ୍ରସଙ୍ଗ ଫକୀରମୋହନଙ୍କର ଅପୂର୍ବ ସୃଷ୍ଟି । ଫକୀରମୋହନ ନିଜର ଆତ୍ମଜୀବନୀରେ ଅତି ଦକ୍ଷତା ସହକାରେ ଆରମ୍ଭ କରିଥିଲେ । ବାଲ୍ୟ ଅବସ୍ଥାରେ ସେ ଥିଲେ ତାଙ୍କ ଜନ୍ମସ୍ଥାନ ଜୀବନର ଏକ ଜଣ ଥିଲା । ଅତ୍ୟ ଜୀବନରେ ୧୮୭୦ ଖ୍ରୀଷ୍ଟାବ୍ଦ ମଧ୍ୟ ଏକ ଅଂଶବିଶେଷ ବସ୍ତୁତଃର ଫକୀର ମୋହନ ବାଲେଶ୍ୱର ମିଶନ୍ ସ୍କୁଲରେ ଶିକ୍ଷକତା ଆରମ୍ଭକଲେ । ତାଙ୍କ ଜୀବନରୁ ଆରମ୍ଭ ହୋଇଥିଲା ସାହିତ୍ୟିକ ଜୀବନ ଯାହାର ତାଙ୍କର ସାହିତ୍ୟ ସାଧନା । ଫକୀରମୋହନଙ୍କ ଜିଜ୍ଞାସୁ ମନ ଥିଲା ଅତ୍ୟନ୍ତ ଜଟିଳ ଓ ଧାର୍ମିକ ସମ୍ବନ୍ଧରେ ସମ୍ପାଦନ । ଦେଶକୁ ଓ ଜାତିକୁ ସେ ନିଜର ଅନୁଭୂତି ପ୍ରକାଶ କରିଥିଲେ । ଶିକ୍ଷକରୂପେ ତାଙ୍କର ଅବଦାନ ଥିଲା ପ୍ରେସ ସ୍ଥାପନ ଓ ଭାରତବର୍ଷର ଇତିହାସ । ଓଡ଼ିଆ କଲେକ୍ଟରେଟ ଦେଶୀ ସାହିତ୍ୟର ଫକୀରମୋହନ ଥିଲେ ଜଣେ ପ୍ରଧାନର ଗୁରୁ । ବାଲେଶ୍ୱରରେ ତାଙ୍କର ଶିକ୍ଷକଜୀବନ ଥିଲା ବହୁସ୍ମରଣୀୟ । ଫକୀରମୋହନ ସେନାପତି ଏକ ଦେଶୀୟ ଓ ଯନ୍ତ୍ର ମଧ୍ୟ ଦେଶୀୟ ସ୍ୱାମୀ ହୋଇ ରହିଲେ । ଖ୍ରୀଷ୍ଟିୟାନ ମିଶନାରୀମାନଙ୍କ ବିରୁଦ୍ଧ ବନସ୍ପତିର ଅଣି ଫକୀର ସମାଜ ଶିକ୍ଷକତା ମଧ୍ୟରେ । ଡେପୁଟିକଲେ ଗଡ଼ଜାତର କର୍ମ ଜୀବନରେ । ୧୮୭୧ରୁ ୧୮୯୬ ପର୍ଯ୍ୟନ୍ତ ଦେଶୀୟ ରାଜ୍ୟ ଗଡ଼ଜାତର କର୍ମଜୀବନ ଅତିବାହିତ କଲେ । ତାଙ୍କ କର୍ମଜୀବନରେ ଥିଲା ଅନୁଭୂତିର ପ୍ରାଚୁର୍ଯ୍ୟ । ସେ ଯାଗରେ ମିଶନ୍ ରଜା ଓ ଅନ୍ୟ ସମୟରେ ଅତ୍ୟାଚାରିତ ଜନସମାଜ ଆତ୍ମକଥା ବର୍ଣ୍ଣିତ ଦାରିଦ୍ର୍ୟ ନିପୀଡ଼ିତ ସାଧାରଣ ପ୍ରଜା । ମାନବବାଦୀ ଫକୀରମୋହନ ରଜା ଓ ପ୍ରଜା ଉଭୟଙ୍କ ହିତାକାଂକ୍ଷୀ

ଥିଲେ । ମଧ୍ୟଯୁଗର ଲେଖୁଥିବା ନବୀନର ଲେଖକମାନଙ୍କର ନୂଆ ଚେତନା ମୁକ୍ତବାଣୀ ଦେଇନ, ଆଖି ଆଗରେ ଘଟୁଥିବାର ଜନସ୍ରୋତର ଘଟଣାର ଜୀବନ୍ତରୂପକୁ ନୂଆ ଦୃଷ୍ଟିକୋଣ ମୁକ୍ତିରେ ଦେଖିବା ଶିଖିଥିଲେ । ସମ୍ଭବତଃ ବର୍ଷ ବୟସରେ ମଧ୍ୟ ଦର୍ଶନବାଦର ଅଭ୍ୟାସ କରି ନବ୍ୟ ଓଡ଼ିଆ କଥାସାହିତ୍ୟର ସ୍ରଷ୍ଟା କରିଥିଲେ । ତାଙ୍କ ଆଖି ଅନେକ ଥିଲା । ଅନ୍ତ ଦେଖିବାକୁ ପ୍ରକୃତ ସ୍ୱଦେଶ । ଏଣୁ ହିଁ ସେ ସ୍ୱାଧୀନ । ସେହି ବାସ୍ତବ ସତ୍ୟର ସମ୍ପଦକୁ ପରିଣତ କରିଲେ, ଅର୍ଥାତ୍ ସାହିତ୍ୟର ଅଙ୍କୁର ସୃଷ୍ଟି । ସାମାଜିକ ବାସ୍ତବତାର ନିଚ୍ଛକ ଚିତ୍ର ଫୁଟେ ଚରିତ୍ରମାନଙ୍କ ଜୀବନଯାତ୍ରା ମାଧ୍ୟମରେ ଦେଖାଯାଏ । ତାଙ୍କର ଭାଷା ଓ କୃଷ୍ଣାର୍ଜୁନର କଥୋପକଥନ ଗ୍ରାମ୍ୟଭାବରେ ସ୍ଥାନ ପାଇଛି ଯେଉଁଠି ନଥିଲା । ନବ୍ୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଭୂମିକା ମଧ୍ୟ ଗ୍ରହଣ କରିଥିଲେ । ତାଙ୍କର ଅଧିକାଂଶ ଉପନ୍ୟାସର ଗଳ୍ପ ଅଳ୍ପ ଥିଲେ ମଧ୍ୟ ନିଜସ୍ୱ ଚେତନାରେ ଜୀବନ୍ତ । କିନ୍ତୁ ଫକୀରମୋହନଙ୍କୁ କେବଳ ତାହାକୁ କୌଣସି ଦୃଷ୍ଟି ଦେବାକୁ ଚାହିଁଥିଲେ । ତାଙ୍କ ରଚନା ଗୁଡ଼ିକ ଏକ ଦେଶବ୍ୟାପୀ ଚେତନା ପ୍ରକୃତ ମୋହ ନିଷ୍କର୍ଷଣ । ସେଥିପାଇଁ ତାଙ୍କ ଉପନ୍ୟାସଗୁଡ଼ିକ ସମାଜର ଅନେକ ଦିଗ ପ୍ରକାଶିତ ଜୀବନର ଆଲେଖ୍ୟ ଓ ପାଠକଙ୍କ ଚେତନାକୁ ଉଦ୍‌ବୋଧନ ପୂର୍ଣ୍ଣ କରିଥାଏ । ତାଙ୍କ ଉପନ୍ୟାସର ଉପାଦାନ ଜନଜୀବନ ଏହାହିଁ ତାଙ୍କର ଓଡ଼ିଆର ଜୀବନ ଦର୍ଶନ ହିଁ ମୁଖ୍ୟ । ଏତେବ ପୁନଃଜାଗ୍ରତ ଚିନ୍ତନର ଫକୀରମୋହନ ସୃଷ୍ଟି କରିବାକୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ କରିପାରି ନଥିଲେ । ତାଙ୍କର ଐତିହାସିକ ଉପନ୍ୟାସ 'ଲଛମା' ଏହାର ନିଦର୍ଶନ । କିନ୍ତୁ ସୃଷ୍ଟିର ଚେତନାର ଦେବ ଉତ୍ସର୍ଗ କରିବାକୁ ଫକୀରମୋହନଙ୍କ ବାସ୍ତବ ଅନୁଭୂତି ଓ ସମକାଳୀନ ଜୀବନଧାରା ଥିଲା ନିତ୍ୟ ବୋଧର ଶକ୍ତି ଥିଲା ପ୍ରବଳ । ନବ୍ୟ ଜୀବନର ଉନ୍ମେଷ ଓ ସଂସ୍କାରର ଆରମ୍ଭର ଅତି ସହଜ ବର୍ଣ୍ଣନା ଗ୍ରାମୀଣ ଚରିତ୍ରଠାରୁ ଜାତୀୟତାବାଦ ଓ କଳ୍ପନା-ବିଳାସୀ ନବ୍ୟ ସାହିତ୍ୟ ନିର୍ମିତର ଜନ୍ମ ସେଥିରୁ ତାଙ୍କ ପ୍ରତିଭାର । ଏକ ଦିଗରେ ଦେଶପ୍ରୀତି ସଂସ୍କାର, ଅନ୍ୟ ଦିଗରେ ଅନୁକରଣ ଓ ପାଶ୍ଚାତ୍ୟଜୀବନାଦର୍ଶ ସମାଜର ନୀତିନିୟମ ଦାର୍ଶନିକ ଜୀବନଦୃଷ୍ଟି ମଧ୍ୟ ତାଙ୍କର ସମନ୍ୱୟବାଦୀ ଚିନ୍ତା ନଥିଲା । 'ପ୍ରାୟଶ୍ଚିତ୍ତ' ହିଁ ତାହାର ନିଦର୍ଶନ ।

ଏହିପରି ଆନ ବଙ୍ଗୀୟ ଏବଂ ବଙ୍କିମ ପ୍ରେରଣା ଫକୀର ମୋହନଙ୍କ ଭାବ ଜାଗ୍ରତ କରିବାରେ ସହାୟକ ହୋଇଛି । ଫକୀର ମୋହନଙ୍କର ଉପନ୍ୟାସ ମାତ୍ର ଚାରୋଟି ! ଛ ମାଣ ଆଠ ଗୁଣ୍ଠ, ମାମୁଁ ଓ ପ୍ରାୟଶ୍ଚିତ୍ତ ସାମାଜିକ ଗୋଟିଏ ମାତ୍ର ଐତିହାସିକ ଉପନ୍ୟାସ 'ଲଛମା' । ଲଛମାରେ ଫକୀର ମୋହନ ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ନେଇଥିବାରୁ ହିଁ ଅବତରଣ କରିଥିଲେ । ଇଂରେଜମାନଙ୍କ ଦ୍ୱାରା ସତ୍ୟ ବିକୃତ ଭାରତୀୟ ଇତିହାସ ହିଁ ଫକୀର ମୋହନଙ୍କ ପାଠ୍ୟ ଥିଲା । ତାଙ୍କୁ ସେ ସତ୍ୟ ବୋଲି ଗ୍ରହଣ କରିଥିଲେ । ଏଣୁ ଇତିହାସର ସତ୍ୟାନୁସନ୍ଧି ତାଙ୍କଠାରେ ପ୍ରକାଶ ପାଇବା ସମ୍ଭବ ନଥିଲା । ଫକୀର ମୋହନଙ୍କ ରଚିତ ଭାରତର ଇତିହାସ ୧୮୬୯ ଓ ୮୦ ସନ ଦୁଇଭାଗରେ ପ୍ରକାଶ ପାଇଥିଲା । ପ୍ରାୟ ତିରିଶବର୍ଷ ପରେ ଫକୀର ମୋହନ ଲେଖିଥିଲେ ଐତିହାସିକ ଗଳ୍ପ ଅପୂର୍ବ ମିଳନ' । ତାହାର ପରେ ରଚିତ ହେଲା 'ଲଛମା' । ଏଥିରେ ନାରୀ ମୂର୍ତ୍ତି ଦେଖ ଯାଉଛି । ରାଧାନାଥଙ୍କ ଉଷା ଓ ପାର୍ବତୀ ଚରିତ୍ରକ ଆଦର୍ଶ ଲଛମାଠିଁ ଏମିତି ନାହାନ୍ତି । ଖଣ୍ଡନାୟକ ମରହଟ୍ଟା ସେନାପତି ସ୍ୱପ୍ନର ଖଣ୍ଡିତ କଳ୍ପନା ଲଛମାର ଜୀବନର ପ୍ରାଣ ଦେଇଛନ୍ତି । ଏ ସମସ୍ତ ଘଟଣାଟି ମୌଳିକ କଳ୍ପନା ପ୍ରସୂତ ଓ ଐତିହାସିକ ଘଟଣାଠାରୁ ବହୁ ଦୂରବର୍ତ୍ତୀ ମରହଟ୍ଟା ବର୍ଗୀଙ୍କର ଅତ୍ୟାଚାର କଥା, ମରହଟ୍ଟା ବୀରତ୍ୱ ଶକ୍ତିରେ ଉଦ୍ବୋଧିତ ଥିବା ଭାରତୀୟ ଆଦର୍ଶର ଏକ ଆଭାସ ଫକୀର ମୋହନ ତାହାର ସମର୍ଥନ କରି ନାହାନ୍ତି । ଏହି ଉପନ୍ୟାସରେ ସ୍ୱାର୍ଥତ୍ୟାଗୀ ଚରିତ୍ର ଲଛମା ଓ ବାଦଲ ସିଂହର ଚରିତ୍ରଠାରୁ ଉଚ୍ଚତର, ପ୍ରତିହିଂସାର ପ୍ରତିଶୋଧ ଗ୍ରହଣ ଓ ପୁନର୍ମିଳନ ଘଟଣାଗୁଡ଼ିକର ସ୍ୱାଭାବିକ ମାନବୀୟ ଅନୁଭବ ପାଠକଙ୍କର ଦୃଷ୍ଟି ଆକର୍ଷଣ କରେ । ଆଲି ବର୍ଦ୍ଦି ଖାଁ ଓ ଭାସ୍କର ପଣ୍ଡିତଙ୍କ ସଂଘର୍ଷ ତଥା ଐତିହାସିକ ପୃଷ୍ଠଭୂମିରେ ମୂଳ କାହାଣୀର ମାନବୀୟତା ମ୍ଳାନ ହୋଇ ପାରି ନାହିଁ । ଉପନ୍ୟାସରେ ବର୍ଣ୍ଣିତ ହାହାକାର, ହତ୍ୟା, ଯୁଦ୍ଧ, ଅଭିଯାନ, ରାଜବାଡ଼ୁ ପରିବେଶ, ପ୍ରାଚୀନ ଦୁର୍ଗର ବର୍ଣ୍ଣନା ସବୁ ଲେଖକଙ୍କ ରୋମାନ୍ସ ସୁଲଭ । ଅତିବାସ୍ତବତା ଭିତରେ ବାଦଲସିଂ ଓ ଲଛମାର ପ୍ରଣୟ-ଚିତ୍ରକୁ ଫକୀର ମୋହନ ବାସ୍ତବ ଓ ଜୀବନ୍ତ କରି ପାରିଛନ୍ତି । ଏହା ହିଁ ତାଙ୍କର ବୈଶିଷ୍ଟ୍ୟ ।

## —ଦୁଇ—

ରୋମାନ୍‌ସଧର୍ମୀ ଓଡ଼ିଆ ଉପନ୍ୟାସର ଧୂସର ଦିଗ୍‌ବଳୟରେ ପ୍ରଥମ ଉଜ୍ଜ୍ୱଳ ସ୍ତମ୍ଭ ଭାବରେ ଆତ୍ମପ୍ରକାଶ କଲା ଫକୀର ମୋହନଙ୍କ ସାମାଜିକ ଉପନ୍ୟାସ 'ଛ ମାଣ ଆଠ ଗୁଣ୍ଠ'। ଏକ ପରିମିତ ମାଟିର ପୂର୍ଣ୍ଣ ଓ ଗଭୀର ସ୍ପର୍ଶକାତର କୃଷକଙ୍କ ଭୂମି ସ୍ପର୍ଶ ମୁଦ୍ରା ଭଳି ଓଡ଼ିଆ ସାହିତ୍ୟର ସୃଷ୍ଟି ମାନସରୁ ସମସ୍ତ କଳୁଷ ଦୂର କରିଦେଲା। କଳ୍ପନାଜଗତରେ ବାସ୍ତବ, ସ୍ୱାବଲମ୍ବନତା ସ୍ଥାନରେ ବସ୍ତୁଦୃଷ୍ଟିର ପ୍ରତିଷ୍ଠା ଘଟିଲା। ସେହିମିତି ଭୂମିଖଣ୍ଡ ନାମରେ କୌଣସି ଏକ ସାହିତ୍ୟ କୃତି ନାମିତ ହୋଇ ନଥିଲା। ଏକଦେଶ ସୀମାବଦ୍ଧ ଏ ମାନବ-ଜୀବନ। ସୁନ୍ଦରୀ ନାୟିକା ଓ ନାୟକ ମାନଙ୍କୁ ନେଇ କଳାପ୍ର କାବ୍ୟରଚନା ଧାରରେ ଯାହାକିଛି ଅବଶେଷ ଥିଲା ଫକୀର ମୋହନ 'ଛ ମାଣ ଆଠ ଗୁଣ୍ଠ' ରଚନାକରି ତାହାର ମୂଳଚ୍ଛେଦ କଲେ। ସେହି ଫକୀର ମୋହନ ଲେଖିଥିଲେ।

ଧାଙ୍ଗି ସୁନ୍ଦରର ଜମିଖଣ୍ଡ ଥିଲା ପୃଷ୍ଠି ॥
ଚେତନିକ ଦେବଳରେ ପଡ଼ିଥିଲା ମୂର୍ତ୍ତି ଭୁଜ ॥
ସରକାର ବାହାଦୁର ଦୟାକଲେ ଭାରି
ଦ୍ରବ୍ୟରୁ ଆଇନ୍‌ଟା କରିଦେଲେ ଜାରି ॥
ଭୁତକର ବଢ଼ିଗଲା ଗୋଟାଏ ନାଗ୍‌ଯକା
ରେଭେନ୍ୟୁ ଅଫିସରେ ଜମି କଣା ଝଙ୍କା ॥ ଜମ୍ମା

ସେହି ଫକୀର ମୋହନ ଲେଖିଥିଲେ-

ଅଧ୍ୟାନର କି ପାପ କରିଥିଲୁ କହାନାହିଁ
ତାହାକୁ ନେଇ ଜନ୍ମଦେଲା ବିଧାତା କପାଳେ।

ସେହି କୃଷକ ସମାଜରୁ ଫକୀରମୋହନ ନିଜ ନାୟକ ନାୟିକାଙ୍କୁ ଖୋଜି ନେଲେ। ଫକୀର ମୋହନ ନିଜର ଗାର୍ହସ୍ଥ୍ୟ ଜୀବନରେ ଲକ୍ଷ୍ୟକରିଥିଲେ ଊନବିଂଶ ଶତାବ୍ଦୀର ଓଡ଼ିଶାର ସମାଜଜୀବନର ଦୈନ୍ୟ, ଗ୍ଲାନି ଓ ଭଗ୍ନ ଦଶାକୁ। ଓଡ଼ିଶାର ଭୂମିରାଜସ୍ୱ ନୀତି କୃଷକମାନଙ୍କୁ ଯାହା ଥିଲା ଇଂରେଜ ଶାସନରେ ତାହା ପରିବର୍ତ୍ତିତ ହୋଇ ନଥିଲା। ଏହି ଭୂସ୍ୱତ୍ୱନୀତି ଓଡ଼ିଆଙ୍କୁ ଅନ୍ନହୀନ ଶୂନ୍ୟ କରିଦେଇଥିଲା। ସେଠାରେ

ସ୍ୱାର୍ଥ ଅନୁସନ୍ଧାନକାରୀ ବଙ୍ଗ ଦେଶ ଭକ୍ତ ଚିରସ୍ଥାୟୀ ବନ୍ଦୋବସ୍ତ ହୋଇ ଗଲା । ଇଂରେଜମାନେ ନୂତନ ମସଲନ୍ଦ ଅଂଶ ନ ଦେଇ ଦୁର୍ଲଭ ମୁଦ୍ରାରେ ଦୁଇ ଦଶ କର ଅତ୍ୟଧିକ ଜମିଦାରଙ୍କ ଧାର୍ଯ୍ୟ ଆଦାୟ କରଉଥିଲେ । ନାରକାଶି ଅମଲ ଓ କର୍ମଚାରୀମାନେ ଥିଲେ ବାଦଶାହ ଜମିଦାର । ଏମାନଙ୍କର ଅବୈଧ ଶୋଷଣ ଓ ଅନ୍ୟାୟ ଅତ୍ୟାଚାର ଫଳରେ ପ୍ରଜାଙ୍କ ସୁବିଧା ସୁଯୋଗ ଦେବାକୁ କେହି ନ ଥିଲେ । ଭୂସ୍ୱାମୀଙ୍କ ସ୍ୱାର୍ଥକୁ ଶିଳ୍ପବାଣିଜ୍ୟର ସର୍ବନାଶ ଘଟିଲା । ଫଳରେ ବନ୍ଧୁକମାର ଲୁଣ୍ଠନ ଓ ବଣିକଙ୍କୁ ସମର୍ଥନ କଲା । ଓଡ଼ିଶାର ଅସଂଖ୍ୟ ଗ୍ରାମମାନେ ଧ୍ୱଂସକବଳରେ ମୁଣ୍ଡି ଉଠାଇବାକୁ ଅକ୍ଷମ ହୋଇଯାଇଥିଲେ । ଦେଶରେ ଏକ ଯୁଗବ୍ୟାପୀ ଅଧଃପତନ କାଳବୈଶାଖୀ ଝଡ଼ ପରି ସ୍ଥାନ ନେଲା । ଦୁର୍ଭିକ୍ଷ, ମହାମାରୀ ଓ ବନ୍ୟା ଜନଜୀବନକୁ ଜର୍ଜରିତ କଲା । ଅସହାୟ ଗ୍ରାମକୁ ଅନ୍ନାଭାବ ଆଉ ଅନାଚାର ପ୍ରବେଶ କରିଥିଲା । ଏହି ପରିବେଶରେ ଫକୀର ମୋହନଙ୍କ 'ଛ ମାଣ ଆଠ ଗୁଣ୍ଠ' ଏକ ସାର୍ଥକ ଉପନ୍ୟାସଟି ରଚନା ।

'ଛମାଣ ଆଠଗୁଣ୍ଠ'ରେ ଚିତ୍ରିତ ଫକୀରମୋହନଙ୍କର ଦୃଷ୍ଟିଭଙ୍ଗୀର ଏକ ବାସ୍ତବ ଉଦାହରଣ ଦେଉଛି । ୧୮୯୬ରେ ଫକୀରମୋହନ କର୍ମ-ଜୀବନରୁ ଅବସର ନେଲେ । ଅଭିଜ୍ଞତା କଳେବରରେ ଉଦ୍ଭାସିତ ସ୍ୱଚ୍ଛନ୍ଦ ଜୀବନ । ୧୮୬୬ରେ ସେ ବଡ଼ ଦୁର୍ଭିକ୍ଷର ଭୟଙ୍କର ରୂପ ଦେଖିଥିଲେ । ମାନ୍ଦ୍ରାଜରେ ନିର୍ମିତ ଜଳଯାନ ଚାଷୀଙ୍କ ନିମନ୍ତେ ଅଧିକ ଚୋରା ହେଉଥିଲେ । ଗାଁଗାଁରେ ଲୋକଙ୍କ ଦୁଃଖ ଦାରିଦ୍ର୍ୟ ସାକ୍ଷାତ ଦେଖିବାର ସୁଯୋଗ ପାଇଥିଲେ । ସେଙ୍କର ଅଭିଜ୍ଞତାର କାହାଣୀ ହୋଇଥିଲା ଆଧୁନିକ ସାମାଜିକ ଓ ରାଜନୈତିକ ଧାରାର ବାହକ ଓ ଧାରକ । ସେଥିରେ ନୂତନ ସମାଜଚେତନା ପ୍ରକାଶ ତଥା ମାନବିକ ଭାବଧାରା ଅନ୍ତର୍ନିହିତ ଥିଲା । ଫକୀରମୋହନ ସେବେଳର କେବଳ ସାମନ୍ତ ଜମିଦାରଙ୍କ କବଳରେ ଶୋଷିତ ଲୋକଙ୍କର ଦୁଃଖ ବର୍ଣ୍ଣିତ କରାଇଥିଲେ । ତାହାଙ୍କ ଠାରେ, ଅବହେଳିତ ଶ୍ରମିକ ଓ କୃଷକଙ୍କ ଦୁଃଖ ଦୈନ୍ୟ ଦୁର୍ଦ୍ଦଶା ବର୍ଣ୍ଣିତ ହୋଇଥିଲା । ଧର୍ମ ଓ ନୀତିର ସମ୍ଭାର ଶିକ୍ଷାରେ ଦେଶ ବିପ୍ଳବ ଆରମ୍ଭ କରିଥିଲା । ସେହି ସେଥି ବିପ୍ଳବ ଦ୍ୱାରା

ଜୀବନର ପ୍ରତ୍ୟେକ ସ୍ତରରେ ବୈଷୟିକ ଦିଗରେ ଅନୁଭବ କରାଇଥିଲା । ସମାଜ ବାହ୍ୟ ଓ ଅନ୍ତଃକରଣ ମୂଳରେ କୁଠାରାଘାତ-କଲା । ଫକୀରମୋହନ ଜାତିର ସାମାଜିକ ଦୁର୍ଦ୍ଦଶା ନିଜେ ପ୍ରତ୍ୟକ୍ଷ କରିଥିଲେ ସେମାନଙ୍କ ଆଭିଜାତ୍ୟ ଓ ସମାଜ ବନ୍ଧନର ସୁଯୋଗ ନେଇ ବଳବତୀ ଶାସନଯନ୍ତ୍ରର ସହାନୁଭୂତିରେ ଧନ ଆଭିଜାତ୍ୟ ସ୍ଥାନ ମଧ୍ୟବର୍ତ୍ତୀ ଜମିର ନିଜର ଉଚ୍ଚାକାଂକ୍ଷା ପୂରଣ ପାଇଁ ବହୁପ୍ରକାର ମାନବମୂଲ୍ୟକୁ ବଳି ଦେଉଥିଲେ ତାହା ଫକୀରମୋହନ ଲକ୍ଷ୍ୟ କରୁଥିଲେ । ଫକୀରମୋହନଙ୍କ ସମସାମୟିକ ସମାଜରେ ନିମ୍ନଶ୍ରେଣୀ ସଚେତନ ଜନମତ ଗଢି ନଥିଲା । କିନ୍ତୁ ଫକୀରମୋହନ ନିଜର ଦୂରଦୃଷ୍ଟି ବଳରେ ନିର୍ଯ୍ୟାତିତ କୃଷକଶ୍ରେଣୀ ଓ ଶ୍ରମିକବର୍ଗଙ୍କ ଶୋଷିତ ଶ୍ରେଣୀର ଚରିତ୍ରରେ କରୁଣ ପ୍ରତିବାଦ ଗ୍ରହଣ କରାଇବାରେ ତାହା ଦେଖିପାରିଥିଲେ । ବାସ୍ତବତା ଲାଗି ସେ ଆଦର୍ଶକୁ ବଳି ଦେଇ ନଥିଲେ । ବାସ୍ତବତାର ନଗ୍ନତା ଓ ରୁକ୍ଷତା ତାଙ୍କୁ ସ୍ପର୍ଶ କରି ନଥିଲା । ବାସ୍ତବ ମଧ୍ୟରେ ଆଦର୍ଶର ସ୍ଥାନ ନିଶ୍ଚିତରେ ସମ୍ପୃକ୍ତ ହୋଇ ଉଠିଥିଲା ତାଙ୍କର ସୃଷ୍ଟି । "ଛମାଣ ଆଠଗୁଣ୍ଠ"ରେ ମଙ୍ଗରାଜଙ୍କର ଅର୍ଥଲୋଭ ଜନିତ କୁକର୍ମ ଓ ଭଗିଆ, ସାରିଆଙ୍କର ଧର୍ମର ଅପମାନ ଜୀବନ ଓ ଦୁଃଖଭୋଗ କେବଳ ବାସ୍ତବ । ମାତ୍ର ମଙ୍ଗରାଜଙ୍କ ପତନ ଓ ଅନୁତାପ ଅତ୍ୟନ୍ତ ବାସ୍ତବବାଦୀ ଦୃଷ୍ଟିରେ ଫକୀରମୋହନଙ୍କ ବର୍ଣ୍ଣନାରେ ପ୍ରକାଶ ପାଇଥିଲେ ବି ଏଥିରେ ଲେଖକଙ୍କ ନୈତିକ ଚେତନା ଓ ଆଦର୍ଶବାଦର ପ୍ରଚ୍ଛନ୍ନ ସୂଚନା ।

ଛ'ମାଣ ଆଠଗୁଣ୍ଠର ଚରିତ୍ରଗୁଡ଼ିକ ମଧ୍ୟରେ ପାଠକର ସମ-ବେଦନା ଜଣାଇବାକୁ ଭୁଲିଯାଏ ନାହିଁ । ଅପକର୍ମର କୁପରିଣାମ ତାଙ୍କର ପ୍ରତ୍ୟେକ ଚରିତ୍ରକୁ ଭୋଗିବାକୁ ହେଉଛି ଓ ଲେଖକଙ୍କର ସମସ୍ତ ଉପନ୍ୟାସ ମଧ୍ୟରେ ନୈତିକ ବୋଧର କାରୁଣ୍ୟ ଦେଖାଯାଉଛି । ପଣ୍ଡିତ ନୀଳକଣ୍ଠ ଯଥାର୍ଥରେ କହନ୍ତି—"ଫକୀର ମୋହନଙ୍କ ଲେଖାର ନବନବ ଉନ୍ମେଷ ଦେଖାଯାଏ ତାଙ୍କ ଭାଷା, ବର୍ଣ୍ଣନା ତଥା ଚରିତ୍ର ଚିତ୍ରଣର ସ୍ୱକୀୟତାରେ । ସେଥିରୁ ମୂଳରେ ରହିଛି ତାଙ୍କର ରସିକତା ବା ହ୍ୟୁମର (Humour) । ଅଭୁରାନିଶାର ବର୍ଣ୍ଣନାଠାରୁ ପାଣ୍ଡିଅର ଜମି ଜବରଦଖଲ, ମଙ୍ଗରାଜଙ୍କ ଏକାଦଶୀ ଉପାସ ଦେଖଣାହାରେ "ମୁଣ୍ଡିବା ... ଗାଈଟିଏ ବନ୍ଧାଇ ପ୍ରାୟଶ୍ଚିତ୍ତ" ମଧ୍ୟରେ ଗାନ୍ଧୀବାବୁଙ୍କର ସମ୍ରାଟ ରଚନା ଶୈଳୀ ପ୍ରଭୃତି ଫକୀରମୋହନଙ୍କ

ଘରର ସ୍ୱତନ୍ତ୍ର ରସିକତା ପ୍ରକାଶ ପାଉଅଛି ।" ଫକୀରମୋହନ ପ୍ରତ୍ୟେକ ଗ୍ରନ୍ଥରେ ବର୍ଣ୍ଣନାରେ ମଧ୍ୟ ଏହି ସ୍ୱରର ଚିତ୍ରକଳ୍ପମୟ ଭାଷା ପ୍ରୟୋଗ କରିଅଛନ୍ତି । ଚନ୍ଦ୍ରମା ନବାବୁ କର, ବର୍ଷାଦିନରୁ ନୌକାରେ ଦୃଶ୍ୟ ବର୍ଣ୍ଣନାର ପ୍ରତ୍ୟେକ ସ୍ଥାନ ପ୍ରଶଂସା ନ କରି ରହିବାକୁ ମିଳେ । ଶରତ୍କାଳର ଚନ୍ଦ୍ରର ଜ୍ୟୋତ୍ସ୍ନା ମୂର୍ଚ୍ଛ୍ନା ଘଟଣା ଗୁଡ଼ିକର ବର୍ଣ୍ଣନା ସମୟରେ ନାଟକୀୟ ସେଥିପାଇଁ ବାସ୍ତବତା ଓ ହୃଦୟସ୍ପର୍ଶୀ । ଘଟଣାକୁ ଉପଭୋଗରେ ପ୍ରାକୃତିକ ମଧ୍ୟରେ ଜୀବନ୍ତ କରିବାରେ ଫକୀରମୋହନଙ୍କୁ ସେଠାରେ ଜଣାଥିଲା ତାହାର ତୁଳନା ନାହିଁ । "ବରଗଛରେ ଗୋଟିଏ ଅନ୍ଧାର ବୁଢ଼ୀଭିଳି ଭାଙ୍ଗିଯାଇଛି ପେଚାଟିଏ ଗୋଟାଏ ଆତଙ୍କମୟ ଶବ୍ଦ କରୁଅଛି ।" "କମ୍ପା ଗଛ ମଧ୍ୟରେ ଜଳୁଥିବା ପଦର ଚେଙ୍କିଟି ଖମଠଣ ଶବ୍ଦହୋଇ ଆସୁଅଛି ।" ଏହି ଚିତ୍ରକଳ୍ପ ମଧ୍ୟରେ ସତେ କଣ ସୂକ୍ଷ୍ମ ଚମତ୍କାର ଜୀବନଦାନ ଭଳି ଅଭିବ୍ୟକ୍ତି ଲକ୍ଷିତ ନାହିଁ । ସେହି ସମୟରେ ପଶ୍ଚିମ ଆକାଶରେ ଗୋଟିଏ ମାତ୍ର ନକ୍ଷତ୍ର କମ୍ପିଯାଏ ଅଥବା ଆକାଶରେ ପଡ଼ିବାର ଦେଖାଯାଏ ଏହି ମଧ୍ୟରେ ଚମତ୍କାର ଜୀବନଦାନ ନେଇ ମୂର୍ଚ୍ଛ୍ନାରେ ଜାଣିପାରିବ ଏମାନଙ୍କ ବୁଝିହୁଏ ନାହିଁ । ନିଦ୍ରା ସ୍ୱପ୍ନକୁ ବିଶେଷତଃ କେଉଁ ଅ. ସେଠାରେ ଆଶା, ସୁଖଦୁଃଖକୁ ଶୋଷିବାର ଅବସ୍ଥା ଅନାଇବା ଗୋଟାଏ ଦୃଶ୍ୟରେ ଚାଲି ଚାଲି ଚମତ୍କାର ଉପଲବ୍ଧି କାହାରେ ଭୁଲି-ଯିବାପରର ମୋହିନୀର ବନ ଓ ବଣିକର ସ୍ତନକୁ ଉପରେ ଦେଖାଇ ଖାଲି ଦେଖିଲେ ସମ୍ପର୍କରେ ଗଳି ଭାଙ୍ଗିକୁ ଝାଡ଼ାଇ ଦେଇକରି ଜାଣିପାରିବା ବର୍ଣ୍ଣନା କମ୍ପା ଏହି ଦୃଶ୍ୟର ସେହି ସମ୍ପୂର୍ଣ୍ଣ ସମୟରେ ମୂର୍ଚ୍ଛ୍ନିକ ସାଗରେ ସେଠାରେ ଅନ୍ଧାର ଅନ୍ଧାର ମଧ୍ୟରେ ଦୃଶ୍ୟ ଦେଖାଯାଏ ଜଣାଇବାର ବର୍ଣ୍ଣନାରେ ଫକୀରମୋହନଙ୍କର ଧ୍ୱନିଭିତ୍ତିକ ସ୍ପର୍ଶନୀୟ ଶକ୍ତି, ଚରିତ୍ରବୋଧ, ଇଙ୍ଗିତର ସମସ୍ତତାର ଚିତ୍ରଧାରାର କଳାତ୍ମକତାକୁ ସମ୍ପର୍କରେ ଜୀବନ୍ତ ହୃଦୟସ୍ପର୍ଶୀ କରେ । ଏଥିରେ ସେଠାରେ ସମସ୍ତଙ୍କୁ ଦୃଶ୍ୟ ମାନସରେ ଜୀବନର ଦୃଶ୍ୟଭଳି ଅଙ୍କିତ ହୁଏ । ଛବି ରଙ୍ଗମଞ୍ଚ, ଛବି ନାଟକୀୟର ଏପରି ନାଟ୍ୟସ୍ତମ୍ଭ କେଉଁଠି ରହିବ ସୃଷ୍ଟିକର୍ତ୍ତାଙ୍କର ? ସେମାନଙ୍କ ଏକତା ମଧ୍ୟରେ ନଥିଲେ ହୁଏତ ଫକୀର ମୋହନ ନାମ ଦେଇ ନାଟ୍ୟକାର [illegible] ଉପନ୍ୟାସରେ ଫକୀର

ମୋହନଙ୍କ 'ଛ'ମାଣ ଆଠଗୁଣ୍ଠ' ପାଠକଲେ, ଏହାର ସଙ୍କେତରୁ ଉଦ୍‌ବୋଧିତ ନ ହୋଇ ସହଜ ପାଠକମାନେ ଅନ୍ୟାନ୍ୟ ପ୍ରମାଣିତ କରାଇବାକୁ ।

ଫକୀରମୋହନଙ୍କ ଅନ୍ୟ ଦୁଇଟି ସାମାଜିକ ଉପନ୍ୟାସ 'ମାମୁଁ' ଓ ପ୍ରାୟଶ୍ଚିତ୍ତ । ମନୋବୃତ୍ତି ବୈଚିତ୍ର୍ୟ ଦୃଷ୍ଟିରୁ ଏହି ଦୁଇ ଉପନ୍ୟାସରେ ପ୍ରତିଫଳିତ । ବଙ୍ଗୀୟ ନବଜାଗରଣ ସୃଷ୍ଟ ଶିକ୍ଷିତଙ୍କ ଧନଲୋଭ ଓ ଦୁର୍ନୀତିରେ ଭଣ୍ଡ ଶିକ୍ଷିତଙ୍କର ମିଥ୍ୟା ଆଦର୍ଶବାଦିତା ଓ ଅବାସ୍ତବ କଳ୍ପନା ପ୍ରକଟିତ । ଏହି ଦୁଇ ଉପନ୍ୟାସର ଘଟଣାର ପୃଷ୍ଠଭୂମିରେ ବହୁକାଂଶ ସଂଯୋଜିତ ହୋଇଛି କଟକରେ, ଅଥବା ଗ୍ରାମ ଓ ସହରର ସମନ୍ୱିତ ଭୂମିକାକୁ ନେଇ ଧାର୍ମିକ ନ ହୋଇପାରନ୍ତି । ତୃତୀୟର 'ଛ'ମାଣ ଆଠଗୁଣ୍ଠ' ସହିତ ମାମୁଁର ମୂଳ ସାମଞ୍ଜସ୍ୟ ଲକ୍ଷିତ । ରାମଚନ୍ଦ୍ର ମଙ୍ଗରାଜ ଓ ମାମୁଁ ନଟବର ଦାସ ଦୁହେଁ ସମ୍ପଦର ଦୁର୍ବାର ଲାଳସାରେ ଲୁବ୍ଧ । ମଙ୍ଗରାଜ ଏବଂ ଚମ୍ପା ନାଗର ଏହି ଚରିତ୍ର ଅବତାର ପାଇଛି । ମାମୁଁର ଚରିତ୍ରସମୂହଙ୍କ ଉପାଦାନର 'ଛ'ମାଣ ଆଠଗୁଣ୍ଠ'ର ବାସ୍ତବ ଜୀବନ ଛାୟା ପଡ଼ିଅଛି । ମଙ୍ଗରାଜଙ୍କ ଶିକାର ଭଗିଆ, ନାଜରଙ୍କ ସୁଜ୍ଞ । କିନ୍ତୁ ଚରିତ୍ର ସୃଷ୍ଟିରେ ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ଥିଲେ ମଧ୍ୟ ଶଠତା, ଅମାନୁଷିକତା, ନିଷ୍ଠୁରତା ଆଦି ଗୁଣରେ ଉଭୟଙ୍କର ପ୍ରତି ପାଠକଙ୍କ ମନ ସମ୍ପୂର୍ଣ୍ଣ ପରିମାଣରେ ଏକଭାବରେ ଆକୃଷ୍ଟ ହୁଏ । ଭଗିଆ ସାରିଆର ଅଭିନ୍ନ ଲୁହ ଚୋପି ଅଶ୍ରୁ ଝରାଇବାକୁ ନେଇଯାଉଥିଲେ ମାଆନ୍ତାଣୀଙ୍କ ସହାନୁଭୂତିର ଶୀତ ସ୍ପର୍ଶ କାଳି କଣ ପାଇନାହିଁ । ଏହା ବ୍ୟତୀତ ଚମ୍ପା, ସୁନିଆ, ଓଳିଆ, ବଉଳିଆଙ୍କ ଚରିତ୍ରର ଆଚରଣରେ ସବୁଠି ସାଦୃଶ୍ୟ ଲକ୍ଷିତ । ସବୁଜାତୀୟ ଚରିତ୍ରମାନଙ୍କର ସାଦୃଶ୍ୟ ମଙ୍ଗରାଜ ଓ ନଟବରଙ୍କ ଅନୁଚର ଓ ଅନୁଗତ କର୍ମଚାରୀ ପ୍ରାୟ ସମାନ । ମାମୁଁ ଟିକିଏ ଅସମ୍ପୂର୍ଣ୍ଣ ପରି ବୋଧ ହୁଏ । (ଓଡ଼ିଆ ଭାଷା ଓ ସାହିତ୍ୟ ଡ଼ଃ. ମାୟାଧର ଦାସ ପୃ. ୧୬୫) କେତେଗୁଡ଼ିଏ ଛୋଟ ଘଟଣାର ପ୍ରଭାବର ଆଚ୍ଛାଦନ ତଳେ ମାମୁଁ ଉପନ୍ୟାସର ଶରୀରରେ ଅପୂର୍ଣ୍ଣତାର ଛାୟା ପଡ଼ିଛି । ଲେଖକଙ୍କ ସ୍ୱୀକାରୋକ୍ତି ସୂଚିତ—"ମାମୁଁ ଖଣ୍ଡ ଅସମ୍ପୂର୍ଣ୍ଣ ଭାବରେ ଲେଖା ହୋଇଛି । ସମ୍ପୂର୍ଣ୍ଣ ଭାବରେ ଲେଖା ହୋଇଥିଲେ ଉପାଦାନ ପାଞ୍ଚଗୁଣ ଅଧିକ ଲାଗିଥାନ୍ତା । ବାସ୍ତବ ଲେଖକ ଅନେକ ଅଂଶ ଛେଦିଦେଇ ବାଣ୍ଟି ଦେଇଛନ୍ତି,

ସୁତରାଂ ଅନେକ ଦାର୍ଶନିକ ମାର୍ଜିତା ତାଙ୍କ ସୃଷ୍ଟିରେ ନାହିଁ ।" (ଫକୀର ମୋହନ ସମୀକ୍ଷା-ସ୍ମରଣିକା, ସମ୍ପାଦକ ପୃ: ୨୩୨)

ବସ୍ତୁତଃ ମାମୁଁ ଉପନ୍ୟାସଟି ଚରିତ୍ରକଳ୍ପନା ମହାକାବ୍ୟିକ । ବସ୍ତୁ ଚୟନ ସମାଜର । ଏହାରି ପର୍ଯ୍ୟାୟ ବାସ୍ତବତା ଓ ଦୀର୍ଘ କାଳର ଗତି, ଚରିତ୍ରର ଶିଳ୍ପକଳାତା ଓ ବ୍ୟାପ୍ତି । ତତ୍କାଳୀନ ଓଡ଼ିଶାର ସର୍ବାଙ୍ଗୀଣ, ନାଗରିକ ଓ ଗ୍ରାମୀଣ ଜୀବନର ସଂଘର୍ଷ ମଧ୍ୟରେ ସମଗ୍ର ମହାକାବ୍ୟିକ ପ୍ରଭାବ ସୃଷ୍ଟିରେ ଉଜ୍ଜ୍ୱଳ ହିଁ ରହିଛି । ସେଠାରେ ହିଁ ମାମୁଁର ସାର୍ଥକତା । ଭାବ ଭୂମିରେ ଏକ ମହାକାବ୍ୟର ବ୍ୟାପ୍ତି ଦେବାପାଇଁ ଲେଖକଙ୍କ ମାମୁଁର ଶ୍ରେଷ୍ଠତ୍ୱର ଅନ୍ୟ ଏକ ଲକ୍ଷ୍ୟ ।

ଏକ ଦିଗରେ ଆଭିଜାତ୍ୟ, କୌଳିନ୍ୟ ଓ ଉଦାରତା ଅନ୍ୟ ଦିଗରେ ଧନ ଲୋଭ ଓ ଅହଙ୍କାର ଓ କୃପଣତା । ଏକ ଦିଗର ଈର୍ଷା ଓ ଅନ୍ୟଦିଗର ଉଦାର ମାନବିକତାର ସମନ୍ୱୟରେ ମାମୁଁ ଉପନ୍ୟାସ ଗରୀୟସୀ ହୋଇଛି ।

ପ୍ରାୟଶ୍ଚିତ୍ତ ଫକୀର ମୋହନଙ୍କ ଶେଷ ଉପନ୍ୟାସ । ପୂର୍ବେ କରଣ ଆଭିଜାତ୍ୟ ଧର୍ମ ଓ ଜମିଦାରର ରୂପକ ଚାରିତ୍ରିକ ଉଦାରତା ଓ ଆତ୍ମାଭିମାନ ସହିତ ସୁସଂସ୍ଥ ଚରିତ୍ର ଉପନ୍ୟାସଟିକୁ ସ୍ୱତନ୍ତ୍ର ଆଦର୍ଶର ମାନଦଣ୍ଡ କରିଅଛି । ଏଥିରେ ଲେଖକଙ୍କ ଶେଷ ବୟସର ଅନୁଭୂତି ଓ ବାସ୍ତବ ଭାବମୂର୍ତ୍ତିର ଉଜ୍ଜ୍ୱଳ ଏକ ଉପନ୍ୟାସିକର ମାନସିକ ସେହି ଶାନ୍ତିର ସମାହିତ ଭାବ— all passions spent, ଭାବ ପ୍ରକାଶ ପାଇଛି । ଉପନ୍ୟାସଟି ବିଶେଷ ପ୍ରାୟଶ୍ଚିତ୍ତ ସମାଜ ସଂସ୍କାର ଓ ଧାର୍ମିକ ଚରିତ୍ର ସୁଗଠିତ । ଏଥିରେ ନବୀନଚନ୍ଦ୍ର, ସୁଲତା ଓ ବଳଦେବ—ଏହି ତିନୋଟି ଚରିତ୍ର ଶିକ୍ଷିତ ଯୁବକ । ଜମିଦାର ବଳଦେବ ନବୀନଚନ୍ଦ୍ରଙ୍କ ସଙ୍ଗରେ ଲଢ଼ି କରିବାକୁ, ନବୀନଚନ୍ଦ୍ରଙ୍କ ଜୀବନକୁ ବିକଶିତ କରିବାରେ ସଫଳତା ଦେଖାଇ ବିଶେଷ ସହାୟକ ହୋଇଛନ୍ତି । ସୁଶିକ୍ଷିତ, ସୁଚତୁର, ସମର୍ଥ ନବୀନ ସଫଳତା ସାମାଜିକ ଜୀବନକୁ ଉଜ୍ଜ୍ୱଳ କରିଛନ୍ତି; ଏହି ଜମିଦାରର ମର୍ଯ୍ୟାଦା ରକ୍ଷାକରିଛନ୍ତି । ସୁଲତା ଏଠି ଚରିତ୍ରଙ୍କର ଉଦାର ପୂର୍ଣ୍ଣମାତ୍ରାରେ

ଫକୀରମୋହନ ଊନବିଂଶ ଶତାବ୍ଦୀର ବାସ୍ତବବାଦୀ ଔପନ୍ୟାସିକ ଧାରାର ପ୍ରବର୍ତ୍ତକ । କେବଳ ପ୍ରାୟଶ୍ଚିତ୍ତ ହିଁ ତାଙ୍କର ଏକ ଭାବପ୍ରଧାନ ଉପନ୍ୟାସ । ଏହାର ସ୍ୱାଦ ମଧ୍ୟ "ମାମୁଁ" ଓ "ଲଛମା"ଠାରୁ ଭିନ୍ନ । ଲଛମା ଓ ମାମୁଁର ଚରିତ୍ର ଗଠନ କୁଶଳତା, ହାସ୍ୟରସର ଉତ୍ସ ଭବ ପ୍ରାୟଶ୍ଚିତ୍ତରେ ନାହିଁ । କିନ୍ତୁ ଧର୍ମୀୟ ଚେତନା ଓ ଦାର୍ଶନିକ ସୁଲଭ ଆଧ୍ୟାତ୍ମିକ ଭାବଚେତନା ପ୍ରାୟଶ୍ଚିତ୍ତର ବୈଶିଷ୍ଟ୍ୟ । ଫକୀରମୋହନଙ୍କ ବ୍ୟଙ୍ଗ ମିଶ୍ରିତ ରସିକତାର ଶୈଳୀ ମଧ୍ୟ ପ୍ରାୟଶ୍ଚିତ୍ତରେ ବହୁ ସମୟରେ ମ୍ଳାନ ହୋଇ ଆସିଛି । ଶେଷପର୍ଯ୍ୟାୟର ଅଧ୍ୟାୟଗୁଡ଼ିକ ଉପଦେଶ ଆଂଶିକରେ ଲକ୍ଷଣାକ୍ରାନ୍ତ । ଗୋବିନ୍ଦଚନ୍ଦ୍ରଙ୍କ ହସ୍‌ପିଟାଲରୁ ଫେରାପରର ପରବର୍ତ୍ତୀ ଘଟଣାର ବର୍ଣ୍ଣନା ମଧ୍ୟରେ ସନ୍ନ୍ୟାସ ଓ ପାରମାର୍ଥିକତା ହିଁ ପ୍ରଧାନ ସ୍ଥାନ ଲାଭ କରିଛି । ଏରିକ ଡାକ୍ତର ଦୃଷ୍ଟାନ୍ତ ଓ ଗୋବିନ୍ଦଚନ୍ଦ୍ରଙ୍କ ସଂଳାପ ମଧ୍ୟରେ ଏଥିପାଇଁ ପରିବେଶ ସୃଷ୍ଟି କରାଯାଇଛି । ଅନ୍ତତଃ ଉପନ୍ୟାସର ନାୟକମାନଙ୍କୁ ସମ୍ପଦ ଓ ଭୋଗ ବୃତ୍ତିରୁ ନିବୃତ୍ତ କରି ବୈରାଗ୍ୟ ଆଡ଼କୁ ନେଇଯାଇଛି ।

ଫକୀରମୋହନ ଓଡ଼ିଆ ଜୀବନର ସାର୍ଥକ ଶିଳ୍ପକାର । ସମାଜ ସଂସ୍କାର, ସାମାଜିକ ସମସ୍ୟାର ଅବତାରଣା କରିବା ସଙ୍ଗେ ସଙ୍ଗେ ତାର ସମାଧାନର ଇଙ୍ଗିତ ମଧ୍ୟ ସେ ସ୍ୱୟଂ ପରିବର୍ତ୍ତନ ମଧ୍ୟରେ ଦେଖାଇଛନ୍ତି । ଫକୀରମୋହନଙ୍କ ବହୁ କ୍ଷୁଦ୍ର ଲୌକିକ କଥାବସ୍ତୁକୁ ସାହିତ୍ୟିକ ରମଣୀୟତା ଦାନ । ଚରିତ୍ର ଓ ପରିବେଶକୁ ବାସ୍ତବତାର ସ୍ପର୍ଶ ଦେଇ ପ୍ରକାଶ କରିବାରେ ତାଙ୍କର ଭାଷା ଶୈଳୀ ଏକ ବଡ଼ ସାଧନ । ଫକୀରମୋହନଙ୍କ ମାନବିକତା ନିପୀଡ଼ିତ ମାନବ ସମାଜପ୍ରତି ତାଙ୍କର ମର୍ମସ୍ପର୍ଶୀ ସମବେଦନା-ଶୀଳତା ମଧ୍ୟରେ ପ୍ରକାଶିତ । ତଥାପି ଫକୀରମୋହନ ବିଂଶ ଶତକର ସମସ୍ୟା ଜର୍ଜରିତ ସମାଜର ମର୍ମଭେଦ ପାଇଁ ସାର୍ଥକ ଶିଳ୍ପ ସୃଷ୍ଟି କରିପାରି ନାହାଁନ୍ତି । ବିଂଶ ଶତକର ଉପନ୍ୟାସ ବସ୍ତୁଧର୍ମୀ ନ ହୋଇ ଇଙ୍ଗିତଧର୍ମୀ ଓ ଭାବଧର୍ମୀ ହେବାହିଁ ଅଧିକ ବାଞ୍ଛନୀୟ । କିନ୍ତୁ ଫକୀରମୋହନ ତାହା କରି ପାରି ନଥିଲେ । ଆଧୁନିକ ନାଟକ ଯେପରି ଅଭିନେତା ଓ ଦର୍ଶକ ମଧ୍ୟରେ ସମନ୍ୱୟ ଆଣିବାରେ ପ୍ରୟାସୀ ଉପନ୍ୟାସର ନାୟକ ଓ ପାଠକ ସେହିପରି ସମଦର୍ଶୀତାରେ ଉପସ୍ଥାପିତ । ଲେଖକ ବାରମ୍ବାର ଆତ୍ମପ୍ରକାଶ କରି କାହାଣୀ ଓ ବର୍ଣ୍ଣନାରେ ଛେଦ ଘଟାଇବା ମଧ୍ୟ ଅବାଞ୍ଛନୀୟ ।

ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠରୁ ପ୍ରାୟଶ୍ଚିତ୍ତରେ ଲକ୍ଷ୍ୟକଲେ ମନେହୁଏ ଫକୀରମୋହନ ପ୍ରାୟ ଏ ପଥ ଛାଡ଼ି ଆସୁଥିଲେ । ମାତ୍ର ଆଧୁନିକ ସମାଜରେ ଆଧୁନିକଜୀବନର ଆଶା ଆକାଂକ୍ଷାକୁ ରୂପ ଦେବା ପାଇଁ ପ୍ରାୟଶ୍ଚିତ୍ତ ଫକୀର ମୋହନଙ୍କ ଶେଷ ପ୍ରୟାସ । ଏ ପ୍ରୟାସ ଚରିତ୍ର ଦିଗରେ ଅଧିକ ଅଗ୍ରସର ହୋଇ ପାରି ନଥିଲା ।

୪

ନୂଆ ରୀତିର ଉପନ୍ୟାସ ରଚନା ପାଇଁ ଫକୀରମୋହନଙ୍କ ଜୀବିତ କାଳରେହିଁ ପ୍ରୟାସ ଆରମ୍ଭ ହୋଇଥିଲା । ଗୋପାଳବଲ୍ଲଭ ଦାସ (୧୮୭୦-୧୯୧୪) ଓ ନନ୍ଦକିଶୋର ବଳ (୧୮୭୫-୧୯୨୮)ଙ୍କ ନାମ ଏକ୍ଷେତ୍ରରେ ସ୍ମରଣୀୟ । କିନ୍ତୁ ଏମାନେ ସମସ୍ତେ ସାମୟିକ ଲେଖକ । ଏମାନଙ୍କ ଲେଖାରେ କୌଣସି ଧାରାବାହିକତା ଓ ଗତି ଲକ୍ଷିତ ହୁଏ ନାହିଁ । ନନ୍ଦକିଶୋରଙ୍କ କନକଲତାର ପ୍ରଥମାଂଶ ଉତ୍କଳ ସାହିତ୍ୟ ପତ୍ରିକାରେ ହିଁ ପ୍ରକାଶିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଭାବରେ ଫକୀରମୋହନଙ୍କ ନିକଟ ସାହଚର୍ଯ୍ୟରେ ଅବସ୍ଥାନ କାଳରେ ହିଁ ନନ୍ଦକିଶୋର କନକଲତା ରଚନା ଆରମ୍ଭକରିଥିଲେ । ଫକୀରମୋହନଙ୍କ ପ୍ରଭାବମୁକ୍ତ ଏକ ନୂତନ ଭାଷା ଶୈଳୀ ଓ ଆଙ୍ଗିକର ଚେଷ୍ଟା ଏଥିରେ ସୁସ୍ପଷ୍ଟ । ହରିପୁରର ବନ୍ଧୁଧର ହରିଚନ୍ଦନଙ୍କ ବାଡ଼ି ଓ ଘାଟରେ ଗୋଟିଏ ସକାଳର ଚିତ୍ର ଦେବାକୁ ଯାଇ ନନ୍ଦକିଶୋର ହିଁ କେବଳ ଲେଖି ପାରନ୍ତି "ଏକ ଗଦ୍ୟ ଅନ୍ୟଟି ରସମୟୀ କବିତା, ଏକ କର୍ମ ଅନ୍ୟଟି ପ୍ରୀତି, ଏକ ଉନ୍ନତ ପର୍ବତ ଅନ୍ୟଟି କଳନାଦିନୀ ତରଙ୍ଗିଣୀ" (ନ.ଗ୍ର. ପୃ ୮୪୯) କିନ୍ତୁ ଏହି ବର୍ଣ୍ଣନାପରେ ପାଠକ ଅବଧାନଙ୍କ ଦୃଷ୍ଟିର ଉଲ୍ଲେଖ ଦ୍ୱାରା ସଚେତନଭାବରେ ନନ୍ଦକିଶୋର ଆମକୁ ଫକୀରମୋହନଙ୍କ ଭିଟିକୁ ଫେରାଇ ନେଇଛନ୍ତି । ପୁଣି ନାୟିକାର ନାମକୁ ନେଇ ଉପନ୍ୟାସର ନାମକରଣ ସ୍ୱତ ମଧ୍ୟ ସୌଦାମିନୀ ଓ ଦ୍ରୁମମାଳୀ ଯୁଗକୁ ସ୍ମରଣ କରାଇ ଦିଏ । ତଥାପି ଔପନ୍ୟାସିକ ଆଧୁନିକ ଜୀବନର ସମସ୍ୟାପ୍ରତି ସଚେତନ । ନବଯୁଗର ତରୁଣ ତରୁଣୀଙ୍କ ମର୍ମବାଣୀ ଉଦାର କଣ୍ଠରେ ଉପନ୍ୟାସଟିରେ ଉଚ୍ଚାରିତ । ଉପନ୍ୟାସଟି ପୂର୍ଣ୍ଣାଙ୍ଗ ଅବୟବ ଧାରଣକରି ପ୍ରକାଶିତ

ହୋଇଥିଲା ୧୯୨୫ ଖ୍ରୀଷ୍ଟାବ୍ଦରେ । ସବୁଜ ଯୁଗର ଅଭ୍ୟୁଦୟ କାଳରେ । ଉପନ୍ୟାସମାନ କେତେ · ଶ୍ରୀଯୁକ୍ତ ଅନ୍ନଦାଶଂକର ରାୟ ଓ ଶ୍ରୀଯୁକ୍ତ କାଳନ୍ଦୀ-ଚରଣ ପାଣିଗ୍ରାହୀ ଏହାକୁ ଉଚ୍ଚସ୍ଥାନ ଦେଇ ସମାଲୋଚନା କରିବାକଥା ନନ୍ଦକିଶୋର ନିଜେହିଁ ସ୍ୱୀକାର କରିଯାଇଛନ୍ତି ।

(କନକ ଲତା ୬।୧୦।୧୯୨୫ ନନ୍ଦକିଶୋର ଗ୍ରନ୍ଥାବଳୀ)

କନକଲତାର କାହାଣୀ ଅତି ସରଳ । ରାଜେନ୍ଦ୍ର ଓ କନକଲତା ହରିଚନ୍ଦନ ବଂଶର ଗୋଟିଏ ବୃନ୍ତରେ ଫୁଟିଥିବା ଦୁଇଟି ପ୍ରସୂନ । ରାଜେନ୍ଦ୍ର ଏଇ ଉପନ୍ୟାସଟିର ନାୟକ ଓ ତାର ଭଗିନୀ କନକଲତା ନାୟିକା । କନକଲତା ନିଜ ଇଚ୍ଛାରେ ସ୍ୱାଧୀନ ହୋଇ ନାହିଁ । କାରଣ ତାର ଆଧୁନିକ ବ୍ୟକ୍ତିତ୍ୱ ନାହିଁ । କିନ୍ତୁ ରାଜେନ୍ଦ୍ର ଶିକ୍ଷିତ ଆଧୁନିକ । ସେ ନିଜ ଇଚ୍ଛା ଶକ୍ତି ସ୍ୱବଶ ପ୍ରୟୋଗ କରିବ ବୋଲି ଭାବିଛି । ନିଜ ବନ୍ଧୁଙ୍କ ବିଧବା ଭଉଣୀ ରମାକୁ ବିବାହ କରିବବୋଲି ସ୍ଥିର କରିଛି । ମାତ୍ର ଘଟଣାକ୍ରମେ ରମା ବସନ୍ତରୋଗରେ ପ୍ରାଣତ୍ୟାଗ କରନ୍ତି ଓ ରାଜେନ୍ଦ୍ର ସନ୍ନ୍ୟାସ ଗ୍ରହଣ କରିଛନ୍ତି ! ଏହିପରି ଭାବରେ ଉପନ୍ୟାସଟିରେ ଟ୍ରାଜେଡ଼ିର କରୁଣତା ଫୁଟି ଉଠିଛି । ନନ୍ଦକିଶୋର ଜୀବନଧର୍ମୀ ଶିଳ୍ପୀ ହରିଚନ୍ଦନ ଓ ପାଇକରାୟ ପରିବାରରେ ବିବାହ ପ୍ରସଙ୍ଗରେ ତାଙ୍କର ଏଇ ଭାବଟି ସ୍ପଷ୍ଟ ହୋଇ ଉଠିଛି । ହରିଚନ୍ଦନ ପରିବାର ହର୍ଷୋ-ଲ୍ଲୋଳିତ । ପାଇକରାୟ ପରିବାର ବିଷାଦ ମଳିନ……ଏକ ଜାହ୍ନବୀର ପୁଣ୍ୟ ପୀୟୂଷ । ଅନ୍ୟଟି ଗମ୍ଭୀର ଗଭୀର କୃଷ୍ଣବର୍ଣ୍ଣ ଯମୁନା । ଏକ ସରସ ଫଳପୁଷ୍ପଶୋଭୀ ସୁରମ୍ୟ ଉଦ୍ୟାନ ଅନ୍ୟଟି ଶୁଷ୍କ ମରୁମୟ ପ୍ରଦେଶ । କେବଳ ଧନଞ୍ଜୟ ଓ ରମା ସେଥିରେ ଓଏସିସ୍ ।" (ନ. ଗ୍ର. ପୃ ୮୮୧) ସମସାମୟିକ ସମାଜର ଅର୍ଥଲୋଭ, କୁସଂସ୍କାର, ଭ୍ରଷ୍ଟାଚାର ସମ୍ପର୍କରେ ପ୍ରତ୍ୟୁତ୍ପନ୍ନ ତରୁଣ ପ୍ରାଣର ଗଭୀର ମୁଖର ବାଣୀ କନକଲତାରେ ନନ୍ଦକିଶୋର ରୂପଦେଇଛନ୍ତି । ଇଂରେଜୀରେ ଯାହାକିଛି ସାଧ୍ୟ ଓ ସୁନ୍ଦର ତାହା ଗ୍ରହଣ କରିବାକୁ ନନ୍ଦକିଶୋର ସଦା ଉନ୍ମୁଖ । ନନ୍ଦକିଶୋରଙ୍କ ଶବ୍ଦରେ 'ପ୍ରାଚୀନକୁ ନବୀନ ସାହସରେ ସମ୍ବର୍ଦ୍ଧନା କରୁଅଛି' । କଠୋର କର୍ତ୍ତବ୍ୟ ଓ ପୁଣ୍ୟ ପାରିବାରିକ ଆନନ୍ଦ, ସଂଯମ ଓ ନିର୍ଦ୍ଦୋଷ ଆମୋଦ, କର୍ମ ଓ ଭକ୍ତି, ବୈରାଗ୍ୟ ଓ ଭୋଗ ଚରିତ୍ରର ମଧୁ ମର୍ଦ୍ଦନ କରୁଅଛି ।

(ନ: ଗ୍ର: ପୃ. ୯୦୩) । ନନ୍ଦକିଶୋରଙ୍କ ଶିଳ୍ପସୃଷ୍ଟିର ଏହାର ପରିସର ବହୁ ବ୍ୟାପକ । ଏକ ସ୍ତରରେ ଅତି ସାଧାରଣ ଶ୍ରେଣୀର ଭାବ ଓ ବେଦନାର ରସ; ଲୋକ ମୁଖର ଭାଷା, ଗୀତପଦ, ଯୋଗୀ ଭିକାରୀଙ୍କ ଗୀତଠାରୁ ଆଧୁନିକ ଜୀବନ ଓ ସମାଜର ମଉଳ ସମସ୍ୟା, ବୈଜ୍ଞାନିକ ତଥ୍ୟ ଓ ଦାର୍ଶନିକର ସତ୍ୟଦୃଷ୍ଟି ନନ୍ଦକିଶୋରଙ୍କ ଶିଳ୍ପମାନଙ୍କୁ ଆଶ୍ରୟ କରିଅଛି । ନନ୍ଦକିଶୋର ଅତି ସେତେକ ହୃଦୟହାରୀ କାହାଣୀଟିଏ ରଚନା କରିବାକୁ ବସିନାହାନ୍ତି । କାହାଣୀ ଓ ଘଟଣାର ଅନ୍ତରାଳରେ ନିଜ ଅନ୍ତରର ଭାବାବେଗ ସଜ୍ଜିତ ସ୍ୱଗତୋକ୍ତି ରଚନା କରିଛନ୍ତି । କଥକତା ସହିତ ଦେହର ସୂକ୍ଷ୍ମ ସମ୍ବନ୍ଧ ଲକ୍ଷିତ ହବାରେ ତାଙ୍କି ଦୋହାଇଥାଇଅଛି । ପ୍ରକୃତିର ବାହ୍ୟ ସୌନ୍ଦର୍ଯ୍ୟ ଦେଖିବାରେ ନନ୍ଦକିଶୋର ବସ୍ତୁସମ୍ମୁଖରେ ତାହାର ଅନ୍ତଃ-ସୌନ୍ଦର୍ଯ୍ୟ ଉଦ୍‌ଘାଟନ ପାଇଁ ଉତ୍ସୁକ । ଏଥିପାଇଁ ଶାଶ୍ୱତ ଅଭିଜ୍ଞତା ପ୍ରସୂତ ଆର୍ଶିବାଣୀଠାରୁ ସ୍ୱଦେଶ ଓ ବିଦେଶର ଶ୍ରେଷ୍ଠ ସାହିତ୍ୟିକଙ୍କ କୃତିରେ ମଧ୍ୟ ଆଶ୍ରୟ ନେଇଛନ୍ତି ! ତାଙ୍କର ବାସ୍ତବ ପ୍ରତି ଏହାହିଁ ଶେଷ ଆହ୍ୱାନ—"ଯାଅ ସନ୍ନ୍ୟାସୀ ଯାଅ ଦେଶ ଦେଖ ଓ ଧନ୍ୟ ହୁଅ ଏବଂ ପୃଥିବୀ ସ୍ୱର୍ଗରେ ପରିଣତ ହେଉ । ଜନକ ଓ ରାଜେନ୍ଦ୍ର··ଏକ କାଳରେ ଦୁଇଟି ସୂର୍ଯ୍ୟ ପ୍ରତିଷ୍ଠିତ ହୋଇଥିଲେ । ଉଭୟେ ବିଶ୍ୱପିତାଙ୍କ ଶ୍ରୀଚରଣରେ ଶୋଭା ପାଉଛନ୍ତି ।" (ନ: ଗ୍ର: ପୃ:-୯୩୮) ଏହି ସ୍ତରରେ ନନ୍ଦକିଶୋର ନିଜର ସାମାଜିକ ବାସ୍ତବ ଦୃଷ୍ଟିକୁ ଏକ ଆଧ୍ୟାତ୍ମିକ ଭାବଚେତନାରେ ପରିଣତ କରାଇଛନ୍ତି । ଔପନ୍ୟାସିକ ନନ୍ଦକିଶୋରଙ୍କ ପ୍ରଥମସୃଷ୍ଟି କଣକଲତା । ଏହାହିଁ ତାଙ୍କର ଶେଷ ସୃଷ୍ଟି । ତେଣୁ ତାଙ୍କଠାରେ ପରିଣତ କଳାଦୃଷ୍ଟି ଫୁଟିନାହିଁ । ବହୁ କୌଣସି ଚରିତ୍ର ଅବତାରଣା, ଅବାନ୍ତର ବର୍ଣ୍ଣନା, ଅତି ଦାର୍ଶନିକ ଦୃଷ୍ଟିଭଙ୍ଗୀ, ନୀତିବୋଧ ବର୍ଣ୍ଣନା ମଧ୍ୟରେ ଲେଖକଙ୍କ ଆତ୍ମପ୍ରକାଶ ଓ ବ୍ୟାଖ୍ୟାନ ପ୍ରବଣତା ଉପନ୍ୟାସଟିକୁ ସୌଷ୍ଠବ ମଣ୍ଡିତ କରିପାରି ନାହିଁ ।

ଚନ୍ଦ୍ରମଣି ମହାନ୍ତି (୧୮୭୬-୧୯୪୦) ସର୍ବ ବ୍ୟବଧାନରେ ପାଞ୍ଚଟି ଉପନ୍ୟାସ ରଚନା କରିଛନ୍ତି । ଭ୍ରାତୃଦ୍ରୋହ, ସ୍ୱର୍ଗର ମଠ, ଢଙ୍କା ଗଡ଼, କୁଳାଙ୍ଗାର ଓ ବିଧବା । ଏହିସବୁ ଉପନ୍ୟାସର ବିଷୟବସ୍ତୁ ସାମାଜିକ ଓ ପାରିବାରିକ । କଥାବସ୍ତୁରେ, ଘଟଣାର ପରିବେଷଣରେ

ମଧ୍ୟ ଫକୀର ମୋହନଙ୍କ ଗ୍ରନ୍ଥ ଚିନ୍ତାମଣି ଗ୍ରହଣ କରିଛନ୍ତି । ଏତଦ୍‌ଭିନ୍ନ ଫକୀରମୋହନଙ୍କ ଷ୍ଟାଇଲର ଅନୁକରଣ ପର୍ଯ୍ୟନ୍ତ "ମର୍କଟ ବଦନା ରାମା ସ୍ଥୂଳାକର୍ଣ୍ଣୀ ଶୀର୍ଣ୍ଣ ଶ୍ୟାମା ଚକ୍ଷୁର ଗ୍ରନ୍ଥିରେ ଭଙ୍ଗ ଦେଖିଲେ ମନ୍ଥର ।" ଭଳି ପଂକ୍ତିରେ ଦେଖାଯାଇଥାଏ । କିନ୍ତୁ ଏଥିରେ ଫକୀର ମୋହନଙ୍କର ସରସତା ଓ ରସସୃଷ୍ଟି ମିଳିବା ଦୁର୍ଲଭ । ଚିନ୍ତାମଣିଙ୍କର ଗଦ୍ୟ ଅତ୍ୟନ୍ତ ସରଳ ଓ ଏକପ୍ରକାର ବୈଶିଷ୍ଟ୍ୟ ସମ୍ପନ୍ନ । ଅନର୍ଗଳ କଥକତା, ବାକ୍‌ପଲ୍ଲବନ, ଅବାନ୍ତର ସମ୍ବୋଧନ ମଧ୍ୟରେ ଚିନ୍ତାମଣିଙ୍କ ଉପନ୍ୟାସ ଗୁଡ଼ିକର ସାର୍ଥକତା ସୁଦୂର ପରାହତ ହୋଇଛି । ତଥାପି ଅନେକ ସ୍ଥଳରେ ଐତିହାସିକ ଭାବେ ଚିନ୍ତାମଣି ଅଭିନନ୍ଦିତ ହୋଇଥିଲେ । ତାଙ୍କର କୋଣସ୍ତ୍ରା ଉପନ୍ୟାସଟି ସବୁଜ ସାହିତ୍ୟ ସମିତି ଦ୍ୱାରା ପ୍ରକାଶିତ ହୋଇଥିଲା । ଏହାର ନାୟକ ସନାତନ କୋବାର, ଗୋଚେଲା ଓ କୋଣସ୍ତ୍ରା ପକ୍ଷରେ କନ୍ୟାଗ୍ରହଣ କରି ପିତାଙ୍କ ସମସ୍ତ ଆଶଙ୍କା ଦୂରକରି ବିଦ୍ୟାନିପୁଣତା ଓ ଦେଶ ସେବାରେ ଖ୍ୟାତି ଅର୍ଜ୍ଜନ କରିଛି । ମାତ୍ର ବିବାହବନ୍ଧନରେ ବାନ୍ଧିହୋଇ କେବଳ ନିଜର ପରିବାରର ଗୃହକୋଣ ମଧ୍ୟରେ ନିଜକୁ ଆବଦ୍ଧ ନକରି ହୋଇଛି ତ୍ୟାଗୀ, ଦେଶପ୍ରେମୀ, ଆଦର୍ଶ ଧାର୍ମିକପୁରୁଷ । ଉପନ୍ୟାସଟିରେ ଦୁଇଟି ଦୃଶ୍ୟରୁ ପ୍ରଥମଟିରେ ବଂଶୀଙ୍କ ପରିବାର ଓ ଦ୍ୱିତୀୟଟିରେ ତାଙ୍କ ପୁତ୍ର ସନାତନଙ୍କ ବୈଚିତ୍ର୍ୟ ମଧ୍ୟରେ ଜୀବନର ପରିପୂର୍ଣ୍ଣ ରୂପ ଦେବାପାଇଁ ଲେଖକଙ୍କ ଉଦ୍ୟମ ଶ୍ଲାଘ୍ୟ ଓ ସୁନ୍ଦର । ଐତିହାସିକ ମାନବପ୍ରୀତି, ଦେଶପ୍ରୀତି ଓ ସତ୍ୟନିଷ୍ଠାର ସୁନ୍ଦର ନିଦର୍ଶନ ରହିଛନ୍ତି । ସ୍ଥାନେ ସ୍ଥାନେ ତାଙ୍କର ବର୍ଣ୍ଣନା କାବ୍ୟଧର୍ମୀ ହୋଇଅଛି । ବାସ୍ତବ ଚରିତ୍ର ଜରିଆରେ ଏକ ଆଦର୍ଶ ପ୍ରତିଷ୍ଠା ଲକ୍ଷ୍ୟରେ ସେପରିକି ତାଙ୍କର ଉପନ୍ୟାସଗୁଡ଼ିକ କଳ୍ପିତ । ଶିଳ୍ପର ସ୍ରଷ୍ଟା ପ୍ରକାଶିତ ଶୈଳୀ ମଣ୍ଡିତ ଜୀବନ ତାଙ୍କର କାମ୍ୟ । ୧୯୨୦ରୁ ୧୯୪୦ ମଧ୍ୟରେ ଚିନ୍ତାମଣିଙ୍କ ଉପନ୍ୟାସଗୁଡ଼ିକ ରଚିତ । ଉତ୍ତରସାଧକ ଚିନ୍ତାମଣି, ରାଧାନାଥ, ଫକୀରମୋହନଙ୍କ ଶୈଳୀ ଅନୁସରଣ କରି ସତ୍ୟବାଦୀ ଓ ସବୁଜ ଯୁଗ ଅତିକ୍ରମ କରି ଆଧୁନିକ କାଳର ବିକାଶ ପର୍ଯ୍ୟନ୍ତ ନିଜର କଳାସୃଷ୍ଟି କାଳର ବିପୁଳ ପ୍ରବାହରେ ଉତ୍ତୀର୍ଣ୍ଣ ରହିଥିଲେ । ଏହାହିଁ ତାଙ୍କର ବଡ଼ ସାର୍ଥକତା ।

ଫକୀରମୋହନଙ୍କ ପରବର୍ତ୍ତୀ ଯୁଗରେ ଓଡ଼ିଆ ଉପନ୍ୟାସର କ୍ରମ-ବିକାଶରେ ନୂତନ ଧାରା ଉନ୍ମୋଚନରେ ମଲ୍ଲିକଙ୍କର ଲେଖକ

ଉପେନ୍ଦ୍ର କରଣାର ଦାସ ଓ "ମଦନ ମଦନ"ର ଲେଖକ ବୈଷ୍ଣବଚରଣ ଦାସଙ୍କ ନାମ ସ୍ମରଣୀୟ । ଉପନ୍ୟାସର ଚରିତ୍ରଗୁଡ଼ିକର ଚିତ୍ରଣରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣକୁ ଏମାନେ ପ୍ରାଧାନ୍ୟ ଦେଇଛନ୍ତି । ବୈଷ୍ଣବଚରଣ ଦାସଙ୍କ "ମଦନମଦନ"ର ପ୍ରଥମାଂଶ ଉତ୍କଳ ସାହିତ୍ୟ ପତ୍ରିକାରେ ଗଳ୍ପ ଆକାରରେ ପ୍ରକାଶିତ ହୋଇଥିଲା । ଏହି ଗଳ୍ପଟିକୁ ବନ୍ଧୁମାନଙ୍କ ଅନୁରୋଧରେ ଲେଖକ ଉପନ୍ୟାସରେ ରୂପାନ୍ତରିତ କରିଥିଲେ । ଲେଖକଙ୍କ ନିଜ କଥାରେ ପ୍ରଥମରୁ ଉପନ୍ୟାସର ଧାରଣାମାତ୍ର ନଥାଇ କ୍ଷୁଦ୍ର ଗଳ୍ପକୁ ଏହିଭଳି ଭାବରେ ପରିବର୍ତ୍ତନ କରି ତାକୁ ଉପନ୍ୟାସ ନାମରେ ଅଭିହିତ କରୁଛି ବୋଲି ମୁଁ ନିଜେ କୁଣ୍ଠିତ ।" ବସ୍ତୁତରେ ଗଳ୍ପାଂଶ ଦୃଷ୍ଟିରୁ ଦେଖିଗଲେ ଏହା ଏକ କ୍ଷୁଦ୍ର ଗଳ୍ପ ମାତ୍ର ମନେହୁଏ । ଘଟଣାରେ ମଧ୍ୟ ସେପରି ବାହୁଲ୍ୟ ନାହିଁ । ମଲ୍ଲୁ ଓ କନକ ଏକା ଗାଁର । ଅତିଶୈଶବ ସଙ୍ଗୀ । କିନ୍ତୁ କନକର ବିବାହ ହୁଏ ଅନ୍ୟ ଗାଁର ନଥୁବାବୁଙ୍କ ସଙ୍ଗେ । ବାହାରେ ନଥୁବାବୁଙ୍କ ପରିବାର ସଙ୍ଗେ ମଲ୍ଲୁ ବାବୁଙ୍କ ଆତ୍ମୀୟତାର ଅଭାବ ନଥିଲା । ନଥୁବାବୁ ଓ କନକର ଉଦ୍ଦେଶ୍ୟ ଥିଲା ତାଙ୍କର ଭଉଣୀ ରଙ୍ଗୀକୁ ପାଠଶାଠ ପଢ଼ାଇ ଶିକ୍ଷିତ ମଲ୍ଲୁଙ୍କ ପାଇଁ ଉପଯୁକ୍ତ କରିବା । ଅଦ୍ଭୁତ ମଲ୍ଲୁବାବୁ ଦେଖି ଗାଁ ଛାଡ଼ି କଲିକତା ଚାଲିଯାଇଛନ୍ତି । ମଲ୍ଲୁବାବୁଙ୍କର ଅନିଚ୍ଛା କଥା ଜାଣି ରଙ୍ଗୀର ନଥୁବାବୁଙ୍କ ଦାମ୍ପତ୍ୟ ଜୀବନରେ ଘଟେ ଏକ ଅଶୁଭକ ଘଡ଼ି । କଲି-କତାରେ ଜଣେ ବର୍ଷୀ ପ୍ରେମିକ ବୁଢ଼ାଙ୍କ ସହିତ ମଲ୍ଲୁବାବୁଙ୍କର ସାକ୍ଷାତ ଘଟେ । ରଙ୍ଗୀର ମୃତ୍ୟୁ ବିକୃତି ପାଇଁ ମଲ୍ଲୁ ନିଜକୁହିଁ ଦାୟୀ କରୁଥାନ୍ତି । ବୁଢ଼ାଙ୍କର ଉପଦେଶ—'କେବଳ ଯୁବକ ପ୍ରେମ କରେ ତୁମେ ବୁଝନା । ଯଦି କେବେ ପ୍ରେମ କର ଏଇ କଥାଟି ମୋଉମନେ ରଖିଥିବ—ପ୍ରେମିକାର ଇଚ୍ଛାହିଁ ପ୍ରେମିକର ଆଇନ୍, ଶାସ୍ତ୍ର, ଧର୍ମ ।" ରଙ୍ଗୀ ହସ୍ତ ବିବାହରେ କନକର ହାତଥିଲା । କନକର ଇଚ୍ଛା ପୂର୍ଣ୍ଣ କରିବାପାଇଁ ହୃଦୟ ମଧ୍ୟରୁ କନକର ସମସ୍ତ ସ୍ମୃତିକୁ ପୋଛିଦେଇ ଓ ରଙ୍ଗୀକୁ ବିବାହ କରିବାର ଇଚ୍ଛାଦେଇ ମଲ୍ଲୁ ଫେରିଲେ । ନଥୁବାବୁଙ୍କ ମୃତ୍ୟୁ ବିଚ୍ଛେଦରେ ଅସ୍ଥିରମନା କନକ ଏଣେ କୂଅ ଭିତରେ ଡେଇଁ ପଡ଼ିଥିଲା । କୂଅରୁ ତାକୁ ଉଦ୍ଧାର କରିଲେ । ମାତ୍ର ସେ ହେଲା ଶଯ୍ୟାଶାୟୀ । ମୃତ୍ୟୁର ପୂର୍ବ ମୁହୂର୍ତ୍ତରେ ମଲ୍ଲୁ ଓ ରଙ୍ଗୀଙ୍କର ହାତକୁ ଏକାଠି କରି ସେ ଇହଲୀଳା ସାଙ୍ଗ କଲେ । ଏହାହିଁ "ମଦନ ମଦନ"ର କଥାବସ୍ତୁ ।

ବାହାରର ସାମାଜିକ ସଂପର୍କ ଅନ୍ତରର ଅନୁମୋଦନ ଲାଭ ନକଲେ ତାହା ମୂଲ୍ୟହୀନ । ସୃଷ୍ଟି ତେଜର ଆକର୍ଷଣ ମନକୁ ପ୍ରଭାବିତ କରେ । ମନର ଗଭୀର ସ୍ତରରେ ଚରିତ୍ରମାନଙ୍କର ଭାବବିକାଶର ବୈଚିତ୍ର୍ୟ ମନେମନେର ସାର୍ଥକତାର ପ୍ରଧାନ କାରଣ । ନନ୍ଦବାବୁ, କନକ ଓ ରଙ୍ଗୀ ଏହି ତିନିଜଣଙ୍କୁ ନେଇ ହୃଦୟ ଦେଆନିଆର ନିଖୁଣ ଅଙ୍କିତ । ନନ୍ଦବାବୁ ଥାଇ ନଥିଲାପରି । ସେ ଯେପରିକି ବାହାର ସମାଜର କେବଳ ପ୍ରତିନିଧି । କନକ ମୁହଁରେ ଲେଖକ ସାମାଜିକ ସଙ୍କୀର୍ଣ୍ଣତା ବିରୁଦ୍ଧରେ ପ୍ରତିବାଦ କରିଛନ୍ତି । ରଙ୍ଗୀର ମାନସିକ ବିକୃତ ପୃଷ୍ଠଭୂମିରେ କନକ ଭାବି ଭୁଲିଛି । କନକ ସେତେବେଳକୁ ରଙ୍ଗୀର ହୃଦୟ, ମନ ପରିଷ୍କାର ଭାବରେ ଦେଖି ପାରିଲଣି । ଜାଣିଲଣି ଶାଳୁଙ୍କ ପାଇଁ ତାର ଏଦଶା । ଶାଳୁଙ୍କ ପାଇଁ ଏକା ନୁହେଁ ସମାଜର ସଙ୍କୀର୍ଣ୍ଣତା ପାଇଁ ତାର ଅଧିକ ଦୁଃଖ । "ସମାଜପ୍ରତି ଆନ୍ତରିକ ଘୃଣା ସତ୍ତ୍ୱେ ନନ୍ଦବାବୁର ମନେମନେ ପାଶ୍ଚାତ୍ୟ ଶିକ୍ଷା ଏ ଦେଶକୁ ଆସିବା ପୂର୍ବରୁ ଯେଉଁ ସମାଜସଂସ୍କାର ଆସିଥାନ୍ତା—ସମାଜର ସଙ୍କୀର୍ଣ୍ଣତା ମଧ୍ୟରେ କୂପ ମଣ୍ଡୂକ ହୋଇ ରହିବାକୁ ସଙ୍ଗେ ସଙ୍ଗେ ନବୀନ ଆଲୋକ ମଧ୍ୟ ଆସିଛି ଭିତର ବାହାର ଉଦ୍ଭାସିତ କରିଦେବାଇବ । ଏଇଟା ସ୍ୱାଭାବିକ ନୁହେଁ, କି ଅସମ୍ଭବ ।" (ମନେ ମନେ ପୃ. ୧୬୯) ପାରିବାରିକ ସାମାଜିକ ପରିବେଷ୍ଟନୀ ମଧ୍ୟରେ ପ୍ରେମିକ ପ୍ରେମିକାଙ୍କ ହୃଦୟଗ୍ରନ୍ଥିର ସୂକ୍ଷ୍ମ ବିଶ୍ଳେଷଣରେ ଔପନ୍ୟାସିକ ସିଦ୍ଧହସ୍ତତା ଦେଖାଇ ନଦାନ୍ତ ଉଦାର ମାନସିକ ଆଦର୍ଶବୋଧ, ମୁକ୍ତ ହୃଦୟ ଓ ସ୍ୱାଧୀନ ବ୍ୟକ୍ତିସତ୍ତାର ବିକାଶପଥେ ପୂର୍ବଦୃଷ୍ଟିର ପରିଚୟ ଦେଇଛନ୍ତି । ମନେମନେର ବାଣୀ ସମାଜର ସକଳ ସ୍ତର ପ୍ରତି ଉଦ୍ଦିଷ୍ଟ । ତରୁଣ ଯୌବନଚର୍ଯ୍ୟା ଓ ପ୍ରେମରେ ଶାନ୍ତବୋଧକୁ ସହଜ ସ୍ୱାଧୀନ ଓ ସ୍ୱାଭାବିକ ମାର୍ଗରେ ପରିସ୍ଫୁଟିତ କରିବାପାଇଁ ଲେଖକ ଦୂରଦୃଷ୍ଟିର ପରିଚୟ ଦେଇଛନ୍ତି । ବୈଷ୍ଣବଚରଣଙ୍କ ଏଇ ଏକମାତ୍ର ସୃଷ୍ଟିରୁ ତାଙ୍କର ରଚନାଶୈଳୀର ସମବିକାଶ ନିର୍ଣ୍ଣୟ କରିବା କଠିନ । ଘଟଣା ଓ ବିଷୟ ଅନୁରୂପ । କେତେବେଳେ ସହଜ ଲୌକିକଭାଷା ଓ କେତେବେଳେ ବା କାବ୍ୟିକ ଇଙ୍ଗିତଧର୍ମୀ ଭାଷା ବ୍ୟବହାରରେ ସେ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି ।

ବିବାହ ଓ ପ୍ରେମ—ଏକଦିଗରେ ଶୃଙ୍ଖଳା ଓ ଅନ୍ୟ ଦିଗରେ ଆବେଗ, ଏକ ଦିଗରେ ବନ୍ଧନ ଅନ୍ୟଦିଗରେ ମୁକ୍ତି—ଏହି ଦ୍ୱନ୍ଦ୍ୱର

ପୃଷ୍ଠଭୂମିରେ ଉପନ୍ୟାସକାରଙ୍କର ସମସ୍ୟାକେନ୍ଦ୍ରିକ ମନସ୍ତାତ୍ତ୍ୱିକ ଉପନ୍ୟାସ ନୀଳକଣ୍ଠ ଲିଖିତ । ଏହାର ନାୟିକା ସଞ୍ଜ ପଟେନକରୁଛି ସବାସ ସେପଟେ ଗୋଟାଏ ଅମୂର୍ତ୍ତି ଦେବତା । ଏଇ ଅମୂର୍ତ୍ତି ଦେବତାଙ୍କୁ ଯେତେବେଳେ ତା'ର ଆତ୍ମା ମୁକ୍ତି ଖୋଜୁଛି; ସ୍ୱାମୀଗୃହ ତଥା ସମାଜର ବନ୍ଧନ ଏଡ଼ାଇ ସଞ୍ଜ ଯେତେବେଳେ ତାର ଏକଦା ପ୍ରଣୟ ପ୍ରାର୍ଥୀ ନାଥନନାଙ୍କ ଘରଦ୍ୱାର ସେ ଠାଏ ଖୋଜୁଛି, ସେ ବ୍ୟର୍ଥ ହୋଇଛି । ଆଗରେ ଦେଖିଛି ବଦନାମ ଏକ ଦାଗ । ସତେ ଯେପରି ସବୁ ଆବର୍ଜନାକୁ ନିଜ ପ୍ରବାହ ମଧ୍ୟକୁ ଟାଣିନେଇ ନଦୀଟି ଏକ ସାଗର ଭିତରେ ନିକ୍ଷେପ କରିବାକୁ ବ୍ୟଗ୍ର ! ନୀଳକଣ୍ଠ ଏକ ଅଭିନବ ଭଙ୍ଗୀରେ ଲେଖା ଉପନ୍ୟାସ ! ଏଠାରେ ନାୟିକା ସଞ୍ଜ ଯେପରିକି ଦୁନିଆର ସମାଜର ସମସ୍ତଙ୍କୁ ନିଜର ଜୀବନର ଅକୁହାକାହାଣୀ କହୁଛି ବସିଛି । ସମାଜ କେବଳ ବାହାର ଦେଖେ । ଅନ୍ତରାଳର ଭଣ ଘଟଣା ତାହା ଦେଖେ ନାହିଁ । ସଞ୍ଜ ତାହାହିଁ ଦେଖାଇଛି । ଗୋଟିଏ ଦିନ ସଂଧ୍ୟାରେ ନିଅଁନ ପିଲିଦିନର ପରିଚିତ ବନ୍ଧୁ ନାଥନନାଙ୍କ ସହିତ ଦେଖାହେବାବେଳେ ସେ ଘରକୁ ଫେରନ୍ତି, ସ୍ୱାମୀ ତାଙ୍କୁ ପରିତ୍ୟାଗ କରିଛନ୍ତି, କଳଙ୍କିନୀ ବୋଲି ଘୋଷଣା ହେଲା । ମାତ୍ର ସାମୀ ସହିତ ସମ୍ପ୍ରୀତି ଛିନ୍ନ ସ୍ୱାମୀଙ୍କୁ ସମାଜ କଳଙ୍କ ଦେଇନାହିଁ । ସଞ୍ଜର ପ୍ରଣୟ ତ୍ୟାଗ ଓ ଅନ୍ତର୍ଦାହର ନିସ୍ତ୍ରାଣ ! ମାତ୍ର ସଞ୍ଜ ବହ୍ନିକଣା ନୁହେଁ । ସ୍ୱାମୀଙ୍କର ହିଂସ୍ର ଲାଞ୍ଛନା ଓ ବ୍ୟଭିଚାରର ସେ ନୀରବରେ ସହ୍ୟକରିଛି । ସନ୍ଦେହ ଯୋଗୁଁ ସେ ସ୍ୱାମୀଙ୍କ ଦ୍ୱାରା ବିତାଡ଼ିତ ହୋଇ ନଥିଲେ ଓ ଆକସ୍ମିକ ଭାବରେ ତାର ପ୍ରଣୟୀ ନାଥନନାଙ୍କ ସଙ୍ଗେ ସିଦ୍ଧେଶ୍ୱର ପୁର ମେଳାରେ ତା'ର ସାକ୍ଷାତ ହୋଇ ନଥିଲେ ଉପନ୍ୟାସର କାହାଣୀ ଟେଣ୍ଟା ଶେଷକୁ ଗଡ଼ି ନଥାନ୍ତା । ଏଇ ଆକସ୍ମିକତା କାହାଣୀର ସ୍ୱାଭାବିକତାରେ ବାଧା ସୃଷ୍ଟି କରିଛି ! ସଂଯତ ବର୍ଣ୍ଣନା ପରିପାଟୀ ସରଳ ସ୍ୱଚ୍ଛନ୍ଦ ଓ ଭଷା ଗ୍ରାମୀଣ ଚରିତ୍ରର ବାସ୍ତବତା ନୀଳକଣ୍ଠ ଉପନ୍ୟାସଟିକୁ ଉତ୍ତୀର୍ଣ୍ଣ କରିଅଛି । ବ୍ୟର୍ଥ ପ୍ରଣୟର ଦୁଃଖକ ରୂପେ ନୀଳକଣ୍ଠର ଚରିତ୍ର ପାଠକ ହୃଦୟକୁ ଗଭୀର ଭାବରେ ଆନ୍ଦୋଳିତ କରେ ।

## ୭

ବିଂଶ ଶତକର ଆଦ୍ୟ ପାଦରେହିଁ ଫକୀର ମୋହନ ଓଡ଼ିଆ ଉପନ୍ୟାସକୁ ଆଧୁନିକ ରୂପ ଦେଇଥିଲେ ଓ ଉପନ୍ୟାସ ଉପଯୋଗୀ ଭାଷା ସୃଷ୍ଟି କରିଥିଲେ । ଧନୀ, ଦରିଦ୍ର, ଶୋଷକ ଶୋଷିତ ମଧ୍ୟରେ ସଂଘର୍ଷିତ ଅର୍ଥ ଦ୍ୱନ୍ଦ୍ୱକୁ ଇଙ୍ଗିତ କରିଥିଲେ । ଊନବିଂଶ ଶତାବ୍ଦୀର ଆଦର୍ଶ ଓ ଆକାଂକ୍ଷା ସେଥିରେ ମୂର୍ତ୍ତି ନେଇଥିଲା । ବିଂଶ ଶତାବ୍ଦୀର ପ୍ରଥମ ପାଦରେ ହିଁ ଆସିଲା ପ୍ରଥମ ବିଶ୍ୱଯୁଦ୍ଧ । ଯାହା ପୃଥିବୀ ଉପରେ ଏହାର ପ୍ରଭାବ ଥିଲା ଅପ୍ରତିହତ । ସେହିଁ ଦ୍ୱନ୍ଦ୍ୱ ଦେଖା ଦେଲା ନୂତନରେ, ସମାଜ ସମାଜ ଭିତରେ ତାର ମୂଳ ସୂତ୍ରକମାନେ ପଶିଥିଲେ ମନରେହିଁ ଦେଖାଦେଲେ । ଭଗ୍ନମନସ୍କତା, ବ୍ୟର୍ଥ ପ୍ରଣୟ, ଅତୃପ୍ତ ଉଚ୍ଚାକାଂକ୍ଷା ମଧ୍ୟରେ ଜର୍ଜ୍ଜରିତ ବ୍ୟକ୍ତିର ଜୀବନ ମାନସିକ ଯନ୍ତ୍ରଣାର ବଡ଼ ବାଧକ । ଏହାକୁ ଅତିକ୍ରମ କରିବା ପାଇଁ ଆଧୁନିକ ଶିକ୍ଷାର ପ୍ରସାର ଘଟିଲା । ପାଶ୍ଚାତ୍ୟ ନୂତନଶିକ୍ଷା ସମାଜ ମନକୁ ଆନ୍ଦୋଳିତ କଲା । ବ୍ୟକ୍ତିମନରେ ନୂତନ ଉଚ୍ଚାକାଂକ୍ଷା ଜାଗ୍ରତ କଲା । କିନ୍ତୁ ସମାଜର ଦ୍ରୁତ ପରିବର୍ତ୍ତନ ଘଟିଲା ନାହିଁ । ଏହି ପରି ପରିସ୍ଥିତିରେ ନୂତନ ମନସ୍ତାତ୍ତ୍ୱିକ ସମସ୍ୟାଧର୍ମୀ ଉପନ୍ୟାସର ଆବିର୍ଭାବ ଘଟିଲା । ଏକଦା ଉପନ୍ୟାସର ଲେଖକମାନେ ଥିଲେ ପ୍ରବୀଣ ଓ ବସ୍ତୁ ଅଭିଜ୍ଞତାର ପୁଷ୍ଟ ଥିଲା ସେମାନଙ୍କ ରଚନା । ନଥିଲା ଏଥିରେ ତାରୁଣ୍ୟର ସ୍ଫୂର୍ତ୍ତି ଓ ଭାବାବେଗ । ତିରିଶ ଦଶକରେ ଓଡ଼ିଆ କଥାଜଗତରେ ଏକ ନୂତନ ଦିଗ୍‌ବଳୟ ଖୋଲିଲା । ସମସ୍ତ ରୋମାଣ୍ଟିକ ଧାରା ଆରମ୍ଭ ହେଲା ଦୁଇଟି ସୀମାନ୍ତରେ । ଗୋଟିଏ ବହିର୍ମୁଖୀ, ଅନ୍ୟଟି ଅନ୍ତର୍ମୁଖୀ । ବହିର୍ମୁଖୀ ଦୃଷ୍ଟିକୋଣ ଦେଶ ଦେଶ ଜାତି ଜାତି ମଧ୍ୟରେ ସେତୁ ରଚନାର ପ୍ରୟାସ କଲା । ମାତ୍ର ସାହିତ୍ୟର ସମୃଦ୍ଧି ତାର ବ୍ୟାପ୍ତିରେ ନୁହେଁ, ତାର ଗଭୀରତାରେ । ଅନ୍ତର୍ମୁଖୀ ଦୃଷ୍ଟି ନେଇ ଲେଖକମାନେ ଆବିଷ୍କାର କଲେ ବ୍ୟକ୍ତିମନର ଅନ୍ତର୍ଗହ୍ୱର ।

ଏହି ତିରିଶ ଦଶକର ସବୁଜଗୋଷ୍ଠୀର ତରୁଣ ଲେଖକମାନଙ୍କର ସମବେତ ପ୍ରୟାସର ଫଳଶ୍ରୁତି 'ବାସନ୍ତୀ' ଉପନ୍ୟାସଟି ସ୍ମରଣୀୟ । ଉତ୍କଳ ସାହିତ୍ୟ ପତ୍ରିକାର (୨୮ଶ ଭାଗ ୨ୟ ସଂଖ୍ୟା ଠାରୁ ୩୦ଶ ଭାଗ ୮ମ ସଂଖ୍ୟା) ୧୯୨୪ ଠାରୁ ୧୯୩୦ ମଧ୍ୟରେ ଏହା ଧାରାବାହିକ

ସ୍ୱତନ୍ତ୍ର ପ୍ରକାଶ ପାଇଥିଲା । ବାସନ୍ତୀ ଉପନ୍ୟାସର କଥାବସ୍ତୁର ପରିକଳ୍ପନା ଅନ୍ନଦାଶଙ୍କର ଓ କାଳନ୍ଦୀଚରଣ କରିଥିଲେ । ଏହାର ଆତ୍ମସ୍ୱାତନ୍ତ୍ର୍ୟ ଅନ୍ନଦାଶଙ୍କରଙ୍କ ବିଜ୍ଞାନରେ ବେଶୀ ଦେଖିବାକୁ ମିଳେ । ପାଶ୍ଚାତ୍ୟ ଜଗତର ସେଲି, ଇବ୍‌ସେନ୍ ଓ ରବୀନ୍ଦ୍ର ନାଥଙ୍କ ଭାବନାଦ୍ୱାରା ଅନୁପ୍ରାଣିତ ହୋଇ ସବୁଜ ଗୋଷ୍ଠୀ ସାହିତ୍ୟ ରଚନାରେ ବ୍ରତୀ ହୋଇଥିଲେ । ଧର୍ମ ଓ ସମାଜର ସଂସ୍କାର ଆଣିବା, ସମାଜରେ ନାରୀ ଓ ପୁରୁଷଙ୍କୁ ସମାନ ସ୍ଥାନ ଦେବା ଓ ସବୁ ପ୍ରକାର ପ୍ରାଚୀନ କୁସଂସ୍କାର ଏଡ଼ାଇ ଜାତିକୁ ଏକ ନୂତନ ରୂପରେ ଗଢ଼ିବା ଏମାନଙ୍କର ଲକ୍ଷ୍ୟ ଥିଲା । ଉପନ୍ୟାସର ନାୟକ ଓ ନାୟିକା ଦେବବ୍ରତ ସବୁପ୍ରକାର ପ୍ରାଚୀନ ସଂସ୍କାରର ବିରୋଧୀ । ଜାତି ଧର୍ମ ନିର୍ବିଶେଷରେ ପ୍ରଣୟ ଓ ମୁକ୍ତ ବିବାହରେ ସ୍ୱୀକୃତି ଦେଇଛନ୍ତି । ବାସନ୍ତୀ ସହିତ ଦେବବ୍ରତର, ସୁମିତ୍ର ସହିତ ରମେଶର ବିବାହରେ ଏହି ମତ ପୋଷିତ ହୋଇଛି । ଖ୍ରୀଷ୍ଟିଆନ୍ ମହିଳା ସୁନନ୍ଦର ବିବାହ ହୋଇଛି ରମେଶ ସଙ୍ଗେ । ସୁନନ୍ଦର ପିତା କହିଛନ୍ତି "ଏ ବିବାହ କୌଣସି ସମ୍ପ୍ରଦାୟର ଧର୍ମ ମତାନୁସାରେ ହୋଇ ପାରିବ ନାହିଁ । ମୁଁ ରମେଶକୁ ଖ୍ରୀଷ୍ଟିଆନ୍ ହେବାକୁ ପ୍ରବର୍ତ୍ତାଇବି ନାହିଁ କିମ୍ବା ଖ୍ରୀଷ୍ଟିଆନ୍ ଧର୍ମ ଛାଡ଼ିବାକୁ ସୁନନ୍ଦକୁ କହିବି ନାହିଁ । ସେମାନେ ଯେମିତି ଅଛନ୍ତି ସେମିତି ଥାଆନ୍ତୁ ।" (ବାସନ୍ତୀ ୨୨ଶ ପରିଚ୍ଛେଦ) ଉପନ୍ୟାସ ନାୟିକା ବାସନ୍ତୀ ଉଚ୍ଚ ଶିକ୍ଷିତା । ଏହାଙ୍କି ଦେବବ୍ରତଙ୍କ ମାତାଙ୍କୁ ବ୍ୟଥିତ କରିଛି । ଦେବବ୍ରତ ଏକ ସ୍ଥଳରେ ଆଧୁନିକତା ଓ ଅନ୍ୟସ୍ଥଳରେ ପ୍ରାଚୀନ ସଂସ୍କାର ସହିତ ସାମଞ୍ଜସ୍ୟ ଆଣିବା ପାଇଁ ଚେଷ୍ଟା କରିଛନ୍ତି । ଦେବବ୍ରତ ପ୍ରକୃତରେ ସବୁଜ ଯୁଗର ମାନସ ସନ୍ତାନ । ବାସନ୍ତୀ ଚରିତ୍ରର ଅନ୍ୟତମ ନାୟିକା ଉର୍ମିଳା ଦେବୀଙ୍କ ଚରିତ୍ରରେ ସ୍ୱଧର୍ମ ପ୍ରତି ସମାଦର ଓ ଅଖଣ୍ଡ ଭାରତୀୟ ନାରୀସୁଲଭ ଆଦର୍ଶ ପ୍ରତିଫଳିତ ହୋଇଛି । ମଣିଷ ସମାଜ, ସଂଗଠନ, ପରିବାର ଏହି ସକଳ ସହିତ ସଂଘର୍ଷରେ ଲିପ୍ତହୋଇ ବ୍ୟକ୍ତି ମନ ଯେଉଁ ଅବସାଦ ସନ୍ତ୍ରସ୍ତ ହୁଏ ତାହାର ବାସ୍ତବତା କେହି ଅସ୍ୱୀକାର କରିପାରେ ନାହିଁ । ଜାତିର ସ୍ୱାଧୀନତା ଲାଗି ସମାଜର ସଂସ୍କାର ଲାଗି ଧନ ଦରିଦ୍ରଙ୍କ ସେବା ଓ ନାରୀ ଜାତିର ଉନ୍ନତି ବିଧାନ ଲାଗି ସମର୍ପିତ ପ୍ରାଣ ଦେବବ୍ରତ ବାସ୍ତବତାର କଠୋର ଭୂମିରେ କ୍ଳାନ୍ତ ହୋଇ ଅନୁଭବ କରିଛି—"ମୁଁ ଠକି ଯାଇଛି ଠକି ଯାଇଛି, ଗୋଟିଏ ବିଭ୍ରାନ୍ତ ଭ୍ରାନ୍ତିର ସୃଷ୍ଟି ଶାନ୍ତି, ଶୂନ୍ୟତା ମୋର

ସ୍ୱପ୍ନକୁ ଆଚ୍ଛନ୍ନ କରିରଖିଛି । ......ବାହାରେ ସମାଜ କହିଦେଉଛି ଏକଦରକଥା, ଭିତରେ ମା କହିଦେଉଛନ୍ତି କୁଳକୁ ଦୂର, ସ୍ତ୍ରୀ କହିଦେଉଛି ମନକୁ ଦୂର । କାମ କରିବାକୁ ଲଜ୍ଜା, କ'ଣ ନେଇ କାମକରିବ ? ଏଇ ଅବସ୍ଥା ମନ । ତାରୁଣ୍ୟର କଳ୍ପନା ବିନାଶ ପ୍ରାଣ ସତେଯେପରି ବାସ୍ତବ-ତାର ପ୍ରବଳ ଘୂର୍ଣ୍ଣୀଭିତରେ ଆର୍ତ୍ତନାଦ କରିଉଠିଛି । ବାସନ୍ତୀ ଉପନ୍ୟାସଟି ଆଧୁନିକ ସହରବାସୀ ଶିକ୍ଷିତ ମଧ୍ୟବିତ୍ତ ସମାଜର ଚିତ୍ରରେ ସମୃଦ୍ଧ ।

ବଳରାମ ବାବୁଙ୍କ ବିଧବା ସ୍ତ୍ରୀ ନିର୍ମଳା ଦେବୀ ନିଜର ଏକମାତ୍ର କନ୍ୟା ବାସନ୍ତୀର ଭାର କଲେଜଛାତ୍ର ଦେବବ୍ରତ ଉପରେ ଅର୍ପଣକରି ନିଶ୍ଚିନ୍ତ ହୋଇଛନ୍ତି । ନିଜ ପରିବାର ଓ ମାତାଙ୍କ ଅବସ୍ଥା ସତ୍ତ୍ୱେ ଆଦର୍ଶ-ବାଦୀ ଦେବବ୍ରତ ବାସନ୍ତୀକୁ ବିବାହ କରନ୍ତି । ଏକ ଦିଗରେ ଉଦାରତା ଓ ଆଦର୍ଶ ଅନ୍ୟଦିଗରେ ପାରମ୍ପରିକ ରୁଚିବୋଧ । ଶେଷ ପର୍ଯ୍ୟନ୍ତ ଦେବବ୍ରତ ବାସନ୍ତୀର ସ୍ୱାଧୀନତାକୁ ସହ୍ୟ କରିପାରିନାହାଁନ୍ତି । ବାସନ୍ତୀ ଆତ୍ମ-ସମର୍ପଣ କରିବା ନାରୀ ନୁହେଁ । ତେଣୁ ବାସନ୍ତୀ ଦେବବ୍ରତ ଘରୁ ବିଦାୟ ନେଇଛି । ବାସନ୍ତୀର ଭାଷା ଓ କେତେକ ଚିଠିରୁ ଦେବବ୍ରତ ବାସନ୍ତୀର ପ୍ରକୃତ ପରିଚୟ ଲାଭ କରନ୍ତି ଓ ପୁଣି ବାସନ୍ତୀକୁ ଆପଣାର କରିନେଇଛନ୍ତି । ଘଟଣାର ପ୍ରବାହରେ ଉତ୍ଥାନ ଓ ପତନ କ୍ରମରେ ଘଟିଛି । ନାରୀ ଓ ପୁରୁଷର ସମ ମର୍ଯ୍ୟାଦା ପ୍ରତିଷ୍ଠା ଲେଖକଙ୍କ ଏ ଉପନ୍ୟାସର ପ୍ରଧାନ ବକ୍ତବ୍ୟ । ଏଇ ବକ୍ତବ୍ୟକୁ ପରିସ୍ଫୁଟ କରିବାପାଇଁ ସମସ୍ତ ଚରିତ୍ର ଓ ସବୁ ଘଟଣାର ସମ୍ପୃକ୍ତ ସମାବେଶ ଘଟିଅଛି । ପ୍ରଧାନ ଚରିତ୍ର ଗୁଡ଼ିକ ସହିତ ବହୁ ଗୌଣ ଚରିତ୍ରର କୋଳାହଳ ଦେଖିବାକୁ ମିଳେ । ଏହି ଚରିତ୍ର ଗୁଡ଼ିକର ସୁନିପୁଣ ବର୍ଣ୍ଣନା ସମସାମୟିକ ସମାଜର ଚିନ୍ତା ଓ ଗତି, ଆଦର୍ଶ, ଆକାଂକ୍ଷା ଫୁଟାଇବାରେ ସଫଳ ପ୍ରୟାସ ହୋଇଛି । ଏହି ଗୌଣ ଚରିତ୍ର ଗୁଡ଼ିକୁ ଟାଇପ୍ (Type) ଚରିତ୍ର କୁହାଯାଇପାରେ । ତେବେ ମୁଖ୍ୟ ଚରିତ୍ର ଗୁଡ଼ିକୁ ଫୁଟାଇବାରେ ଲେଖକମାନଙ୍କ ପ୍ରୟାସ ଅଭିନନ୍ଦନୀୟ । ବାସନ୍ତୀ ଓ ଦେବବ୍ରତର ପ୍ରଣୟ ଓ ପରିଣୟକୁ କେନ୍ଦ୍ରକରି ଗଢ଼ିଉଠିଥିବା ଆନନ୍ଦ ବିଷାଦ, ଈର୍ଷା, ଦ୍ୱେଷ, ବନ୍ଧୁତ୍ୱ ଓ ବିରୋଧର ଚିତ୍ର ସମସ୍ତ ଉପନ୍ୟାସର ଘଟଣା ପ୍ରବାହକୁ ଗତିଶୀଳ କରିଅଛି । ଏମାନଙ୍କ ଜୀବନ ଭଳିଆ ହାଡ଼ିଆର ଜୀବନଭଳି ସହଜ ଓ ସ୍ୱାଭାବିକ ପରିବେଶରେ

ଗଢ଼ିଥିବେ ନାହିଁ । ନାନା ପରିବର୍ତ୍ତିତ ପରିବେଶ ମଧ୍ୟରେ ଏହି ଚରିତ୍ର-ମାନେ ମନର ଭାରସାମ୍ୟ ରକ୍ଷା କରିଛନ୍ତି । ଏମାନଙ୍କ ପ୍ରେମ ଓ ଜୀବନ ଆଦର୍ଶ ଓ ବାସ୍ତବର ବହୁ ଊର୍ଦ୍ଧ୍ୱରେ ସ୍ୱାଭାବିକ ସାମଞ୍ଜସ୍ୟପୂର୍ଣ୍ଣ ଲାଭ-କରିଅଛି । ସହରର ଜଟିଳତା ବାସନ୍ତୀ ପକ୍ଷୀ ନେତ୍ରବନରେ ଜୀବନର ସମସ୍ତ କଠୋରତା ମଧ୍ୟରେ କେବଳ ଦେବବ୍ରତର ପ୍ରେମ ତାକୁ ବଞ୍ଚାଇ ରଖିଛି । ମାତ୍ର ଏଇ ପ୍ରେମକୁ ଯେପରିବେଳେ ଭଙ୍ଗା ଦେଖାଉଛନ୍ତି ସେତେବେଳେ ସେ ଅନ୍ୟରୂପ ଧାରଣା କରୁଛି । ଦେବବ୍ରତର ଜୀବନରେ ନାନା ଆସିଛି ବହୁ ପରିବର୍ତ୍ତନ । ମାତ୍ର ଏ ପରିବର୍ତ୍ତନ ମୂଳରେ ରହିଛି ବାସନ୍ତୀର ବଳିଷ୍ଠ ବ୍ୟକ୍ତିତ୍ୱ । ବାସନ୍ତୀ ବସ୍ତୁତଃ ଆଦର୍ଶ ସମାଜ ମୂଳରେ ପୁରୁଷ ଓ ନାରୀ ଦୁହିଁଙ୍କର ମନର ସମାନତ୍ୱ ରହିବା ଉଚିତ । ସେତେ-ବେଳେ ତା'ର ବ୍ୟାହତର ବାଧା ଆସିଛି ସେ ତାର ପ୍ରତିବାଦ କରିଛି । କଠୋର ନୈତିକ ଅପମାନ ନକରିବରେ, ଅନ୍ୟାୟ ଦେଖିବରେ । ନାରୀର ପ୍ରାପ୍ୟ ଅଧିକାର ବୁଝିନେବା ପାଇଁ ସେ ଆଗେଇ ଆସିଛି ।

ବାସନ୍ତୀ ବହୁ ଲେଖକଙ୍କର ଲେଖନୀ ପ୍ରସୂତ ହେଲେହେଁ ଏହାର ଭାଷା ସାବଲୀଳ । ଭିନ୍ନ ଲେଖକଙ୍କର ଭାବଧାରାର ଆବେଗ ଧର୍ମୀ ଓ କାବ୍ୟିକ । ଏଥିରେ ସ୍ଥାନେ ସ୍ଥାନେ ଗ୍ରାମ୍ୟ ଶବ୍ଦର ଶିଳ୍ପଯୋଗ ହୋଇ ପାରିଛି । ମାତ୍ର ତାହା ଉଦ୍ଦେଶ୍ୟମୂଳକ ରଚନା ଏହାର ଶୈଳୀକୁ ସ୍ୱତନ୍ତ୍ର କରାନାହିଁ । ବଙ୍ଗଳା ଲେଖକଙ୍କ ଭାଷାର ଓ ଲେଖାର ରୀତିର ତାରତମ୍ୟ ସତ୍ତ୍ୱେ ଏହାର ସାଫଲ୍ୟ ବିଷୟରେ ଅନୁବାଦ ଅନୁଧାବନକାରୀଙ୍କ ଉକ୍ତି ସ୍ମରଣୀୟ "ମୋତେ କେହି କେହି ଦେଇଛନ୍ତି କହିଥାଉନ୍ତି । ନହେଲେ ନେଇଛନ୍ତି ସେ ଭାତଠାରୁ ଅଧିକ ଉତ୍କୃଷ୍ଟତର ଖାଦ୍ୟ ଏମାନେ ସମସ୍ତେ ଜାଣନ୍ତି । ସୁତରାଂ ନିଶ୍ଚେ ଆମମାନଙ୍କ ଖେଳୁଛି ଉପନ୍ୟାସଟିକୁ ଉପହାସ କରି କେହି ଉଡ଼ାଇ ଦେଇପାରିବେ ନାହିଁ ।" ପ୍ରକୃତରେ ବାସନ୍ତୀ ନାଗରିକ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ଗ୍ରାମୀଣ ସମାଜ ଚେତନା, ନବ୍ୟ ଶିକ୍ଷିତଙ୍କ ଆଦର୍ଶ-ବୋଧ ଓ ବିଶେଷ ଭାବରେ ନାରୀ ସ୍ୱାଧୀନତାର ମନୋଜ୍ଞ ଚିତ୍ର ପରିବେଷଣ କରି ଓଡ଼ିଆ ଉପନ୍ୟାସରେ ଏକ ବାସନ୍ତୀ ଅଧ୍ୟାୟ ସୃଷ୍ଟି କରିଛି ।

## ୮

ସାମ୍ପ୍ରତିକ ଉପନ୍ୟାସରେ ଲେଖକମାନଙ୍କ ମଧ୍ୟରେ ଲେଖିକାଙ୍କ ମଧ୍ୟ ଦେଖିବାକୁ ମିଳେ। ସ୍ୱତନ୍ତ୍ର ପ୍ରକୃତରେ ଏମାନେ କୌଣସି ଲେଖକଙ୍କର ଛଦ୍ମନାମ। କାରଣ ପତ୍ରିକାରେ ପ୍ରକାଶ ପାଇଥିବା ବନଲତା ଦେବୀ ଓ ରାଜମଣି ଦେବୀଙ୍କ ନାମ ଗ୍ରନ୍ଥାକାରରେ ପ୍ରକାଶିତ ସାମ୍ପ୍ରତିକ ଉପନ୍ୟାସରେ ଦେଖିବାକୁ ମିଳେନାହିଁ। ବସ୍ତୁତଃ ଲେଖକମାନେ ହିଁ ଛଦ୍ମନାମରେ ଲେଖିକା ନାମଧାରଣ କରିଥାଇପାରନ୍ତି। ନାରୀ ନିଜର କଥା ନିଜେ କହୁ—ଏହିଁ ଥିଲା ସବୁଜଗୋଷ୍ଠୀ ଲେଖକମାନଙ୍କ ଆଦର୍ଶ। ଆଜି ଶିକ୍ଷାପ୍ରସାର ଅଗ୍ରଗତି, ସାମାଜିକ ମିଳାମିଶାର ଅବାଧ ସୁଯୋଗ। ନାରୀ ପୁରୁଷର ମନୋଭାବରେ ସ୍ୱାଧୀନତାର ସୀମାରେଖା ସଙ୍କୁଚିତ ହୋଇ ଆସିଛି। ବାସ୍ତବତାର ପ୍ରଭାବ, ଅର୍ଥନୈତିକ ଚିନ୍ତା ଏବଂ ଜୀବିକାର୍ଜନ ସଙ୍ଗେ ସଙ୍ଗେ ଆତ୍ମ ପ୍ରତିଷ୍ଠା ପାଇଁ ପ୍ରବୃତ୍ତ ଆତ୍ମନିର୍ଭରଶୀଳା ନାରୀର ଅଗ୍ରଣୀ ଭୂମିକା ନେଇ ଆଜି କଥା ସାହିତ୍ୟରେ ହିଁ ପ୍ରଥମ ଦେଖାଦେଇଛି।

ବିଶ୍ୱଯୁଦ୍ଧୋତ୍ତର ସମାଜରେ ଅନ୍ତତଃ ଗୋଟିଏ ସ୍ତରରେ ଦାମ୍ପତ୍ୟିକ ସ୍ଥିତିର ପରିବର୍ତ୍ତନ ଘଟିଥିଲା। ଯୌଥ ପରିବାରର ବନ୍ଧନ କ୍ରମଶଃ ଶିଥିଳ ହୋଇ ଆସୁଥିଲା। ବ୍ୟବସାୟ ଓ ଶିକ୍ଷାଲାଭ ଉଦ୍ଦେଶ୍ୟରେ ତରୁଣମାନେ ଦୂରଦେଶକୁ ଯାତ୍ରା କରୁଥିଲେ। ଭିନ୍ନ ଜାତି ଓ ଭିନ୍ନ ସଂସ୍କୃତି ତରୁଣ ତରୁଣୀଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି କରୁ ନଥିଲା ପୁଣି ଆନ୍ତର୍ଜାତୀୟ ବିବାହ ମାଧ୍ୟମରେ ମାନବ ମୈତ୍ରୀର ମହତ୍ତ୍ୱ କଳ୍ପନା ଆଦର୍ଶବାଦୀ ତରୁଣ ତରୁଣୀଙ୍କୁ ଉଦ୍‌ବୁଦ୍ଧ କରୁଥିଲା। ଫଳତଃ ଉଚ୍ଚ ଅଭିଜାତ ପରିବାରରେ ସାମାଜିକ ଜାତୀୟର ନେତୃତ୍ୱରେ ହିଁ ଏହି ଧାରା ଦେଖାଦେଇଥିଲା। ମୟୂରଭଞ୍ଜର ରାଜା ରାମଚନ୍ଦ୍ର ଭଞ୍ଜ ଜାତିଭେଦ ସତ୍ତ୍ୱେ କୌଣସି ଦେଶୀୟ ରାଜପରିବାରରୁ ବିବାହ ନକରି ବ୍ରାହ୍ମ କେଶବଚନ୍ଦ୍ରସେନଙ୍କ କନ୍ୟାକୁ ବିବାହ କରିଥିଲେ। ତାଙ୍କ ପରିବାରର ଦୃଷ୍ଟିରୁ ନୂତନ ଆଦର୍ଶବାଦୀ ସୂଚକ ସାରଙ୍ଗଧର ଦାସ "ଗ୍ରୀଷ୍ମ ନାଇଟ୍‌ସ୍ୱାର୍ଥ" ନାମକ ଜଣେ ଆମେରିକା ଅଧିବାସିନୀ ଯୁବତୀ ମହିଳାଙ୍କୁ ବିବାହ କରିଥିଲେ। ଦୁହେଁ ଏହିପରି ବହୁଜାତୀୟ ସମ୍ମିଳିତ ବିବାହକୁ କେନ୍ଦ୍ରକରି

ଯେଉଁସବୁ ଶୁଦ୍ର ପରିବାର ଗଢ଼ି ଉଠୁଥିଲା, ତାର ଚତୁର୍ଦ୍ଦିଗରେ ଯୌଥ ପରିବାରର ପ୍ରେତାତ୍ମା ସେପରିକ ଘେରି ରହୁଥିଲା । ଏପରିକ ଯୌଥ ପରିବାର ମଧ୍ୟରେ ମଧ୍ୟ ବ୍ୟକ୍ତି କୈନ୍ଦ୍ରିକ ପରିବାରଗଠନ ଅନ୍ତଃସ୍ରୋତ କ୍ରମଶଃ ଦାନାବାନ୍ଧି ଉଠିଥିଲା । ଏଣୁ ଯୁଗର ନାରୀର ଯେ ସ୍ଵତନ୍ତ୍ର ବ୍ୟକ୍ତି ବୋଧ ଓ ତା'ର ସ୍ଵାତନ୍ତ୍ର୍ୟ ସଚେତନତା ଶିକ୍ଷ ଲେଖକଙ୍କ ଦୃଷ୍ଟି ଆଣି ଦେଇପାରିଥିଲା । ସାହିତ୍ୟର ପାରମ୍ପରିକ ବାତାବରଣରେ ନାରୀ ଦୃଷ୍ଟିରେ ନାରୀଥିଲା ସକଳ ସୌନ୍ଦର୍ଯ୍ୟର ଆଧାର । ପୁଣି ସେତେବେଳେ ସମସ୍ତ ସରଳତା ଓ ସୁନ୍ଦରତାର ମୂର୍ତ୍ତି ପ୍ରତୀକ । ସେଥିପାଇଁ ନାରୀ ଅଶ୍ରୁସିକ୍ତ କଳଙ୍କିନୀ, ଭୀରୁ । ସେଇ ଆର୍ଯ୍ୟବଚନ—ଢ଼ୋଲ, ପଶୁ ଓ ନାରୀ କେବଳ ସବୁ ତାଡ଼ନାର ଯୋଗ୍ୟ । କେବଳ ନାରୀ ଦୃଷ୍ଟିରେ ନାରୀର ରୂପ କେଉଁଠି ଫୁଟିନଥିଲା । ଯଦିବା ଫୁଟିଥିଲା ତାହା ସେପରିକ ସନାତନ ଓ ପ୍ରାଚୀନ ଭାରତୀୟ ଆଦର୍ଶର ଦୃଷ୍ଟିକୋଣ ମାତ୍ର । କଥାସାହିତ୍ୟ ଜଗତକୁ ଯେତେ-ବେଳେ ଲେଖିକାମାନେ ପ୍ରବେଶ କଲେ ସେତେବେଳେ ଏକ ନୂତନ ଦୃଷ୍ଟିର ଉନ୍ମେଷ ମିଳିଲା ।

ବିଂଶ ଶତକର ଆଦ୍ୟପାଦରେ ଓଡ଼ିଶାରେ ନାରୀଜାଗରଣର ମୂର୍ତ୍ତି ପ୍ରତୀକ ଥିଲେ କୁନ୍ତଳାକୁମାରୀ । ଜନଜୀବନରେ ଆଧୁନିକା ଶକ୍ତିର ସ୍ୱରୂପ ସେ ନିଜକୁ ପ୍ରତିଷ୍ଠିତ କରିଥିଲେ । କିନ୍ତୁ ତାଙ୍କ ହୃଦୟରେ ସମସ୍ତ ନାରୀଜାତି ପ୍ରତି ସହାନୁଭୂତି ଓ ଆତ୍ମବୋଧ ଥିଲା ପ୍ରବଳ । ସେ କବିତା ଓ ଉପନ୍ୟାସ ମାଧ୍ୟମରେ ନିଜ ହୃଦୟର ପ୍ରକାଶ କରିଥିଲେ । କୁନ୍ତଳାଙ୍କ ବ୍ୟକ୍ତିତ୍ୱ ସର୍ବଭାରତୀୟ ପୃଷ୍ଠଭୂମିରେ ଗଢ଼ିଉଠିଥିଲା । ମଧ୍ୟପ୍ରଦେଶର ବସ୍ତର ଦେଶୀୟ ରାଜ୍ୟରେ ତାଙ୍କର ଜନ୍ମ । ମାତ୍ର ତାଙ୍କର କୈଶୋର କଟିଥିଲା ବର୍ମାରେ । ତାଙ୍କର ବାପା ଦାନିଏଲ୍ ସାବତ୍ ବର୍ମାରେ ଜଣେ ଡାକ୍ତର ଥିଲେ । କୁନ୍ତଳା ୧୩ ବର୍ଷ ବୟସରେ କଟକ ଆସିଥିଲେ ଓ ୨୧ ବର୍ଷ ବୟସରେ ଏଲ୍. ଏମ୍. ପି ପରୀକ୍ଷାରେ କୃତିତ୍ୱ ଲାଭକରି କଟକରେ ନିଜସ୍ୱ ଡିସ୍ପେନସରୀରେ ନିଜ କାର୍ଯ୍ୟ ଆରମ୍ଭ କରିଥିଲେ । କଟକରେ ତାଙ୍କର ଏହି ରହଣି ଥିଲା ମାତ୍ର ଛଅବର୍ଷ । ୧୯୨୧ ଠାରୁ ୧୯୨୭ । ଏହି ବୟସରେ ଏପରି ସ୍ୱଳ୍ପ ସମୟ ଭିତରେ ଏତେ ଅବସରରେ ଅସଂଖ୍ୟ ଗୀତି କବିତା ରଚନା ସହିତ ସାତୋଟି ଉପନ୍ୟାସ ରଚନା

କରିଥିଲେ । ମନେ ହୋଇଥାଏ ଏସବୁ କୁନ୍ତଳାଙ୍କ କଷାଘାତର ଲେଖା । ଶିଳ୍ପୀତ୍ୱର ଉତ୍କର୍ଷର ଅବକାଶ ନଥିଲା । କିନ୍ତୁ ଏ ସବୁ ତ୍ରୁଟି ମଧ୍ୟରେ ଫୁଟିଥିଲା ପ୍ରତିଭା । ଏଥିରେ ଥିଲା ତାରୁଣ୍ୟ ଉଦାର କଳ୍ପନା ଓ ଉଚ୍ଚ ଆଦର୍ଶ । କୁନ୍ତଳାକୁମାରୀ କୈଶୋର ଓ ଯୌବନରେ ଜୀବନ ସଂଗ୍ରାମରେ ବହୁ ସଂଘର୍ଷର ସମ୍ମୁଖୀନ ହୋଇଥିଲେ । ତାଙ୍କ ମାତା ପିତାଙ୍କର ଖ୍ରୀଷ୍ଟ-ଦୃଷ୍ଟିରେ ପଡ଼ିଥିଲେ । ଏକାକିନୀ ମାତାଙ୍କୁ ତାଙ୍କୁ ଅନ୍ତର୍ଦର୍ଶିନୀ କରି ପାରିଥିଲେ । କୁନ୍ତଳା ଖ୍ରୀଷ୍ଟିଆନ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ଭାରତୀୟ ଆଦର୍ଶ ଓ ଉଦାର ଆଧ୍ୟାତ୍ମବାଦ ପ୍ରତି ତାଙ୍କରଥିଲା ଅକୁଣ୍ଠ ଅନୁରାଗ । ଜାତୀୟତା ଓ ମାନବିକତା ତାଙ୍କର ପ୍ରାଣଚେତନାକୁ ଉଦ୍‌ବେଳିତ କରିଥିଲା । ଏହାର ଫଳଶ୍ରୁତି ହେଉଛି ତାଙ୍କର ଉପନ୍ୟାସ ସମୂହ । କୁନ୍ତଳାଙ୍କ ଉପନ୍ୟାସ ଗୁଡ଼ିକ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଓ ସମାଜ ସଂସ୍କାର ଆନ୍ଦୋଳନର ପୃଷ୍ଠଭୂମିରେ ରଚିତ । ସେ ଯୁଗରେ କୁନ୍ତଳା କୁମାରୀଙ୍କ ଉପନ୍ୟାସମାନ ଯେପରି ଲୋକପ୍ରିୟତା ଲାଭକରିଥିଲା ତାହାର ତୁଳନା ନାହିଁ । ତାଙ୍କର କାଳିନ୍ଦୀ ଓ ରେଣୁମଣି ଅଳ୍ପ ଦିନରେ ଏକାଧିକ ସଂସ୍କରଣରେ ପ୍ରକାଶିତ ହୋଇଥିଲା । ୧୯୨୩ରେ ତାଙ୍କର ପ୍ରଥମ ଉପନ୍ୟାସ ଥିଲା ‘ଭ୍ରାନ୍ତି’, ୧୯୨୪ରେ ‘ନଅଙ୍ଗୁଣ୍ଡୀ’ ଓ ୧୯୨୮ରେ ତାଙ୍କର ସର୍ବୋତ୍କୃଷ୍ଟ ଓ ସର୍ବଶ୍ରେଷ୍ଠ ଉପନ୍ୟାସ “ରଘୁଅରକ୍ଷିତ” ପ୍ରକାଶ ପାଇଥିଲା ।

ପାରିବାରିକ ଓ ସାମାଜିକ ପୃଷ୍ଠଭୂମି ଉପରେ କୁନ୍ତଳାଙ୍କ ପ୍ରାୟ ସମସ୍ତ ଉପନ୍ୟାସ କଳ୍ପିତ । ସାମାଜିକ ଅସମାନତ୍ୱ ସାମନ୍ତତନ୍ତ୍ର ଓ ପାରିବାରିକ ସଂଗଠନରେ ନାରୀର ଭୂମିକା ସଂପର୍କରେ ସେ ଥିଲେ ସଚେତନ । ନିପୀଡ଼ନର ବର୍ଣ୍ଣନା ମାଧ୍ୟମରେ ଜୀର୍ଣ୍ଣ ସାମାଜିକ ଅବସ୍ଥାର ବିଲୋପ ଉଦ୍ଦେଶ୍ୟରେ କୁନ୍ତଳାଙ୍କ ଲେଖନୀ ପରିଚାଳିତ । ପ୍ରଚଳିତ ସମାଜର ବାଧାବନ୍ଧ ଜୀବନ ସଂଗ୍ରାମରେ ଅସହାୟ ନାରୀର ଶୋଚନୀୟ ଅବସ୍ଥା, ଧନସମ୍ପନ୍ନ ପୁରୁଷର ନିର୍ମମ ଅତ୍ୟାଚାର ଓ ସ୍ୱେଚ୍ଛାଚାରିତା କୁନ୍ତଳାଙ୍କୁ ବ୍ୟଥିତ କରିଥିଲା । ଜୀର୍ଣ୍ଣ ପୁରାତନ ସମାଜର ଧ୍ୱଂସ ସ୍ତୂପ ଉପରେ ସୁନ୍ଦର ଓ ସୁସ୍ଥ ସମାଜ ଓ ଆନନ୍ଦମୟ ପରିବାର ଗଠନଲାଗି କୁନ୍ତଳା ନିଜର ଉପନ୍ୟାସ ଗୁଡ଼ିକରେ ଇଙ୍ଗିତ ଦେଇଯାଇଅଛନ୍ତି ।

କୁନ୍ତଳାଙ୍କ ପ୍ରଥମ ଉପନ୍ୟାସ 'ଭ୍ରାନ୍ତି'ରେ ଏକ ମଧ୍ୟବିତ୍ତ ଜମିଦାର ପରିବାରର ଚିତ୍ର ପ୍ରଦତ୍ତ । ଏଠାରେ ଜମିଦାର କନ୍ୟା ଚମ୍ପାକଳୀ ଓ ଅନଙ୍ଗ ନାମକ ଏକ ପରିବାରରେ ପାଳିତ ଓ ବର୍ଦ୍ଧିତ ଦୁଇଟି ଯୁବକ ଯୁବତୀଙ୍କ ସହଜାତ ପ୍ରବୃତ୍ତିରେ ଗ୍ରଥିତ ହୋଇ ପ୍ରେମାସକ୍ତ ହୋଇଅଛନ୍ତି । ମାତ୍ର ଶ୍ରେଣୀ ସମାଜର ପ୍ରଥା ଓ ନିୟମ ସ୍ୱାର୍ଥପରତା ଏହି ପ୍ରେମରେ ବାଧା ସୃଷ୍ଟି କରିଛି । ନାୟକ ହୋଇଛନ୍ତି ନିଃସ୍ୱାର୍ଥୀ ଓ ନାୟିକା ହୋଇଛନ୍ତି ଗର୍ବିତା, ଅଭିମାନିନୀ । ପରିଶେଷରେ ଘଟଣାକ୍ରମେ ସମସ୍ତଙ୍କର ଭ୍ରାନ୍ତି ଦୂରହୋଇଛି ଓ ଉପନ୍ୟାସର ପରିସମାପ୍ତି ଘଟିଛି ନାୟକ ନାୟିକାଙ୍କ ବିବାହ ଓ ମିଳନରେ । ଏହି ଉପନ୍ୟାସର ଗଳ୍ପରେ ଅବଶ୍ୟ ବିଶେଷ ବୈଚିତ୍ର୍ୟ ନାହିଁ । ମାତ୍ର ବିବାହରେ ପ୍ରେମର ମୂଲ୍ୟ ସେ ସମୟରେ ବେଶି ତାହାଙ୍କୁ ଲେଖିକା ଦେଖାଇ ଦେଇଛନ୍ତି ।

ନଅଙ୍କୁଶ୍ରୀ କୁନ୍ତଳାଙ୍କର ଅନ୍ୟ ଏକ ସରସ ଉପନ୍ୟାସ । ଏହାର ନାୟିକା ନିମ୍ନ ଶ୍ରେଣୀରେ ଜନ୍ମଗ୍ରହଣ କରିଛି ଓ ଲୋକରେ ବହିଷ୍କୃତ ହେବାରୁ ତା ନାମରେ ଅପବାଦ ରଟିଛି । ମାତ୍ର ତା'ର ଅନିନ୍ଦିତ ସତ୍ ସାହାସ; ଦେଶ ଓ ଦଶର ମଙ୍ଗଳ ପାଇଁ ଆତ୍ମବଳିଦାନର ଦୁଃସାହସ ତାକୁ ଉନ୍ନତ ପଥରେ ନେଇଯାଇଛି । ସ୍ୱପ୍ନ'ର ସ୍ୱାମୀ ଆଧୁନିକ ମନା ଜମିଦାର କୃଷ୍ଣଚନ୍ଦ୍ର ରାଜଗୁରୁଙ୍କର ବଧୂ ହୋଇଛନ୍ତି ପତ୍ନୀ ଓ ଏକଦା କଳଙ୍କିନୀ ରମଣୀ ମଙ୍ଗଳଚଣ୍ଡୀ ରାଜ୍ୟବଟୀରେ ଉପନୀତ ହୋଇଛି । ପରିଣତିରେ ଶାଶୁ ନଣନ୍ଦ ଓ ସ୍ୱାମୀର ଅତ୍ୟାଚାରରେ କୁଳବୋହୂର ଦୁର୍ବିସହ ଜୀବନ ଚିତ୍ର ଅଙ୍କିତ ହୋଇଅଛି । ପାରିବାରିକ ଜୀବନ ସ୍ନେହ, ମମତା ଓ ସହାନୁଭୂତି ଅଭାବରେ ଈର୍ଷା, ଦ୍ୱେଷ ଓ ସଂସାର ଗଞ୍ଜଣାରେ ଜୀବନ ଦୁଃସ୍ଥ ଓ ବନ୍ଧ୍ୟା ହୋଇଯାଏ । ଏହା ଭିତରେ ସୁଲକ୍ଷଣା ନାମର ଅସୀମ ଧୈର୍ଯ୍ୟ ବଳରେ ଦୃଢ଼ି ସୁନ୍ଦର ସଂସାରରେ ପରିଣତ ହୋଇପାରେ ତାହା କୁନ୍ତଳା କୁମାରୀ ଦେଖାଇଛନ୍ତି—ଏହି ଉପନ୍ୟାସର ନାୟିକା ଲବଙ୍ଗ ଚରିତ୍ରରେ । ନାରୀର ସମସ୍ତ ଦୁଃଖକଷ୍ଟର ମୂଳରେ ପୁରୁଷର ସ୍ୱେଚ୍ଛାଚାରିତା ପୌରୁଷିକ ଦମ୍ଭ ନାରୀର ଈର୍ଷା ଓ ପରଶ୍ରୀକାତରତାର ଭାବ ରହିଅଛି । ତାଙ୍କୁ ନିଜ ଦୋଷ ଦୁର୍ବଳତା ବିଷୟରେ କୁନ୍ତଳା ସଚେତନ କରାଇ ଦେଇଛନ୍ତି । ନାୟିକା ଲବଙ୍ଗ ଅନୁଭବ କରିଛି

"ନାରୀର ଶତ୍ରୁ ନାରୀ" । ପୁରୁଷ କେତେକାଳ ଦେଖିବାକୁ କରେ ସ୍ତ୍ରୀ ସ୍ୱାତନ୍ତ୍ର ଚେତନା । ମା ଭଉଣୀ କଥାରେ ନିଜ ପୁରୁଷ ଆପଣା ସ୍ତ୍ରୀକୁ ଦୁଃଖ-ଦିଏ । ପୁଣି ବାହାରର ସ୍ତ୍ରୀ ହାତ ମୁଠାରେ ରହି ଆପଣା ଭାର୍ଯ୍ୟାକୁ ପରିତ୍ୟାଗ କରେ ; ଲଳିତା ନଜରରେ ଶାନ୍ତି ମାଳତୀ ଓ ଦର୍ପଣ ରମାସୁନ୍ଦରୀଙ୍କ ଦ୍ୱାରା ନିର୍ଯ୍ୟାତିତା ହେଉଛନ୍ତି ଓ ସେମାନଙ୍କ ଅତ୍ୟାଚାରରେ ନିଜ ସ୍ୱାମୀ ବଂଶୀଧରଙ୍କ ଦ୍ୱାରା ନିର୍ଯ୍ୟାତିତା ହେଉଛନ୍ତି ସ୍ୱାମୀଙ୍କର ମୃତ୍ୟୁପରେ ଏକ ଅସହାୟ ଜୀବନର ଦାୟିତ୍ୱ ନିଜେ ଗ୍ରହଣ କରିଅଛନ୍ତି । ତାଙ୍କ ଅସୀମ ଧୈର୍ଯ୍ୟ ଓ ପୁରୁଷକାରର ପ୍ରଶଂସା ଆଜି ଶାନ୍ତ ସରଳ ପାଠକଙ୍କର ହୃଦୟର ଚିରବନ୍ଦିତ ରହିଅଛି । ବାଲ୍ୟ ବିବାହ ଓ ବହୁବିବାହର କୁପ୍ରଭାବ କାଳିନ୍ଦୀଚରଣଙ୍କ ଉପନ୍ୟାସରେ ଅଙ୍କିତ । ସମସାମୟିକ ସମାଜ ସଂସ୍କାର ଲାଗି ସେ ବାଲ୍ୟ ବିବାହ ବିରୋଧୀ ଆନ୍ଦୋଳନ ଓ ବିଧବା ବିବାହକୁ ସମର୍ଥନ କରିଥିଲେ । ବାଲ୍ୟବିଧବା ଲକ୍ଷ୍ମୀ ସମାଜ ସଂସ୍କାରକ (ରମାକାନ୍ତ)ଙ୍କର ଧର୍ମପତ୍ନୀ ହୋଇଅଛି । ଯେ ବାଲ୍ୟ ବିଧବା ଏକଦା କୁତ୍ସିତ ଶାସ୍ତ୍ର ଓ ଧର୍ମର କବଳରେ ବନ୍ଦୀହୋଇ ସମାଜରେ କଳଙ୍କ ରଟନା କରେ , ତାହା ନାରୀର ମାତୃତ୍ୱର ଗୌରବରେ ମଣ୍ଡିତ ହୋଇ ସୁସ୍ଥସମାଜ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରେ । ଏହା ଦେଖାଇବା ହିଁ କାଳିନ୍ଦୀଚରଣଙ୍କ ଉପନ୍ୟାସର ପ୍ରଧାନ ଆଭିମୁଖ୍ୟ ।

କୁନ୍ତଳାଙ୍କ ସର୍ବବୃହତ୍ ଉପନ୍ୟାସ ରଘୁଅରକ୍ଷିତ । ତାଙ୍କର ଅନ୍ୟ ଉପନ୍ୟାସଗୁଡିକ ଛୋଟ ଘଟଣା ଓ ଅଳ୍ପ ସରଳ କାହାଣୀ ଉପରେ ପ୍ରତିଷ୍ଠିତ । ବହୁଦୃଷ୍ଟିରୁ ରଘୁଅରକ୍ଷିତ ଏକ ଉଚ୍ଚାଙ୍ଗ ଉପନ୍ୟାସ । ସ୍ଥାନ ଓ କାଳର ବ୍ୟାପ୍ତି , ଘଟଣାର ଘାତ ପ୍ରତିଘାତ ଓ ଜଟିଳ ସମାବେଶ, ଚରିତ୍ରଚିତ୍ରଣରେ ନାଟକୀୟତା ଓ ବହୁ ବିଭିନ୍ନ ସ୍ୱାଦର ଚରିତ୍ରର ଚିତ୍ରଣ ହିଁ ବିକାଶ ଏହି ଉପନ୍ୟାସଟିକୁ ସାଫଲ୍ୟମଣ୍ଡିତ କରିଅଛି । ଜନ୍ମ ନୁହେଁ , କର୍ମ ବଳରେ ହିଁ ମନୁଷ୍ୟ ସୌଭାଗ୍ୟ ଲାଭ କରେ । ଏହି ଉପନ୍ୟାସର ନାୟକ ଅନାଥ ବାଳକ ରଘୁ ଶୈଶବରେ ଏକା ସହାୟ ହୋଇଅଛି । ଅନାଥ ରଘୁ ବହୁଦେଶ ଭ୍ରମଣ କରିଅଛି । ଶେଷରେ ଧନଶାଳୀ ହୋଇଅଛି । ଦେବଦାସୀ ଖ୍ୟାତି ଅର୍ଜିଥିବା ରଘୁକୁ ଲେଖିକା ଉତ୍କଳର ସେବକରୂପେ ଦେଖାଇ ଅଛନ୍ତି । ଏକଦା ଅନାଥ

ରଘୁ ଦାସୀ ହୋଇଛନ୍ତି । ମାତ୍ର ଧନ ଓ ସମ୍ପଦ ତାଙ୍କୁ ଆସକ୍ତ କରିପାରି ନାହିଁ । ଏହାର ମୂଳରେ ରହିଛି ଦେଶୀ ଶାସନର ବେଦନା । ରଘୁ ଦେଶ ସେବାରେହିଁ ନିଜର ପ୍ରେମ ବାସନାର ହୃଦୟର ଯଥାର୍ଥ ପ୍ରକାଶ ଲୋଡ଼ିଅଛନ୍ତି । ଏଇ ରଘୁଅରକ୍ଷିତ ଉପନ୍ୟାସରେ ପ୍ରଥମେ ଆମେ ଏକ ସଂଘର୍ଷମୟ ପୃଷ୍ଠଭୂମି ଦେଖିବାକୁ ପାଉଁ । ବ୍ରହ୍ମଦେଶ, ବଙ୍ଗ ଓ ଉତ୍କଳର ଜୀବନଧାରା ସହିତ ଲେଖିକାଙ୍କ ବାସ୍ତବ ଅନୁଭୂତି ରଘୁଅରକ୍ଷିତରେ ପ୍ରକାଶ ପାଇଅଛି । ଏକଦା ଅରକ୍ଷିତ ରଘୁ ଦେଶର ଅଗଣିତ ଅରକ୍ଷିତଙ୍କୁ ରକ୍ଷାକରିବା ପାଇଁ ସ୍ୱାଧୀନତାର ମହାନ ଆନ୍ଦୋଳନରେ ଆତ୍ମନିୟୋଗ କରିଅଛି । ଭାରତୀୟ ସମାଜର ଅଗଣିତ ସମସ୍ୟାର ସମାଧାନ ଦାରିଦ୍ର୍ୟ ଓ କୁସଂସ୍କାର ଗ୍ରସ୍ତ ଜନସାଧାରଣଙ୍କ ଦୁଃଖ ମୋଚନ ଏକମାତ୍ର ସ୍ୱାଧୀନତା ଦ୍ୱାରା ସମ୍ଭବ ହୋଇପାରେ—ଏହି ଦୃଢ଼ ବିଶ୍ୱାସ କୁନ୍ତଳାକୁମାରୀଙ୍କ ନାୟକ ରଘୁର ଚରିତ୍ରରେ ଫୁଟାଇ ଅଛନ୍ତି । ସମାଜ ସଂସ୍କାର ମୂଳକ ଉପନ୍ୟାସ କୁନ୍ତଳାଙ୍କ ଦ୍ୱାରା ଲିଖିତ ହୋଇଥିଲା । ମାତ୍ର ସମାଜ ସଂସ୍କାରର ବଳିଷ୍ଠ ଧାରାକୁ ରାଜନୈତିକ ଆଦର୍ଶରେ ପରିଣତ କରିବାର ପ୍ରୟାସ କ୍ୱଚିତ୍ ଦେଖା-ଯାଇଥିଲା । ସେହି ଦିଗରୁ 'ରଘୁ ଅରକ୍ଷିତ' ଓଡ଼ିଆରେ ପ୍ରଥମ ରାଜନୈତିକ ଉପନ୍ୟାସ ।

କୁନ୍ତଳା ନିଜେ ନାରୀ । ନାରୀ ହୃଦୟର ଗୋପନ ବ୍ୟଥା ଓ ଆଶା ନିରାଶାର ସୂକ୍ଷ୍ମ ପ୍ରତିଛବି ଭାବରେ ତାଙ୍କ ଚରିତ୍ରଗୁଡ଼ିକରେ ରୂପାୟିତ ହୋଇଛି, ମଧ୍ୟ ବଡ଼ ଜମିଦାର ପରିବାରଠାରୁ ସାଧାରଣ ଦୁଃଖୀ-ପରିବାରର ବହୁ ବିଶେଷ ନାରୀ ଚରିତ୍ରକୁ ଗ୍ରହଣ କରିଛନ୍ତି । କେତେବେଳେ ତାଙ୍କର ନାରୀ ସହନଶୀଳା, ଦୟା, କ୍ଷମା ଓ କୋମଳତାର ଆଧାର । ପୁଣି କେତେବେଳେ ନିଷ୍ଠୁର ହୃଦୟହୀନା ଓ ସ୍ୱାର୍ଥସିଦ୍ଧି ଲାଗି ସକଳ ଅପକର୍ମରେ ନିରତା ତାଙ୍କର ଚରିତ୍ରଗୁଡ଼ିକ ଶିଷ୍ଟ ନହେଲେ ଦୁଷ୍ଟ । କିନ୍ତୁ ଈଶ୍ୱର ସଂକେତରେ ଏପରି ଦୁଷ୍ଟରମଣୀ ପରିବର୍ତ୍ତନ ଘଟିପାରେ କୁନ୍ତଳାଙ୍କର ଏହି ବିଶ୍ୱାସ ଥିଲା । ଅନ୍ତତଃ ନାରୀତାକୁ ପରିଣତିରେ ନିଶ୍ଚିତ ନଇଁବାରେ ଏହା ହିଁ ପ୍ରକାଶ ପାଇଛି । ରଘୁ ଅରକ୍ଷିତର ରତ୍ନକଳା, ସରସ୍ୱତୀ, ମିସେସ୍ ଭେଲେନାସ, ତାମ୍ବମତି, ଭ୍ରାନ୍ତିର ଇନ୍ଦୁମତୀ; କାଳୀବୋହୂର ଶାନ୍ତିଲତା ଓ ପରିଣତିର କଳନା ଦୟା କ୍ଷମା ଓ

କୋମଳତାର ଆଧାର । ଏମାନଙ୍କ ତ୍ୟାଗ ଓ ସହିଷ୍ଣୁତା ଭିତରେ ଜୀର୍ଣ୍ଣ ସମାଜ ପୁନର୍ଜୀବନ ପାଇପାରନ୍ତି ଓ ଈର୍ଷାଦଗ୍ଧ ପୀଡ଼ିତ ପରିବାରକୁ ଫେରିଆସିବ ଶାନ୍ତି ଓ ସୁଖ ସ୍ୱଚ୍ଛନ୍ଦ । ବସନ୍ତୀ, ରମାସୁନ୍ଦରୀ, ଶଙ୍କରୀ ଚମ୍ପାକଳୀ ଆଦି କେତେ ସୁସ୍ଥ ଚରିତ୍ରଙ୍କ ଅନ୍ତର୍କର୍ମରୁ ଶିକ୍ଷା ମିଳନ୍ତି । କୁନ୍ତଳା ନାରୀର ବାହ୍ୟରଙ୍ଗରୂପ ବର୍ଣ୍ଣନାରେ ଶକ୍ତି ଅପଚୟ ନକରି ତାର ଅନ୍ତଃ ସୌନ୍ଦର୍ଯ୍ୟର ଚିତ୍ର ଅଙ୍କନ କରିଛନ୍ତି । ନାରୀହିଁ ସେଥିରେ ତାଙ୍କ ଉପନ୍ୟାସ ଜଗତର ବିଜୟ ପତାକା ଧାରିଣୀ । ନାରୀ ଚରିତ୍ରର ବିକାଶ ଲାଗି କେବଳ ପୁରୁଷ ଚରିତ୍ରଗୁଡ଼ିକ କଳ୍ପିତ ହେଲେ ସେମାନଙ୍କ ଏକ ଲ୍ୟାଣ୍ଡସ୍କେପର ଶୂନ୍ୟସ୍ଥାନ ପୂରଣପାଇଁ ଅଥବା ଏକ ଚରିତ୍ରକୁ ପୂର୍ଣ୍ଣତା ଦାନପାଇଁ ଏଗୁଡ଼ିକର ଆବଶ୍ୟକତା ଅନୁଭୂତ ହୋଇଛି । ପୁରୁଷ ଚରିତ୍ରରେ ଶୌର୍ଯ୍ୟ ବୀର୍ଯ୍ୟ ଓ ଗୌରବ ଗରିମାର ଅତି ଦୁର୍ଲ୍ଲଭ । ଏମାନେ କେତେବେଳେ ଭାଗ୍ୟ ହସ୍ତରେ କ୍ରୀଡ଼ନକ ଅଥବା ନାରୀହାତରେ ଖେଳନା । ଏମାନଙ୍କ ଯାହାକିଛି ମହତ୍ତ୍ୱ ତାହା କେବଳ ପ୍ରଣୟବଶ ଆଦର୍ଶମୁଖୀ ନାରୀର ସାହଚର୍ଯ୍ୟରୁହିଁ ସମ୍ଭବ ହୋଇଅଛି । ଯେଉଁଠି ନାରୀର ଅମର୍ଯ୍ୟଦା ସେଇଠି ପୁରୁଷର ପତନ ଚରମ ସୀମାକୁ ଯାଇଅଛି । ସମାଜଦ୍ରୋହୀ ଭୂମିକାରେ ସେ ହୋଇଛନ୍ତି ଦୁର୍ବୃତ୍ତ, ଲମ୍ପଟ, ଲୋଭୀ, ଶୂନ୍ୟ ହୃଦୟତାର । 'କୁନ୍ତଳା'କୁମାରୀଙ୍କ ଜନ-ପ୍ରିୟତାର କାରଣ ତାଙ୍କର ଗଭୀର ଆଶାବାଦ, ମହାନ୍ ସ୍ୱଦେଶାଭିମାନ, ସ୍ୱାଧୀନତାପ୍ରତି ଆକୁଣ୍ଠ ଆଗ୍ରହ ଓ ଉତ୍କଳୀୟ ଚେତନା । ପ୍ରାଚୀନ ଉତ୍କଳର ଗୌରବ ଓ ସମସାମୟିକ ଭାରତବର୍ଷରେ ଉତ୍କଳର ସ୍ଥିତି ସେନେଇ କୁନ୍ତଳା ଏକାନ୍ତ ସଚେତନ ଥିଲେ । ମାତ୍ର କେବଳ ଆଦର୍ଶବାଦ ନେଇ କୌଣସି ଉନ୍ନତ ସାହିତ୍ୟ ସୃଷ୍ଟି ସମ୍ଭବ ହୁଏ ନାହିଁ । ଏହାର ମଧ୍ୟ ଏକ କଳାଶ୍ରୀପୂର୍ଣ୍ଣ ବିନ୍ୟାସ ଅତ୍ୟନ୍ତ ପ୍ରୟୋଜନ । ଏହି ଦିଗରୁ ବିଚାର କଲେ କୁନ୍ତଳା ନିଶ୍ଚିତ ସାର୍ଥକତାର ଦାବି ଦେଇ ଦେଶରେ ଅବତୀର୍ଣ୍ଣା ହୋଇ ଓଡ଼ିଆ ଉପନ୍ୟାସ ରାଜ୍ୟରୁ ବିଦାୟ ନେଇଛନ୍ତି । ତାଙ୍କ ଭ୍ରାନ୍ତି, ନଅଭଉଣୀ, କାଳିନ୍ଦୀବାବୁ ଉପନ୍ୟାସ ଆକୃତିରେ ଲଘୁ । ଏଥିରେ ଶିଳ୍ପୀର କୌଶଳ

ଚରିତ୍ରର ଅନ୍ତର୍ଦୃଷ୍ଟି ପ୍ରକାଶିତ ହୋଇନାହିଁ । କୌଣସି ମହାନ୍ ଚରିତ୍ରକୁ କୌଣସି କ୍ଷୁଦ୍ର ଜୀବନ ଘଟଣାରେ ଅଥବା ଏକ ମହତ୍ ସତ୍ୟକୁ ସଂଘର୍ଷର ପ୍ରବାହରେ ବାଜିକରି ଭୁଲେଇବାର ପ୍ରୟାସ ଏଥିରେ ନାହିଁ । ଡ଼ଃ କୁଞ୍ଜବିହାରୀଙ୍କ ଉକ୍ତିରେ "ଉପନ୍ୟାସର ସୁସଙ୍ଗତ କଳ୍ପନା, ଯୋଜନା, ସୂକ୍ଷ୍ମାନୁସୂକ୍ଷ୍ମ ବର୍ଣ୍ଣନା ବନ୍ଧ କିମ୍ବା, ପ୍ରତିକ୍ରିୟା ଓ ପରିଣତି, ଚରିତ୍ରର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଏଥିରେ ନାହିଁ ।" (ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ ପୃ. ୧୨୨ )

# ବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ
## ( ଦ୍ୱିତୀୟ ପର୍ବ )

ବ୍ରିଟିଶ ଶାସନରେ ଓଡ଼ିଆ ସାହିତ୍ୟରେ ଏକ ଆମୂଳ ପରିବର୍ତ୍ତନ ଘଟିଲା । ଏ ପରିବର୍ତ୍ତନର ମୂଳରେ ଥିଲା ରାଜନୈତିକ ସଚେତନତା । ଏକ ଦିଗରେ ସ୍ୱାଧୀନତା ପାଇଁ ସଂଗ୍ରାମ ଓ ଅନ୍ୟ ଦିଗରେ ସ୍ୱୟଂଶାସିତ ସଂସ୍ଥା ମାଧ୍ୟମରେ ରାଜନୈତିକ କ୍ଷମତାଲାଭର ସମାଜ ଜୀବନରେ ଏକ ନୂତନ ଶୃଙ୍ଖଳା ସୃଷ୍ଟି କଲା । ପୁଣି ଏକ ଦିଗରେ ପାରମ୍ପରିକ ଗ୍ରାମ ଶାସନ ଓ ଅନ୍ୟ ଦିଗରେ ପାଶ୍ଚାତ୍ୟ କେନ୍ଦ୍ରାନୁଗ ଗଣତାନ୍ତ୍ରିକ ଶାସନ ବେଶ ବିତର୍କ ସୃଷ୍ଟି କରାଇଥିଲା । ଏହି ସମୟରେ ପ୍ରତିଷ୍ଠିତ ରୁଷିଆରେ ସାମ୍ୟବାଦୀ ଶାସନର ଆଦର୍ଶ ମଧ୍ୟ ତରୁଣ ବୁଦ୍ଧିଜୀବୀମାନଙ୍କୁ ଉଦ୍‌ବୁଦ୍ଧ କରିଥିଲା । ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ଓ ପ୍ରଥମ କଂଗ୍ରେସ ଶାସନ ପ୍ରତିଷ୍ଠିତ ହେଲା । ଏକ ଦିଗରେ ଅହିଂସା ଅସହଯୋଗ ଓ ଅନ୍ୟ-ଦିଗରେ ସଶସ୍ତ୍ର ପ୍ରତିରୋଧ ପାଇଁ ମତବାଦ ପ୍ରକାଶ ପାଇଲା । ୟୁରୋପର ଆକାଶରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପଦଧ୍ୱନି ଶୁଣାଯାଉଥିଲା । ପ୍ରଥମ ବିଶ୍ୱଯୁଦ୍ଧ ତାଳରେ ଜଗତର ସର୍ବତ୍ର ବିଦ୍ରୋହର ପ୍ରସ୍ତାବ ହୋଇଥିଲା ତାହାରୁ ଆନ୍ତର୍ଜାତିକ ସ୍ତରର ସନ୍ଦେହ ସଂଘର୍ଷର ବାତାବରଣ ଦେଶରେ ସୃଷ୍ଟି ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ମଧ୍ୟରେ ରାଜନୈତିକ ଶୃଙ୍ଖଳ୍ୟ ଦାନାବାନ୍ଧି ଉଠିଥିଲା । ଏକ ଦିଗରେ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ଓ ଅନ୍ୟ-ଦିଗରେ ନେତାଜୀ ସୁଭାଷଚନ୍ଦ୍ରଙ୍କର ଆତ୍ମଗୋପନ ଓ ବିଦେଶ ପଳାୟନ ଜର୍ମାନ ଓ ଜାପାନ ସାହାଯ୍ୟରେ ଆଜାଦ୍‌ହିନ୍ଦ୍ ସରକାର ଗଠନ ଓ ଆଣ୍ଡାମାନ୍ ଦ୍ୱୀପରେ ସ୍ୱାଧୀନତାର ଘୋଷଣାକଲେ—ଏଇ ସମସ୍ତ ଘଟଣା ଜନସାଧାରଣଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା । ଏହି ପରିବେଶରେ ବହୁ ରାଜନୈତିକ ଉପନ୍ୟାସ ରଚିତ ହୋଇଥିଲା । ରାଜନୀତି ସମ୍ବନ୍ଧ

ପ୍ରତ୍ୟକ୍ଷ ଭାବରେ କହିଲେ, ସ୍ୱାଧୀନତା ସଂଗ୍ରାମର ଉଦ୍‌ବୋଧନକାରୀ ବଳିଷ୍ଠ ନେତା, ସମାଜ ସେବୀ ଓ ସାମ୍ବାଦିକମାନଙ୍କୁ ଐତିହାସିକ ଉପନ୍ୟାସ ଆକୃଷ୍ଟ କରିଥିଲା। ଏମାନେ ଦେଶପ୍ରେମକୁ ଅତୀତର ପୃଷ୍ଠଭୂମିରେ ପୁଣି ନବଜାଗରଣର ସମସାମୟିକ ସମାଜର ପରିବେଶରେ ଉପନ୍ୟାସମାନ ରଚନା କରିଥିଲେ। ଲେଖକମାନଙ୍କର ସ୍ୱାଧୀନ ଚିନ୍ତାଧାରା ଶିଳ୍ପୀଳଟି ଭାବଧାରା ମୁକ୍ତ ଅଙ୍ଗନ ଦେଖାଇଥିଲା। ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର ଏପରିକି ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ଐତିହାସିକ ଉପନ୍ୟାସରେ ଅତ୍ୟାଚାରୀ ବିଦେଶୀ ଶାସକ ବିରୁଦ୍ଧରେ ବିଦ୍ରୋହର ସୂଚନା ମିଳେ। ଦେଶର ରାଜନୀତିରୁ ଗାନ୍ଧିର ଅଭ୍ୟୁଦୟ ପର୍ଯ୍ୟନ୍ତ ରାଜନୈତିକ ଦଳାଦଳି, ବିନ୍ଦୁଧର ଓ ହରପ୍ରସାଦ ସିଂହ ଓ ନନ୍ଦକୃଷ୍ଣ ମହାନ୍ତିଙ୍କ ଉପନ୍ୟାସର ପୃଷ୍ଠାମାନଙ୍କରେ।

ଓଡ଼ିଆ ଉପନ୍ୟାସରେ ସ୍ୱଜାତି ଚେତନାର ଉତ୍ସ ଏବଂ ଆଧୁନିକ ଭାରତ ଇତିହାସର ପୃଷ୍ଠଭୂମିରେ ଦ୍ରଷ୍ଟବ୍ୟ। ପ୍ରଥମ ବିଶ୍ୱଯୁଦ୍ଧର ଅବସାନ ପରେ ସମଗ୍ର ଭାରତୀୟ ଜନସାଧାରଣଙ୍କର ସାମ୍ରାଜ୍ୟବାଦୀ ଶାସନର ନଗ୍ନରୂପ ଦେଖିଲେ। ଇଂରେଜମାନେ ଭାରତୀୟଙ୍କ ସାହାଯ୍ୟ କାମନା କଲେ। ୧୯୧୯ର ଭାରତୀୟ ଶାସନ ଆଇନ୍ ସମ୍ବନ୍ଧରେ ଏଥିପାଇଁ ଏକ ନୂତନ ପଥ ଦେଖା ଦେଲା। ମାତ୍ର ଏହି ବର୍ଦ୍ଧିତ ଅଧିକାରର ସୁଯୋଗରେ ଲୋକେ ସେମାନଙ୍କ ରାଜନୈତିକ ଅଧିକାର ହାସଲ କରିଥିଲେ। ୧୯୨୦ରୁ ୧୯୩୫ ଭିତରେ ଭାରତୀୟ ଭାବ ପରିବର୍ତ୍ତନର ସ୍ରୋତ ବହାଇଥିଲା। ଏହା ମୂଳରେ ଥିଲା ଭାରତୀୟମାନଙ୍କ ଅଧିକାର ଅର୍ଜନର ଉଦ୍ୟମ ଓ ଅନ୍ୟ-ଦିଗରେ ଭାରତୀୟ ଜନତାଙ୍କ ପ୍ରତି ବ୍ରିଟେନର ଉଦାର ମନୋଭାବ। କିନ୍ତୁ ଭାରତୀୟ ବୁଦ୍ଧିଜୀବୀମାନେ ସ୍ୱାଧୀନତାର ସୋପାନରେ ପହଞ୍ଚିବା-ପାଇଁ ଅଧୀରତା ପ୍ରକାଶ କରିଥିଲେ। ଜନସାଧାରଣଙ୍କର ଏହି ଜାତୀୟ ଆକାଂକ୍ଷାକୁ ଅହିଂସା ଅସହଯୋଗ ଓ ଆଇନ୍ ଅମାନ୍ୟ ଆନ୍ଦୋଳନ କରିଆଣିବାକୁ ଚାହିଁଥିଲେ ଗାନ୍ଧିଜୀ। ୧୯୩୦, ୩୧ ଓ ୩୨ରେ ତିନିଥର ବିଲାତ ସରକାରଙ୍କ ସହିତ ଆଲୋଚନାରେ ବସିଲେ। ଏହାରି ଫଳ ହୋଇ ହେଲା ୧୯୩୫ରେ ଭାରତ ଶାସନ ଆଇନ। ଏଥିରେ ପ୍ରଥମ ଭାରତ ଇତିହାସରେ ଏକ ସଂଘୀୟ ଶାସନ ପ୍ରତିଷ୍ଠା ହେଲା। ଏହାର

ମଧ୍ୟରେ ସ୍ୱାଧୀନତାର ଭାବ ଅଙ୍କୁରିତ ହେବାକୁ ଲାଗିଲା । ଭାରତବର୍ଷର ପ୍ରତ୍ୟେକ ପ୍ରାନ୍ତରେ ସ୍ୱୟଂଶାସିତ ପ୍ରାଦେଶିକ ସରକାର ଗଠିତ ହେଲା । ମାତ୍ର ଏହି ବ୍ୟବସ୍ଥାରେ ସ୍ୱରାଜ ଦେଶବାସୀଙ୍କୁ ସନ୍ତୁଷ୍ଟ କରିପାରି ନଥିଲା । ଏହି ଶାସନର ଜନସାଧାରଣଙ୍କ ଅସହଯୋଗ ଓ ଦୃଷ୍ଟିଭଙ୍ଗୀ ଫଳରେ ଇଂଲଣ୍ଡର ସରକାରରେ ଏକ ରାଜନୈତିକ ଅନିଶ୍ଚିତତା ସୃଷ୍ଟିକଲା । ବିଶ୍ୱଯୁଦ୍ଧର ପ୍ରଭାବ ଭାରତୀୟ ଜନସାଧାରଣଙ୍କର କେତେକାଂଶ ଉପରେ କଳ୍ପନା କରାଯାଇ ପାରେ । ପ୍ରଥମ ବିଶ୍ୱଯୁଦ୍ଧରେ ପ୍ରଥମ ଥର ଦେଖାଇଥିଲା ଏହା ସୁଦୂର ସୁଦେଶର ଭୂଖଣ୍ଡରେ ଯୁଦ୍ଧ ଓ ଭାରତୀୟ ମାନଙ୍କ ପାଇଁ ଏହା ଏକ କଳ୍ପନା ବସ୍ତୁ । ଏହି ଯୁଦ୍ଧରେ ଇଂରେଜମାନଙ୍କ ସହ ଅସହଯୋଗ ପାଇଁ ୧୯୩୯ରେ କଂଗ୍ରେସ ପ୍ରଥମଙ୍କୁ ନିର୍ବାଚନ ହେଲା ଓ ପ୍ରାଦେଶିକ ସରକାରରେ ଅଂଶ ଗ୍ରହଣ କଲେନାହିଁ । ୧୯୪୦ରେ ଯୁଦ୍ଧର ଗତି ବଢିଗଲା । ଫ୍ରାନ୍ସର ପତନ ଘଟିଲା ଜର୍ମାନ ଓ ଇଂରେଜ ଯୁଦ୍ଧରେ ଇଂରେଜମାନେ ପରାଜିତ ହେଲେ । ଇଂରେଜଙ୍କ ଦୁର୍ଦ୍ଦିନରେ ସୁଯୋଗ ଗ୍ରହଣକରି ଭାରତୀୟ ସ୍ୱାଧୀନତା ପାଇଁ ସ୍ୱପ୍ନ ଦାନାବାନ୍ଧି ଉଠିଲା । ଯୁଦ୍ଧ କ୍ରମଶଃ ମଧ୍ୟ ପ୍ରାଚ୍ୟରୁ ସୁଦୂର ପ୍ରାଚ୍ୟ ପର୍ଯ୍ୟନ୍ତ ବିସ୍ତାରିତ ହେଲା । ଭାରତୀୟ ସୈନ୍ୟମାନେ ପ୍ରତ୍ୟକ୍ଷରେ ଯୁଦ୍ଧରେ ଯୋଗଦେଲେ । ଇଂରେଜମାନଙ୍କ ମିତ୍ର ରୁଷ ଭାବରେ ଆମେରିକା ସୈନ୍ୟମାନେ ରଣାଙ୍ଗନରେ ପ୍ରବେଶ କଲେ । ୧୯୪୨ ଯୁଦ୍ଧର ଭୟଙ୍କରତା ଜାପାନ ସହାୟତାରେ ଆଜାଦ୍ ହିନ୍ଦ୍ ଫୌଜ୍ ଆସାମ ପର୍ଯ୍ୟନ୍ତ ଅଗ୍ରସର ହେଲେ । ବିଶାଖାପାଟଣା ଓ କଲିକତାରେ ଜାପାନ ବୋମା ପଡ଼ିଲା । ଯୁଦ୍ଧର ଆତଙ୍କ, ଆର୍ଥିକ ବିପର୍ଯ୍ୟୟ, ଯୋଗାଯୋଗ ବ୍ୟବସ୍ଥାର ଅସ୍ଥିରତା, ଦୁର୍ଭିକ୍ଷ ପ୍ରଭୃତି ଭାରତବର୍ଷର ସମସ୍ତ ଦେଶର ରାଜନୈତିକ ଓ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇ ପଡ଼ିଲା । ଏହି ପରିସ୍ଥିତିରେ ଭାରତୀୟ ଉପ-ମହାଦେଶର ସ୍ୱାଧୀନତା ଆଶା ଆକାଂକ୍ଷା ସେତିକି ବଳବତୀ ହେଲା ଭାରତୀୟ ସମସ୍ତ ନେତୃତ୍ୱ ଦୁର୍ବଳ ହୋଇ ପଡ଼ିଲା । ୧୯୪୦ରେ ମୁସଲିମ୍ ଲିଗ୍ ପାକିସ୍ଥାନ ଦାବିକଲା । ଏହି ପରିସ୍ଥିତିରେ ୧୯୪୨ରେ ଏକ ଭାରତ ଗଠନର ସମ୍ବନ୍ଧୀୟ ପ୍ରସ୍ତାବ ନେଇ ସାର୍ ଷ୍ଟାଫୋର୍ଡ କ୍ରିପ୍ସ ଭାରତ ଆସିଲେ ଓ ୧୯୪୨ ଅଗଷ୍ଟ ମାସରେ ମହାତ୍ମାଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କଲେ । କିନ୍ତୁ ଏହି ଆନ୍ଦୋଳନ ତତ୍‌କ୍ଷଣାତ୍ ସଫଳ ହେଲାନାହିଁ । ଯୁଦ୍ଧରେ ଇଂଲଣ୍ଡର ଜୟଲାଭ ଆଉ ସ୍ୱାଧୀନତାର ସ୍ୱପ୍ନ

ଲୁଟି ଦେଲା । ୧୯୪୫ରେ ଜାପାନର ପରାଜୟ ଏସିଆରୁ ସାମ୍ରାଜ୍ୟବାଦର ଶେଷ ଘଣ୍ଟିକା ବାଜିଲା । ସଙ୍ଗେ ସଙ୍ଗେ ଆରମ୍ଭ ହେଲା ଭାରତୀୟ ସମ୍ମାନ ଓ ଭାରତୀୟ ସ୍ୱାଧୀନତା ଦେଇ ଆନ୍ଦୋଳନର ନୂଆ ଅଧ୍ୟାୟ । ଜୁନ୍ ୩ ରି ୧୯୪୭ରେ ମାଉଣ୍ଟବାଟେନ୍ ପ୍ଲାନ୍ ବ୍ରିଟିଶ ମନ୍ତ୍ରୀମଣ୍ଡଳର ଅନୁମୋଦନ ଲଭିଲା । ମନେ ମାଙ୍ଗି ଭାରତକୁ ଭୁଟ୍ଟାନର ଇସ୍‌ଲାମର ଆଧାରରେ ତାଙ୍କ ମୁସଲିମ୍ ଲିଗ୍ ସାମ୍ପ୍ରଦାୟିକ ଦାବୀର ଅନ୍ତ ହେଲା । ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ ଏକ ଦୀର୍ଘ ଅହିଂସା ସଂଗ୍ରାମର ଶେଷ ଘଟିତ ହେଲା । ଏହି ଭାବରେ ଇଂରେଜ ମାନଙ୍କର ୩୫୦ ବର୍ଷର ବାଣିଜ୍ୟକ ପ୍ରାଧାନ୍ୟ, ଦୁଇଶତ ବର୍ଷର ରାଜନୈତିକ କ୍ଷମତା ଓ ୧୩୦ ବର୍ଷର ସାମରିକ ଆଧିପତ୍ୟର ଅବସାନ ଘଟିଲା । ପାଞ୍ଚ ଅଭ୍ୟୁଦୟର ସମାପନରେ ଆସିଲା ସ୍ୱାଧୀନ ଭାରତ ସାର୍ଥକ ହେଲା । ଇଂରେଜ୍ ଶାସନ ଚାଲି ଗଲା ଛାଡ଼ିଲା ଇଂରେଜୀ ଭାଷା, ସ୍ୱାତନ୍ତ୍ର୍ୟ ନୈତିକତା ସମବାୟ, ଭାରତବର୍ଷରେ ସୁଦୀର୍ଘ ଇତିହାସରେ ମଧ୍ୟ ଏକ ଅଭିଜ୍ଞତାର ଧାରା ରହିଲେ ।

ବ୍ରିଟିଶ୍ ଶାସନର ଶେଷ ପଚାଶ ବର୍ଷ ଭାରତୀୟ ସମାଜ, ଭାରତୀୟ ଅର୍ଥନୀତି ଓ ନୈତିକ ବ୍ୟବସ୍ଥାଗତ ଜଗତରେ ଏକ ନବ ଅଭ୍ୟୁଦୟର ଯୁଗ । ଶିକ୍ଷାର ବିସ୍ତାର ଭାରତୀୟ ସମାଜକୁ ଆଧୁନିକ ଜଗତର ନିକଟ-ବର୍ତ୍ତୀ କଲା । ୧୮୬୫ରେ ସିମଲାରେ ସାମରିକ ଜନଶିକ୍ଷାର ବିସ୍ତାର ପାଇଁ ଏକ ସମ୍ମିଳନୀ ଅନୁଷ୍ଠିତ ହେଲା । ୧୯୨୫ରେ ଇଣ୍ଟର ୟୁନିଭର୍ସିଟି ବୋର୍ଡ଼ ଗଠିତ ହେଲା । ୧୯୩୫ରୁ ୩୭ ମଧ୍ୟରେ ସାରା ଭାରତରେ ପାଖ ପାଖି ସତାବନ ଲକ୍ଷ ବାଳକ ଓ ଚଉଦଶହ ୧୨ ଲକ୍ଷ ବାଳିକା ବିଦ୍ୟାଳୟରେ ପଢୁଥିଲେ । ସ୍ୱାଧୀନତା ଆନ୍ଦୋଳନ, ଯୁଦ୍ଧ ଓ ଯୁଦ୍ଧୋତ୍ତର ପୁନର୍ଗଠନ ମଧ୍ୟରେ ଶିକ୍ଷା ମାଧ୍ୟମରେ ସମାଜର ପରିବର୍ତ୍ତନ ତ୍ୱରାନ୍ୱିତ ହୋଇଥିଲା । ନାରୀର ଅଧିକାର ପ୍ରତିଷ୍ଠା, ଜାତିଭେଦର ବିଲୋପ, ଧର୍ମୀୟ ସଂସ୍କାର ପରିବର୍ତ୍ତେ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଓ ନୈତିକ ଅଧିକାର ପ୍ରତିଷ୍ଠା ପାଇଁ ନୂତନ ପ୍ରୟାସ ଆରମ୍ଭ ହେଲା । ଏହି ନୂଆ ଜୀବନ-ବୋଧର ଆଦର୍ଶକୁ ସାର୍ଥକ କରିବା ପାଇଁ ଜାତୀୟ ଜୀବନ ନୂତନ ଚେଷ୍ଟା ସମସ୍ତ କରିଥିଲା । ଭାରତୀୟମାନେ କେବଳ ଅତୀତ ଗୌରବ ଆଡ଼କୁ ନ ଚାହିଁ

ନୂତନ ଭବିଷ୍ୟତ ଦୃଷ୍ଟି ଦେଲେ । କେବଳ ଅତୀତର ଅନୁକରଣରେ ନୁହେଁ ସମକାଳୀନ ପାଶ୍ଚାତ୍ୟର ଶିଳ୍ପ ଓ ବିଜ୍ଞାନ କ୍ଷେତ୍ରର ଆଦରଣରେ ସ୍ୱୀ ଭବିଷ୍ୟତ ଜୀବନର ଦୃଶ୍ୟ ଦୃଢ଼ କଲେ । ପ୍ରଥମ ପଞ୍ଚବାର୍ଷିକର ଅବଦାନ ସଂଗଠିତ ଭାରତରେ ଦ୍ରୁତ ଅର୍ଥନୈତିକ ବିକାଶ ଦେଖାଗଲା । ଲୌହ ଶିଳ୍ପର ବିକାଶ ଘଟିଲା । ବସ୍ତ୍ର ଶିଳ୍ପରେ ଜାପାନର ପ୍ରତିଦ୍ୱନ୍ଦ୍ୱିତାରୁ ରକ୍ଷାପାଇବା ପାଇଁ ଭାରତରେ ବୈଦେଶିକ ବାଣିଜ୍ୟ ସୁରକ୍ଷା ବୋର୍ଡ଼ ପ୍ରତିଷ୍ଠା ହେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ସ୍ୱଦେଶୀ ଉଦ୍ୟୋଗମାନେ ଭାରତର ବସ୍ତ୍ର ଉତ୍ପାଦ୍ ଓ ବୈଜ୍ଞାନିକଙ୍କୁ ପ୍ରଶିକ୍ଷିତ କରାଗଲା ଓ ସାମରିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସବୁପ୍ରକାର ଶିଳ୍ପକୁ ଉତ୍ସାହ ଦିଆଗଲା । ସମଗ୍ର ପୃଥିବୀରେ ଏକକ ବୃହତ୍ତମ ଲୌହ କାରଖାନା ଏ ଦେଶରେ ଗଢ଼ି ଉଠିଲା ଓ ଭାରତ ହେଲା ସମଗ୍ର ପୃଥିବୀରେ ସପ୍ତ ଶିଳ୍ପ ସମୃଦ୍ଧଦେଶ । ମାତ୍ର ଦେଶର ବିପୁଳ ଜନସଂଖ୍ୟା ଓ ବ୍ୟାପ୍ତି ତୁଳନାରେ ଏଇ ସୁଖସମୃଦ୍ଧି ଯଥେଷ୍ଟ ନଥିଲା ତେଣୁ ସମଗ୍ର ଜନସାଧାରଣଙ୍କ ଭାଗ୍ୟର ପରିବର୍ତ୍ତନ ପାଇଁ ଗାନ୍ଧୀଙ୍କ ସ୍ୱପ୍ନ ଅବ୍ୟାହତ ରହିଲା । ସାମାଜିକ ଜୀବନକ୍ଷେତ୍ରରେ ଗାନ୍ଧୀଜୀ ଥିଲେ ପ୍ରକୃତ ବିପ୍ଳବୀ । ଦଳିତ ଜାତି, ନାରୀ ଓ ଶୂଦ୍ରଙ୍କର ସମାନ ମର୍ଯ୍ୟାଦା ଓ ସମାନ ଅଧିକାର, ଭିନ୍ନ ଜାତି ମଧ୍ୟରେ ବିବାହ ପ୍ରଚଳନ ସମଗ୍ର ଜାତିପ୍ରାଣରେ ପୂର୍ଣ୍ଣପ୍ରାଣ ମାନବତା ପ୍ରତିଷ୍ଠାର ପଥ ଉନ୍ମୁକ୍ତ କରୁଥିଲା ।

ଓଡ଼ିଆ କଥା ସାହିତ୍ୟରେ ଏଇ ନୂତନଜୀବନଧାରା, ନୂତନ ସାମାଜିକ ଆଦର୍ଶ, ନୂତନମାନବତାବୋଧ, ନୂତନ ସାମାଜିକ ଚେତନାର ପ୍ରଭାବ ପଡ଼ିଥିଲା । ଔପନ୍ୟାସିକମାନେ ଶିଳ୍ପସୃଷ୍ଟି ସଙ୍ଗେ-ସଙ୍ଗେ ନୂତନ ଭବିଷ୍ୟତର ସ୍ରଷ୍ଟା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣକରିଥିଲେ । ପରବର୍ତ୍ତୀକାଳର ସ୍ରୋତମୁଖରେ ସାମାଜିକ ଜୀବନର ଅସ୍ଥିରତା, ବ୍ୟକ୍ତିଜୀବନର ଆଶା ଓ ନୈରାଶ୍ୟ ସବୁକିଛି ଉପନ୍ୟାସର ଅଙ୍ଗୀଭୂତ ହୋଇଥିଲା । ଯେଉଁ ସବୁ ବିପ୍ଳବୀଜନନାୟକମାନେ ବ୍ରିଟିଶର ବନ୍ଦୀଶାଳାରେ ସାମୟିକ ବନ୍ଦୀହୋଇ ରହିଥିଲେ, ସେମାନଙ୍କ ମଧ୍ୟରୁ କେହିକେହି କଥାସାହିତ୍ୟ ମାଧ୍ୟମରେ ସ୍ୱୀ ଆତ୍ମପ୍ରକାଶ କରିଥିଲେ ।

—ଧୂଳି—

ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଓଡ଼ିଶାର ଜୀବନଚିତ୍ର ଅଙ୍କନ କରିବାକୁ ଯାଇ ଯେତେବେଳେ ଔପନ୍ୟାସିକମାନେ ବୈଶିଷ୍ଟ୍ୟର ପ୍ରଧାନ କରିବାରେ ବ୍ୟର୍ଥ ହୋଇଥିଲେ, ସେତେବେଳେ ଗୋଦାବରୀଶ ମିଶ୍ରଙ୍କର ଆବିର୍ଭାବ ( ୧୮୮୬-୧୯୫୬ ) ହୋଇଥିଲା। ରାଧାନାଥ ଯେପରି ବହୁ ବୈଦେଶିକ କାହାଣୀ ଓ କାବ୍ୟର ଶ୍ରେଷ୍ଠ ସାହିତ୍ୟର ଉପାଦାନ ନେଇ ଓଡ଼ିଶାର ଭୂଗୋଳ ଓ ଇତିହାସ ସହିତ ସାମଞ୍ଜସ୍ୟ ରଖି ନୂତନ କାବ୍ୟସୃଷ୍ଟି କରିଥିଲେ, ଠିକ୍ ସେହିପରି ଗୋଦାବରୀଶ ବିଶ୍ୱସାହିତ୍ୟର କେତୋଟି ଶ୍ରେଷ୍ଠ ଉପନ୍ୟାସକୁ ଓଡ଼ିଶାର ପୃଷ୍ଠଭୂମିରେ ଏକାନ୍ତ ମୌଳିକ କାହାଣୀ ରୂପେ ପରିବେଷଣ କରିଛନ୍ତି। ତାଙ୍କର ସୁପ୍ରସିଦ୍ଧ ଉପନ୍ୟାସ ଅଠାନ୍ତର, ଅନ୍ତିମ, ୧୮୧୭ (ଅଠର ଶହ ସତର) ଓ ନିର୍ବାସିତ। ପ୍ରଥମ ତିନୋଟି ଉପନ୍ୟାସ ଯଥାକ୍ରମେ ରବର୍ଟ ଲୁଇ ଷ୍ଟିଭେନସନ୍‌ଙ୍କ ଡକ୍ଟର ଜେକଲ ଆଣ୍ଡ ମିଷ୍ଟର ହାଇଡ୍ ଓ ଫରାସୀ ଔପନ୍ୟାସିକ ଭିକ୍ଟର ହ୍ୟୁଗୋଙ୍କ ଲେ' ମିଜରେବ୍ଲ ଓ ଡିକେନ୍‌ସଙ୍କ 'ଏ ଟେଲ ଅଫ ଟୁ ସିଟିସ୍'ର ଉପଜୀବ୍ୟ ରୂପାନ୍ତର ମାତ୍ର। ଏହି ଉପନ୍ୟାସ ଗୁଡ଼ିକୁ ଅନୁବାଦ କରିବାରେ ଲେଖକଙ୍କର ମୌଳିକ କୃତିତ୍ୱ ନାହିଁ ତାଠାରୁ ବେଶୀ କୃତିତ୍ୱ ଉପଜୀବ୍ୟ ପରିବେଶରେ ଗଳ୍ପଗୁଡ଼ିକୁ ପରିବେଷଣ କରିବାରେ। ଘଟଣାର ରୋମାଞ୍ଚକର ନାଟକୀୟତା, କାହାଣୀର ଆବେଗ ସଞ୍ଚାର ଓ ପ୍ରାଚୀନ ଉତ୍କଳର ଗୌରବମୟ ଅବଲେଖ୍ୟ ଅଙ୍କନରେ ଲେଖକ ସଫଳ ହୋଇଛନ୍ତି। ସେଇ ଦୃଷ୍ଟିରୁ ଗୋଦାବରୀଶଙ୍କ ସାଫଲ୍ୟ ଅନନ୍ୟ ସାଧାରଣ।

ଗୋଦାବରୀଶଙ୍କ ଅନ୍ତିମ ସମ୍ପୂର୍ଣ୍ଣରୂପେ କାଳ୍ପନିକ ପରିବେଶରେ ରଚିତ। ଉତ୍କଳର ମାନସିଂହପୁରପରେ ସଂଗଠିତ ଉପଭୋଗ୍ୟ ଉପନ୍ୟାସ। ଏହାର ନାୟକ ପାଣ୍ଡୁ ନାଏକ ତସ୍କର, ମାତାଲ ଓ ଅପରାଧୀ। ସେ ସମାଜରେ ଘୃଣିତ ଓ ଲାଞ୍ଛିତ। ମାତ୍ର ଜଣେ ସାଧୁ ପୁରୁଷଙ୍କ ସଙ୍ଗ ଲାଭକରି ତା ଜୀବନରେ ଘଟିଛି ରୂପାନ୍ତର। ସେ ହୋଇଛି ଦେବାନ ଧନଂଜୟ। ବ୍ୟବସାୟୀ, ଧନ ଓ ଦରିଦ୍ରଙ୍କର ସ୍ୱାମୀ ଉପେକ୍ଷିତା ସତଭାଷିଣୀ ସ୍ୱଧାର

ଏକମାତ୍ର କନ୍ୟା ରମାର ସହାୟକର୍ତ୍ତ୍ରୀ । ନିରାପତ୍ତାର ରକ୍ଷାକର୍ତ୍ତ୍ରୀ । କିନ୍ତୁ ଶେଷ ପର୍ଯ୍ୟନ୍ତ ନିଜ ଅପରାଧ ପାଇଁ ରଜିକୁ ସେ କ୍ଷମାକରିପାରିନାହାନ୍ତି । ଅଗ୍ରଜିନର ମା ଭାଗ୍ୟ ଫେରି ପାଇଛି ସେନାପତି ଗୋବିନ୍ଦ ସିଂହଙ୍କ ପୁତ୍ର ବନମାଳୀଙ୍କର ପାଣିଗ୍ରହଣ କରି । ଇଂରେଜ ଶାସନ ବିରୁଦ୍ଧରେ ସଂଗଠିତ ବିଦ୍ରୋହୀ ଓଡ଼ିଶାର ଐତିହାସିକ ପୃଷ୍ଠଭୂମିକୁ ଜୀବନ୍ତ କରିବାରେ ଗୋଦାବରୀଶ ସଫଳକାମ ହୋଇଛନ୍ତି । ପାଣ୍ଡୁ ନାଏକର ହୃଦୟ ପରିବର୍ତ୍ତନ ଓ ଆତ୍ମ ଅପରାଧବୋଧରେ କାରୁଣ୍ୟ ଓ ଉତ୍ତମାନନ୍ଦଙ୍କ ଆଦର୍ଶବୋଧର ସାର୍ଥକ ଅବତାରଣା କରାଯାଇଛି । '୧୮୧୭' ଗୋଦାବରୀଶଙ୍କର ଅନ୍ୟ ଏକ ଐତିହାସିକ ଉପନ୍ୟାସ । ଏହା ମଧ୍ୟ ପାଇକ ବିଦ୍ରୋହର ପୃଷ୍ଠ-ଭୂମିରେ ଅବସ୍ଥାପିତ । ଏଥିରେ ଖୋର୍ଦ୍ଧାରେ ପାଇକମାନଙ୍କର ବିଦ୍ରୋହ ଓ ବିଦ୍ରୋହୀ ସେନାଧକ୍ଷ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱ ଓ ଅନ୍ୟ-ପକ୍ଷରେ ମାଣିକ୍ୟଗଡ଼ର ଶାସକମାନଙ୍କର ଅତ୍ୟାଚାର ମଧ୍ୟରେ ପଟ ଦେଇ ସଦାଶିବଙ୍କ ସର୍ଗ ଅପରବର୍ତ୍ତି କାରାବାସ ଓ ମୁକ୍ତି, ଏଣିକି ଅଜସ୍ର ଘଟଣାର ପ୍ରବାହ ମୁଖରେ ଶତ୍ରୁଙ୍କ ଓ ଇଂରେଜମାନଙ୍କ ଯୁଦ୍ଧ ଅତ୍ୟାଚାର ଦେଶୀୟ ଶାସକମାନଙ୍କ ବିରୁଦ୍ଧରେ ପ୍ରତିଶୋଧ, ଗୁପ୍ତହତ୍ୟା, ନ୍ୟାୟାଳୟର ବିଚାର ବିଦ୍ରୋହୀମାନଙ୍କପ୍ରତି ଦମନନୀତି, ଗୁପ୍ତଚରବାହିନୀର କାର୍ଯ୍ୟ ଓ ପରିଶେଷରେ ଓଡ଼ିଶାର ପାଇକବିଦ୍ରୋହର ଅବସାନ, ବିପ୍ଳବଆତ୍ମାର ଚିରଜାଗ୍ରତ ରୂପ, ପରାଧୀନତାଜର୍ଜରିତ ଉତ୍କଳୀୟମାନଙ୍କର ଆଶା ଓ ଆତ୍ମବିଶ୍ୱାସର ଉଜ୍ଜ୍ୱଳସ୍ୱପ୍ନମୂର୍ତ୍ତି ଅଙ୍କନ କରିବାରେ ୧୮୧୭ରେ ଗୋଦାବରୀଶଙ୍କ ସାର୍ଥକତା ଅନସ୍ୱୀକାର୍ଯ୍ୟ । ଏକ ଦିଗରେ ଦିଜନଙ୍କର ଘନଶ୍ୟାମ ଆଦର୍ଶନିଷ୍ଠ ନିଷ୍ଠା ଓ ଆତ୍ମୋତ୍ସର୍ଗ ଓ ଅନ୍ୟଦିଗରେ ନିଷ୍ଠୁର ଆଚରଣ, ହିଂସା, ଶଠତା ବିରୁଦ୍ଧରେ ମାନବମନର ସହଜାତ କାରୁଣ୍ୟ, ଆତ୍ମନିର୍ଯ୍ୟାତନ, ଅନୁତାପ ଓ ଅନୁଶୋଚନାର ଚିତ୍ର ଆମେ ଦେଖିବାକୁ ପାଉ । ଏହି ବିଦ୍ରୋହର ଅନ୍ୟତମ ନେତା ଜଗବନ୍ଧୁଙ୍କର ଚରିତ୍ର ଉଦାର ମାନସିକ ଅନ୍ତର୍ଦ୍ୱନ୍ଦ୍ୱ ଓ ନୈତିକବଳିଷ୍ଠତା, ବିପ୍ଳବୀମାନଙ୍କର ମାନବିକତା, ତ୍ୟାଗ, ଆତ୍ମବଳିଦାନ ଏ ସମସ୍ତ ଭିତରେ ଏକ ବୀର ଜାତିର ମାନବୀୟ ମର୍ଯ୍ୟାଦାବୋଧ ଉପନ୍ୟାସରେ ଚମତ୍କାର ଫୁଟିଉଠିଛି । ନିର୍ବାସିତା ଏକ ରୋମାଞ୍ଚକର ଉପନ୍ୟାସ । ପୁରୀ ରାଜା ଦିବ୍ୟସିଂହ ଦେବଙ୍କ

ସୀମାନ୍ତର ଘଟଣାକୁ କେନ୍ଦ୍ରକରି ଏହା ରଚିତ । ଏକ ଦିଗରେ ବୈଜ୍ଞାନିକ-କାଳ୍ପନିକତା ଓ ଅନ୍ୟସବୁର ନାୟକଙ୍କର ବୈପ୍ଳବିକ ଉଦ୍ଭାବନ, ଅଭିଯାନ, ସୁଦୂର ସୀମାନ୍ତରେ ବନ୍ଦୀ ଦିବ୍ୟସିଂହଙ୍କୁ ଉଦ୍ଧାର, ମେଜର ଦେବେନ୍ଦ୍ରଙ୍କ ସାଫଲ୍ୟ ଓ ପ୍ରେମଭୋଗର ପରାଧୀନ ଦେଶରୁ ଦୂରରେ ରହି ଏକ ଅଙ୍ଗୀକାରବଦ୍ଧରୁ ଭାରତକୁ ଇଂରେଜ କବଳରୁ ଉଦ୍ଧାର କରିବାପାଇଁ ଦିବ୍ୟସିଂହଦେବଙ୍କ ନେତୃତ୍ୱରେ ବିପ୍ଳବୀମାନଙ୍କ ଶପଥ ଓ ଆତ୍ମ-ବଳିଦାନର କାହାଣୀ ଏହି ଉପନ୍ୟାସଟିର ଉପଜୀବ୍ୟ । ଏହି ଉପନ୍ୟାସର ରଚନାକାଳ ୧୯୫୬ । ନେତାଜୀ ସୁଭାଷଙ୍କର ଦେଶାନ୍ତର ଓ ଆଣ୍ଡାମାନ୍‌ରେ ସ୍ୱାଧୀନ ସରକାର ପ୍ରତିଷ୍ଠାର ଐତିହାସିକ ପୃଷ୍ଠଭୂମିରେ ଗୋଦାବରୀଶ ପରିବେଷଣ କରିଥିବା ପ୍ରସଙ୍ଗ । ଏହି ଉପନ୍ୟାସର ନାୟକ ମେଜର ଦେବେନ୍ଦ୍ର ପ୍ରେମଚନ୍ଦ୍ରଙ୍କର ଇଂରେଜ ବାହିନୀରେ ଅଫିସର୍ ଭାବରେ କାର୍ଯ୍ୟ କରିଥିଲେ । ସେ ଓଡ଼ିଶାର ଗୋପାଳପୁରରେ ଗୋପନରେ ଉଡ଼ାଜାହାଜ ନିର୍ମାଣ କରିବା ଓ ଦୁଃସାହସିକ ଭାବରେ ପୁରୀ ରାଜାଙ୍କୁ ଉଦ୍ଧାର କରିବା ଘଟଣା ବର୍ଣ୍ଣନାରେ କିଛି ଐତିହାସିକ ବ୍ୟତିକ୍ରମ ଘଟିଥାଇ ପାରେ । କାରଣ ଠାକୁରରାଜା ଦିବ୍ୟସିଂହଦେବ ପ୍ରଥମ ବିଶ୍ୱଯୁଦ୍ଧରେ ପର୍ଯ୍ୟନ୍ତ ବଞ୍ଚିତ ନଥିଲେ । ଏଥିରେ ଏଭଳିକି ଐତିହାସିକ ବ୍ୟତିକ୍ରମ ସତ୍ତ୍ୱ ଉପନ୍ୟାସଟିରେ ଦେଶ ସ୍ୱାଧୀନତା ସଂଗ୍ରାମର ଉଦ୍ଦୀପନାମୟୀ ଚିତ୍ର ଅଙ୍କିତ ହୋଇଅଛି । ଓଡ଼ିଆ ଉପନ୍ୟାସ ଜଗତରେ ଦୁଃସାହସିକ ଅଭିଯାନ, ସମୁଦ୍ର ଦୁର୍ଘଟଣାରେ ପ୍ରାକୃତିକ ବର୍ଣ୍ଣନା ସମ୍ପୃକ୍ତରେ ସଚେତନ ସଂଗ୍ରାମର ଏପରି ଉଦାର ରୂପ ଗୋଦାବରୀଶଙ୍କ ପରି କେହି ଅଙ୍କନ କରିନଥିଲେ ।

ସନ୍ତାନର ଉପନ୍ୟାସଟି ମଧ୍ୟ ଏକ ବିଦେଶୀ ଉପନ୍ୟାସ ବୋଲି ଆଦୌ ମନେହୁଏ ନାହିଁ । କଟକ ସହରର ଗଳିକନ୍ଦି ତେଲେଙ୍ଗାବଜାର ଭୁଲମୀପୁରର ବସ୍ତି ଏଥିରେ ଜୀବନ୍ତ ହୋଇ ଉଠିଛି । ଡାକ୍ତର ନାଏକଙ୍କ ସନ୍ଦେହ କେମିତି ହୁଏ ସନ୍ତାନର କାହାଣୀ ବର୍ଣ୍ଣନାରେ ଉପନ୍ୟାସର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉତ୍କଣ୍ଠା ଓ ଆବେଗର ସଞ୍ଚାର କରିବାରେ ଲେଖକ ସଫଳ ହୋଇଛନ୍ତି । ଡାକ୍ତର ନାଏକଙ୍କ ଆତ୍ମଚରିତ୍ର ମାଧ୍ୟମରେ

ଉପନ୍ୟାସର କଥାବସ୍ତୁ ଅତ୍ୟନ୍ତ ନାଟକୀୟ ଭାବେ ପରିବେଷିତ । ଗୋଦାବରୀଶ ଏକାଧାରରେ ଐତିହାସିକ, ରାଜନୈତିକ ଓ ସାମାଜିକ ଘଟଣାର ସମନ୍ୱୟ ଘଟାଇ ଅଛନ୍ତି । ଐତିହାସିକ ତଥ୍ୟ ବିଶ୍ଳେଷଣରେ ସେ ଊନବିଂଶ ଶତାବ୍ଦୀର ପାଇକ ବିଦ୍ରୋହକୁ ପ୍ରାଧାନ୍ୟ ଦେଇଛନ୍ତି । ଏହି ବିଦ୍ରୋହର ପଟଭୂମିରେ ସେନାପତି ବକ୍ସି ଭବିଷ୍ୟତବାଣୀ ଶୁଣାଇଛନ୍ତି । ଭବିଷ୍ୟତ ସ୍ୱାଧୀନତା ସଂଗ୍ରାମରେ ସାଫଲ୍ୟର ଚିତ୍ର ଅଙ୍କି ଗୋଦାବରୀଶ ଓଡ଼ିଆସମାଜର ପ୍ରାଣ ଜୀବନରେ ନୂତନ ବିପ୍ଳବର ବାଣୀ ପ୍ରସ୍ତୁତ କରିଛନ୍ତି । ତାଙ୍କର ନାୟକ ନାୟିକା ପ୍ରତ୍ୟେକ ସଂଗ୍ରାମରତ, ସାଧନାରତ । ସାଧନା ଓ ସଂଗ୍ରାମର ମାର୍ଗ ଯେତେ କଣ୍ଟକିତ ଓ ବିପଦ-ସଂକୁଳ ହେଲେ ବି ଧୈର୍ଯ୍ୟ ସାହସ ଓ ଅଖଣ୍ଡ ଆତ୍ମବିଶ୍ୱାସ ନେଇ ସେମାନେ ଅଗ୍ରସର ହୋଇଛନ୍ତି । ଏକ ମହନୀୟ ଲକ୍ଷ୍ୟ ସାଧନରେ ବୈଜ୍ଞାନିକ-ଅନୁସନ୍ଧାନ, ବୈପ୍ଳବିକସଂଗ୍ରାମ ଓ ମହାନ ମାନବୀୟ ଆଦର୍ଶ ମୂର୍ତ୍ତିପ୍ରତୀକ ଡାକ୍ତର ଚାରୁକାନ୍ତ ନାୟକ, କର୍ମବୀର ପାଣୁ ନାୟକ, ଇଂଜିନିୟର କମଳର ସହୋଦର ନବକେଶ ଅଥବା ସଦାଶିବ କବିରାଜ ପ୍ରମୁଖ ଭବିଷ୍ୟତ ପାଇଁ ଅନନ୍ତ ବିକାଶର ବୀଜ ବପନ କରି ଆସିଛନ୍ତି । ଗୋଦାବରୀଶଙ୍କ ଉପନ୍ୟାସ ଗୁଡ଼ିକ ଚାଞ୍ଚଲ୍ୟକର ଘଟଣାରେ ପରିପୂର୍ଣ୍ଣ । ସେମାନେ ଗଦ୍ୟଧର୍ମୀ ହେଲେହେଁ ମହାକାବ୍ୟିକ ଭଙ୍ଗିମ କଳ୍ପନାରେ ମହତ୍ତ୍ୱ ବ୍ୟଞ୍ଜିତ ହୋଇ ଅଛି । ଗୋଦାବରୀଶଙ୍କ ଭାଷା ସରଳ, ସାବଲୀଳ ଓ ଓଡ଼ିଆ କଥିତ ଭାଷାର ଅତ୍ୟନ୍ତ ନିକଟବର୍ତ୍ତୀ । ଉତ୍କଣ୍ଠା, ଆବେଗ, କରୁଣା, ଦରବାର-ନ୍ୟାୟର ଚିତ୍ରର ସହିତ ଗୋଦାବରୀଶ ସହଜ ଓ ସ୍ୱତଃସ୍ଫୂର୍ତ୍ତ ଭାଷାର ବିନିଯୋଗ କରିଛନ୍ତି । ଗୋଦାବରୀଶଙ୍କ ଭାଷା ଶବ୍ଦସ୍ତୁ ଓ ମନୋଜ୍ଞ ଉପମାନରେ ବିଭୂଷିତ । ବଣିକମାନେ ବିଦେଶୀ ଶାସନର ବାହୁଲ୍ୟସ୍ୱା ତଳେ "ଯାନକତାରେ ବିଦ୍ୟୁତ ! ସୃଷ୍ଟିର ବିଧାନ ହେଉଛି ସେପରି-ବେଳେ ଖଟୁଲି ଅଲ୍ଲିଅରୁ ଆଖି ଝଲସିଯାଏ ଓ ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ମଧ୍ୟ ରସାତଳରେ ଟେଳେଲେ ମନେ ହୁଏ, ସେହି ଦାରୁଣ ମୁହୂର୍ତ୍ତରେ ବଜ୍ର ମନୁଷ୍ୟର ମୁଣ୍ଡ ଛୁଇଁ ଦୁର୍ବାର ଘେଉଁଘେଉଁ ନାଦରେ ବହୁ ଅଗରେ ଯାଇ ପଡ଼େ ।"

—ତିନି—

ହାସ୍ୟରସ ପ୍ରଧାନ ଉପନ୍ୟାସ ସଂଖ୍ୟା ଓଡ଼ିଆ ସାହିତ୍ୟରେ ବିରଳ । ଓଡ଼ିଆ ଉପନ୍ୟାସର ଜନକ ଫକୀରମୋହନ କେବଳ ହାସ୍ୟରସ ସୃଷ୍ଟି-ପାଇଁ ସ୍ୱତନ୍ତ୍ର ଉପନ୍ୟାସ କେଉଁଟି ନ ଥିଲେ ହେଁ, ତାଙ୍କର ସମସ୍ତ ଉପନ୍ୟାସରେ ଏହା ଆକୀର୍ଣ୍ଣ ହୋଇ ରହିଅଛି । ଫକୀର ମୋହନଙ୍କ ପରିହାସ ରସିକତା ମଧ୍ୟରେ ବୁଦ୍ଧିର ତୀକ୍ଷ୍ଣତା ସହିତ ଉପଲବ୍ଧି କରିହୁଏ । ଅଧିକନ୍ତୁ ଏକ ସହାନୁଭୂତିଶୀଳ କାରୁଣ୍ୟମଣ୍ଡିତ ମର୍ମୀକାରର ହୃଦୟର ପରିଚୟ ମିଳେ । ଏହି ଧରଣର ହାସ୍ୟ ଅନ୍ୟଦିଗରେ ଅଶ୍ରୁ ସେମାନଙ୍କ ଏକ ଲଘୁଭାବର ବାତାବରଣ ସୃଷ୍ଟି କରେ । ଘଟଣା ଓ ବର୍ଣ୍ଣନା ଜୀବନ୍ତ ହୋଇ ଉଠେ । ଅନ୍ୟାୟ ପ୍ରତି ଶାଣିତ ବିଦ୍ରୂପ ଏଥିରେ ଅନୁଭୂତ ହୁଏ । ସେଥିଲାଗି କେବଳ ଫକୀର ମୋହନ ସ୍ୱତନ୍ତ୍ର ଉପନ୍ୟାସ ରଚନା କରି ନାହାନ୍ତି । ଫକୀର ମୋହନଙ୍କ ଏହି ଧାରା ପରବର୍ତ୍ତୀ କଥା ସାହିତ୍ୟକୁ ଯେଉଁ ପରିମାଣରେ ପ୍ରଭାବିତ କରିବା କଥା ତାହା କରିନାହିଁ । ଫକୀର ମୋହନଙ୍କ କିଞ୍ଚିତ୍ ପରବର୍ତ୍ତୀ ଗୋପାଳଚନ୍ଦ୍ର ପ୍ରହରାଜ ହାସ୍ୟରସକୁ ନିଜର ଲିଖିତ ନିବନ୍ଧରେ ଉପଜୀବ୍ୟ କରିଅଛନ୍ତି । କିନ୍ତୁ ଏହି ଅବହେଳିତ ଧାରାଟି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮–୧୯୫୩)ଙ୍କ ଦ୍ୱାରା ପୁଷ୍ଟ ହୋଇଅଛି । ସେ ନାଟକ, ଗୀତ, ପ୍ରହସନ ଓ କବିତା ପର୍ଯ୍ୟନ୍ତ ସର୍ବତ୍ର ଉତ୍କୃଷ୍ଟ ହାସ୍ୟରସର ବିନିଯୋଗ କରିଛନ୍ତି । ତାଙ୍କର ସୃଷ୍ଟିବୈଚିତ୍ର୍ୟ ମଧ୍ୟରେ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସର ସଂଖ୍ୟା ଖୁବ୍ ଅଳ୍ପ । ବିଶେଷତଃ ଗୋଟିଏ ମାତ୍ର ଉପନ୍ୟାସ କଣାମାମୁଁ । ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରାକ୍-କାଳରେ ୧୯୩୭ ଖ୍ରୀଷ୍ଟାବ୍ଦରେ ରଚିତ ହୋଇଥିଲା । ମାତ୍ର, ଏହା ପ୍ରକାଶ ପାଇଥିଲା ବହୁପରେ ୧୯୪୭, ସେପ୍ଟେମ୍ବର ଉତ୍ତର ପତ୍ରିକାରେ । କଣା ମାମୁଁର ଘଟଣାବଳୀ ସହିତ ଭାରତୀୟ ସ୍ୱାଧୀନତାସଂଗ୍ରାମର ଘଟଣାବଳୀ ଓତପ୍ରୋତ ଭାବେ ଜଡ଼ିତ । ବିଦେଶୀ ଶାସନର ଏକ ଗଭୀର ଦୁର୍ଦ୍ଦିନର ପୃଷ୍ଠଭୂମିରେ ଲକ୍ଷ୍ମୀକାନ୍ତ ଏକ ଜିତେନ୍ଦ୍ରିୟ ଚରିତ୍ରର ଅବତାରଣା କରିଛନ୍ତି କଣାମାମୁଁ ମାଧ୍ୟମରେ । କଣାମାମୁଁଙ୍କୁ ୧୯୪୨ ଅଗଷ୍ଟ

ଆନ୍ଦୋଳନର ନେତା ରୂପେ ଠିଆ କରାଇବା ହୁଏତ ଲକ୍ଷ୍ମୀକାନ୍ତଙ୍କର ଲକ୍ଷ୍ୟଥିଲା । ତା ହୋଇଥିଲେ ହୁଏତ ଘଟଣାର ପ୍ରବାହରେ ଉପନ୍ୟାସର କଥାବସ୍ତୁ ଅଧିକ ପୂର୍ଣ୍ଣତା ଲାଭ କରିପାରିଥାନ୍ତା । ମାତ୍ର ତାର ଆତ୍ମମୂଲ୍ୟରେ କୌଣସି ପରିବର୍ତ୍ତନ ଘଟି ନଥାନ୍ତା, ଉପନ୍ୟାସଟି ଏକ ପ୍ରକାର ଆତ୍ମକଥନ ଭଙ୍ଗୀରେ ରଚିତ । ଅଭିରାମ ନାମକ ଜଣେ ଯୁବକ ନିଜର ଜୀବନ କାହାଣୀ ବର୍ଣ୍ଣନା ପ୍ରସଙ୍ଗରେ ନିଜର ଅତିପ୍ରିୟ ଏକାନ୍ତ ପରିଚିତ ଓ ଅଦ୍ଭୁତ କୌତୂହଳମୟ କଣାମାମୁଁଙ୍କର ଚିତ୍ର ବାଢ଼ି ଦେଇଛି । କଣାମାମୁଁଙ୍କର ଆଖି କଣା ହେବା ବିଷୟରେ ଅନେକ କାହାଣୀ ଲୋକକଥାରେ ପରିଣତ ହୋଇଛି । ସେ କଣାମାମୁଁ କି କଣାମାମୁଁ ଏହା ଗୋଟିଏ ଲେଖକଙ୍କ ହାସ୍ୟ-ରସର ଅବତାରଣା କରିଛନ୍ତି । ପୁଣି ସଙ୍ଗେ ସଙ୍ଗେ ମାମୁଁଙ୍କର ମହତ୍ତ୍ୱ ଫୁଟାଇଛନ୍ତି । ସବୁ ବେଳେ ସେ କି ନିଜ ମୁଣ୍ଡକୁ ନେଇ ଅନ୍ୟର ବାଧାବିଘ୍ନ ହେଲାଭଳି ଦ୍ୱିତୀୟବ୍ୟକ୍ତି ଆଉ କେଉଁଠି ନଥିଲେ । ଏଇ ମାମୁଁ କୁଆଡ଼େ ନବଗଡ଼ ରାଜାଙ୍କ ବଂଶଧର । ପଠାଣ, ମରହଟ୍ଟାଙ୍କ ସମୟରେ ଲଢ଼ି ଲଢ଼ି ସେ ଏଇ ବଂଶର ଧନଦୌଲତ ହରାଇଛନ୍ତି । କିନ୍ତୁ ଏଇ ବଂଶର ରକ୍ତ ମାମୁଁଙ୍କ ଧମନୀରେ ପ୍ରବାହିତ । ବିଦେଶୀ ଇଂରେଜ ଶାସନ ଓ ଏଇ ଶାସନର ଅପକର୍ମ ବିରୁଦ୍ଧରେ ସେ ଲଢ଼ିଛନ୍ତି । ଗାଁରେ ଆଖଡ଼ାଘର ସାଜିଛନ୍ତି । ସେମାନଙ୍କୁ ଶିଖାଉଛନ୍ତି କୁସ୍ତି, ଦଣ୍ଡବୈଠକ, ଲାଠିଖେଳ, ବାଡ଼ିଖେଳ, ଧନୁର୍ବିଦ୍ୟା । ଆଳସ୍ୟ ଓ ସ୍ନାୟବିକ [illegible] ଦୁର୍ବଳତାରୁ ଉଦ୍ଧାରକରି ଯୁବକମାନଙ୍କୁ ସେ ନବଜୀବନର ସନ୍ଧାନ ଦେଉଛନ୍ତି । ତାଙ୍କ ଉପଦେଶର ସାଧୁତା ଗ୍ରାମବାସୀଙ୍କୁ ମଧ୍ୟ ମୁଗ୍ଧ କରିଛି । କେତେବେଳେ ସେ ଡକାୟତମାନଙ୍କ ସଙ୍ଗରେ ଲଢ଼ୁଛନ୍ତି ପୁଣି କେତେବେଳେ ପୋଲିସ ସାଙ୍ଗରେ ଲଢ଼ୁଛନ୍ତି । କାହାକୁ ଜଳରୁ ଉଦ୍ଧାର କରୁଛନ୍ତି ତ କାହାକୁ ନିଆଁରୁ ଉଦ୍ଧାର କରୁଛନ୍ତି । ପୁଣି କେଉଁ ଦୁଃଖିନୀ ଅସହାୟବାଳିକା ଆଖିରୁ ଅଶ୍ରୁ ପୋଛୁଛନ୍ତି । ମାମୁଁଙ୍କ ଉପସ୍ଥିତିରେ ଗାଁ ଯେମିତି ନୂଆ ଜୀବନରେ ହସିଉଠେ, ତାଙ୍କର ଅନୁପସ୍ଥିତିରେ ଗାଁର ଜୀବନ କଳୁଷିତ ହୁଏ । କଣାମାମୁଁଙ୍କୁ ଜେଲରେ ରଖି ଉପନ୍ୟାସର ପରିସମାପ୍ତି ଘଟେ । କିନ୍ତୁ ଉପନ୍ୟାସର ଆମୂଳଚୂଳ ହାସ୍ୟରସ ପରିବେଷଣରେ ଲକ୍ଷ୍ମୀକାନ୍ତ ନିଜର ଅତୁଳନୀୟ କୃତିର ପରିଚୟ ଦେଇଛନ୍ତି, ସେ ମାମୁଁଙ୍କୁ ଏତେ ମହାନ୍ କରି

ହସ କରିବାକୁ ବସିଛନ୍ତି ସେ ତାଙ୍କୁ ସେପରି ହାସ୍ୟରସର ଅନ୍ନଦାତ୍ରୀ ! ଏଇ ମାମୁଁ ଙ୍କର ଅଙ୍କିତ କାହାଣୀ କହିଲାବେଳେ ନବରଙ୍ଗର ରାଜକୁଆଁରକୁ ସେପରି ହାସ ଉଦ୍ରେକକର କାହାଣୀ ସୃଷ୍ଟି କରିଛନ୍ତି । ପୁଣି ଗ୍ରାମ ଲୋକାଙ୍କର ଦୈନନ୍ଦିନ ଜୀବନର ହସ ବର୍ଣ୍ଣନାପ୍ରସଙ୍ଗରେ ବିଶୁଦ୍ଧ ହାସ୍ୟରସର ଅବତାରଣା କରିଛନ୍ତି । ପୀଡ଼ା ଟାର୍ଚ୍ଚ ଅନ୍ୱେଷଣ କରୁଥିବା ପିଲା ପ୍ରାଣନାଥକୁ ଛୁଟି ନେଇବାକୁ ମିନତି କରୁଥିବା ଲୁଲୁ ଡ୍ରାମାଟିଂ ଶୁଣି 'ଦେ ଦେନ୍ତେ ବାନ୍ଦ' କହିବା ଭଳି ଘଟଣାର ଅବତାରଣା କରି ବିଶୁଦ୍ଧ ହାସ୍ୟରସ ସୃଷ୍ଟି କରିଛନ୍ତି । ଏହି ହାସ୍ୟରସ ସୃଷ୍ଟି ପ୍ରସଙ୍ଗରେ ମଣିଷର କାର୍ଯ୍ୟ-କଳାପ, ଚାଲିଚଳଣି, କଥାବାର୍ତ୍ତା ବହୁତ ସୂକ୍ଷ୍ମ ଦୃଷ୍ଟିରେ ବିଶ୍ଳେଷଣ କରିଛନ୍ତି । ଗାଁ ର ଶୈଳକବାର, ଦଗୁଣ ଜେନା, ହାଉଟରର ଜମ୍ବୁ ଦେବନାୟକ, ଛକର ଦୋକାନ ଶ୍ୟାମ ଓ ବଳିଆ, ମାଡ଼ିଆ ମା ଓ ଗୋପାଳ ବୈରାଗ ଜୀ, ଝିଅ ବାହାଘରେ ମାଇପିଙ୍କ ଜାଳ ବହୁଅରେ ବିଶୁଦ୍ଧ ହାସ୍ୟରସର ଅବତାରଣା କରିଛନ୍ତି । ତାଙ୍କର ହାସ୍ୟରସ ବିଷୟରେ ମନ୍ତବ୍ୟ କରିବାକୁ ଯାଇ ଡଃ କୃଷ୍ଣଚନ୍ଦ୍ର ଦାଶ ଯଥାର୍ଥରେ କହିଛନ୍ତି—ଯେତେବେଳେ ଏ ଜାତିର ଆଖିରୁ ଲୁହ ଶୁଖୁ ନଥିଲା , ହତାଶା ହାହାକାରରେ ଯେତେବେଳେ ଏ ଯୁଗର ଜୀବନ ସାଧନା ଭାଙ୍ଗି ହେଉଥିଲା, ତା ଉପରେ ସମତା ଦେଇ ଭାଙ୍ଗି ପଡୁଥିଲା ଏକ ନିଶ୍ଚିତ ଜାତିର ମନ, ସେତିକିବେଳେ ତା ମୁଖରେ ଏକ ସ୍ମିତ ହସର ରେଖା ଆଙ୍କି ଦେଇଥିଲେ ଲକ୍ଷ୍ମୀକାନ୍ତ (ଶ୍ରୀମନ୍ତ—ଡଃ କୃଷ୍ଣଚନ୍ଦ୍ର ଦାଶ—ପୃ: ୭୧-୭୨ )

## ଚ୍ଛର

ରେଣୁମାନଙ୍କ ସୁଲଭ ଘଟଣା ବାହୁଲ୍ୟ କୌତୁହଳୋଦ୍ଦୀପକ କାହାଣୀର ସଂଯୋଜନା ଓ ଭାଷାପ୍ରୟୋଗର ଅଭିନବ ସେପରି ଉପନ୍ୟାସ ରଚନାରେ ଗୋଦାବରୀଶ ମିଶ୍ରଙ୍କର ଶୈଳୀକୁ ଅନୁସରଣ କରିଛନ୍ତି ଗୋଦାବରୀଶ ମହାପାତ୍ର (୧୮୯୮-୧୯୬୫) । ଗୋଦାବରୀଶ ମୋଟ ଛଅଟି ଉପନ୍ୟାସ ଲେଖିଛନ୍ତି ୧୯୨୫ରୁ ୧୯୩୮ ମଧ୍ୟରେ । ତାଙ୍କର

ପ୍ରଥମ ଉପନ୍ୟାସ ଗୁଜପ୍ରାସ୍ତ (୧୯୨୫) ପାଶ୍ଚାତ୍ୟ ବଣିକଙ୍କ ଓଡ଼ିଶା ଆଗମନ ନେଇ ରଚିତ । ଏହି ଉପନ୍ୟାସର ନାୟକ ଗଡ଼ଧଣୀ ନେତାଙ୍କ ଦ୍ୱାରା ଶଙ୍ଖା କୂଳରେ ପରିତ୍ୟକ୍ତ ହୋଇଥିଲା । ସାଧୁ ଭକ୍ତଦାସଙ୍କ ଦ୍ୱାରା ଆଶ୍ରମରେ ପାଳିତ ହୋଇଥିଲା ଓ ଗୁଳିବେମହଲରେ ନାମ ଦେଖାଇ ଭୁଲିଥିଲା ଓ ଶେଷରେ ନିଜକୁ ଜଣାଇଥିଲା ଖୋର୍ଦ୍ଧାର ରାଜା । ଏଇ ଉପନ୍ୟାସଟିରେ କଳ୍ପନାର ରଙ୍ଗ ଦେଇ ଅତୀତ ଓଡ଼ିଶାର ଗୌରବ କାହାଣୀ ବର୍ଣ୍ଣନା କରିବାରେ ସେ ମୁଖର ହୋଇଛନ୍ତି । ଏକଦିଗରେ ବିଦେଶୀ ବଣିକଙ୍କ ଅତ୍ୟାଚାର ଓ ଅନ୍ୟଦିଗରେ ମୁସଲମାନ ଶାସକଙ୍କ ଧର୍ମୀୟ ଉତ୍ପୀଡ଼ନର କାହାଣୀ ଏଥିରେ ବର୍ଣ୍ଣିତ । ବନ୍ଦୀର ଆତ୍ମା (୧୯୩୭)ରେ ମରହଟ୍ଟାମାନଙ୍କର ଇତିହାସକୁ ପୃଷ୍ଠଭୂମିରୂପେ ଗ୍ରହଣ କରାଯାଇଛି । ଏ ସମସ୍ତ ଚରିତ୍ର ମଧ୍ୟରୁ ବନ୍ଦୀଙ୍କ ପ୍ରତି କାରାଗାରର ରକ୍ଷକଙ୍କ କନ୍ୟାଙ୍କ ସମବେଦନା ଓ ମରହଟ୍ଟାବନ୍ଦୀ ଦେବନାଥ ପ୍ରତି ତାଙ୍କ ପ୍ରେମ ବେଦନା ଓ ମହାରାଷ୍ଟ୍ରର ଏକ ସମାଜ ଦ୍ୱାରା ନିନ୍ଦିତ ଆତ୍ମବଳିଦାନ କାହାଣୀ ମଧ୍ୟରେ ଲେଖକଙ୍କ ସ୍ତ୍ରୀଚରିତ୍ର ସୃଷ୍ଟିର କାରୁଣ୍ୟ ଫୁଟାଇଛନ୍ତି । ଏକ ଦେଶର ଯୁବତୀର ଉଦାର ଆକର୍ଷଣ ଓ ଅନ୍ୟଦେଶର କାପୁରୁଷତାର ଅବନୀତି ମଧ୍ୟରେ ବିରୋଧ ସେମିତି ଏହି ଉପନ୍ୟାସରେ ଦୃଢ଼ ଉପସ୍ଥିତ ହୋଇଛି । ଗଜପ୍ରାସ୍ତ ଓ ବନ୍ଦୀରଆତ୍ମା ଉଭୟ ଉପନ୍ୟାସରେ ଖ୍ରୀଷ୍ଟ ମଧ୍ୟଯୁଗୀୟ ଆଭିଜାତ୍ୟ ପ୍ରତି ଲେଖକ ତୀବ୍ର କଟାକ୍ଷ କରିଛନ୍ତି । ପ୍ରେମପଥେ(୧୯୩୬) ଓ ବିଦ୍ରୋହ(୧୯୩୮) ଏହି ଦୁଇଟି ସାମାଜିକ ଉପନ୍ୟାସ । ପ୍ରେମପଥେରେ ହରିଚରଣ, କନକ ଓ ଚଞ୍ଚଳାଙ୍କୁ ନେଇ ପ୍ରେମର ତ୍ରିଭୁଜ ଅଙ୍କିତ । ସ୍କୁଲଛାତ୍ର ହରିଚରଣଙ୍କ ସହିତ ଗାଁଉଁଲି ଝିଅ କନକର ବିବାହ ହୋଇଥିଲା । କିନ୍ତୁ ହରିଚରଣ ସହରରେ ଉଚ୍ଚଶିକ୍ଷା ଲାଭକାଳରେ ସହପାଠିନୀ ଚଞ୍ଚଳାର ବଶବର୍ତ୍ତୀ ହୁଏ ଓ ଶେଷରେ କନକକୁ ଛାଡ଼ି ଚଞ୍ଚଳାକୁ ବିବାହ କରେ । କନକକୁ ଆନ୍ତରିକ ଅବହେଳା କରିବାକୁ ଚେଷ୍ଟା ହରିଚରଣଙ୍କ ପାଇଁ । ଚଞ୍ଚଳାର ସ୍ୱାର୍ଥ ନୈତିକ କରୁଣ ହୋଇ ଉଠିଛି, ଆଧୁନିକ ସମାଜର ସ୍ୱତନ୍ତ୍ର ପ୍ରତି ଲେଖକଙ୍କ କଟାକ୍ଷ ହୋଇ ଉଠିଛି ତୀବ୍ର । ଏହାର ପରବର୍ତ୍ତୀ ବିଦ୍ରୋହ ଉପନ୍ୟାସଟିରେ ନାୟିକା ଗୌରୀ ହୋଇଛନ୍ତି ବିଦ୍ରୋହିଣୀ । ବାଲ୍ୟବିଧବା ଗୌରୀ ପିତାଙ୍କ ଧାର୍ମିକ ସମାଜ ସଂସ୍କାରକାମୀ ଯୁବକ

ଧ୍ରୁବ ସହିତ ଦେଶପ୍ରୀତିର ଆବଦ୍ଧ ହୋଇଛି ଓ ବୃଦ୍ଧସ୍ୱାମୀ ରାଧାନାଥଙ୍କ ସୁବର୍ଣ୍ଣ ସ୍ତ୍ରୀ ରମା ବନ୍ଧୁ ଥାଇଁଥାଇଁ ଶଠତା ବେଶ ଧାରଣକରିଛି । ସମାଜର ବନ୍ଧନରେ ଆତ୍ମସମର୍ପଣରେ ନୁହେଁ ଯଥାର୍ଥ ପ୍ରଣୟରେ ହିଁ ଦାମ୍ପତ୍ୟର ସାର୍ଥକତା, ଗୋଦାବରୀଶଙ୍କ ଆଉ ଏକ ବୈଶିଷ୍ଟ୍ୟ ହେଉଛି ପତ୍ରାଳୀର ମାଧ୍ୟମରେ ଉପନ୍ୟାସ ରଚନା । ହେମଲତା ଉପନ୍ୟାସଟିର ନାୟକ ନାୟିକା ନିଜ ବନ୍ଧୁମାନଙ୍କ ପାଖ ପ୍ରତି ଚିଠି ଲେଖି ଯାଇଛନ୍ତି । ଏହି ଚିଠିଗୁଡ଼ିକ ମଧ୍ୟରେ ହିଁ ଉପନ୍ୟାସର ଘଟଣା ପ୍ରବାହ ଗତିଶୀଳ ହୋଇଛି । ଗୋଦାବରୀଶଙ୍କ ଉପନ୍ୟାସ ଗୁଡ଼ିକର ଘଟଣା ସବୁ ସଂଘର୍ଷପୂର୍ଣ୍ଣ ଓ ଜୀବନ୍ତ । ଚରିତ୍ରାଙ୍କନରେ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ମଣ୍ଡିତ । ଏଇ ଚରିତ୍ର ଗୁଡ଼ିକ ଯେପରି ନିର୍ଭୀକ ଦେଶପ୍ରେମୀ ଦୁଃସାହସୀ ଓ ସଂଗ୍ରାମର ପୃଷ୍ଠଭୂମିରେ ଦୃଢ଼ ପାଦରେ ଦଣ୍ଡାୟମାନ । କି ଐତିହାସିକ, କି ସାମାଜିକ ସବୁଠି ତାଙ୍କ ଚରିତ୍ରଗୁଡ଼ିକ ତାଙ୍କର ନିଜସ୍ୱ ବ୍ୟକ୍ତିତ୍ୱରେ ସମୁଜ୍ଜ୍ୱଳ । ଗୋଦାବରୀଶଙ୍କ ଭାଷାଶୈଳୀ ସରଳ, ମାଧୁର୍ଯ୍ୟମଣ୍ଡିତ ଓ କାରୁଣ୍ୟବୋଧମୟ । ଏକ ଦିଗରେ ମନୁଷ୍ୟର ସହଜାତ ପ୍ରବୃତ୍ତି ଓ ଓ ଅନ୍ୟଦିଗରେ ସମାଜର ଅବହେଳିକ ଶାସନ ଏହାକୁ କେନ୍ଦ୍ରକରି ଉପନ୍ୟାସର ନାଟକୀୟ ଦ୍ୱନ୍ଦ୍ୱର ଅବତାରଣା କରାଯାଇଛି ।

## —ସାତ—

ହରେକୃଷ୍ଣ ମହତାବ୍ (୧୮୯୯—): ବିଂଶ ଶତକର ଓଡ଼ିଆ ଜାତୀୟ ଜୀବନରେ ହରେକୃଷ୍ଣ ମହତାବ୍ ଜଣେ ପ୍ରସିଦ୍ଧ ବ୍ୟକ୍ତି । ଏକ ଅଭିଜାତ ଜମିଦାର ପରିବାରରେ ଜନ୍ମ ଲାଭ କରି ସେ ଜାତୀୟ ମୁକ୍ତି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ । କର୍ମୀ, ସେବକ ଓ ପ୍ରଶାସକ ଭାବରେ ତାଙ୍କର ମହାନ୍ ବ୍ୟକ୍ତିତ୍ୱର ଏକାଂଶ ସାହିତ୍ୟ ସୃଷ୍ଟିରେ ନିୟୋଜିତ ହୋଇଛି । ଦୃଢ଼ ସାମ୍ବାଦିକତା, ପତ୍ରିକାସମ୍ପାଦନା ସଙ୍ଗେ ସଙ୍ଗେ ଇତିହାସ ରଚନା ଓ ସାହିତ୍ୟର ବହୁଳ କ୍ଷେତ୍ରରେ (ରମ୍ୟରଚନା, କାବ୍ୟକବିତା, ନାଟକ, ଉପନ୍ୟାସ ଆଦି ବହୁ ଦିଗରେ) ସେ ଲେଖନୀ

ସୂଚନା କରିଛନ୍ତି । ସବୁଜ ଯୁଗର ଲେଖକମାନେ ପାଶ୍ଚାତ୍ୟ ରୋମାଣ୍ଟିକବାଦ ଚେତନାରେ ଉଦ୍‌ବୁଦ୍ଧ ହୋଇ ନୂଆର ସନ୍ଧାନ, ହୃଦୟବୃତ୍ତିର ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ଛଳରେ କଳାସୃଷ୍ଟିରେ ମଗ୍ନ ଥିବା ସମୟରେ ମହତାବ୍ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରିଥିଲେ । ୧୯୨୭ ଖ୍ରୀ. ଅବ୍ଦରେ ‘ଦେଶୀ ଅବସାନେ’ କାବ୍ୟ ରଚନା କଲେ । ସମସାମୟିକ ସମାଜ ତାର ଅତୀତ ଓ ବର୍ତ୍ତମାନ ଜୀବନ ମହତାବ୍ ଗଭୀରଭାବେ ଦେଖାଇଛନ୍ତି ଓ ତାର ଭବିଷ୍ୟତର ସ୍ୱପ୍ନ ଦେଖିଛନ୍ତି । ମହତାବ୍ କେବଳ ଲୌହମାନବ ନୁହନ୍ତି ସେ ଆଧୁନିକ ଓଡ଼ିଶାର ଇତିହାସର ନିର୍ମାତା । ଏହି ଲୌହମାନବ ପ୍ରତିଭା ବ୍ୟକ୍ତିଙ୍କ ସାଧନାର ଏକ ବଡ଼ ସାହିତ୍ୟ । କାରାଗାରରେ ବନ୍ଦୀ ସମୟରେ ଲୁଣ୍ଠିତ ଜାତିର ସପନକୁ ନିଜସ୍ୱ ବନାଇ ପ୍ରତିଫଳନ ଦେଖାଇଲେ ମହତାବଙ୍କ ସାହିତ୍ୟ ସୃଷ୍ଟି । ସେବେଳେ ପ୍ରତ୍ୟକ୍ଷ ରାଜନୀତିରୁ ନିଜକୁ ଦୂରରେ ରଖି ସାହିତ୍ୟ ମାଧ୍ୟମରେ ଜାତିକୁ ଉଦ୍‌ବୋଧ କରିବାରେ ଲାଗିଲେ । ମହତାବଙ୍କ ଉପନ୍ୟାସ ଗୁଡ଼ିକ ମଧ୍ୟରେ ପ୍ରତିଭା, ଅଭ୍ୟାସର, ନୂତନଧର୍ମ, ଟାଉନର ପ୍ରଭାତ ସ୍ୱାଧୀନତାର ପୂର୍ବସୂଚନାରେ ରଚିତ । ଏଥିରେ ଓଡ଼ିଶାର ସାମାଜିକ ଓ ରାଜନୈତିକ ଜାଗରଣର ଚିତ୍ର ଓ ନେତାମାନଙ୍କର ପ୍ରାଚୀନ ସମାଜ ଓ ଅନ୍ୟାୟଗଣର ନୂତନ ଆଦର୍ଶବାଦ ସଂଘର୍ଷର ସଂଘାତର ଚିତ୍ର ପ୍ରତିଫଳିତ ହୋଇଛି । ସମାଜ ସଂସ୍କାର, ରାଜନୈତିକଚେତନା, ଦେଶାତ୍ମବୋଧର ଉନ୍ମେଷପାଇଁ ଲେଖନୀ ମହତାବଙ୍କ ଏହି ସମୟର ଉପନ୍ୟାସ ଗୁଡ଼ିକ ଅନବଦ୍ୟ । ଜନଧର୍ମ ପ୍ରତି ମହତାବ ସେତିକି ସଚେତନ ନୁହଁନ୍ତି କାମଧର୍ମ ପ୍ରତି ସେତିକି ସଚେତନ । ଏହି ଉପନ୍ୟାସ ଗୁଡ଼ିକ ସାହେବଦରବାରିକ ସମ୍ପାଦକୀୟର ସମାଧାନର ସୁନ୍ଦର ଦୃଷ୍ଟାନ୍ତ ସ୍ୱରୂପ । ଏହାର ଚରିତ୍ରଗୁଡ଼ିକ ସମାଜର ବିଭିନ୍ନ ସ୍ତରରୁ ଗୃହୀତ । ସମାଜରୁ ଜାତିପ୍ରଥା, ଅଶିକ୍ଷା, କୁସଂସ୍କାର ଓ ଯୌତୁକପ୍ରଥା ଆଦି ଦୂରକରିବା ସଙ୍ଗେସଙ୍ଗେ ଦେଶର ତରୁଣମାନଙ୍କୁ ବିଦେଶୀ ସରକାର ସହିତ ସହଯୋଗ ନକରି ସ୍ୱାଧୀନ ଦେଶସେବା ବ୍ରତରେ ବ୍ରତୀକରାଇବା ଉଦ୍ଦେଶ୍ୟରେ ପ୍ରକଳ୍ପ ଉପନ୍ୟାସଟି କଳ୍ପିତ । ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅସ୍ପୃଶ୍ୟ ଜାତିଚିହ୍ନିତ ମହାପୁରୁଷଙ୍କ ଦୃଷ୍ଟିରେ ପ୍ରତିଭାଶାଳୀ ଭାବେ ଲକ୍ଷ୍ୟଦିଅନ୍ତି । ଶିକ୍ଷା ଓ ଆଧୁନିକ ଦୃଷ୍ଟି ତାଙ୍କୁ ମଧ୍ୟ ସ୍ୱାଧୀନ ବ୍ୟକ୍ତିତ୍ୱରେ ଅଭିଷିକ୍ତ

କଣ୍ଠୀରେ । ଏହାହିଁ ପ୍ରକୃତ ଉପନ୍ୟାସର ପ୍ରତିପାଦ୍ୟ । ପ୍ରତିଭା ଦେଶ-ପ୍ରେମିକ ନବୀନଙ୍କ ଯଥାର୍ଥ ସହଧର୍ମିଣୀ ହୋଇ ପାରିଛି । ଅଥଚ ଏକଦାଗଣର ପ୍ରତିଷ୍ଠା ଧାର୍ମିକ ନୈତିକତା ପୁତ୍ର ଅକୁଣ୍ଠ ମହେନ୍ଦ୍ର କେବଳ ଜଣେ ସରକାରୀ ଚାକିରିଆ ହୋଇ ଆଦର୍ଶଚ୍ୟୁତ ହୋଇଅଛି । ତାହାଙ୍କସୁ ସ୍ୱଭାବର ପ୍ରତିଭା, ନବୀନ ଓ ମହେନ୍ଦ୍ର ତିନିଜଣଙ୍କର ଆଦର୍ଶ ବ ଘଟିଛି । ଶକ୍ତିଶାଳୀ ପ୍ରତିଭା ପ୍ରଜାରଞ୍ଜନ ନିଜ ଶ୍ୱଶୁରଙ୍କୁ ମଧ୍ୟ ପ୍ରଭାବିତ କରିଅଛି । ତାହାଙ୍କସୁ ସ୍ୱଭାବର ପ୍ରତିଭା, ନବୀନ ଓ ମହେନ୍ଦ୍ରର ଆଦର୍ଶ ବ ଘଟିଛି ଏକ ଶକ୍ତିର ସ୍ୱରୂପରେ । ମହେନ୍ଦ୍ର ଶେଷରେ ଉପସ୍ଥିତ ହୋଇଛନ୍ତି ବିପ୍ଳବ ଦମନକାରୀ ସରକାରୀ ଅଫିସର ହିସାବରେ । ଜେଲରୁ ଫେରି ନବୀନ ମଧ୍ୟ ଦେଶସେବାରେ ଡାକନ୍ତି ଶକ୍ତିଶାଳୀ ପ୍ରତିଭା ବିଶ୍ୱସ୍ତ ହୋଇ ରହିଥିବା ସମ୍ପୂର୍ଣ୍ଣ । ଛୁଟି ଘର ଖୁସି ପାଉଛି, ମହାନ୍ ବିପ୍ଳବୀ ନେତା ପ୍ରକାଶ ବାବୁଙ୍କ ଆଶୀର୍ବାଦ ବାଣୀରେ ନବୀନ ଓ ପ୍ରତିଭାଙ୍କ ଜୀବନର ଆଦର୍ଶ ପ୍ରକାଶ ପାଇଛି । ନବୀନ ଓ ପ୍ରତିଭାଙ୍କ ଉପରେ ବିପ୍ଳବର ଭାର ଅର୍ପଣ କରି ପ୍ରକାଶବାବୁ କହନ୍ତି—"ବିପ୍ଳବର ବର୍ତ୍ତିକାଧାରୀ ତୁମେ ଦୁଇଜଣ ବାହାରିଛ ଦୁଃଖୀଙ୍କ ତୁମର ଦଳ ପୂର୍ଣ୍ଣ ହେଉ । ନିର୍ଯ୍ୟାତିତ ହିଁ ତୁମର ସମ୍ପଦ ହେଉ, ଶାନ୍ତିକାମୀ ତୁମର ମଧୁର ମିଳନ ହେଉ । ଏହାହିଁ ମୋର ଆଦର୍ଶ ବିପ୍ଳବଙ୍କୁ ଆଶୀର୍ବାଦ ।" ସମସାମୟିକ ସ୍ୱାଧୀନତା ଆନ୍ଦୋଳନର ବନ୍ୟା, ଜମିଦାରଙ୍କ ପ୍ରଜାନିର୍ଯ୍ୟାତନ, ସ୍ୱାଧୀନତା ସଂଗ୍ରାମୀଙ୍କ ବନ୍ଦୀ ଜୀବନ, ବନ୍ୟା ଓ ଅନାହାରରେ ପୀଡ଼ିତ ଦୁଃସ୍ଥ ଜନତାର ସେବାରେ ଆଦର୍ଶବାଦୀ ତରୁଣମାନଙ୍କର ଆତ୍ମଦାନ, ବିଦେଶୀ ବସ୍ତ୍ରର ହୋଲି, ନିଶାନିବାରଣ ଓ ଜାତିଭେଦ କୁପ୍ରଥା ବର୍ଜ୍ଜନରେ ଆଦର୍ଶବାଦୀ ତରୁଣମାନଙ୍କ ଅଗ୍ରଯାନର ହୃଦୟଗ୍ରାହୀ ଚିତ୍ର ଉପନ୍ୟାସଟିରେ ପରିବେଷିତ ହୋଇଅଛି । ପ୍ରଭାତର 'ଅତ୍ୟାଚାର' ଅନ୍ୟ ଗୋଟିଏ ସାମାଜିକ ଉପନ୍ୟାସ । ଏଥିରେ ସମାଜର ଜଟିଳ ସମସ୍ୟାର ଉନ୍ମୋଚନ କରାଯାଇଛି । ଗଡ଼ଜାତର ଅତ୍ୟାଚାରୀ ରାଜାମାନ-ଙ୍କର ବିରୁଦ୍ଧରେ ଆନ୍ଦୋଳନର ପୃଷ୍ଠଭୂମିରେ ଉପନ୍ୟାସଟି କଳ୍ପିତ । ଏଥିରେ ମଧ୍ୟ ଦେଶପ୍ରେମୀ ଏକ ନିର୍ଭୀକ, ନୀଳମୋହନ ବାବୁ, କୁମୁଦିନୀ ଓ ନିଶାମଣିଙ୍କୁ ନେଇ ଗଢ଼ିଉଠିଛି । ନୀଳମୋହନବାବୁ ଶିକ୍ଷିତ, ତରୁଣ ଦେଶସେବୀ ଓ ଆଦର୍ଶବାଦୀ ଯୁବକ । ଅନ୍ୟପକ୍ଷରେ ନିଶାମଣି ଶିକ୍ଷା ଦୀକ୍ଷା ହୀନ ଗ୍ରାମ୍ୟ

ବାଲ୍ୟକାଳରୁ କୁମୁଦିନୀ ଜୀବନର ଏକ କରୁଣ ଅଧ୍ୟାୟରୁ ଉତ୍ତୀର୍ଣ୍ଣ ହୋଇ ଥିଲା ଓ ତାଙ୍କୁ ନବୀନ କଲିକତାରେ ଏକ ମହିଳା ଆଶ୍ରମରେ ଶିକ୍ଷାଦାନ ଲାଭକରି ଦେଶରେ ହୋଇଛନ୍ତି ନାରୀ ନେତ୍ରୀ ! କୁମୁଦିନୀଙ୍କ ପ୍ରତି ଆସକ୍ତ ଲଳିତମୋହନ କୁମୁଦିନୀଙ୍କର ଉଦାର ବ୍ୟକ୍ତିତ୍ୱ ଓ ମହତ ହୃଦୟର ସଂସ୍ପର୍ଶରେ ଆସି କେବଳ ନିଜର କାମଜପ୍ରେମର ଊର୍ଦ୍ଧ୍ୱକୁ ଯେ ଉଠି-ପାରିଛନ୍ତି ତା ନୁହେଁ ଜଣେ ଆଦର୍ଶ ବିପ୍ଳବୀରୂପେ ନିଜକୁ ଗଢିପାରିଛନ୍ତି । ଏଣେ ଅଶିକ୍ଷିତା ନୟାମଣି କୁମୁଦିନୀଙ୍କ ଚେଷ୍ଟାରେ ସହରକୁ ଆସି ଆଧୁନିକ ଶିକ୍ଷାଲାଭକରି ନୂତନ ବ୍ୟକ୍ତିତ୍ୱର ଅଧିକାରିଣୀ ହୋଇଛନ୍ତି ଓ ହୋଇପାରିଛନ୍ତି ଲଳିତମୋହନ ବାବୁଙ୍କର ଯଥାର୍ଥ ସହଧର୍ମିଣୀ । ଶିକ୍ଷା ଓ ଆଧୁନିକ ମାନବତାବାଦ କୂପମଣ୍ଡୂକ ପଲ୍ଲୀର ସରଳ ବାଳିକାଙ୍କ ଜୀବନର ମହତ୍ତ୍ୱ କଣ୍ଟାଇଲେ ତାହା ଏହି ଉପନ୍ୟାସରେ ପ୍ରତିପାଦିତ ହୋଇ ପାରିଛି । ମାତ୍ର ଉପନ୍ୟାସଟିରେ ଘଟଣାଟି ନାଟକୀୟଭାବେ ବିୟୋଗାନ୍ତ ହୋଇଛି । ଲଳିତମୋହନବାବୁ ଦୁଃସାହସୀ ବିପ୍ଳବୀଦଳର ନେତୃତ୍ୱକରି ଫାଶୀଦଣ୍ଡ ପାଇଛନ୍ତି ଓ ଲଳିତମୋହନ ବାବୁଙ୍କର ଏକମାତ୍ର ପୁତ୍ର ସନ୍ତାନଟିକୁ ଜନ୍ମଦେଇ ଉତ୍ତେଜିତା ନୟାମଣି ସ୍ୱାମୀଙ୍କ ମୃତ୍ୟୁଦଣ୍ଡ ସମ୍ବାଦରେ ଶୋକାକୁଳିତ ହୋଇ ଆତ୍ମହତ୍ୟା କରିଛନ୍ତି । ଏହାପରେ କୁମୁଦିନୀ ଦେବୀଙ୍କର ଭୂମିକା ଭବିଷ୍ୟତ ଶିଶୁଟିର ଚରିତ୍ରଗଠନରେ ସତେ ଯେପରିକି ନବଜାତ ବିପ୍ଳବର ପ୍ରତୀକ ହୋଇ ପ୍ରତିଷ୍ଠାଲାଭ କରିଅଛନ୍ତି । ଘଟଣାର ବିବିଧ ବର୍ଣ୍ଣନାମଧ୍ୟରେ ଏକ ସମୟର ନିପୀଡ଼ିତ ଜନତାର ରକ୍ତ ଓ ଅତ୍ୟାଚାରର ବହ୍ନି ଆଦର୍ଶବାଦୀ ଯୁବକ-ଯୁବତୀଙ୍କ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ ଜୀବନ ଓ ପ୍ରଣୟ, ଧ୍ୱଂସାତ୍ମକ ବିପ୍ଳବ ଓ ସର୍ଜନାତ୍ମକ ସଂଗଠନ ଭଳି ବହୁ ବିଷୟରେ ମନର ଦ୍ୱନ୍ଦ୍ୱ ବର୍ଣ୍ଣିତହୋଇଅଛି । ସାମାଜିକ ଉପନ୍ୟାସ "ନୂତନଧର୍ମ" ଆନନ୍ଦଲହରୀ ଉପନ୍ୟାସମାଳାର ଉଲ୍ଲେଖଯୋଗ୍ୟ ଅବଦାନ । ରଜା ଜମିଦାରମାନଙ୍କୁ ପ୍ରଜାମାନଙ୍କଉପରେ ଦେଶରେ ବଡ଼ ସୁବିଧାର-ଥିଲେ ଭଣ୍ଡ-ସନ୍ନ୍ୟାସୀ ଓ ତଥାକଥିତ ଧର୍ମସଂଗଠନର ନେତାମାନେ । ନିଜକୁ ଭଗବାନଙ୍କ ପ୍ରେରିତ ସବୁ ପ୍ରକାର ବ୍ୟଭିଚାର ଓ ଅନାଚାର ସେମାନେ ମାଡୁଥିଲେ, ଧନ ତଥା ଜନତାର ସଦିଚ୍ଛାର ଅପବ୍ୟବହାର କରୁଥିଲେ । ଉପନ୍ୟାସର ନାୟକ ମାଧୁଧରକୁ କେନ୍ଦ୍ରକରି ବାବାଜୀଙ୍କ

ଏକଦା ଶିଷ୍ୟ ଗଣନାଥ, ବାବାଜୀଙ୍କ ଭକ୍ତ ଧନୀ ଗିରିଧରଙ୍କ କନ୍ୟା ସୁମନ୍ତ ପ୍ରଭୃତି ଧର୍ମଧ୍ୱଜୀ ଭଣ୍ଡାମିର ବିରୁଦ୍ଧାଚରଣ ଥିଲେ ତେଣୁ ଏମାନଙ୍କ ସମବେତ ଉଦ୍ୟମରେ କେବଳ ସେ ଧର୍ମଧ୍ୱଜୀ ଭଣ୍ଡାମିର ଅବସାନ ଘଟିଛି ତାହାନୁହେଁ ନିଶାରେ ଦଳାଦଳି, ଜାତିଭେଦପ୍ରଥା ବିରୋଧରେ ଗ୍ରାମର ଦୁର୍ନୀତି ଓ ଦୋଷ ଦୁର୍ବଳତାର ବିରୁଦ୍ଧରେ ସଚେତନର ଶଙ୍ଖ ଉପନ୍ୟାସଟିକୁ ଉତ୍କର୍ଷମଣ୍ଡିତ କରିପାରିଛନ୍ତି । ଏହି ଉପନ୍ୟାସରେ ଲେଖକଙ୍କର ନିଜ ଆଦର୍ଶବାଦ ନାୟକ ମାଷ୍ଟରଙ୍କ ମୁଖରେ ଶୁଣାଯାଏ । “ଗାଆଁର ଚାହାଁନ୍ତି ନୁହଁନ୍ତି, ଗାଆଁର ବୋଲି ମୋର ଗର୍ବ ହୁଏ । ଧନୀ ହୋଇ-ଥିଲେ ମୁଁ ବେପାରକରୁଥିଲେ ନିଶ୍ଚୟ ଅଟ୍ଟାଳିକା ନେଇଥାନ୍ତି । ଗାଆଁର ଭିତରେ ଶିକ୍ଷା ସ୍ୱାସ୍ଥ୍ୟ ବଜାୟ ରଖିବାର ସୁବିଧା ଅଛି । ଗାଆଁର ହୋଇ ଜନ୍ମଦେବା ଭାଗ୍ୟର କଥା । କିନ୍ତୁ ଧନୀ ଘରେ ଜନ୍ମହୋଇ ଇଚ୍ଛାକରି ଗାଆଁର ହେବା ଆହୁରି ଭାଗ୍ୟର କଥା । ‘ଗାଁଗହଳ’ ଉପନ୍ୟାସଟି ବାଲେଶ୍ୱର ଜିଲ୍ଲାର ଗୋଟିଏ ଗ୍ରାମକୁ ଭିତ୍ତିକରି ଓ ସେହି ଗ୍ରାମର ଗୋଟିଏ ସ୍କୁଲର ପ୍ରଧାନଶିକ୍ଷକ ଗାଁର ଗୁଣ୍ଡୀ, ଜମିଦାର, ସ୍କୁଲ ଇନସ୍ପେକ୍ଟର ଗାଁର ନାଟକଦଳ, ଗାଁ ମହାଜନ, ଡାକ୍ତର ନିତ୍ୟମହାନ୍ତିଆଙ୍କ ସ୍ୱଭାବଗତ ପ୍ରଧାନ ସମସ୍ୟାବଳୀ ଆଦର୍ଶ ନାୟକ ରାମଚନ୍ଦ୍ରଙ୍କର ଗ୍ରାମ ଗଠନର ସୂକ୍ଷ୍ମଚିନ୍ତା ଓ ମାର୍ଜିତରୁଚି ଆଦି ଗଠନମୂଳକ କାର୍ଯ୍ୟମାଧ୍ୟମରେ ଗାନ୍ଧୀବାଦର ପ୍ରଭାବ ଓ ଏହି ଆତ୍ମାଭିମାନୀ ଚରିତ୍ରର ଆଦର୍ଶବାଦୀ ଗ୍ରାମର ଯୁବକ-ମାନଙ୍କର ଗାଁ ଗଢ଼ିବାର ହାତରେ ଶାନ୍ତି ଉପନ୍ୟାସଟିରେ ବାସ୍ତବବାଦୀ ଭାବରେ ବର୍ଣ୍ଣିତ ହୋଇଅଛି । ସ୍ୱାଧୀନ ଭାରତର ଯୁବଶକ୍ତି ଦ୍ୱାରା ଗ୍ରାମ ଗଠନ ମାଧ୍ୟମରେ ହିଁ ସମ୍ଭବ । ଏହାହିଁ ଉପନ୍ୟାସରେ ପ୍ରତିପାଦନ କରାଯାଇଛି । ସ୍ୱାଧୀନତା ପରବର୍ତ୍ତୀକାଳୀନ ରାଜନୈତିକ ଓ ସାମାଜିକ ପୃଷ୍ଠଭୂମି ଉପରେ ମହାପାତ୍ରଙ୍କ ସର୍ବଶେଷ ଉପନ୍ୟାସ “ଦୁଇଶୃଙ୍ଗ” (୧୯୬୭) ରଚିତ । ସମସାମୟିକ ସମସ୍ୟା, ରାଜନୈତିକ ଦୃଷ୍ଟିକୋଣ ଶ୍ରେଣୀ ମନୁଷ୍ୟର ସୂକ୍ଷ୍ମ ସ୍ତରରେ ଏକ ଉପନ୍ୟାସ ସମ୍ପାଦକୀୟ ସମ୍ବାଦ-ପତ୍ରର ଦୃଷ୍ଟିଭଙ୍ଗୀ ମନେହୁଏ । କିନ୍ତୁ ସାଫଲ୍ୟ ଅପେକ୍ଷା ସମସାମୟିକ ସମାଜର ପରିବର୍ତ୍ତନଶୀଳ ଜୀବନଧାରାର ଆଲେଖ୍ୟ ଏଥିରେ ବେଶ୍ ଅଧିକ ପ୍ରସ୍ଫୁଟ । କିନ୍ତୁ ସୃଷ୍ଟିର ଜନପ୍ରିୟତା ଅପେକ୍ଷା ସମ୍ପୃକ୍ତ ବର୍ତ୍ତିଷ୍ଣୁ ରୂପ

ମହାତ୍ମାଙ୍କ ସୃଷ୍ଟି ନିଜକୁ ତଲ୍ଲୀନ କରିଥିଲେ । ସେ ସ୍ୱୀକାର କରନ୍ତି—
"ମୋର ସାହିତ୍ୟ ସାଧନା ସ୍ୱୋପାର୍ଜିତ ସମ୍ପଦରେ ବନ୍ଧା ହୋଇଛି । ଲେଖିବା ମୋର ଅଭ୍ୟାସ; ସେଥିରୁ ଫଳ ମିଳାଇବା ତାଙ୍କର ଅଭ୍ୟାସ"
(୨୧. ୪. ୭୮ରେ ଲିଖିତ ମହାତ୍ମାଙ୍କ ବ୍ୟକ୍ତିଗତ ପତ୍ରରୁ)

—ଛଅ—

ପ୍ରାକ୍ ସ୍ୱାଧୀନତାକାଳରେ ଜନପ୍ରିୟ ଔପନ୍ୟାସିକମାନଙ୍କ ମଧ୍ୟରେ ରାମପ୍ରସାଦ ସିଂହ, ଅନନ୍ତପ୍ରସାଦ ପଣ୍ଡା, ଲକ୍ଷ୍ମୀଧର ନାୟକ, ଜଗବନ୍ଧୁ ମହାପାତ୍ର, କମଳାକାନ୍ତ ଦାସ ଓ ପ୍ରାଣକୃଷ୍ଣ ସାମଲ ଆଦିଙ୍କୁ ଦେଖିବାକୁ ମିଳେ ।

ରାମପ୍ରସାଦ ସିଂହ ସାମ୍ବାଦିକ ଓ ସାହିତ୍ୟିକ । ଜାତୀୟତା, ସାମ୍ୟବାଦୀ ଚିନ୍ତା ଓ ଶ୍ରେଣୀସଂଘର୍ଷର ବୈପ୍ଳବିକ ଭାବଧାରା ଦ୍ୱାରା ରାମପ୍ରସାଦଙ୍କ ଉପନ୍ୟାସ ଗୁଡ଼ିକ ଲିଖିତ । ତାଙ୍କର ଉପନ୍ୟାସ ଗୁଡ଼ିକ ମଧ୍ୟରେ ହୋମଶିଖା, ସମାପ୍ତି, ମରୀଚିକା, ଅଗ୍ନିପଥ, ମରୁଯାତ୍ରୀ, ପୂଜାରିଣୀ ଓ ପ୍ରତିହିଂସା ପ୍ରଭୃତି ଉଲ୍ଲେଖଯୋଗ୍ୟ । ବ୍ୟକ୍ତିସ୍ୱାର୍ଥ ଦେଶପ୍ରେମ ଧନିକ ଗୋଷ୍ଠୀ ବିରୁଦ୍ଧରେ ନିସ୍ୱ ନିପୀଡ଼ିତ ଦଳିତର ଦୁରନ୍ତ ସଂଗ୍ରାମର ବିପ୍ଳବାତ୍ମକ ପରିକଳ୍ପନାର ପୃଷ୍ଠଭୂମିରେ ହୋମଶିଖା ରଚିତ । ୧୯୪୨ ପ୍ରବଳ ଦୁର୍ଭିକ୍ଷର ପୃଷ୍ଠଭୂମିରେ ପୁଞ୍ଜିପତିଙ୍କ ଶୋଷଣ ଓ ଦରିଦ୍ରଙ୍କ ଦୁର୍ଦ୍ଦଶାର ଚିତ୍ର ସମାପ୍ତି ଉପନ୍ୟାସରେ ଅଙ୍କିତ । ମରୀଚିକା ଓ ଅଗ୍ନିପଥ ଉପନ୍ୟାସ ଦୁଇଟିରେ ମୁକ୍ତିପାଇଁ ଆଦର୍ଶବାଦୀ ଯୁବକଙ୍କ ଆତ୍ମୋତ୍ସର୍ଗ, ଗ୍ରାମବାସୀଙ୍କ ହୃଦୟର ମମତା ଓ ବୈପ୍ଳବିକ ଦୃଷ୍ଟି ଲେଖକ ଫୁଟାଇଛନ୍ତି । ପ୍ରେମ ପ୍ରଧାନ ସାମ୍ରାଜ୍ୟର ଅବଲମ୍ବ୍ୟ ମରୁଯାତ୍ରୀ ଉପନ୍ୟାସରେ ଅଙ୍କିତ । ପୂଜାରିଣୀ ଉପନ୍ୟାସଟି ଲବଣ ସତ୍ୟାଗ୍ରହର ପୃଷ୍ଠଭୂମିରେ ରଚିତ । ରାମପ୍ରସାଦଙ୍କ ଉପନ୍ୟାସ ଏକାଧିକରୁ ଶ୍ରମଜୀବୀ ପୁଣି ଅନ୍ୟାୟଗ୍ରସ୍ତ ସମାଜର ଶୂଦ୍ରଙ୍କ ବଞ୍ଚିବାର ଛବି ଆଙ୍କେ । ଉପନ୍ୟାସର ଶୈଳୀ ଦିଗରୁ ରାମପ୍ରସାଦ ସଚେତନତାର ପରିଚୟ ଦେଇଛନ୍ତି ।

ତାଙ୍କଭାଷା ଅତିବେଗାତ୍ମ' ଗଦ୍ୟଶୈଳୀ ଓ ଆମୂଳଚୂଳ ପ୍ରସାଦଗୁଣ ମଣ୍ଡିତ । ମାତ୍ର ଉପନ୍ୟାସର ପ୍ରାଣ ମୌଳିକତାନ୍ୱେଷଣ ଦିଗରୁ ରାମପ୍ରସାଦଙ୍କ ପ୍ରୟାସ ସୀମାଶ୍ରିତ । ବ୍ୟକ୍ତିମନର ଗହନ ଅନ୍ତର୍ଦ୍ୱନ୍ଦ୍ୱର ଛବି ନଥିବାରୁ ତାଙ୍କର କୌଣସି ଉପନ୍ୟାସରୁ ଶ୍ରାନ୍ତିବୋଧର କରୁଣ ସ୍ୱର ଶୁଣାଯାଏ ନାହିଁ । ରାମପ୍ରସାଦ ପ୍ରଗତିଧର୍ମୀ ଉପନ୍ୟାସ ରଚନାର ପଟ୍ଟଭୂମିରେ ଶିଳ୍ପସୃଷ୍ଟିର ଏକ ନୂତନ ଦିଗ୍‌ବଳୟର ସନ୍ଧାନ ଦେଇଥିଲେ ମାତ୍ର ତତ୍ତ୍ୱର ବାହାରକୁ ଶିଳ୍ପବୋଧ ଓ ଶୈଳୀ ଯାହା ଉପନ୍ୟାସରେ ପାଦଚାରଣ କରିପାରନ୍ତା କାଳଜୟୀ ଭାବରେ ।

ଅନନ୍ତ ପ୍ରସାଦ ପଣ୍ଡା (୧୯୨୭ ବାଲେଶ୍ୱର ଜିଲ୍ଲାର କଲ୍ୟାଣୀଗ୍ରାମ) ଶୋଷଣବିହୀନ ଓ ସମବାୟ ଭିତ୍ତିରେ ଗଢ଼ା ସ୍ୱପ୍ନରେ କର୍ମମୟ ଜୀବନରେ ବହୁ କ୍ଷୁଦ୍ରଗଳ୍ପ, ଲିରିକ ଧର୍ମୀ କବିତା ରଚନା ସଙ୍ଗେସଙ୍ଗେ ଶୂନ୍ୟପତ୍ର, କୁଲି, ଦୁଆଁ ଧୁଆଁ, ମୁକ୍ତି ଆକାଶର ବିହଙ୍ଗ ଆଦି ଉପନ୍ୟାସମାନ ରଚନା କରିଥିଲେ । ବ୍ରାହ୍ମଣ ସମାଜରେ କନ୍ୟାସୁନାର ପ୍ରଚଳନଭିତ୍ତିରେ ସୁବର୍ଣ୍ଣ କନ୍ୟାର ବୃଦ୍ଧାବର ସଙ୍ଗେ ବିବାହର କରୁଣ ଟ୍ରାଜେଡି ସେଥିରେ ଦେଖିବାକୁ ମିଳେ । କୁଲି ଉପନ୍ୟାସଟି ଏକ ଦିଗରେ ଶ୍ରମିକ ଶୋଷଣର ବାସ୍ତବଚିତ୍ର ପ୍ରଦାନ ସଙ୍ଗେସଙ୍ଗେ ସମବାୟ ଆନ୍ଦୋଳନର ଭିତ୍ତିରେ ଏକ ପାଣ୍ଡୁଲିପି କଳ୍ପିତ ହୋଇଅଛି । ସେପରି ଏକଦିଗରେ ଶ୍ରମିକମାନଙ୍କ ଧର୍ମଘଟର ସ୍ଲୋଗାନ୍ ଏ ଉପନ୍ୟାସ ପୃଷ୍ଠାରେ ଶୁଣାଯାଏ ଠିକ୍ ସେତିକିବେଳେ ଲେଖକଙ୍କ ଆଦର୍ଶବାଦୀ ମନର ପରିଚୟ ମିଳେ । ଅନନ୍ତ ପ୍ରସାଦଙ୍କ ଭାଷାଶୈଳୀ ସହଜ ଓ ସ୍ୱତଃ ସ୍ଫୂର୍ତ୍ତ । ଉପନ୍ୟାସର କାହାଣୀ ଶିଥିଳବନ୍ଧ । ଘଟଣାର ବର୍ଣ୍ଣନାରେ ନୈର୍ବ୍ୟକ୍ତିକବୋଧର ଅଭାବ ଓ ସମଗ୍ର ଉପନ୍ୟାସର ବିନ୍ୟାସରେ କଳାବୈଶିଷ୍ଟ୍ୟର ସେତିକି ଦୃଷ୍ଟି ବିକଶିତ ହେବାର ମନେହୁଏ ନାହିଁ । ଆଶା ଓ ଉତ୍ସାହର ମୂର୍ତ୍ତିପ୍ରତୀକରୂପେ ଲେଖକଙ୍କ ଚରିତ୍ରଗୁଡ଼ିକ ବଳିଷ୍ଠ ଆଦର୍ଶର ଧାରକ ଓ ବାହକ ।

ଲକ୍ଷ୍ମୀଧର ନାୟକ (୧୯୧୮) ଅନ୍ୟତମ ଜନପ୍ରିୟ ଔପନ୍ୟାସିକ । ସେ ଯୁଗର ସାମ୍ୟବାଦୀ ଚେତନା, ଅର୍ଥନୈତିକ ଶୋଷିତ ବୁଭୁକ୍ଷୁ କୃଷକ ସମାଜର ଚିତ୍ର ଅଙ୍କନରେ ଲକ୍ଷ୍ମୀଧରଙ୍କ ଉପନ୍ୟାସ ଗୁଡ଼ିକର ସାର୍ଥକତା ।

ତାଙ୍କ 'ମୃଗନୟନୀ' ଓ 'ଝାନ୍ସୀର ଦୁର୍ଗା ଦେବୀ' ଭଳି ଉପନ୍ୟାସ ଗୁଡ଼ିକରେ ଦୃଷ୍ଟି ଆକର୍ଷଣ କରେ । କସ୍ତୁରୀଧରଙ୍କ ଉପନ୍ୟାସ ଗୁଡ଼ିକରେ ଭାବପ୍ରବଣ ରୋମାଣ୍ଟିକ ବର୍ଣ୍ଣନାଶୈଳୀ ଓ ଅନ୍ତନାଟକୀୟ ଗ୍ରନ୍ଥି ବିଶେଷ ଭାବେ ଦେଖିବାକୁ ମିଳେ । ୧୯୩୮ ରେ ରଚିତ 'ଜଗଦ୍‌ଭ୍ରାନ୍ତ' କସ୍ତୁରୀଧରଙ୍କ ପ୍ରଥମ ଉପନ୍ୟାସ ।

## ବିଂଶଶତାବ୍ଦୀର ଓଡ଼ିଆ ଉପନ୍ୟାସ (ତୃତୀୟ ପର୍ଯ୍ୟାୟ)

୧୭୫୭ ପଲାଶୀଯୁଦ୍ଧରେ ଇଂରାଜମାନଙ୍କର ଯେଉଁ ନାଟକର ଯବନିକା ଉତ୍ତୋଳିତ ହୋଇଥିଲା, ଅଗଷ୍ଟ ୧୫, ୧୯୪୭ ରେ ତାର ଶେଷଦୃଶ୍ୟ ଅଭିନୀତ ହେଲା । ଭାରତ ସ୍ୱାଧୀନ ହେଲା । ଏକ ମହାଜାତିର ସକଳସ୍ୱପ୍ନ ସ୍ୱାଧୀନତାର ରଙ୍ଗୀନ ଅଙ୍କରେ ରଞ୍ଜିତ ବର୍ଣ୍ଣାଢ୍ୟ ଦୃଶ୍ୟ ଆତ୍ମପ୍ରକାଶ କଲା । ଏକ ଶତାବ୍ଦୀ ଏତିହାସିକ ନାଟକର ଯବନିକାପାତରେ ତାର ଅନ୍ତର୍ନିହିତ ଦ୍ୱନ୍ଦ୍ୱ ଓ ଆଦର୍ଶର ଅନ୍ତରାଳ ଜାତିଗୁଡ଼ିକୁ ଆନ୍ଦୋଳିତ କରିଥିଲା । ସ୍ୱାଧୀନତା ଓ ସାମ୍ୟବାଦ, ଗଣତାନ୍ତ୍ରିକ ଆଦର୍ଶ ଓ ଏକ-ନାୟକ ଆଧିପତ୍ୟ, ଧର୍ମୀୟ ସଙ୍କୀର୍ଣ୍ଣତା ଓ ସାମ୍ପ୍ରଦାୟିକ ବିଦ୍ୱେଷ, ଆଧୁନିକ ଯୁକ୍ତି ଓ ପ୍ରାଚୀନ ସଂସ୍କାର, ଅନ୍ଧାନୁକରଣ ଓ ସର୍ଜନାକାଂକ୍ଷା, କୌମ-ସଙ୍କୀର୍ଣ୍ଣତା ଓ ମାନବବାଦୀ ଉଦାର ଦୃଷ୍ଟି ପ୍ରଭୃତିର ସଂଘାତ ସଂଘର୍ଷର ଊର୍ଦ୍ଧ୍ୱରେ ଜାତୀୟ ମୁକ୍ତିର ତିକ୍ତ ମଧୁର ଅନୁଭୂତି ସମାଜଜୀବନରେ ସାହିତ୍ୟରେ ସ୍ପଷ୍ଟ ପ୍ରତିଫଳିତ ହୋଇଥିଲା । ପରାଧୀନତାର ଯୁଗରେ ଜାତୀୟ ଆଶା-ଆକାଂକ୍ଷା ରାଜନୈତିକ ସ୍ୱାଧୀନତାକୁ କେନ୍ଦ୍ରକରି ଆବର୍ତ୍ତିତ ହୋଇଥିଲା । ସ୍ୱାଧୀନତାର ପ୍ରାକ୍‌କାଳରେ ଅର୍ଥନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ ନୀତିତତ୍ତ୍ୱର ଆଦର୍ଶକୁ ଗୁରୁତ୍ୱଦାନ କରାଯାଇଥିଲା । ଏକ ଦିଗରେ ଧନତନ୍ତ୍ର ଓ ଅନ୍ୟଦିଗରେ ଅମଲାତନ୍ତ୍ରର ସହଯୋଗରେ ଗଣତନ୍ତ୍ରର କ୍ଷମତାର ଉତ୍ସ ଶୋଷଣତନ୍ତ୍ରରେ ପର୍ଯ୍ୟବସିତ ହେଲା । ବିଦେଶୀ ଶାସନରୁ ମୁକ୍ତ ଜାତି ପକ୍ଷରେ ସ୍ୱାଧୀନତାଟି ଥିଲା ଗରଳ ସମ୍ପଦ । ଏହି ସ୍ୱାଧୀନତାକୁ ରକ୍ଷା କରିବାରେ ଉଦାସ ଆଚରଣରୁ ଜାତୀୟ ଜୀବନରେ ଚକ୍ରର ବିଷବୃକ୍ଷରୂପେ ଆତ୍ମପ୍ରକାଶ କଲା । ଜାତୀୟ ଭାବଭୂମିରେ ନବନବ ସମସ୍ୟାର ଉଦ୍ଭବ

ଘଟିଲା । ସ୍ୱାଧୀନତାର ପ୍ରବାହରେ ଆଞ୍ଚଳିକତାର କ୍ଷୀଣସ୍ରୋତ ଖଣ୍ଡଧାର ଆକାର ଲଭିଲା ।

ଶିଳ୍ପ ଓ ଭାବଜଗତରେ ସଂଖ୍ୟାତ୍ମକ ବୃଦ୍ଧିପାଇଁ ବୃହତ୍ତର ସୁଯୋଗ ସୃଷ୍ଟି ହେଲା । ଓଡ଼ିଶାର ପରିଧି ଗଡ଼ଜାତର ମିଶ୍ରଣରେ ବୃହତ୍ତର ହେଲା । ଶିକ୍ଷାର ସର୍ବସ୍ତରରେ ଆଞ୍ଚଳିକ ଭାଷାର ପ୍ରାଧାନ୍ୟ ସ୍ୱୀକୃତ ହେଲା । ଶିକ୍ଷିତ ଶ୍ରେଣୀର ସଂଖ୍ୟାବୃଦ୍ଧି ସହିତ ସଙ୍ଗେ ସମ୍ବାଦପତ୍ର ଓ ପୁସ୍ତକ ଭଣ୍ଡାରର ସଂଖ୍ୟା ବଢ଼ିଲା । ସରକାରୀ ପୃଷ୍ଠପୋଷକତାର ଫଳରେ ସାହିତ୍ୟର ସଂଖ୍ୟାତ୍ମକ ବିକାଶରେ ସାହାଯ୍ୟ କଲା । ପୁସ୍ତକ ପ୍ରକାଶର ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ କ୍ରମଶଃ ଅଧିକରୁ ଅଧିକ ସଂଖ୍ୟକ ଲେଖକ ଆତ୍ମପ୍ରକାଶ କଲେ । କିନ୍ତୁ କେତେକ ଲେଖାକୁ ଏକ ପେଶାରୂପେ ଗ୍ରହଣ କଲେ । ସାହିତ୍ୟସୃଷ୍ଟି ପଛରେ କଠୋର ସାଧନାର ଅଭାବ ସ୍ପଷ୍ଟ ଅନୁଭୂତ ହେଲା । କ୍ରମଶଃ ଏକ ଶୃଙ୍ଖଳାମୁକ୍ତିର ପ୍ରବୃତ୍ତି ଜନ୍ମ କରିବାରୁ ଆତ୍ମଭାବର କଥାସାହିତ୍ୟ ମର୍ଯ୍ୟାଦା ସହଜ ପ୍ରକାଶିତ ହେଲା । ଉପନ୍ୟାସରେ ନେତେ କମ୍ ସର୍ବଗାମୀ ପୁସ୍ତକ ଓ କେତେ କେଉଁ ସ୍ୱାଚ୍ଛନ୍ଦ୍ୟକୁ ସ୍ଥାନ ଦିଆଯାଇନଥିବା ଉଦ୍ଦେଶ୍ୟ ହେଲା ଲେଖକମାନଙ୍କର ଧ୍ୟେୟବସ୍ତୁ । ଲାବଣ୍ୟ ସ୍ଥାନରେ ନଗ୍ନ ଶରୀର, ସୌନ୍ଦର୍ଯ୍ୟସ୍ଥାନରେ ଭୋଗ, ଏକାଗ୍ର ନିଷ୍ଠା ସ୍ଥାନରେ ଧାରାବାହିକ ଅସଲଗ୍ନ ବାହ୍ୟଭାବ ଓ ଭାବପ୍ରବଣ ଆଡ଼ମ୍ବରପୂର୍ଣ୍ଣ ସାହିତ୍ୟର ରୂପ ଓ ଧାରା ପରିବ୍ୟାପ୍ତ ହେଲା । ଉପନ୍ୟାସ ଜଗତରେ ନୈତିକ ଆଦର୍ଶ ପରିବର୍ତ୍ତେ ଅନ୍ତଃଚେତନାର ବିଶୃଙ୍ଖଳ ଜଗତକୁ ଅଧିକ ପ୍ରକଟିତ କରିବାର ପ୍ରବଣତା ଦେଖାଦେଲା । ବିପ୍ଳବ, ଗତିହୀନ, ପ୍ରଚଳିତ ଜୀବନଧାରା, ମୂଲ୍ୟବୋଧ ପ୍ରତି ଆସ୍ଥାହୀନତା, ପରିବେଶଗତ ତଥ୍ୟର ଅସ୍ୱୀକାର ପର୍ଯ୍ୟନ୍ତ କରିବାକୁ ଲେଖକମାନେ କୁଣ୍ଠାବୋଧ କଲେ ନାହିଁ, ନୂତନ ଅଗ୍ରଗାମୀ ଲେଖକ ମାନଙ୍କ ଦୃଷ୍ଟିରେ ନରନାରୀର ସମ୍ପର୍କରେ ସଙ୍କୁଚିତତାର ଶ୍ଳୀଳତାର ସ୍ଥାନ ନଥିଲା ସ୍ପଷ୍ଟ ଅନାବୃତ୍ତ ସ୍ଥିତିରେ ବିଶ୍ଳେଷଣ । ସେମାନେ ମନସ୍ତତ୍ତ୍ୱର ଆଲୋକରେ ସମାଜଜୀବନର ବିଶ୍ଳେଷଣ କଲେ । ମନୁଷ୍ୟର ଅନ୍ତଃଚେତନାର ଅବଚେତନର ଗୁହାନିର୍ଯ୍ୟାସ ସନ୍ଧାନରେ ଅନ୍ଧକାରର ଗହନ ଗୁହାରେ ନିଃଶଙ୍କ ଭାବରେ ଲେଖକମାନେ ପ୍ରବେଶ

କଲେ । ବହୁଭାଷା ସ୍ତରର ପାଠକମାନଙ୍କର ଆବିର୍ଭାବ ଘଟିବା
ସଙ୍ଗେ ସଙ୍ଗେ ଲେଖକମାନେ ସ୍ୱଳ୍ପ ଶିକ୍ଷିତ ଗ୍ରାମ୍ୟରୁଚି ସମ୍ପନ୍ନ ପାଠକଙ୍କର
ଆନନ୍ଦ ଅଥବା ନାଗରିକ ବୁଦ୍ଧିଜୀବୀମାନଙ୍କର ମନକୁ ଖୋରାକ
ଯୋଗାଇବାପାଇଁ ବହୁ ବିଚିତ୍ରଧରଣର ଉପନ୍ୟାସମାନ ଲେଖିବାରେ ବ୍ରତୀ
ହେଲେ । କେତେବେଳେ ସାଂପ୍ରତିକ ସମାଜର ମୂଲ୍ୟବୋଧ,
କେତେବେଳେ ଅବା ଅଞ୍ଚଳ ବିଶେଷର ଚିତ୍ରପୂର୍ଣ୍ଣ ଆଲେଖ୍ୟ, ପୁଣି
କେତେବେଳେ ସହରାଞ୍ଚଳର ଆଧୁନିକରୁଚି, ପୁଣି ଅବା ଗ୍ରାମ୍ୟ ଜୀବନର
ସରଳ ନିଷ୍ପାପ ପ୍ରାଣକୁ ଦୁଃସାହସିକ ରୋମାନ୍ସଧର୍ମୀ ଗୋଏନ୍ଦାଗଳ୍ପ ଓ
ମହାକାବ୍ୟିକ ସର୍ଜନା-ଧର୍ମୀ ବୃହଦାକାର ଉପନ୍ୟାସମାନ ରଚିତହେଲା ।
ସୃଷ୍ଟିର ଚେତନାର ଆବେଗଶୀଳ ତନ୍ମୟତା କ୍ଲାସିକଚେତନାର ଲାଳିତ୍ୟ
ଓ ଶକ୍ତି ଏକତ୍ର ସହାବସ୍ଥାନ କଲା । ସ୍ୱଳ୍ପ ସ୍ଥାନରେ କେତେବେଳେ
ପ୍ରକୃତି ଓ ହୃଦୟ ବୃତ୍ତି ପ୍ରତିଷ୍ଠା, ବୃତ୍ତିର ସୂତ୍ରଧାରରେ ଜୀବନର
ବିବର୍ତ୍ତନର ସକଳ ତରଙ୍ଗକୁ ଛନ୍ଦମୁକ୍ତକରି ହୃଦୟବୃତ୍ତିର ନିବିଡ଼
ଆବେଶରେ କେତେ ଅମୂର୍ତ୍ତ କଳ୍ପନା ସାହିତ୍ୟରେ ଆତ୍ମପ୍ରକାଶ କଲା ।
ଜୀବନର ପରିପୂର୍ଣ୍ଣରୂପ ନୁହେଁ, ତାର ଏକ ଏକ ମୁହୂର୍ତ୍ତର ଛିନ୍ନ
ଦୃଶ୍ୟକୁ ନେଇ ସାହିତ୍ୟ ରଚିତ ହେଲା । ବୈଚିତ୍ର୍ୟ ଓ ବିରୋଧର
ରଙ୍ଗଭୂମିରେ କେତେ ବିଚିତ୍ରଧାରାର ସମନ୍ୱୟ ଘଟିଅଛି, କେତେ ଅତୀତର
ସ୍ମୃତି, କେତେ ଭବିଷ୍ୟତର କଳ୍ପନା ଦେଶଦେଶାନ୍ତରର ଯୁଗଯୁଗାନ୍ତରର
ସୃଷ୍ଟିର ସାରସ୍ୱତର ଭଙ୍ଗୀକୁ ନେଇ ସ୍ୱଚ୍ଛ ଅନୁଶୀଳନ ଆନନ୍ଦର
ଉଦ୍ବେଳନ ଓ ବିଷାଦର ସୃଷ୍ଟି ଉପନ୍ୟାସର ପୃଷ୍ଠାକୁ ଅଳଙ୍କୃତ
କଲା ।

ବିଂଶ ଶତକର ଦ୍ୱିତୀୟାର୍ଦ୍ଧର ଓଡ଼ିଆ ଲେଖକ ସମାଜରେ ସକଳ
ସ୍ତରର ସ୍ରଷ୍ଟାଙ୍କୁ ଦେଖିବାକୁ ମିଳେ । କେହିବୁଦ୍ଧିଜୀବୀ, କେହିବା
ବ୍ୟବସାୟୀ, କେହିବା ସାଧାରଣ ସାମ୍ବାଦିକ, କେହି ଉଚ୍ଚଶିକ୍ଷିତ'
କେହି ସ୍ୱଳ୍ପ ଶିକ୍ଷିତ । ଏହି ବିଭିନ୍ନ ରୁଚି, ବିପୁଳ ଜୀବନବୋଧ,
ବିବିଧ ବ୍ୟକ୍ତିତ୍ୱ ନେଇ ସାହିତ୍ୟରାଜ୍ୟରେ ନୂତନ ପ୍ରବାହ ସୃଷ୍ଟି ଘଟିଥିଲା ।
ପ୍ରବୀଣ ଓ ନବୀନ ସମସ୍ତଙ୍କପାଇଁ କଥା ସାହିତ୍ୟର ଦ୍ୱାର ଉନ୍ମୁକ୍ତ,

ସେମାନଙ୍କ ମଧ୍ୟରେ କେତେକ ଦଶକରେ ଆତ୍ମପ୍ରକାଶ କରିଥିବା ପ୍ରବୀଣଙ୍କ ସହିତ ସତୁରି ଦଶକରେ ଆତ୍ମପ୍ରକାଶ କରିଥିବା ନବୀନଙ୍କୁ ଏକାଠି ସହାବସ୍ଥାନ କରିବାର ଦେଖିବାକୁ ମିଳେ । କେତେକ ପ୍ରବୀଣଙ୍କଠାରେ ଆଙ୍ଗିକଗତ ଓ ଆଦର୍ଶର ଷାଠିଏଗତ ମୋହ ଓ ନବୀନଙ୍କଠାରେ ଆଦର୍ଶଶୂନ୍ୟତା ଓ ଉଦ୍ଭଟ ନାଗରିକତାର ଜଡ଼ବୋଧକ ଆତ୍ମପ୍ରକାଶ କରିବାର ଦେଖାଯାଏ । ଏଇ ସୂତ୍ରକୁ ସାହିତ୍ୟିକ ଦୃଷ୍ଟିର ଉତ୍ତରଣର ସୂତ୍ର କୁହାଯାଇପାରେ । ସମାଜରେ ପାରମ୍ପରିକ ମୂଲ୍ୟବୋଧ ପ୍ରତି ଅନାସ୍ଥା ସହିତ ସବୁଠି ଉତ୍କଳୀୟ ଭାବନା ଓ ଆଦର୍ଶର ବୈଶିଷ୍ଟ୍ୟ ସନ୍ଧାନର ପ୍ରୟାସ ମଧ୍ୟ ଦେଖିବାକୁ ମିଳେ । ଭାରତର ସାହିତ୍ୟ ସୃଷ୍ଟିକ୍ଷେତ୍ରରେ ଏକ ଜାତୀୟ ଆଦର୍ଶର ଅନ୍ତରଙ୍ଗ ଭାବମୂର୍ତ୍ତିକୁ ଫୁଟାଇବାର ପ୍ରୟାସ ସ୍ପଷ୍ଟ ହେବାର ଦେଖାଯାଏ । ଓଡ଼ିଶାର ନଦୀ, ପର୍ବତ, ସାଗର ଉପକୂଳର ଜୀବନ, ଆଦିବାସୀ ଭୂମିର ବୈଚିତ୍ର୍ୟ, ପ୍ରକୃତିର ଅନାବୃତ ସୌନ୍ଦର୍ଯ୍ୟ, ଜନଜାତିର ଜୀବନର ଅକୁଣ୍ଠିତ ଜୀବନଧାରାକୁ ନେଇ ମହାକାବ୍ୟିକ ଉପନ୍ୟାସମାନ ସୃଷ୍ଟିର ପ୍ରୟାସ ହୋଇ ଅଛି । ହିନ୍ଦୀ ସହିତ ମହାଭାରତୀୟ ତଥା ଆନ୍ତର୍ଜାତୀୟ ପୃଷ୍ଠପଟରେ ଭାରତର ବହୁଧା ଜାତିର ସଂସ୍କୃତିର ବୈଚିତ୍ର୍ୟ ଓ ସମନ୍ୱୟର ଦୃଷ୍ଟିଭଙ୍ଗୀରେ ଉପନ୍ୟାସ ରଚନାର ପ୍ରୟାସ ମଧ୍ୟ ଦେଖାଦେଇଅଛି । ଓଡ଼ିଶାର ଐତିହାସିକ ସୂତ୍ରରେ ଲେଖକମାନେ ସ୍ୱଦେଶର ପ୍ରାଚୀନ ଇତିହାସଠାରୁ ଆରମ୍ଭକରି ମଧ୍ୟଯୁଗୀୟ ଆଧୁନିକ ପର୍ଯ୍ୟନ୍ତ ଉପନ୍ୟାସ ଉପସ୍ଥାପିତ କରିଛନ୍ତି । ଅତୀତ ଓ ବର୍ତ୍ତମାନର ସୀମା ଅତିକ୍ରମକରି ଭବିଷ୍ୟତର ଚିତ୍ର ଅଙ୍କନ କରିବା, କେତେକ ପୃଥିବୀର ପରିଧି ଅତିକ୍ରମ କରି ଭବିଷ୍ୟତର ଚିତ୍ର ଅଙ୍କନ କରିବା, ଦୈନନ୍ଦିନ ପୃଥିବୀର ପରିଧି ଅତିକ୍ରମ କରି ମହାଶୂନ୍ୟରେ ନୂତନ ଜଗତର ଚିତ୍ର ଆଙ୍କିବାର ପ୍ରୟାସ ପ୍ରବଣତା ହେତୁ ସମସାମୟିକ ଓଡ଼ିଆ କଥା ସାହିତ୍ୟକୁ ବୈଚିତ୍ର୍ୟ ମଣ୍ଡିତ କରିଅଛି ।

ଓଡ଼ିଆ କଥା ସାହିତ୍ୟର ଗତି ନିତ୍ୟ ପ୍ରସାରଶୀଳ । ଏହାର ସୃଜ୍ୟମାନ ପଥରେ ଅବିରତ । ନିତ୍ୟ ନବନବୋନ୍ମେଷରେ ଝଲସିତ । ପରିବର୍ତ୍ତିତ ମୂଲ୍ୟବୋଧରେ ଏହାର ମୂଲ୍ୟମାନ ହେଉଛି ସ୍ୱତଃ ଅସ୍ଥିର । ଏହାର ଆରମ୍ଭ ଓ ପରିସମାପ୍ତି କୌଣସି ସୀମା ବା ଶାସନର ଅପେକ୍ଷା ରଖେନାହିଁ ତେଣୁ ଏହା ନବତର ସୃଷ୍ଟି ଜଗତର ପାଥେୟ ଓ ଚେତନାର

ଚରିତ୍ରକୁ ପ୍ରଧାନ ଦୃଷ୍ଟିରେ ରେଖାଙ୍କ ଉପନ୍ୟାସ ଚରିତ୍ରର ଲକ୍ଷ୍ୟ ଲକ୍ଷିତ ହେବା ବ୍ୟତୀତ ବୌଦ୍ଧିକ ସ୍ୱତନ୍ତ୍ରିକତା ବ୍ୟାଖ୍ୟା ଓ ସିଦ୍ଧାନ୍ତ ମୂଲ୍ୟାୟନ ସଂଯୋଗ ସ୍ତରନ୍ତି ।

(୨)

କାଳନ୍ଦୀଚରଣ ପାଣିଗ୍ରାହୀ (୧୯୦୧) ନବ ସ୍ୱପ୍ନ ଚେତନାର ଅଗ୍ରଦୂତ ସାହିତ୍ୟ ସାଧକ । କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ, ନାଟକ ଆଦି ସାହିତ୍ୟର ସବୁ ବିଭାଗରେ ଅକ୍ଳାନ୍ତ ଲେଖନୀର ସାର୍ଥକ ପ୍ରୟୋଗ କାଳନ୍ଦୀଚରଣଙ୍କ ପାଇଁ ସମ୍ଭବପର । ଜୀବନରେ କାଳନ୍ଦୀଚରଣ ଥିଲେ ଗାନ୍ଧିବାଦୀ, ମାର୍କ୍ସୀୟ ଭାବଧାରାରେ ଓ ନୈତିକ ଆଦର୍ଶବାଦ । କାଳନ୍ଦୀଚରଣ ସବୁଜର ଯୋଗୁଁ ଉପନ୍ୟାସ ଲେଖିଥିଲେ । ଦୋହିଂ ଅଞ୍ଚଳର ପୃଷ୍ଠଭୂମିରେ ଓ ଅନ୍ୟାନ୍ୟ ମନସ୍ତାତ୍ତ୍ୱିକ ସାମାଜିକ ଓ ନୈତିକ ଆଦର୍ଶ ଭିତ୍ତିରେ । 'ମୁକ୍ତାଗଡ଼ର କ୍ଷୁଧା' ଓ 'ଅଙ୍ଗନଦୀ' ପ୍ରଥମ ପର୍ଯ୍ୟାୟର ଓ 'ମାଟିର ମଣିଷ' 'ଲୁହାର ମଣିଷ' ଓ 'ଆକାଶ ମଣିଷ' ଦ୍ୱିତୀୟ ପର୍ଯ୍ୟାୟର ଉପନ୍ୟାସ । କାଳନ୍ଦୀଚରଣଙ୍କର ସାହିତ୍ୟଜୀବନ ଷୋଳବର୍ଷରେ ହିଁ ଆରମ୍ଭ ହୋଇଥିଲା । ନିଜ ସାହିତ୍ୟିକ ଜୀବନର ସଫଳ ଅନୁଭୂତି କାଳନ୍ଦୀଚରଣ 'ଅଙ୍ଗାରାର୍ଦ୍ଧ ମଣିକଣ୍ଠ' ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ବାଲ୍ୟକାଳରୁ କାଳନ୍ଦୀଚରଣ ଏକ ସାହିତ୍ୟିକ ପରିବେଶରେ ବଢ଼ିଥିଲେ । ତାଙ୍କର ବଡ଼ଭାଇ ବୈଦ୍ୟନାଥ ପାଣିଗ୍ରାହୀ ସାହିତ୍ୟିକ ଲେଖକ ଥିଲେ । ସେ ବ୍ୟବହାରଜୀବୀ ଥିଲେ ବି ତାଙ୍କ ସାହିତ୍ୟକୃତି ଉନ୍ନତ ଥିଲା । ଅଧ୍ୟାପକମାନ୍ୟ କାବ୍ୟ ପ୍ରେରଣା ସମ୍ଭୂତ 'ଜୁ ମୋ ମା' ଓଡ଼ିଆ ସାହିତ୍ୟରେ ଏକଦା ଜନପ୍ରିୟତା ଅର୍ଜନ କରିଥିଲା । କାଳନ୍ଦୀଚରଣଙ୍କର ମାର୍କ୍ସୀୟ ପ୍ରଭାବିତ ସାମ୍ୟବାଦ ନେତା ଭଗବତୀଚରଣଙ୍କ ଆଦର୍ଶ କାଳନ୍ଦୀଙ୍କୁ ମଧ୍ୟ ସ୍ପର୍ଶ କରିଥିଲା । ମାର୍କ୍ସବାଦ ସ୍ୱପ୍ନଦ୍ରଷ୍ଟା କାଳନ୍ଦୀ ସାମ୍ୟବାଦୀ ସବୁଜପନ୍ଥୀ ପ୍ରଗତିବାଦୀ ଲେଖକ ଦଳରେ ସାମିଲ ହୋଇଥିଲେ । କାଳନ୍ଦୀଚରଣଙ୍କ ଜୀବନ ବୈଚିତ୍ର୍ୟମୟ । ସେ ଓଡ଼ିଶାର ଗଞ୍ଜାମ-ଜିଲ୍ଲାର ( ପୁରୀଜିଲ୍ଲାର ବିଶ୍ୱନାଥପୁର )ରେ ଜନ୍ମ ଗ୍ରହଣ କରିଥିଲେ ।

ସୁଖ ସହରରେ ତାଙ୍କର ଶୈଶବ ଓ ଆଦ୍ୟ ଜୀବନ କଟିଥିଲା । ଧର୍ମ-ସୂତ୍ରରେ ସେ ମୟୂରଭଞ୍ଜ ଓ ଅନ୍ୟ ବହୁ ବହୁ ଗଡ଼ଜାତର ପ୍ରାକୃତିକ ପରିବେଶ ଓ ଜୀବନଧାରା ସହିତ ପରିଚିତ ହୋଇଥିଲେ । ସେତେବେଳେ ସମବାୟ କର୍ମୀ, ପୁଣି ସେତେବେଳେ ଜନସେବାକାମୀର ନେତୃତ୍ୱ ଓ ସାମ୍ବାଦିକ ରୂପେ କାଳନ୍ଦୀଚରଣ ବହୁ ବରିଷ୍ଠ ଓ ବହୁଳ ଜନଗୋଷ୍ଠୀର ସଂସ୍ପର୍ଶରେ ଆସିଥିଲେ । ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଧାନାଧ୍ୟକ୍ଷଙ୍କରେ କାଳନ୍ଦୀଚରଣଙ୍କ ସବୁଠାରୁ ବଡ଼ ସ୍ୱୀକୃତି ପ୍ରାପ୍ତ ସାହିତ୍ୟିକ । ରବୀନ୍ଦ୍ରନାଥ, ଶରତଚନ୍ଦ୍ରଙ୍କ ଭଳି ପ୍ରମୁଖ ଖ୍ୟାତନାମା ସାହିତ୍ୟିକଙ୍କ ସୃଷ୍ଟି ଓ ବ୍ୟକ୍ତିତ୍ୱ ସହିତ ତାଙ୍କର ଘନିଷ୍ଠ ନିବିଡ଼ ସମ୍ପର୍କ ଘଟିଥିଲା । ପାଶ୍ଚାତ୍ୟର କ୍ଲାସିକ ସାହିତ୍ୟରେ ମଧ୍ୟ ତାଙ୍କର ପ୍ରବେଶ ଥିଲା ।

ଏକ ଦିଗରେ ସବ୍ୟାରସ୍ତ ଆଦର୍ଶ ଓ ଅନ୍ୟ ଦିଗରେ ଉତ୍କଳୀୟ ପରମ୍ପରା ଉଭୟ କାଳନ୍ଦୀଚରଣଙ୍କ ସୃଷ୍ଟିମାନସରେ ପ୍ରତିଫଳିତ । ଓଡ଼ିଶାର ପ୍ରାଣକେନ୍ଦ୍ର କଟକ ନଗରରେ ପରିଣତ ବୟସରେ ସେ ନିଜ ସାହିତ୍ୟ ସାଧନାରତ ହୋଇଥିଲେ । ଶେଷ ବୟସରେ କାଳନ୍ଦୀ ଚରଣଙ୍କର ସାହିତ୍ୟିକ ସୃଷ୍ଟି କେବଳ ଉପନ୍ୟାସରୁ ପାଠ୍ୟପୁସ୍ତକ ରଚନା ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଥିଲା । ମାତ୍ର ନିଜର ଆତ୍ମଜୀବନୀର ସୃଷ୍ଟିସୌରଭ ତାଙ୍କର ସାହିତ୍ୟିକ ସ୍ୱାକ୍ଷର ଅକ୍ଷୁଣ୍ଣ ରଖିଅଛି ।

'ମୁକ୍ତାଗଡ଼ର କ୍ଷୁଧା' ଓ 'ଅମରଚିତା' ଏହି ଉପନ୍ୟାସ ଦୁଇଟି ମଧ୍ୟରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ଓ ସମାଜଜୀବନର ଦୁର୍ଦ୍ଦିନର ଚିତ୍ରଣିକା ଓ ପରବର୍ତ୍ତୀ ସମୟର ଦେଶ ଚିତ୍ର ! ଏହି ଉପନ୍ୟାସ ଦୁଇଟି ଗାନ୍ଧିଜୀଙ୍କର ସ୍ୱାଧୀନତା ସଂଗ୍ରାମ ଓ ଅସହଯୋଗ ଆନ୍ଦୋଳନ କାଳରେ ଲେଖା । ମୁକ୍ତାଗଡ଼ର ରାଜା ଚନ୍ଦ୍ରକାନ୍ତ ଏହି ଉପନ୍ୟାସଟିର ନାୟକ ! ଏହି ଉପନ୍ୟାସଟିରେ ଲେଖକ ଓଡ଼ିଶାର ଜଗତ୍‌ପ୍ରସିଦ୍ଧ ଭୁବନେଶ୍ୱର ଓ ଧଉଳି ନିକଟବର୍ତ୍ତୀ ଏକ କଳ୍ପିତ ରାଜ୍ୟ ମୁକ୍ତାଗଡ଼ର ରାଜା ଚନ୍ଦ୍ରକାନ୍ତ ଓ ଶୁଭ୍ରକାନ୍ତଙ୍କର କାହାଣୀ ବର୍ଣ୍ଣନା କରିଛନ୍ତି । ପ୍ରଥମ ଖଣ୍ଡଟି ପରିଚ୍ଛେଦ ମଧ୍ୟରେ ଚନ୍ଦ୍ରକାନ୍ତଙ୍କର କୁଶାସନ ଓ ଅଧୁନିକ ଚନ୍ଦ୍ରକାନ୍ତଙ୍କର ବେଦନାର୍ତ୍ତ ଜୀବନର କାହାଣୀର ଅବତାରଣା ମଧ୍ୟରେ ସୁବର୍ଣ୍ଣବତୀ କନ୍ୟା ସୁନନ୍ଦା

ହେଉଛି ତାଙ୍କର ଅନ୍ତର୍ବିପ୍ଳବରୁ ଓ ଶୁଭକାନ୍ତଙ୍କର ଜନ୍ମର ନାଟକୀୟ ଘଟଣା ବର୍ଣ୍ଣିତ । ଶୁଭକାନ୍ତଙ୍କର ଶୈଶବ କଟିଛି ଏକ ରାଜବଂଶୀୟସୁଲଭ ସମାଜ ତନ୍ତ୍ରର ଅନ୍ତରାଳରେ ଓ ସ୍ୱଚ୍ଛନ୍ଦ ବିଳାସ ବ୍ୟସନ ମଧ୍ୟରେ । ଷୋଡ଼ଶ ପରିଚ୍ଛେଦରେ ଶ୍ରୀ ଚନ୍ଦ୍ରକାନ୍ତ ଭଞ୍ଜଦେବଙ୍କର ଅଶୀତିତମ ବର୍ଷ ବୟସର ସ୍ୱୀକାରୋକ୍ତି ପ୍ରକାଶିତ ହୋଇଛି ଚନ୍ଦ୍ରକାନ୍ତ ଭଞ୍ଜଦେବଙ୍କର ମୃତ୍ୟୁପରେ । ଏହି ଆତ୍ମଜୀବନୀ ପ୍ରକାଶ ପରେ ସକଳଙ୍କ ଅଜ୍ଞାତରେ ପରିଚିତ କଣ୍ଢେଇବାବୁ ରାଜା ଶୁଭକାନ୍ତ ଭଞ୍ଜଦେବ ନାମରେ ସିଂହାସନ ଆରୋହଣ କଲେ । ଶୁଭକାନ୍ତଙ୍କର ଜୀବନରେ ଦୁଇଟି ପର୍ଯ୍ୟାୟ ମୁକ୍ତାଗଡ଼ରେ ଦେଖିବାକୁ ମିଳେ । ପ୍ରଥମତଃ ଇଷ୍ଟଇଣ୍ଡିଆ କଂପାନି ଅମଳର ଏହି କ୍ଷୁଦ୍ର ରାଜ୍ୟର ରାଜା ପାଶ୍ଚାତ୍ୟ ବିଳାସ ବ୍ୟସନରେ ମଜ୍ଜି ରହିଥିଲେ । ତାଙ୍କର ସାହେବୀ ପୋଷାକ, ପାଶ୍ଚାତ୍ୟ ଆସବାବ ଓ ବିଳାସବ୍ୟସନ ପାଇଁ ସମସ୍ତ ପ୍ରଜା ଉତ୍ପୀଡ଼ିତ ହେଉଥିଲେ । ପରବର୍ତ୍ତୀରେ ଶୁଭକାନ୍ତ ଏକ ବିରାଟ ପ୍ରାସାଦ ନିର୍ମାଣ ଆରମ୍ଭ କରିଛନ୍ତି । ଗ୍ରାମ୍ୟକରଣ ବଳପ୍ରୟୋଗ ଘଟଣାମୂଳକ ହୋଇଛନ୍ତି ମହାବ୍ରତୀପ୍ରଣାଳୀ ଓ ଧନାଗମନରେ ରାଜାଙ୍କର ହତଆର । ଏଣୁ ଶୁଭକାନ୍ତଙ୍କ ଦୃଷ୍ଟିରେ ମାନବସମାଜ କେବଳ ଶୋଷଣର ଯୋଗ୍ୟ, ଶୋଷଣର ସାମଗ୍ରୀ । ଏହି ପ୍ରଜାପୁଞ୍ଜଙ୍କୁ ଶୋଷଣକରି ବହୁବର୍ଷବ୍ୟାପୀ ରାଜପ୍ରାସାଦର ନିର୍ମାଣ ସ୍ଥଳରୁ ଓ ରାଜ୍ୟସାରା ଆତଙ୍କ ସୃଷ୍ଟି ହୋଇଛି । ଏହି ପରରେ ରାଜା ଚନ୍ଦ୍ରକାନ୍ତଦେବଙ୍କର ସୁରମ୍ୟ 'ସାଧନା' ଉଦ୍ୟାନର କୁଞ୍ଜବାଟିର ଉଚ୍ଛେଦ ଓ ଅନ୍ୟ ପଟରେ ତାଙ୍କର ସୁଶାସିତ ସମୃଦ୍ଧ ମୁକ୍ତାଗଡ଼ର ପ୍ରଜାକୁଳର ଦୁର୍ଦ୍ଦଶା ସୂଚକ ଘଟଣା ମାଧ୍ୟମରେ ଏହି ଉଭୟ ଚିତ୍ର ପ୍ରଦତ୍ତ । ସାଧନା ଉଦ୍ୟାନର ଚଂପାଗଛଟିକୁ କାଟିବାପାଇଁ ଶୁଭକାନ୍ତଙ୍କର ଆଦେଶ ମଧ୍ୟରେ ହିଁ ଏହି ଦୁର୍ଦ୍ଦିନର ସୂଚନା ମିଳେ । ୧୮୫୦ରେ ଶୁଭକାନ୍ତ ସିଂହାସନ ଆରୋହଣ କଲେ । ୧୮୫୩ରେ ନୂତନ ରାଜପ୍ରାସାଦ ନିର୍ମାଣ ଆରମ୍ଭ ହେଲା ଓ ବାରବର୍ଷଧରି ଏହି ରାଜପ୍ରାସାଦ ନିର୍ମାଣ ସଙ୍ଗେ ସଙ୍ଗେ ରାଜ୍ୟର ଆର୍ଥିକ ପରିବର୍ତ୍ତନର ଚିତ୍ର ବର୍ଣ୍ଣିତ । ଶେଷରେ ୧୮୬୬ର ନଅଙ୍କ ଦୁର୍ଭିକ୍ଷ । ଏହି ଦୁର୍ଭିକ୍ଷର ପୃଷ୍ଠଭୂମି ଓ କରାଳ ପରି-ବେଶରେ ଜନତାର ନେତା ସନାତନଙ୍କର ଆବିର୍ଭାବ ଓ ସନାତନଙ୍କର ଦେଶ ତ୍ୟାଗ ଘଟଣା ବର୍ଣ୍ଣିତ । ଏହି ସନାତନ ମୁହଁରେ ଲେଖକ ବିପ୍ଳବର

ବାଣୀ ଶୁଣାଉଛନ୍ତି । ମୁକ୍ତମୂର୍ତ୍ତି, ଦୁର୍ଭିକ୍ଷ କ୍ଲିଷ୍ଟ ଜଗତକୁ ସନାତନ ଶୁଣାଉଛନ୍ତି "ତମେ ସବୁ ଦୁଃଖୀମ ମନୁଷ୍ୟ ହୁଅ ଛାଡ଼ଦେଲ ବାଣ୍ଟିବାପାଇଁ ଜଗତରେ ଧାର୍ମ କରିବ ।" ଏହା ସନାତନ ମୂର୍ତ୍ତି ଉଦ୍ଭାସିତ କରି କହୁଛନ୍ତି—"ଭଗବାନ ! ଆମ୍ଭ ମହତ୍ତ୍ୱଗଣ ଜାତି, ସର୍ବଦିଗ ବଦଳରେ ଜଡଜର ମନୁଷ୍ୟ ମନୁଷ୍ୟ, ମନୁଷ୍ୟଙ୍କ ଜଗତରେ ଭଗବାନଙ୍କର ସୃଷ୍ଟିକର୍ତ୍ତା ଚତୁର୍ଦ୍ଦେଶର ବୁଦ୍ଧକାନ୍ତଙ୍କ ସମ୍ମୁଖରେ ତାଙ୍କର ଧାଇଁ 'ସୁନା' ଆଗନ୍ତୁ ସାଙ୍ଗ କଣ୍ଠରେଖର ପୁଷ୍ପବୃଷ୍ଟି ଯେଉଁମିତି ଜଣ୍ଡିଏ ମନନ କୌପୀନ ପିନ୍ଧି ଭାର ନମ୍ର ପ୍ରଣୟପ୍ରାର୍ଥୀ ଶିଶୁସୁଲଭ ମନ୍ଦହେଉଛି । ସନାତନଙ୍କର ବାଦ୍ୟ ତ ଯାହା କହିହେବ ନାହିଁ, ଏହି ନାଦର ଅମୃତଧାର ବୁଦ୍ଧକାନ୍ତଙ୍କ ହୃଦୟରେ ଆସିଛି ଚେତନ୍ୟ ; ଏଇ ଗୋଟିଏ ନାମ 'ସୁନା' ସେମାନଙ୍କ ସମସ୍ତ ରୂପଧାରଣ କରିଛି । ଗୋଟିଏ ସୁନାଟିକେ ଅଭିନୟଳ ପ୍ରଦର୍ଶନ କରି ବୁଦ୍ଧକାନ୍ତ ସମସ୍ତ 'ସୁନା' ପ୍ରତି ନିଜର କର୍ତ୍ତବ୍ୟ କରିବାକୁ ଆସିଲେ ଆସିଛନ୍ତି । ବଳରାମଙ୍କ ମୂର୍ତ୍ତିରୁ ଶ୍ରୀ ମନ୍ଦିର । ହୀରାମୟ ବୁଝିବାକୁ ତାଙ୍କୁ ଦେଖିବାକୁ ମନନ ନମାଳଛି ସେ ବୁଝିଛନ୍ତି, ସେ ଆସିଛନ୍ତି ଏ ଜଗତକୁ ବୁଦ୍ଧଗୁଣ, ଅନ୍ତର୍ଯ୍ୟାମୀ ନାହାନ୍ତି; ନହି ସ୍ୱଜନବର ରୂପ ଗ୍ରାମ ଗ୍ରାମ ବୁଲିଛନ୍ତି ! ସେଇ ବୁଦ୍ଧକାନ୍ତଙ୍କ ମୁହଁରେ କୁହାଯାଉଛି, "ଆଜି ମୁଁ ଜନ୍ମେ ପିଲା ଆସମ ରାଜା ହୋଇ ବୁଲୁଛି ବଳରାମ, ରଜା, ମନ୍ତ୍ରୀ, କହୁଆଛ ନକରିବଟାରୁ ଜାଗାଧି ନନରଡ଼ୀ ଡ଼ାକ ହଟ, ନଚିବ ବସ୍ତୁ ମନାନ ।" ଦୁର୍ଭିକ୍ଷ ଚେତବେଶରେ ଚାଲିବ ସର୍ଦ୍ଦାର ବଳୀସ୍ତୂପ ହିନ୍ଦୁ ଓ ଅନ୍ୟଦେଶରେ ମୁଳିନ୍ ଦାଟେକା କୃପାନାଥ ବାବୁଙ୍କ ଅବତାରଣ ମଧ୍ୟରେ ଭୂଦେନ୍ୟାସଙ୍କର କେଦାପାତ୍ରି ଘଟିଛି ! ଏଣ୍ଡା ଦାନମ୍ କୃପାନାଥଙ୍କ ଗାଁରେ ଲୋକଙ୍କପାଇଁ ଗୁହାରି କରିବାକୁ ବୁଦ୍ଧକାନ୍ତ ଗାଉଛନ୍ତି, ଠିକ୍ ସମୟର ଲୋକଙ୍କର ହୋଇ ସନାତନ ଆସିଥିଲେ ତାଙ୍କଠାରେ ଗୁହାରି କରିବାକୁ, କିନ୍ତୁ ଆଜିକାଲିଆମାନ କୃପାନାଥଙ୍କଠାରୁ ନାମ ପାଉଛନ୍ତି ଅପମାନ । କିନ୍ତୁ ଏଥିପାଇଁ ସେ କୃପାନାଥଙ୍କୁ ଦୋଷ ନଦେଇ ଦୋଷ ଦେଉଛନ୍ତି କ୍ଷମତାକୁ । ଚତୁର୍ଦ୍ଦେଶର ବୁଦ୍ଧକାନ୍ତଙ୍କ ସମ୍ମୁଖରେ ଉପସ୍ଥିତ ହୋଇଛନ୍ତି ଜଣେ ଲକ୍ଷ୍ମୀ ଓ ଏହା ଲକ୍ଷ୍ମୀ ସନ୍ଦର୍ଭରେ ଆସି ସେମାନଙ୍କ ବୁଦ୍ଧକାନ୍ତ ଉପଲବ୍ଧି କରିଛନ୍ତି ପ୍ରକୃତ କଲ୍ପନାର ସ୍ୱରୂପ, ଯାହା ମାନବ ଜାତିକୁ ସମ୍ପାଦନ କରେ ଓ ଦେବତ୍ୱର ସ୍ୱୀକୃତ କରେ ।

ବିଭିନ୍ନ ପର୍ଯ୍ୟାୟରେ ନିର୍ବାସିତ ସନାତନ ଓ ସ୍ୱେଚ୍ଛାକୃତଭାବରେ ସିଂହାସନ ତ୍ୟାଗ କରିଥିବା ଶୁଭକାନ୍ତଙ୍କର ମିଳନ ଘଟିଛି । ଦୁର୍ଭିକ୍ଷ କବଳରୁ ଜନସାଧାରଣଙ୍କୁ ଉଦ୍ଧାର ପ୍ରୟାସ ମଧ୍ୟରେ ଅଭିନ୍ନହୃଦୟ ଉଭୟଙ୍କୁ ଶ୍ରମରତେ, ଅଜିନ୍ତି ଶାସକଗଣ ନୀତି "ବୁଭୁକ୍ଷିତଂ କିଂ ନ କରୋତି ପାପ" ଏହି ପର୍ଯ୍ୟାୟରେ କିଏ ନେଉଛି ନେଇ, କିଏ ନେଉଛି ନିରନ୍ନତା । କେଉଁଠି ଦାଗ ବସିଛି ତାର ହିସାବ । ଶେଷଶେଷରେ ସନାତନ ପାଇଛନ୍ତି ଫାଶୀ ଓ ଶୁଭକାନ୍ତଙ୍କର ଘଟିଛି ଦ୍ୱୀପାନ୍ତର । ଏହି ଦ୍ୱୀପାନ୍ତର ଦଣ୍ଡ ମୁହୂର୍ତ୍ତରେ ଶିବ୍ୟସିଂହଦେବଙ୍କର ଦ୍ୱୀପାନ୍ତର ଦଣ୍ଡ ମଧ୍ୟ ତାଙ୍କର ମନେ ପଡ଼ିଛି । ଦ୍ୱୀପାନ୍ତର ଜୀବନ ବର୍ଣ୍ଣନା କରଯାଇଛି ପରବର୍ତ୍ତୀ ପୃଷ୍ଠାରେ । ତାପରେ ସାଗରଯାତ୍ରା, ଦ୍ୱୀପାନ୍ତରିତ ବନ୍ଦୀମାନଙ୍କର ଅବସ୍ଥାର ବର୍ଣ୍ଣନା ବେଶ୍ ମର୍ମନ୍ତୁଦ । ଦଶବର୍ଷପରେ ଶୁଭକାନ୍ତ ଫେରିଛନ୍ତି ଦେଖି ଭୁବନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଭିରାମ ସନ୍ନ୍ୟାସୀ, ଦିବ୍ୟ ବଳରାମ ସାମନ୍ତଙ୍କ ସହିତ ତାଙ୍କର ସାକ୍ଷାତ ହୋଇଛି । ରାଜସିଂହାସନଚ୍ୟୁତ ଶୁଭକାନ୍ତ ଶୁଣୁଛନ୍ତି ସବୁମାନଙ୍କର ସେହି ଈଶ୍ୱର ପ୍ରଜାପୁଞ୍ଜ ସେ ସମସ୍ତଙ୍କୁ ନିଜ ଅନ୍ତରରେ ସ୍ଥାନ ଦେଇଛନ୍ତି । 'ଅମରଚିତା' ଓ 'ମୁକ୍ତାଗଡ଼ର କ୍ଷୁଧା'ରେ ଇତିହାସ ସେପରିକି ଏକ ଉପଲକ୍ଷ ମାତ୍ର । ଲେଖକଙ୍କର ଲକ୍ଷ୍ୟ ହୋଇଛି ସମତା ଏବଂ ମମତା, ଶାସକଙ୍କୁ ସହଜ ବ୍ୟକ୍ତିର ଆଦର୍ଶର ଚିତ୍ର ଅଙ୍କନ କରିବା । କାଳିନ୍ଦୀଚରଣ ଏହି ଉପନ୍ୟାସ ଦୁଇଟି ମଧ୍ୟରେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ପ୍ରଥମ ଏକ ନୂଆ ପ୍ରକାର ଭଳି 'ନଭେଲ୍ ସିକ୍ୱେନ୍ସ' ରଚନାର ପ୍ରୟାସ କରିଛନ୍ତି (Roman Flenve) । ଏହିଭଳି ଉପନ୍ୟାସ ରଚନା କାଳରେ ଦୁଇ ଉପନ୍ୟାସପାଇଁ ଲେଖକଙ୍କୁ ନୂତନ ନାୟକ, ନୂତନ ସ୍ଥାନ କାଳ, ନୂତନ କଥାବସ୍ତୁ ଗ୍ରହଣ କରିବାର ଆବଶ୍ୟକତା ନଥିଲା । କାଳିନ୍ଦୀଚରଣ ଠିକ୍ ଏହି ଶୈଳୀରେ ରଚନା କରିଛନ୍ତି 'ମାଟିର ମଣିଷ' 'ଲୁହାର ମଣିଷ' ଓ 'ଆକାଶ ମଣିଷ' ଉପନ୍ୟାସ ସମ୍ପୁଟ । 'ମାଟିର ମଣିଷ' ଦ୍ରୁତଗତିର ଏକ ନଭେଲ ବା କ୍ଷୁଦ୍ର ଉପନ୍ୟାସ । କଟକ ଜିଲ୍ଲାର ବିରୂପା କୂଳର ଡାଳିମ୍ବଟୋଳ ଏକ ନଗଣ୍ୟ ବସ୍ତିର ଶ୍ୟାମପ୍ରଧାନର କୁଡ଼ିଆଘରେ ଏକା ମା ପେଟରୁ ଜନ୍ମଲଭ କରିଛନ୍ତି 'ବରଜୁ' ଓ 'ଛକଡ଼ି' ତାଙ୍କ ପରିବାରକୁ ଆସିଛନ୍ତି 'ହାରବୋଉ' ଓ

'ହେନ୍ମଣି' । ଗାଁରେ କେତେ ଦ୍ୟାସ୍ତ ହଶାତ ଗଣ ବରକୁ ଭ୍ରଙ୍ଗେ, ସେ ଆଜି ଧନିକଙ୍କ ମନୋବାଞ୍ଛା ଭଲ୍ବାଷ୍କୁ ଆଣେ, ହିଂସାରୁ ପ୍ରତି-ହିଂସାରୁ ଉଲ୍ଲଭ ଲହେ, ଦେହ ବଳକୁ ପ୍ରଧାନ ଚଣ୍ଡାଳୁଙ୍କ ହରିପୁରରେ ତାର ଭ୍ରଷ୍ଟକଂଧୁ ନବୀନଙ୍କ ସେଣ୍ଟର ଅଣ୍ଡାଅ ହେଲା । ସେଇଠି ଦୃଷ୍ଟି ଦାରିଦ୍ର୍ୟ ସହଲ୍ଡ ବତି ବାରକୁ ଗଳିଲ୍ଲ ନୂଆ ସଂସାର । ହରିପୁର ଗାଁରେ ସ୍ୱୁଙ୍କ ଦୁଃଖେର ବନ୍ଧ ଅଂଶ ନେଉଛନ୍ତି । କରନ୍ତି ଗ୍ରାମ ସଂଗଠନ । କରନ୍ତି ସମାଜ ସଂସ୍କାର । ଶେଷରେ ପ୍ରଧାନ ଚଣ୍ଡାଳ ନିର୍ଦ୍ଦୋଷ ଲୋକଙ୍କୁ ଜୁଲମ୍ ଅତ୍ୟାଚାରରୁ ମୁକ୍ତ କରିବାପାଇଁ ଯାଆନ୍ତି ନବନ ବରଦଶୀ ଶାସକଙ୍କର ପୋଲିସ୍ର ଦେଖ ଦୃଷ୍ଟିରେ ପଡ଼ନ୍ତି । ଶେଷରେ ସ୍ୱରାଜ ପାଇଁ ଦେଲ୍ଲର କରନ୍ତି ଓ ଜେଲ୍ରେ ଏଣି ନବୀନର 'ମାଟିର ମଣିଷ' ମାଟିରବାଡ଼ ଭାଙ୍ଗି ଚଳିନ୍ତି ଲୁଦ୍ଧାଡ଼ାଙ୍କ ହତ୍ୟର । କାଳିନ୍ଦୀ ଚରଣଙ୍କର ଶେଷ ଉପନ୍ୟାସ 'ଆଜିର ମଣିଷ'ରେ ସ୍ୱାଧୀନତା ପରବର୍ତ୍ତୀ ସମାଜର ଚିତ୍ର ଅଙ୍କିତ । ମନୁଷ୍ୟର ବ୍ୟକ୍ତିତ୍ୱର ବିକାଶପାଇଁ ନୈତିକ ଜୀବନର ବିଶେଷ ଦିଶାର ଦାନ ରହିଛି ଏହି ଉପନ୍ୟାସରେ ତାହା ବର୍ଣ୍ଣିତ । ଆଦର୍ଶବାଦୀ ଶିଳ୍ପୀ କାଳିନ୍ଦୀଙ୍କର ଯଥାର୍ଥ ପରିଚୟ ଏହି ଉପନ୍ୟାସଟିରେ ମିଳେ । କାଳିନ୍ଦୀ-ଚରଣଙ୍କର ନିଜସ୍ୱ ଭାଷାଶୈଳୀର ସମନ୍ୱୟ ଉପନ୍ୟାସଗୁଡ଼ିକରୁ ଦେଖିବାକୁ ମିଳେ ନାହିଁ । କାରଣ ଉପନ୍ୟାସଗୁଡ଼ିକ ଦୀର୍ଘ ବ୍ୟବଧାନରେ ରଚିତ । ତେବେ ଐତିହାସିକ ଉପନ୍ୟାସ ଓ ସାମାଜିକ ଉପନ୍ୟାସ ପାଇଁ ଭିନ୍ନ ଭାଷାଶୈଳୀ ସେ ଗ୍ରହଣ କରିଛନ୍ତି, ଐତିହାସିକ ଉପନ୍ୟାସର ଭାଷା ଆଡ଼ମ୍ବରପୂର୍ଣ୍ଣ, କାବ୍ୟିକ ଓ ସଂସ୍କୃତାନୁଗ, କିନ୍ତୁ ସାମାଜିକ ଉପନ୍ୟାସର ଭାଷା ଲୌକିକ, ସହଜ ଓ ସ୍ୱତଃସ୍ଫୂର୍ତ୍ତ ।

( ଗ )

କାହ୍ନୁଚରଣ ମହାନ୍ତି (୧୯୦୬) ସବୁଜ ଯୁଗର ପରବର୍ତ୍ତୀରେ ନବଜାଗ୍ରତ ଚେତନାର ପୃଷ୍ଠଭୂମିରେ ତାରୁଣ୍ୟର ସ୍ପନ୍ଦନ କାହ୍ନୁଚରଣ ଓଡ଼ିଆ ଉପନ୍ୟାସ ରାଜ୍ୟରେ ପ୍ରବେଶ କରିଛନ୍ତି । 'ବାଲିରାଜା' କାଳିନ୍ଦୀ-ଚରଣଙ୍କ 'ମୁକ୍ତାଗଡ଼ର କ୍ଷୁଧା'ଭଳି ଏକ ରୋମାଣ୍ଟିକ ଉପନ୍ୟାସ ଓ ଜନଶ୍ରୁତିର ରଚିତ । କନକର କେଉଁଟ ରାଜାଙ୍କ ଦରବାରରେ ଅବସ୍ଥିତ

ଏହି ଐତିହାସିକ କାହାଣୀରେ ଦୁଃସାହସିକ ନାୟକ ଭଜନା, ପ୍ରେମିକ ସୁନ୍ଦରୀ ମଣିଆ, ଖଳନାୟକ ଜଳଦସ୍ୟୁ ନାରାୟଣମାଧବ, ଲୁଟେଇ, ସୁଶୀଳା ପ୍ରଭୃତି ଚରିତ୍ରଙ୍କୁ ନେଇ ଅଜସ୍ର ରୋମାଞ୍ଚକର ଘଟଣାର ବର୍ଣ୍ଣନା ମଧ୍ୟରେ ବାଲିଗୁଜା ଉପନ୍ୟାସ ଅନିର୍ଣ୍ଣ ଖୁବ୍ ଉପଭୋଗ୍ୟ । ଜଳଦସ୍ୟୁଙ୍କର ଅତ୍ୟାଚାର, ଦୁଃସାହସିକ ନୌ-ଯାତ୍ରାର ଚିତ୍ର ନେଇ 'ବାଲିଗୁଜା' ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଏକ ନୂତନ ରୋମାଣ୍ଟିକ୍ ଧାରା ପ୍ରବର୍ତ୍ତନ କରିଥିଲା । କାହ୍ନୁଚରଣ ନିକଟ ଇତିହାସରୁ ଆରମ୍ଭକରି ଆଧାମଇତିହାସ ପର୍ଯ୍ୟନ୍ତ ପରିକ୍ରମଣ କରିଛନ୍ତି । ନ-ଅଙ୍କ ଦୁର୍ଭିକ୍ଷର ପୃଷ୍ଠଭୂମିରେ ରଚିତ 'ହା-ଅନ୍ନ' ଓ 'ଶାସ୍ତି' ଠାରୁ ସ୍ୱାକ୍-ସ୍ୱାଧୀନତା ଯୁଗର ମଣିଷର ଜୀବନର ଇତିହାସ 'ବେଶ୍ୟା'ରେ ରୂପାୟିତ ହୋଇଅଛି । କାହ୍ନୁଚରଣ ସମକାଳୀନ ଓଡ଼ିଆ ସାହିତ୍ୟରେ ସର୍ବଶ୍ରେଷ୍ଠ ନ ହେଲେ ବି ସର୍ବାଧିକ ସଂଖ୍ୟକ ଉପନ୍ୟାସର ସ୍ରଷ୍ଟା । ଓଡ଼ିଶାର ପଲ୍ଲୀଜୀବନଠାରୁ ଆରମ୍ଭ କରି ସହରୀ ଜୀବନ, ସରଳ ପ୍ରଣୟ କାହାଣୀଠାରୁ ଆରମ୍ଭ କରି ପ୍ରବୃତ୍ତିର ମନୋବିଶ୍ଳେଷଣ, ଯୌନଚେତନା, ସମାଜ ସଂସ୍କାର, ବୁଦ୍ଧିଜୀବୀଙ୍କର ଚରିତ୍ରର ବାସ୍ତବବାଦୀ ଚିତ୍ରଣ ଓ ସ୍ୱପ୍ନଚାରୀ ଚରିତ୍ରର ଅନୁଧ୍ୟାନ ପର୍ଯ୍ୟନ୍ତ ସବୁକିଛିର ସମନ୍ୱୟ ଘଟିଛି ତାଙ୍କ ଉପନ୍ୟାସ ଗୁଡ଼ିକରେ । କାହ୍ନୁଚରଣ ପାରିବାରିକ ସ୍ତରରେ ହିଁ ଉପନ୍ୟାସ ରଚନା କରିଛନ୍ତି—ଏହି ସ୍ତରରେ ହିଁ ତାଙ୍କର ଆଗ୍ରହ ଅଧିକ । ସୁଖପାଠ୍ୟ ଗଳ୍ପ, ସୁବଳିତ ଚରିତ୍ର ଓ ମନୋହାରୀ ବର୍ଣ୍ଣନାର ପରମ୍ପରାକୁ ସେ ନିଜ ଉପନ୍ୟାସରେ ଅକ୍ଷୁର୍ଣ୍ଣ ରଖିଛନ୍ତି । କାହ୍ନୁଚରଣ ମାନବପ୍ରେମୀ ଶିଳ୍ପୀ । ସମାଜର ଶତ ନିପୀଡ଼ନର ଭିତ୍ତି ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଓ ମନୁଷ୍ୟତ୍ୱକୁ ବିଘାତ ମଧ୍ୟରେ ଏକତ୍ରରେ ଜୀବନକୁ ଆଲିଙ୍ଗନ କରିବା ପାଇଁ ଓ ଅନ୍ୟାୟଗତର ଊର୍ଦ୍ଧ୍ୱଚେତନାର ଉଦ୍‌ବର୍ତ୍ତନପାଇଁ ତାଙ୍କ ନାୟକ ନାୟିକାଙ୍କଠାରେ ପ୍ରବଣତା ଦେଖା-ଦେଇଛି । କାହ୍ନୁଚରଣଙ୍କ ଉପନ୍ୟାସଗୁଡ଼ିକ ପାଠକଲେ ମନେହୁଏ ସେ ଯେପରି ନିଜ ଚରିତ୍ରମାନଙ୍କ ସହିତ ବାସକରନ୍ତି । ଘଟଣାଗୁଡ଼ିକ ଆଖି-ଆଗରେ ଘଟିଅଛି ଓ କାହାଣୀର ରଙ୍ଗମଞ୍ଚରେ ସେ ବି ନିଜେ ଜଣେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଓଡ଼ିଆ ଉପନ୍ୟାସକୁ ସର୍ବସାଧାରଣ ପାଠକଙ୍କର ନିକଟବର୍ତ୍ତୀ କରାଇବାପାଇଁ କାହ୍ନୁଚରଣଙ୍କ

ଉଦ୍ୟମ କରିଥିଲେ । ତାଙ୍କର ଅତି ସହଜ, ସରଳ ଭାଷା ମଧ୍ୟରେ ଉପନ୍ୟାସର କଥାବସ୍ତୁ ସେପରିକି ଅତି ସ୍ୱଳ୍ପଶିକ୍ଷିତ ପାଠକଙ୍କ ପାଇଁ ଅନାୟତ୍ତ । ମନକଥା ଭାଷାରେ ବୁଝାଇଦେବାଆଁ ଗଳ୍ପରଚନାର ସେ ବିଶ୍ୱାସୀ । ତାଙ୍କ ନିଜ ଭାଷାରେ "ମୁଁ ଯେତେବେଳେ କଲମଧରି ଲେଖିବାକୁ ଆରମ୍ଭକରେ ଚରିତ୍ରଗୁଡ଼ିକ ଆସି ମୋ ଆଗରେ ଠିଆ ହୁଅନ୍ତି, ମୋ କଲମ ମୁନରେ ନିଜେ ନିଜେ ସେମାନେ ଗଢିହୁଅନ୍ତି ।" ତା'ପରେ ତାଙ୍କର ଦ୍ୱିତୀୟ ଲକ୍ଷ୍ୟ ଏକ ପ୍ରବାହଶୀଳ କାହାଣୀରଚନା, ଯାହାର ପ୍ରବାହ-କଲ୍ଲୋଳଭଳିକରେ ଏକ ଭୁଙ୍ଗମନର ଚିରେକଦେବନ୍ତୁ । ଅନ୍ତଃସ୍ଥଳ କାହାଣୀକଥାରେ ହାରି ଉନ୍ମୋଚନ କରିବାକୁ ଯାଇ ଅତୀତ ଓ ବର୍ତ୍ତମାନ, ଦୂର ଓ ନିକଟ, ବିଶ୍ୱାସ ଓ ଯୁକ୍ତି ମାନସିକ ଦ୍ୱନ୍ଦ୍ୱ ଓ କାବ୍ୟିକ କଳ୍ପନା ସବୁକୁ ନିଜ ରଚନାର ଅଙ୍ଗୀଭୂତ କରିଅଛନ୍ତି । କାହ୍ନୁଚରଣ ପାଠକର ମନ ଓଟାରିବାପାଇଁ ସବୁପ୍ରକାର କୌଶଳର ଅବଲମ୍ବନ କରିଅଛନ୍ତି । ତଥାପି, ତାଙ୍କ ଅନ୍ତରରେ ସେହି ରଚନାର ଏକ ଅନ୍ତର୍ନିହିତ ଅଦମ୍ୟ ପ୍ରେରଣା ଓଡ଼ିଆ ସାହିତ୍ୟର ପରିବେଶକୁ ସମୃଦ୍ଧ କରିବାପାଇଁ ପ୍ରୟାସୀ ତାହା କେହି ଅସ୍ୱୀକାର କରିପାରିବେ ନାହିଁ । ଏକ ମହାକାବ୍ୟିକ ଉପନ୍ୟାସ ରଚନାର ବ୍ୟାପ୍ତି ଯେଉଁ କାହ୍ନୁଚରଣ ଅନୁପ୍ରକାଶ କରିଥିଲେ 'ବାଲିରାଜା'ରେ । କ୍ଷୁଦ୍ର କ୍ଷୁଦ୍ର ମନୋରମ ଉପନ୍ୟାସ ମଧ୍ୟରେ ଯେଉଁ କେତୋଟି ବୃହତ୍‌କାୟ ଉପନ୍ୟାସ ରଚନାକରିଛନ୍ତି, ସେଗୁଡ଼ିକ ମଧ୍ୟରେ 'ତମସାତୀରେ' (୧୯୬୭) ଅନ୍ୟତମ । ଦଣ୍ଡକାରଣ୍ୟର ବାସ୍ତୁତ୍ୟାଗୀ ଜୀବନର କଥା । ଯେଉଁ ଏକ ନାମ ନଜଣା ନଦୀ, ତାହାର କ୍ଷୀଣକାୟ-ଧାରା ଆଉ ତାର ତଟ ଅରଣ୍ୟ ଦୁର୍ବିଷହ ପ୍ରକୃତି ସଙ୍ଗେ ସଂଗ୍ରାମଶୀଳ ମାନବାତ୍ମାର ଅବିନଶ୍ୱରତାର ମହାମୁଦ୍ରାବ୍ୟାପୀ ଏଇ ଉପନ୍ୟାସଟିରେ ବାଣୀମୂର୍ତ୍ତି ଲାଭକରିଛି । ଏକଦା ଯେଉଁ କାହ୍ନୁଚରଣ ଇତିହାସରେ ମହାକାବ୍ୟର ସୂତ୍ର ସନ୍ଧାନ କରିଥିଲେ ସେ ସେପରିକି ନିଜ ଜୀବନକାଳ-ମଧ୍ୟରେ ତାର ସନ୍ଧାନ ପାଇଛନ୍ତି ତମସାତୀରର ଛିନ୍ନମୂଳ, ଉଦ୍‌ବାସ୍ତୁ କେତୋଟି ହତଭାଗ୍ୟ ନରନାରୀଙ୍କର ଜୀବନରେ । ସୁକାନ୍ତର ଚରିତ୍ର ଅତିକ୍ରମ କରି ତାଙ୍କର ନାୟିକା ଅଞ୍ଜନା, କମଳା ଅଥବା ନାୟକ ଅମିୟ ମଣ୍ଡଳ, ସାଧନ ସନ୍ୟାସୀ ତିରିକାଳର ଦୟାଶୀଳତା ଓ ଶାସନର ଜାଲରେ

ପ୍ରକୃତିର ସମ୍ଭାର ଭୂମିରେ ଲକ୍ଷ୍ମୀ ସକଳ ମାନବାତ୍ମାର କାରୁଣ୍ୟର ଭାବମୂର୍ତ୍ତି ସନ୍ଧାନକରି ମହାକାଳର ନିଃସୀମ ଅନ୍ଧକାର ମଧ୍ୟରେ ଅପରାହତ ମାନବାତ୍ମାର ଜୟଯାତ୍ରା ଘୋଷଣା କରିଛନ୍ତି । କାହ୍ନୁଚରଣଙ୍କ ସୃଷ୍ଟିର ପ୍ରମୁଖ ଧିତ୍‌ବନସ୍ତରେ ବିଶ୍ୱ ସାହିତ୍ୟର ବହୁ ବରେଣ୍ୟ ସ୍ରଷ୍ଟାଙ୍କର ପ୍ରଭାବ ଓ ପ୍ରେରଣାସ୍ତ୍ର ଦେଖିହୁଏ । କେଉଁଠାରୁ କାହାଣୀ, କେଉଁଠାରୁ ଚରିତ୍ରଗଠନର କଳା, କେଉଁଠାରୁ ଅବା ନିରୁଦ୍ଦେଶ୍ୟବର୍ଣ୍ଣନାରୀତି ସେପରିକି ସେ ଆହରଣ କରିଛନ୍ତି । ତାଙ୍କର ବାଲ୍ୟଜୀବନର ଆଲେକ୍‌ଜାଣ୍ଡାର ଡୁମାଙ୍କର 'ମାଣ୍ଟିକ୍ରିଷ୍ଟୋର କାଉଣ୍ଟ' ବା 'କା'ରେ ପେଲ୍.ଏସ୍.ବକ୍‌ଙ୍କର 'ପାଭିଲିଅନ୍ ଅଫ୍ ଓ୍ୱିମେନ୍'ର ପ୍ରଭାବ ଦେଖାଯାଇପାରେ । 'ଶାସ୍ତି'କୁ 'ହାର୍ଡି'ଙ୍କ 'ଉଡ୍‌ଲେଣ୍ଡର' ସହିତ ତୁଳନା କରାଯାଇପାରେ । ଏପରିକି ଓଡ଼ିଆ ସାହିତ୍ୟର ପରଂପରାରେ ମଧ୍ୟ କାହ୍ନୁଚରଣ ଯଥାର୍ଥ ଦାୟାଦ । ଫକୀରମୋହନଙ୍କ ହାସ୍ୟରସର ଦୃଷ୍ଟାନ୍ତ କାହ୍ନୁଚରଣଙ୍କ ରଚନାରେ ବିରଳ ନୁହେଁ । ଶାସ୍ତିର ଦେଶ୍‌କାର ଓ ଗୋବିନ୍ଦ ପ୍ରଧାନ ଚରିତ୍ରଦ୍ୱୟ ବ୍ୟଙ୍ଗୋକ୍ତି ମଧ୍ୟରେ ଫକୀରମୋହନ ହିଁ ସ୍ପଷ୍ଟ ଦେଖାଯାଆନ୍ତି । ଦେଶ୍‌କାର, ଗୋବିନ୍ଦ ପ୍ରଧାନ ଦୁହେଁ ବେଦାନ୍ତର ଭୁଲର୍ଥମାନ ଦିଅନ୍ତି, ଚୈତନ୍ୟ ଚରିତାମୃତ ପଢ଼ନ୍ତି, ଆଉ ହାଜତଘରରେ ଟିକେବେ କେମିତି ଅସ୍ଥିରଚିତ୍ତ ହେଲେ ହାତ ନଚାଇ ଟେକି ଭଜନ ଦୁଇ ଆଗେରେ ନାଚନ୍ତି । ଏପରିକି କାହ୍ନୁଚରଣଙ୍କ ଚରିତ୍ରସୃଷ୍ଟି ଓ ଘଟଣାବେଳେ ଘଟଣାଗତ ପରିବେଶ ବର୍ଣ୍ଣନାରେ ପୂର୍ବବର୍ତ୍ତୀ ଔପନ୍ୟାସିକଙ୍କ ସଙ୍ଗେ ସାମ୍ୟ ଦେଖାଯାଏ । ଦୃଷ୍ଟାନ୍ତ ସ୍ୱରୂପ କାହ୍ନୁଚରଣଙ୍କ 'ମାଟିର ମଣିଷ'ର ବରଜୁ ଓ 'ଶାସ୍ତି'ର ହନୁଆ ଚରିତ୍ର ମଧ୍ୟରେ ଯଥେଷ୍ଟ ସାମ୍ୟ ଅଛି । ହନୁଆ, ବରଜୁ ତେବେ ଗାଁ ଛାଡ଼ିଛି । ତଫାତ କେବଳ ବରଜୁ ନିଜଗାଁଟିକୁ ସୁଧାରି ନେଉଛି ଓ ହନୁଆ ନିଜ-ଗାଁରେ ସାମ୍ୟବାଦୀ ଆଦର୍ଶ କାର୍ଯ୍ୟକାରୀ କରିନପାରି ଗ୍ରାମ ଛାଡ଼ିଛନ୍ତି । ପୁଣି ଆଦର୍ଶବାଦୀ ଚରିତ୍ର ସୃଷ୍ଟି କରିବାକୁଯାଇ ଉଭୟ ଚରିତ୍ର ବାସ୍ତବତାର ହରାଇନାହିଁ । ହନୁଆର ଯାହା ଶିକ୍ଷାଦୀକ୍ଷା ସେଥିରେ ସେ ଆଦର୍ଶ ସାମ୍ୟବାଦୀ ହେବ ଏହା ଅକଳ୍ପନୀୟ । ପୁଣି ସାମ୍ୟବାଦୀ ଆଦର୍ଶ କାର୍ଯ୍ୟକାରୀ କରିବାପାଇଁ ଲୋଡ଼ା ଏକ ସଙ୍ଗଠନ; ବ୍ୟକ୍ତି ନୁହେଁ । ଏକଥା ସେପରି ଲେଖକ ଭୁଲି ଯାଇଛନ୍ତି । 'ମାଟିରମଣିଷ'ର ଦେଉ ବର୍ଷରେ

ରଚିତ ଶାସ୍ତିରେ ବର୍ଣ୍ଣିତ ଗଗନର ଚଣ୍ଡାଳ ଗାଁକୁ ଚେହ୍ଲଉଦେବାପାଇଁ କାହ୍ନୁଚରଣ ମାଟିର ମଣିଷରେ ଶ୍ୟାମଧାନର ଗାଁର ବର୍ଣ୍ଣନାକୁ ସେହିପରି ଅନୁସରଣ କରିଛନ୍ତି । ସମସ୍ତେ ବୀରଜଗତରୁ ଆରମ୍ଭ କରି ସ୍ୱର୍ଗ, ନରକ; ଓଡ଼ିଶା ଓ ଭାରତରେ ନିଜର ଦେଖିଲ ଗ୍ରାମଟିର ସ୍ମୃତି ଦେଖାଇଛନ୍ତି ।

ତଥାପି କାହ୍ନୁଚରଣ ମହାନ୍ ଶିଳ୍ପୀ । ସମଗ୍ର ଓଡ଼ିଆ ଜାତିର ଆଶା ଓ ଆକାଂକ୍ଷାର ସେ ମନୋଜ୍ଞ ଚିତ୍ରକର । ଜୀବନ ଓ ସାହିତ୍ୟ ପ୍ରତିଫଳନର ନ ତାଙ୍କ ଉପନ୍ୟାସରେ ଗୋଟିଏ ବନ୍ଧରେ ମିଳିତ ହୋଇଅଛି । ରାମଶଙ୍କରଙ୍କର ବିବାସିନୀଠାରୁ ଆରମ୍ଭକରି କାଳିନ୍ଦୀଚରଣ, ଗୋଦାବରୀଶ ମିଶ୍ର ବସନ୍ତକୁମାରଙ୍କ କୃତିରେ ଓଡ଼ିଶାର ଦୁର୍ଭିକ୍ଷ ଓ ଦାରିଦ୍ର୍ୟର ଯେଉଁ ଚିତ୍ର ମିଳେ କାହ୍ନୁଚରଣ ତାର ସାର୍ଥକ ରୂପାୟନ କରିଛନ୍ତି । ଗାଁର ଚାଷୀଟିର, ଚଉକିଦାରର ପୁଅ, ସରକାରୀ ଅଫିସର ଉଦ୍‌ବାସ୍ତୁ, କାରଖାନାର ଶ୍ରମିକ, ନିର୍ଯ୍ୟାତିତ ପଲ୍ଲୀବଧୂ, ଅତ୍ୟାଚାରିତ ମଜୁରିଆ ସବୁ ସେହିପରି ତାଙ୍କ ତୁଳିକର ଛୋଇଁ ପାଇକରି ଜୀଇଛନ୍ତି । ଦୁଃଖଦୁର୍ଦ୍ଦଶାର ଚରମ ସୀମାରେ ଉପନୀତ ଏକ ଜାତିର ଅନୁଭୂତି ଉପରେ କାହ୍ନୁଚରଣଙ୍କ ଉପନ୍ୟାସ ଜଗତ ଗଠିତ । ଓଡ଼ିଶାର ଐତିହ୍ୟ, ଓଡ଼ିଆ ଜୀବନର ବୈଚିତ୍ର୍ୟ, ସାର୍ଥକ ଜୀବନଶିଳ୍ପୀ କାହ୍ନୁଚରଣଙ୍କ କଥା ସାହିତ୍ୟର ଜଗତରେ ସହଜ ଓ ସୁନ୍ଦର ଅଭିବ୍ୟକ୍ତି ଲାଭ କରିଅଛି ।

( ୪ )

ରାଜକିଶୋର ପଟ୍ଟନାୟକ (୧୯୧୨)—ବୃତ୍ତିରେ ଆଇନ୍‌ଜୀବୀ କିନ୍ତୁ ଓଡ଼ିଆ କଥାସାହିତ୍ୟର ଏକନିଷ୍ଠ ସାଧକ । ଓଡ଼ିଶାର ସେହି ନବଜନ୍ମର କାଳ, ୧୯୩୬ରେ ରାଜକିଶୋର ଓଡ଼ିଆ ସାହିତ୍ୟରେ ପ୍ରବେଶ କରନ୍ତି । ରାଜକିଶୋର, ନିତ୍ୟାନନ୍ଦ ଓ ଗୋପୀନାଥ ଏକ ସମୟରେ ଓଡ଼ିଆ କଥା ସାହିତ୍ୟରେ ନୂତନ ଦିଗ୍‌ବଳୟର ସନ୍ଧାନ କରିଥିଲେ । ଓଡ଼ିଆ ସାହିତ୍ୟର ପ୍ରବୀଣତମ ସାରଥୀ ଗଳ୍ପକାରଙ୍କ

ନବଭାରତରେ ଏହି ଶିଳ୍ପ ସାଧକଙ୍କର 'ପ୍ରେମର ନିଷ୍ଠା' ପ୍ରକାଶ ପାଇଥିଲା । ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପ ଉଭୟରେ ରାଜକିଶୋରଙ୍କର ସାର୍ଥକତାର ସ୍ୱାକ୍ଷର ନିହିତ । ଓଡ଼ିଆ ସାହିତ୍ୟରେ ଏକ ସମୟର ନବଦୃଷ୍ଟିର ଚେତନାର ବଳିଷ୍ଠ ଓ ଅନ୍ୟାୟବୋଧର ସାମ୍ୟବାଦୀ ପ୍ରଭାବିତ ପ୍ରଗତିଚେତନାର ଅଭ୍ୟୁଦୟ କାଳରେ ପ୍ରେମ ଓ ମାନବିକ ଉଦାର ଆଦର୍ଶର ମଧୁସ୍ଫୁରୁ ସାଧନ ଦ୍ୱାରା ରାଜକିଶୋରଙ୍କର ବ୍ୟକ୍ତି ବୈଶିଷ୍ଟ୍ୟ ସହଜରେ ଦୃଷ୍ଟି ଆକର୍ଷଣ କରେ । ଓଡ଼ିଆ ଉପନ୍ୟାସକୁ ଆଦର୍ଶବାଦ ପଲ୍ଲୀକେନ୍ଦ୍ରିକ ଜୀବନଧାରାର ମଧ୍ୟ ଭିତରୁ ମୁକ୍ତକରି ରାଜକିଶୋର ଏକ ନୂତନ ଧାରାର ସୃଷ୍ଟି କରନ୍ତି—'ଅମରଲିପି' 'ଚିରନ୍ତନୀ' 'ନାଗବଶ' 'ସହରକୁହୁଡ଼ି' 'ସିନ୍ଦୂରଗାର' 'ମୃତ୍ତିର ମଣିଷ' 'ପ୍ରେମିକର ଡାଏରୀ' 'ଜୀବନର ନର୍ତ୍ତକୀ' 'ଶ୍ମଶାନପଥ' 'ଜଳଜଳିଆ' ଓ 'ଚଳାବାଟ' ଉପନ୍ୟାସ ସୃଷ୍ଟିକରେ । ରାଜକିଶୋର ନିଜେ ଅଭିଜାତ ପରିବାରରେ ଜନ୍ମଲାଭ କରିଥିଲେ । ତେଣୁ ସେ ନିଜେ ଯାହା ତାଙ୍କ ଉପନ୍ୟାସର ନାୟକ ନାୟିକା ମଧ୍ୟ ପ୍ରାୟତଃ ଶିକ୍ଷିତ, ଅଭିଜାତ ଓ ନାଗରି ଜୀବନରେ ଅଭ୍ୟସ୍ତ । ଉପନ୍ୟାସର ଗଠନ କୌଶଳରେ ରାଜକିଶୋର ନୂତନତ୍ୱର ପ୍ରବର୍ତ୍ତକ । ତାଙ୍କ ଉପନ୍ୟାସରେ କାହାଣୀ ଗୌଣ । ଘଟଣା ସବୁ ଆଂଶିକ ସୂତ୍ରରେ ବାଦ୍ୟମାନ । ଘଟଣାର ଆନୁପୂର୍ବିକ ବିବରଣୀ ଅସମ୍ପୂର୍ଣ୍ଣ । ତାଙ୍କ ଉପନ୍ୟାସସବୁ ସେମାନଙ୍କ ଏକ ଏକ ବିଶେଷ ପରିପାର୍ଶ୍ୱ ଭିତରେ ଅବସ୍ଥାପିତ ସ୍ଥିର ଚିତ୍ର ଅଙ୍କନ ଭଳି ବର୍ଣ୍ଣନା କରେ । ଏହି ଚିତ୍ର ଭିତରୁ ଚିରନ୍ତନ ନରନାରୀଙ୍କ ହୃଦସ୍ପନ୍ଦନର ଉଷ୍ଣ ସୂକ୍ଷ୍ମସନ୍ଧାନରେ ସେ ଆଗ୍ରହୀ । ସଂଳାପ ସୃଜନୀଶକ୍ତି ଓ ସୂକ୍ଷ୍ମ ଶୈଳୀନୀତିରେ ତାଙ୍କର ସବୁସାଧୀ ନାୟକ ନାୟିକାଙ୍କ ଅନ୍ତର ପ୍ରକାଶିତ ହୁଏ । ଛୋଟିଏ କଥା, ଟିକିଏ ହସ, ଅଥବା ସାମାନ୍ୟ ଏକ ଇଙ୍ଗିତକୁ ନେଇ ନିଜ ନାୟକ ନାୟିକାଙ୍କର ଅନ୍ତରର ଦ୍ୱାର ଉନ୍ମୋଚନ କରିବାକୁ ଲେଖକ ସତତ ପ୍ରୟାସୀ । 'ପ୍ରେମିକର ଡାଏରୀ' ଉପନ୍ୟାସରେ ଗୋବର୍ଦ୍ଧନ, ଘନଶ୍ୟାମ ଓ ପ୍ରଭାକର ତିନୋଟି ନାୟକ ବୁଦ୍ଧିମତୀ ନାୟିକା ସରଳାର ଛୋଟିଏ ହସର ବ୍ୟାଖ୍ୟାକରି ସ୍ୱତନ୍ତ୍ର ସୃଷ୍ଟି ପ୍ରତିଭାର ମଧ୍ୟରେ । ସ୍ନାଣ ଭିତରେ ଚିରନ୍ତନ ନରର ଅନ୍ତରର ଭାଷା, ଅନୁଭବର ବାଣୀ ଫୁଟିଉଠେ । ଅଜସ୍ର ଉପମା ଓ ଦୃଷ୍ଟାନ୍ତ ସେମାନ

ରାଜକିଶୋରଙ୍କ ରଚନାଶୈଳୀ ଏକ ନିଜସ୍ୱ ବୈଶିଷ୍ଟ୍ୟ ଅର୍ଜନ କରିଛି । ଏକ କ୍ଲାସିକସାହିତ୍ୟର ଏହା ବର୍ଣ୍ଣନାଶୈଳୀ ଲକ୍ଷଣାକ୍ରାନ୍ତ । ସମାଜ ଓ ସଙ୍ଗଠନର ଭିତ୍ତିରେ ବ୍ୟକ୍ତିସତ୍ତାକେନ୍ଦ୍ରିକ ପ୍ରବୃତ୍ତି ଓ ନାୟକର ଅନ୍ତେବଗୋଷ୍ଠ ପ୍ରଣୟୀଙ୍କୁ ଜୀବନରବାସ ଦୃଷ୍ଟିକୋଣରୁ ଆଙ୍କିଛନ୍ତି । ଧର୍ମ ଅବବାଧିତ ଜୀବନର ଛବି ନେଇ ଖୋଜିଛନ୍ତି ନିଜ ଉପନ୍ୟାସରେ ପ୍ରେମିକ ପ୍ରେମିକାଙ୍କ ଅନ୍ତର୍ଜୀବନର ଆବିଷ୍କାରରେ । ପ୍ରେମିକର ଅନ୍ତର୍ମୁଖୀ, ସ୍ୱପ୍ନଦ୍ରଷ୍ଟା, ଆତ୍ମନିଷ୍ଠ ମନର ଅତଳ ଗଭୀରତାର ଚିତ୍ରଣ ପାଇଁ ଲେଖକଙ୍କ ପ୍ରୟାସ ସର୍ବଦା ବର୍ତ୍ତମାନ । ନାୟକ ବା ନାୟିକା ମନରମଣୀୟତା ସୃଷ୍ଟି କରନ୍ତି । କିନ୍ତୁ, ସାମାଜିକ ବନ୍ଧନ ଭିତରେ ସେମାନଙ୍କୁ ବାନ୍ଧିପାରନ୍ତି ନାହିଁ । ତେଣୁ ସେମାନେ ରହି ଯାଆନ୍ତି ଚିରକାଳ ବିରହୀ ଓ ବିରହିଣୀ ହୋଇ । ବ୍ୟକ୍ତିସତ୍ତା ମରଣଶୀଳ । ଯୌବନରେ, ଭୋଗାନନ୍ଦ, ଅନୁଭବରେ ଅମରତାର ପ୍ରେମିକ । ଏହି ପ୍ରେମର ଉପସଂହାରରେ ରାଜକିଶୋରଙ୍କର ଉପନ୍ୟାସ ଜଗତରେ ପ୍ରବାହିତ ହୋଇଛି ଯେ ବାସ୍ତବର ସ୍ରୋତ । ଯାହା ଅନ୍ତର ଅନ୍ତରର ସତ୍ତା ସମାଦର୍ଶନ ।

ରାଜକିଶୋରଙ୍କ ସୃଷ୍ଟିମାନଙ୍କର ପ୍ରଭାବ ଏକ ବ୍ୟାପକ କ୍ଷେତ୍ରରେ ସମାନ୍ତରାଳ ଧାରାବାହିକ ମଧ୍ୟରେ ହିଁ କଳନା କରାଯାଇପାରେ । ପ୍ରାୟ ତାଙ୍କ ଲେଖକ ଜୀବନର ମଧ୍ୟକାଳର ସୃଷ୍ଟି 'ଚଳିବାଟ' ଅବଲମ୍ବନରେ ତାଙ୍କ ସୃଷ୍ଟିମାନଙ୍କର ଭାବକେନ୍ଦ୍ର ଆବିଷ୍କାର କରାଯାଇପାରେ । 'ଚଳିବାଟ' ଉପନ୍ୟାସଟି ଲେଖକଙ୍କର ଏକ ମହାକାବ୍ୟିକ ସୃଷ୍ଟି । ମାତ୍ର ଏହି ମହାକାବ୍ୟିକଚେତନା ବିପୁଳ ସ୍ଥାନ ଓ କାଳରେ ବର୍ଦ୍ଧିତ ନୁହେଁ । ଏକ ଅନୁଲ୍ଲେଖିତ ଦ୍ୱୀପବୃତ୍ତିର ସମ ସମୀକରଣ କିମ୍ବା ମଧ୍ୟରେ ଏହି ଉପନ୍ୟାସଟି ଗଠିତ । ଉପନ୍ୟାସର କାହାଣୀରେ ଅନେକ ନାହିଁ । ଗତି ନାହିଁ । ଏହାର ନାୟକ ନାୟିକା ଜୀବନର ନିତ୍ୟନୂତନ ଘଟଣା ପ୍ରବାହର ଧାରାରେ ବିବିଧ ପରିଣାମ ଭୋଗକରିନାହାନ୍ତି । ଶେଷାଂଶରେ ଅନୁଶ୍ରୁତିକୁ ବର୍ଣ୍ଣାଢ୍ୟ ଚରିତ୍ରଗୁଡ଼ିକର କାର୍ଯ୍ୟରେ ପୂର୍ଣ୍ଣ କରିବାକୁ ଚେଷ୍ଟା କରିନାହାନ୍ତି । ଉପନ୍ୟାସର ନାୟକ ନାୟିକା ଅମରେନ୍ଦ୍ର, ଗୀତା ଓ ସୁମିତ୍ରା କାହାଣୀ ପୂର୍ଣ୍ଣ ଜୀବନଚିତ୍ର ଏହା ପ୍ରଦାନ କରେ ନାହିଁ । ସାମାଜିକ ବୃତ୍ତି ଓ

ହୃଦୟବୃତ୍ତିର ସଂଘାତ ଓ ସମନ୍ୱୟର ବିଚିତ୍ରପଥରେ ଗତିକରି ଜୀବନର ଦୁର୍ଗମ ରଙ୍ଗମଞ୍ଚରେ ଏମାନେ ଆତ୍ମପ୍ରକାଶ କରିଥାଆନ୍ତି । ନାୟକ ଅମରେନ୍ଦ୍ର ଅମୂଲ୍ୟର ପ୍ରେମିକ, ନାୟିକା ପ୍ରେମିକା––ଏକ ଏକ ଶୁଦ୍ଧାଚରଣ ମୂର୍ତ୍ତି ବହୁ ଘଟଣାର ସ୍ପନ୍ଦନ ଭିତରେ ଚିତ୍ରିତ । ଏମାନେ ପୃଥିବୀର କେଉଁ କୋଳାହଳରେ ବଢିଛନ୍ତି । କେଉଁ ସମାଜର କେଉଁ ଭୂଖଣ୍ଡର ସକାଳ ସନ୍ଧ୍ୟାରେ ସେମାନଙ୍କ ମାନସିକ ସଂସ୍କାରର ନିଃଶ୍ୱାସ ଗଢିଛନ୍ତି ତାହାର କିଛି ଇଙ୍ଗିତ ନାହିଁ, ନାମ ରହିଛି ମାତ୍ର । ଏଇ ଇଙ୍ଗିତରୁ ଉତ୍ପନ୍ନ ଶିଳ୍ପୀର ବର୍ଣ୍ଣନାକଳା, ଯାହାର ଲାବଣ୍ୟ ସଙ୍ଗୀତର ଶାଶ୍ୱତ ସ୍ୱର କେବଳ ଧ୍ୱନି ବା ଚେତନାରେ ବର୍ଣ୍ଣବୈଭବ ଇନ୍ଦ୍ରିୟଗ୍ରାହ୍ୟ ହୋଇନାହିଁ । ବିମାନବନ୍ଦର ଓ ଜେଟି, ନଦୀବନ୍ଦର ଓ ବାଣିଜ୍ୟଘାଟ ସବୁର ସ୍ପର୍ଶସ୍ୱାଦ ମାନି ଏକ ନଗର, ଏକ ସମୃଦ୍ଧିଶାଳୀ ଜନପଦର ରୁଦ୍ଧକକ୍ଷ ମଧ୍ୟକୁ ପ୍ରବେଶ କରିଅଛନ୍ତି । କେବଳ ଏତିକି ନାୟକ ନାୟିକାଙ୍କର ଭାବମୂର୍ତ୍ତି ଫୁଟାଇବାପାଇଁ ପରିବେଶରଚନାର ନିର୍ବାଚନ ଓ ସୁସଂଗ୍ରଥିତ ଗୁରୁତ୍ୱ ମଧ୍ୟରେ ଲେଖକଙ୍କ ବୈଶିଷ୍ଟ୍ୟ ଲକ୍ଷଣୀୟ । 'ଚଲାପଥ'ରେ ଜୀବାତ୍ମାର ବୃହତ୍ତର ଜୀବନପଥରେ ସମାନ୍ତରଭାବେ କଳ୍ପିତ ହୋଇନାହିଁ । ଏକ ଶୂନ୍ୟ ଅଂଶ ନଗରୀରୁ ଏକ ନିଦ୍ରାର ଭାବପ୍ରଗାଢ଼ ସମୀକରଣ 'ଚଲାବାଟ'ର ପ୍ରାଣ । ଏଇ 'ଚଲାବାଟ' ବା ଏଇପଥ ଜୀବନର ଏକ କ୍ଷୁଦ୍ରଅଂଶ । ଦୃଷ୍ଟିକୋଣରୁ ତାର ସୀମା ଅତିର ସନ୍ନିକଟ । ପଥିକଙ୍କର ସନ୍ଧାନ ପାଇଁ ପଥିକର ଉଦ୍‌ବେଗ ନାହିଁ । ସହଯାତ୍ରୀଙ୍କ ସଙ୍ଗେ ଆଳାପ–ଭାଷା ତାର ମନ ନିଜ ପୂରା ହୃଦୟର, ଗନ୍ତବ୍ୟସ୍ଥଳର ଦ୍ୱାର ଖୋଲି ନିଃସଙ୍ଗ ବର୍ଜନମନ୍ତ୍ରର ବିଶ୍ୱବାଦରୁ ଆତ୍ମରକ୍ଷାପାଇଁ ସଦାପ୍ରସ୍ତୁତ । ଏକାନ୍ତ, ଏଇଠିକି, ଏଇ ସଖ୍ୟ ସଂସାର ଗଢ଼ିଉଠିଛି । ଏକ ଦିଗ୍‌ଦିଗନ୍ତ ଧୂମର ବାଷ୍ପକଣ୍ଠରେ ସ୍ମୃତିରେଖାରେ ଏହା ରଚନା କରେ ଭାଗ୍ୟର । ଯୌନ ବା ଅନୁଭୂତିର ସହଜ ଆକର୍ଷଣ ରହିତ ଏହି ଉପନ୍ୟାସ ସହଜ ବୋଧଗମ୍ୟ ସାଧାରଣ ପାଠକଙ୍କ ପାଇଁ ଅନୁକୂଳ ନୁହେଁ । ଏଇ ଉପନ୍ୟାସର ନାୟକ ନାୟିକା ସମସ୍ତେ ଯେପରିକି ଏକ ଏକ ବନ୍ଧନମୁକ୍ତ ତାରକା । ସେମାନଙ୍କ ମିଳନ ଆକସ୍ମିକ ବିଚ୍ଛେଦ ବି ଆକସ୍ମିକ । ମାତ୍ର ଯାହା ଆକସ୍ମିକ ତାହା ଅଳୀକ ନୁହେଁ । ଏଇ 'ଚଲାପଥ'ର ଭିତ୍ତିଭୂମି ଦର୍ଶନ

ସେମାନେ ଚଳଚ୍ଚିତ୍ରର ଉଦ୍ଭ୍ରାନ୍ତ ପୁରୁଷ । "ଟିକିଏ ଚାଲିଛି, ଟିକିଏ ଲୁଚିଛି, ଟିକିଏ ସିଆଳ ମିଶି ସେଇଁ ଦେବତାଙ୍କ ନାମ ନେଇ ଅଜାଣତରେ ନିଜେ ଲୁଟିବା ଆରମ୍ଭ ଅନ୍ଧପରମ୍ପରାଏ ସେଇ ସେମାନେ ସଂସାରରେ ସବୁଠାରୁ ସୁଖୀ ।"

ଆଧୁନିକ ସମାଜର ସମସ୍ୟା ଓ ତାର ସମାଧାନର ଇଙ୍ଗିତ ଉପନ୍ୟାସରେ ଯେତେ ଦେଖ ମିଳେ ନାହିଁ । ମାତ୍ର ଭଗବାସୁ ସଂପ୍ରତିରେ ଜାତୀୟ ସ୍ୱାତନ୍ତ୍ର୍ୟର ସେମାନେ ବଳିବାର ସୂଚନା ପ୍ରୟାସ ଗ୍ରନ୍ଥଟିରେ ବ୍ୟଞ୍ଜନା ହୋଇଅଛି । ଗ୍ରନ୍ଥ- ମଣିଷକୁ ମଣିଷ ସ୍ତରରେ ଦେଖାଇବାକୁ, ନିଜର ଅଚେତନ ମନର ଭାବକୁ ବୁଝିବାଏ । ପ୍ରେମମୁଗ୍ଧ ଆଦର୍ଶର ଉନ୍ମାଦନା ମଧ୍ୟରେ କ୍ଷମା ଓ ଆତ୍ମତ୍ୟାଗୀ ଲୋକଙ୍କୁ ନେଇ ଏକ ସମାଜ ଗଠନର ଅସାରତା ଲେଖକ ଦେଖାଇଛନ୍ତି (ଚଳବାଟ—ପୃ: ୩୬୯) ଶୂନ୍ୟଗର୍ଭ ଆଦର୍ଶ କେଶବଙ୍କ ମଣିଷର ସ୍ୱଭାବସୁ ଜୀବନର ବାସ୍ତବ ଚିତ୍ର ଅଙ୍କନ ପାଇଁ ଜୀବନ ଶିଳ୍ପୀ ରାଜକିଶୋର ଏତେ ସଚେତ । ତାଙ୍କ ରଚନାରେ ଶିଳ୍ପର ଚମତ୍କାରୀ ନାହିଁ, ଅଛି ଶିଳ୍ପୀ ମନର ଧ୍ୟାନଗମ୍ଭୀର ମୂର୍ତ୍ତି, ସାଧନା ଶୁଦ୍ଧ ରୂପ । ସେ କେବଳ କଳ୍ପନାକୁ ବଶୀ ନାହାନ୍ତି, ଜୀବନ ଅଙ୍କିବାକୁ ବସିଛନ୍ତି । କଳ୍ପନା ଓ ଅନୁଭୂତି ସମ୍ଭାର ଭିତ୍ତିଭୂମିରେ ସେ ସତ୍ୟର ସ୍ଥିର ରୂପ ଆବିଷ୍କାର କରି ବସିଛନ୍ତି । ଏହି ସତ୍ୟ ନାନା ରୂପରେ ନାନା ଭାବରେ ସେମାନଙ୍କ ନିର୍ଦ୍ଦିଷ୍ଟ ଲେଖାରେ ପ୍ରକାଶିତ । ଜୀବନର ସମଗ୍ରତାରେ ସେତେବେଳେ, ତାହାର ଅଂଶଗୁଡ଼ିକର ମଧ୍ୟ ସେମାନଙ୍କ ସମ୍ପର୍କିତ । ପ୍ରେମ ଓ ଜୀବନର ଆଦର୍ଶ ସନ୍ଧାନରେ ବ୍ୟସ୍ତପ୍ରାଣ ରାଜକିଶୋରଙ୍କ ମାନସସୃଷ୍ଟି ତାଙ୍କର ଅନ୍ୟତମ ଶ୍ରେଷ୍ଠ କୃତି 'ଚଳବାଟ' ଉପନ୍ୟାସଟିରୁ ଲେଖକ ଅପୂର୍ବ ଅନ୍ତର୍ଦୃଷ୍ଟି ଓ ବାସ୍ତବତା ଗୁଣରେ ସେମାନଙ୍କ ସମ୍ପୂର୍ଣ୍ଣ ।

( ୫ )

ନିତ୍ୟାନନ୍ଦ ମହାପାତ୍ର (୧୯୧୨) ହେଉଛନ୍ତି ସେହିପରି ନିଜର ଏକ ଆଦର୍ଶବାଦୀ ପ୍ରେମ ରାଜନୈତିକ ବ୍ୟବସ୍ଥା ସମସ୍ୟା ସଙ୍କୁଳ ସାମାଜିକ ଜୀବନର ଊର୍ଦ୍ଧ୍ୱରେ ଶାଶ୍ୱତ ମାନବସତ୍ତାର ସତ୍ୟ ଭରିବାପାଇଁ କଥା-

ସାହିତ୍ୟକୁ ସାମଗ୍ରିକ ଏକ ମାଧ୍ୟମରୂପେ ଗ୍ରହଣ କରିଛନ୍ତି । ଗାନ୍ଧିଜୀଙ୍କ ଅନୁଦିଷ୍ଟ ଭାବଧାରା ନିତ୍ୟାନନ୍ଦଙ୍କୁ ଯେ ଉଦ୍‌ବୁଦ୍ଧ କରିଥିଲା ଏଥିରେ ସନ୍ଦେହ ନାହିଁ । ତାରୁଣ୍ୟ ଭାବପ୍ରବଣତା ଭିତରେ ନିତ୍ୟାନନ୍ଦ ଓଡ଼ିଶା ଦଳିତଙ୍କରେ ଆତ୍ମପ୍ରକାଶ କରିଥିଲେ ଓଡ଼ିଆ ସାହିତ୍ୟରେ । ନିତ୍ୟାନନ୍ଦ ଔପନ୍ୟାସିକ ଆନୁଷ୍ଠାନିକ ଶିକ୍ଷାରୁ ସେତିକି ବଞ୍ଚିତ କାନ୍ତକବି ଲକ୍ଷ୍ମୀକାନ୍ତ-ଙ୍କର ସାହିତ୍ୟିକ ସାନ୍ନିଧ୍ୟ ରୂପେ ଜୀବନର ବୃହତ୍ତର ଧାରଣାଧାରାରେ ସେମାନଙ୍କ ଅବଦାନ ଅଛି । ନିତ୍ୟାନନ୍ଦଙ୍କର ପ୍ରଥମ ବଡ଼ ଗଳ୍ପ 'ହୁଲା' ଜେଲ ଜୀବନର ସୃଷ୍ଟି । ୧୯୩୦ରେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ସେ ପାଞ୍ଚଟା ମାସ ଜେଲରେ କଟିଥିଲେ । ଏହା ୧୯୩୬ରେ 'ନବଭାରତ' ପତ୍ରିକାରେ ସ୍ଥାନ ପାଇଥିଲା । ଏହାବାଦ ଦୀର୍ଘ ବ୍ୟବଧାନରେ ୧୯୫୦ରେ ଏହା ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା । ସୁଲକ୍ଷଣା ଓ କଟଶାଲିର ଭଉଣୀଙ୍କୁ ଉତ୍ତିକରି କଳ୍ପିତ ଏଇ ଉପନ୍ୟାସଟିରେ ଲେଖକ ସମସାମୟିକ ସାମାଜିକ ପରିବେଶରେ ଆଦର୍ଶବାଦୀ ତରୁଣ ଜୀବନର ଚିତ୍ର ପ୍ରଦାନ କରିଛନ୍ତି । 'ଭଂଗାହାଡ଼' ଓ 'ସୁନ୍ଦରମାଟି' (୧୯୫୦) ପଲ୍ଲୀ ଭିତ୍ତିକ ଉପନ୍ୟାସ । ପ୍ରାକ୍ ସ୍ୱାଧୀନତା କାଳର ଆଦର୍ଶର ଅଙ୍କୁର ସ୍ୱାଧୀନତାର ବାସ୍ତବ ଭୂମିରେ କେତେ ଉତ୍ପନ୍ନ ପାରିନାହିଁ, କାହିଁକି ଉତ୍ପନ୍ନ ପାରିନାହିଁ, ତାହା ବିଶ୍ଳେଷଣ କରିବାକୁ ଯାଇ ଲେଖକ ଗ୍ରାମ୍ୟ ଜୀବନର ସମସ୍ୟାପ୍ରତି ଇଂଗିତ କରିଛନ୍ତି । 'ଜଠରାଗ୍ନି' 'ଜୀବନର ଲକ୍ଷ୍ୟ' (୧୯୫୭) ଓ 'ସୁନ୍ଦର ସଂସାରେ' (୧୯୫୮) 'ପୀଡ଼ିତପଥ ଖସଡ଼ା' (୧୯୩୯) ଭଳି ଉପନ୍ୟାସ ଗୁଡ଼ିକରେ ଲେଖକ ମନୁଷ୍ୟ ଜୀବ-ନର ମହତ୍ତର ଆଦର୍ଶ ଓ କଳୁଷିତ ବାସନାର ସଂଘର୍ଷ ଦେଖାଇ ନିଜର ଭାବନାକୁ ରୂପ ଦେଇଛନ୍ତି—'ଜୀବନଟା ଖାଲି ଭଲପାଇବା ପାଇଁ ନୁହେଁ, ଜୀବନ ଭଲପାଇବା ପାଇଁ ସୃଷ୍ଟି, କିମ୍ବା ଜୀବନର ସଙ୍କଟକୁ ସାବଧାନରେ ଆଣି ବୃନ୍ଦାବାଡ଼ି ବସିବା ଦେବତ ଲଭିବନାହିଁ' ଭଳି ଆଦର୍ଶର ବାଖ୍ୟା କରିଛନ୍ତି । ମନୁଷ୍ୟର ଦୁଃଖ ଓ ବ୍ୟର୍ଥତାର କାରଣ କେବଳ ଅର୍ଥନୈ-ତିକ ବୈଷମ୍ୟ, ସାମାଜିକଅସାମ୍ୟ ବା ବିପ୍ଳବ ଓ ସଂଘର୍ଷର ପ୍ରବଳ ଭୂମିରେ ନଖୋଜି ପାରନ୍ତି । ସତ୍ୟ ପ୍ରକାଶର ମନୁଷ୍ୟର ଅକ୍ଷମତା, ଆତ୍ମପ୍ରବଞ୍ଚନା ଓ

ତାର ସମସ୍ତ ଦୁଃଖର କାରଣ । ଜୀବନ ସ୍ରୋତର ପ୍ରବାହକୁ ଅବକ୍ରମ କରିବାପାଇଁ ଜୀବନର ସୃଷ୍ଟି, ଜୀବନ ପ୍ରକୃତି, ଜନ୍ମର ମଧ୍ୟ ବାଖ୍ୟା-କରିଛନ୍ତି । ନିତ୍ୟାନନ୍ଦ ଦୈହିକ ପ୍ରେମର ଅସାରତାର ଭିତ୍ତିରେ ଆତ୍ମିକ-ପ୍ରେମର ମହତ୍ତ୍ୱ ଫୁଟାଇବାରେ ଅଗ୍ରଣୀ । ନିତ୍ୟାନନ୍ଦଙ୍କ କଥା ସାହିତ୍ୟର ବାଣିଜ୍ୟିକ ମୂଲ୍ୟ ସ୍ୱଳ୍ପ । ସେ ସେପରିକି ପାଠକଙ୍କୁ ଆଖି ଆଗରେ ରଖି ଉପନ୍ୟାସ ରଚନା କରିନାହାନ୍ତି । ନିଜ ମନରେ ଆବେଗ ଫୁଟାଇବା ପାଇଁ ସାମଗ୍ରିକ ଉପନ୍ୟାସ ରଚନା କରିଛନ୍ତି । ୧୯୩୦ରୁ ୧୯୭୦ ପର୍ଯ୍ୟନ୍ତ ଚାଳିଶ ବର୍ଷ ମଧ୍ୟରେ ନିତ୍ୟାନନ୍ଦଙ୍କର ସୃଷ୍ଟିର ସମ୍ପଦ ପ୍ରଚୁର । ନିତ୍ୟାନନ୍ଦଙ୍କ ଉପନ୍ୟାସରେ ବିଷୟବସ୍ତୁ ମାମୁଲି । ରାଜନୈତିକ ସମସ୍ୟା, ପଲ୍ଲୀଜୀବନ ଓ ପ୍ରେମ । ତାଙ୍କର ସାମାଜିକ ଘଟଣା ଗୁଡ଼ିକରେ ଏକ କାରୁଣ୍ୟ ମିଶ୍ରିତ ଆଶାବାଦର ସୁର ଅନୁରଣିତ ହୁଏ । ତାଙ୍କର ସୃଷ୍ଟ ପଲ୍ଲୀର ନିରାମାଣି ରଚନା, ନିଷ୍ପେଷିତ କୁକୁର, ମଧବା ଚପଳା, ଶତ୍ରୁଶିକ ବିଲୁପ୍ତ ଅଥବା ଦେଶଜ ପ୍ରସୂ ମୂର୍ଖା ସୁମିତ୍ରା ଏମାନେ ସମସ୍ତେ ସେପରିକି ଭୁଇଁରୁ ସମାଜରୁ ନିର୍ବାଚିତ ଏକ ଏକ ପ୍ରତୀକ । ଉପନ୍ୟାସର ଟେକ ଧାରିବ ଅଥବା ମହତ୍ତ୍ୱର କଳାକୃତିରେ ନିତ୍ୟାନନ୍ଦଙ୍କ ହାଲ୍‌କା ବହୁସ୍ଥଳରେ ଅନେକ ସନ୍ଦେହ । ସେ ଦିଗରୁ ତାଙ୍କର କ୍ଷୁଦ୍ରଗଳ୍ପ ଗୁଡ଼ିକ ଅଧିକ ସାର୍ଥକ । ଆଦର୍ଶ ଦିଗରୁ ନିତ୍ୟାନନ୍ଦ ଗାନ୍ଧିବାଦୀ, ଆଧ୍ୟାତ୍ମବାଦୀ ଓ କଳାସୃଷ୍ଟିରେ ମାନବବାଦୀ । ନିତ୍ୟାନନ୍ଦଙ୍କର ଭାଷା ଅନେକ ସମୟରେ ଉପନ୍ୟାସର ଉପଯୋଗୀ ବୋଲି ମନେହୁଏ ନାହିଁ । ନିଜର ଭାବାବେଗକୁ ଫୁଟାଇବାପାଇଁ ସେ କେତେବେଳେ କାବ୍ୟଧର୍ମୀ ପୁଣି କେତେବେଳେ ନିଛକ ବିବରଣୀମୂଳକ ଭାଷା ଗ୍ରହଣ କରିଥାନ୍ତି, କେତେବେଳେ ନାଟକ ଅଥବା କେତେବେଳେ ପ୍ରବନ୍ଧରଚନାର ଭଙ୍ଗୀ ମଧ୍ୟରେ ସେ ଭାରସାମ୍ୟରକ୍ଷା କରିବାପାଇଁ କ୍ୱଚିତ ସମର୍ଥ ହୋଇଥାଆନ୍ତି ।

ଏହି ଯୁଗରେ ସାମଗ୍ରିକ ଉପନ୍ୟାସ ଲେଖିଛନ୍ତି ଅନେକ । ସେମାନଙ୍କ ମଧ୍ୟରେ ପ୍ରାଣକୃଷ୍ଣ ସାମଲ (୧୯୧୨-୧୯୫୩) ଲକ୍ଷ୍ମୀଧର ନାୟକ (୧୯୧୪), ଚନ୍ଦ୍ରମଣିଦାସ (୧୯୧୭-୧୯୬୮) ପ୍ରମୁଖଙ୍କ ନାମ

ବିଶେଷ ଉଲ୍ଲେଖଯୋଗ୍ୟ । ପ୍ରାଣକୃଷ୍ଣଙ୍କ ଉପନ୍ୟାସଗୁଡ଼ିକ ବହୁପରି-ମାଣରେ କାବ୍ୟିକ । ଜୀବନକମଳ (୧୯୩୯ରେ ରଚନା ପ୍ରକାଶ ୧୯୫୬) ସ୍ୱପ୍ନଯାମିନୀ (୧୯୫୫), ମାଟିକା ପାନ୍ (୧୯୫୭), ଦକ୍ଷିଣବନ (୧୯୫୮) ପ୍ରଥମ ଉପନ୍ୟାସରେ ପ୍ରେମ ଓ ଦ୍ୱିତୀୟ ଉପନ୍ୟାସରେ ସମାଜସଂସ୍କାର ମୁଖ୍ୟ ବିଷୟବସ୍ତୁ । କଥାବସ୍ତୁର ପରିବେଷଣରେ ନାଟକୀୟତା, ନାୟକ ନାୟିକାଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଓ ତରଳ ମଧୁର ଭାଷା ପ୍ରାଣକୃଷ୍ଣଙ୍କ ସୃଷ୍ଟି—ଜଗତକୁ ବୈଶିଷ୍ଟ୍ୟ ଦାନ କରିଅଛି । ଚିନ୍ତାମଣିଦାସ ଓ ଲକ୍ଷ୍ମୀଧର ନାୟକ ପାଠକଙ୍କର ରୁଚିକୁ ଦେଖି କେତେବେଳେ କଳ୍ପନାତ୍ମକ ସୃଷ୍ଟି କେତେବେଳେ ଜାତୀୟତାର ବାର୍ତ୍ତାରେ ଘଣ୍ଟାଇଛନ୍ତି । ଏସବୁ ଉପନ୍ୟାସ ଗୁଡ଼ିକ ସାଧାରଣ ଅର୍ଦ୍ଧଶିକ୍ଷିତ ପାଠକ ପାଠିକାଙ୍କ ପାଇଁ ଉପଯୋଗୀ ଅଭିପ୍ରେତ । ଜ୍ଞାନୀନ୍ଦ୍ରବର୍ମା (୧୯୧୮) ଶତାଧିକ ସ୍ୱପ୍ନଭଙ୍ଗ, ନୀଳଗୋଳା, ଜୀବନର ସ୍ୱାଦ, ଶବନାଚ ଭୁବନପୁର କାହାଣୀ, ଶେଷ ଅଭିସାର ପ୍ରଭୃତି ବହୁ ଉପନ୍ୟାସ ରଚନା କରିଛନ୍ତି । କେତେବେଳେ ଡିଟେକ୍ଟିଭ ସୁଲଭ ରୋମାଞ୍ଚକର ଘଟଣା ଅଥବା ନଗ୍ନ ଯୌନ ଆବେଦନର ଛଟା ଥିଲେ ବି ତାଙ୍କର ଉପନ୍ୟାସର ସ୍ଥାନେ ସ୍ଥାନେ ଉନ୍ନତ ମାନବିକତାର ଉଦାର ଦୃଷ୍ଟି ଦେଖିବାକୁ ମିଳେ । ତାଙ୍କର ଭାଷାଶୈଳୀ କେତେବେଳେ କାବ୍ୟିକ, କେତେବେଳେ ଅବା ସାମ୍ବାଦିକ ସୁଲଭ ସହଜ ସାରଲ୍ୟ ମଣ୍ଡିତ । ଏହି ପର୍ଯ୍ୟାୟର ଔପନ୍ୟାସିକଙ୍କ ମଧ୍ୟରେ ଶୁକଦେବ ସାହୁ, କସ୍ତୁରୀ ଚରଣ ଦାସ, ପଦ୍ମନାଭ ମିଶ୍ର ଆଦି ବହୁ ଲେଖକଙ୍କର ନାମ ସ୍ମରଣ କରାଯାଇପାରେ । ମାତ୍ର ଅଜସ୍ର ସୃଷ୍ଟିର ବହୁତ ଧାରାବାହିକ ମଧ୍ୟରେ ଯେଉଁମାନେ ମହତ୍ତ୍ୱର ସୃଷ୍ଟିର ସାଫଲ୍ୟ ନେଇ ଆବିର୍ଭୂତ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଗୋପୀନାଥ ମହାନ୍ତି (୧୯୧୪), ସୁରେନ୍ଦ୍ର ମହାନ୍ତି (୧୯୨୨) ଓ ବସନ୍ତ କୁମାରୀ ପଟ୍ଟନାୟକ (୧୯୨୩) ଉଲ୍ଲେଖଯୋଗ୍ୟ

## ଗୋପୀନାଥ ମହାନ୍ତି—(୧୯୧୪)

ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରବୃଦ୍ଧ ମାନସିକତା ଓ ଉଦ୍ଭାସିତ ଜୀବନ ବୋଧର ସମନ୍ୱୟ ଘଟାଇ ଲବ୍ଧ ପ୍ରତିଷ୍ଠ ଉପନ୍ୟାସିକ ଓ କଥା-

ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କଠାରେ । ଏକ ଅଭିଜାତ ସଂସ୍କୃତ ମନ ତାଙ୍କର ଅତି ସାଧାରଣ ବେଶଭୂଷା ଶ୍ୟାମଳବର୍ଣ୍ଣ ପ୍ରସନ୍ନ-ମୁଖ ଭିତରେ ଫୁଟିଉଠେ । ଏହି ସାଧାରଣ ମଣିଷଟି ଭିତରେ ଅସାଧାରଣ ପ୍ରତିଭା ସତତ ସେମାନଙ୍କ ସାଂସ୍କୃତିକ ଭାବରେ ବିକଶିତ ହୋଇଥିଲା । ଓଡ଼ିଶାର ଜନ୍ମପିଣ୍ଡ କଟକ ସହରର ଅଦୂରରେ ମିଧୁଆ ନଦୀକୂଳର 'ନାଗବାଲି' ଗାଁ । ଏଇଠି ସୂର୍ଯ୍ୟମଣି ମହାନ୍ତିଙ୍କର ପ୍ରାଚୀନ ଆଭିଜାତ୍ୟ ମଣ୍ଡିତ ପରିବାର । ଉନବିଂଶ ଶତାବ୍ଦୀର ଶେଷଭାଗରେ ସୂର୍ଯ୍ୟମଣିଙ୍କୁ ପ୍ରାୟ ପୁତ୍ର ଖୋଜିଦେବାକୁ ହୁଏ ଦାରିଦ୍ର୍ୟ-ଅଞ୍ଚଳ ସ୍ଥାନପୁରକୁ । ଏକଦିଗରେ ସମତଳର ଘନ ସବୁଜପ୍ରକୃତି ଓ ଅନ୍ୟଦିଗରେ ରୁକ୍ଷ ଟିଳାମୟ ପାର୍ବତ୍ୟପ୍ରକୃତି ସେତେବେଳ ଗୋପୀନାଥଙ୍କ ହୃଦୟରେ ବୈଚିତ୍ର ସୃଷ୍ଟି କରିଥିଲା । ଗୋପୀନାଥଙ୍କ ସୃଷ୍ଟି-ମାନସ ସେତିକି ସମଗ୍ରଓଡ଼ିଶାର ପ୍ରତିନିଧିତ୍ୱ କରିଛି, ତାହା ସ୍ପଷ୍ଟରେ ବାରେ । ଆବହମାନ କାଳରୁ କୋଲ, ଦ୍ରାବିଡ଼ ଓ ଆର୍ଯ୍ୟଜାତିର ସମନ୍ୱୟ ଭୂମି ଭାବେ ଓଡ଼ିଶା ପରିଚିତ । ଗୋପୀନାଥ ସମତଳ ଓଡ଼ିଶାର ଜନଜୀବନ ସଂସ୍କୃତି ମଧ୍ୟରେ ନିଜର ଶୈଶବ, ପାର୍ବତ୍ୟ ସଂସ୍କୃତି ମଧ୍ୟରେ ନିଜର କୈଶୋର ଅତିବାହିତ କରିଥିଲେ । ଛାତ୍ର ଜୀବନରେ ଗୋପୀନାଥ ଥିଲେ ଅତ୍ୟନ୍ତ ମେଧାବୀ । ସେ ୧୯୩୦ ଖ୍ରୀ.ଅ ରେ ପାଟନା ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ସ୍ଥାନ ଅଧିକାର କରି ମାଟ୍ରିକୁଲେସନ୍ ପାସ୍ କରିଥିଲେ । ବିଜ୍ଞାନରେ ସେ ଆଇ. ଏସ୍. ସି ପାସ୍ କରିଥିଲେ । ବିଜ୍ଞାନ ଛାଡି ଇଂରାଜୀ ସାହିତ୍ୟରେ ଯୋଗ ଦେଇଥିଲେ ଓ ୧୯୩୬ ଖ୍ରୀ.ଅରେ ଇଂରାଜୀ ସାହିତ୍ୟରେ ଏମ୍.ଏ ଉପାଧି ଗ୍ରହଣ କରିଥିଲେ । ସାହିତ୍ୟ ଛାତ୍ର ଭାବରେହିଁ ତାଙ୍କର ସାହିତ୍ୟ ସାଧନା ଆରମ୍ଭ ହୋଇଥିଲା । ୧୯୩୫ ଖ୍ରୀ.ଅରୁ ପ୍ରାୟ ଧାରାବାହିକ ଭାବରେ ପତ୍ର-ପତ୍ରିକା ପାଇଁ ସେ ରମ୍ୟ ରଚନା ଓ ପ୍ରବନ୍ଧମାନ ଲେଖିଥିଲେ । ଗୋପୀନାଥ ଇଂରାଜୀ ସାହିତ୍ୟରେ ଏମ୍.ଏ ପାସ୍ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ମୌଳିକ ରଚନାରେ ମନୋନିବେଶ କରିଥିଲେ । ଇଂରାଜୀ ସାହିତ୍ୟରେ ଅଧ୍ୟାପନା ଅଥବା ଭାରତୀୟ ଶାସନବିଭାଗରେ ଉଚ୍ଚସ୍ଥାନ ଲଭିବା ପ୍ରତିଯୋଗିତାରେ ସେ ସଫଳ ହୋଇନଥିଲେ ଓ ଶେଷରେ ତାଙ୍କୁ ଓଡ଼ିଶା ଶାସନବିଭାଗରେ ଜଣେ ଜୁନିୟର ଅଫିସର ଭାବରେ ଯୋଗ

ସେବାକୁ ଯାଇଥିଲେ ୧୯୩୮ ଖ୍ରୀଷ୍ଟାବ୍ଦରେ । ତାଙ୍କର ମାସିକ ବେତନ ଥିଲା ମାତ୍ର ଏକଶହ ଟଙ୍କା । ୧୯୪୦ ଖ୍ରୀଷ୍ଟାବ୍ଦରେ ସେ ଅଧରମଣି ଦେବୀଙ୍କୁ ବିବାହ କରିଥିଲେ ।

ଏକପଟରେ ବ୍ୟକ୍ତିଗତ ଜୀବନର ଆଶା ଆକାଂକ୍ଷା, ସଫଳତା ଓ ବିଫଳତା ଓ ଅନ୍ୟପଟରେ ତାଙ୍କର ଜୀବନର ବୈଚିତ୍ର୍ୟମୟ ଓ ଉଦ୍ଦୀପନାମୟ ପରିବର୍ତ୍ତନ ମଧ୍ୟରେ ଜନ୍ମିତ ସଂକଳ୍ପର ଗୋପୀନାଥଙ୍କ ସୃଷ୍ଟି ମାନସର ଭିତ୍ତିଭୂମି ଗଠିତ କରାଇଥିଲା । ୧୯୩୦ ମସିହାର ଗାନ୍ଧିଜୀଙ୍କର ଅହିଂସ, ପ୍ରତାପଶାଳୀ ଇଂରେଜ ଶାସନ ବିରୋଧରେ ଆଇନ୍‌ଅମାନ୍ୟ ଆନ୍ଦୋଳନ, ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପ୍ରତିଷ୍ଠା ଓ ଭାରତରେ ସାମ୍ୟବାଦୀ ଆନ୍ଦୋଳନର ବ୍ୟାପ୍ତି ଗୋପୀନାଥଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା । ଗୋପୀନାଥ ଓଡ଼ିଶାର ପୁରୁଣା କଟକ ସହରରେ ନିଜର କର୍ମମୟ ଜୀବନ ସଙ୍ଗେ ସଙ୍ଗେ ଲେଖକ ଜୀବନ ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ ଉପନ୍ୟାସ 'ମନଗହୀରରଚାଷ' ୧୯୩୮ରେ ଶେଷ ହୋଇଥିଲା । କର୍ମଜୀବନରେ ନାନା ସ୍ଥାନକୁ ସ୍ଥାନାନ୍ତରିତ ହୋଇ ସମଗ୍ର ଓଡ଼ିଶାର ସାଂସ୍କୃତିକ ପରିବେଶ ଓ ଜୀବନଧାରା ସହିତ ସେ ବିଶେଷ ଭାବେ ପରିଚିତ ହୋଇଥିଲେ । କିନ୍ତୁ ଆଦିବାସୀ ଅଧ୍ୟୁଷିତ ଦକ୍ଷିଣ ଓଡ଼ିଶାର କୋରାପୁଟ ଜିଲ୍ଲାରେ କଟେଶ ନଦକୁଷା ଶାସକ ତଥା ବିଶ୍ୱର ଏକ ଭାବରେ ରହସ୍ୟ ଗୋପୀନାଥଙ୍କ ସୃଷ୍ଟିମାନସରେ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲା । ସେ ଆଦିବାସୀ, ହରିଜନ, କନ୍ଧକନ୍ଧଣୀ ଚିହ୍ନିଥିଲେ । ସେମାନଙ୍କର ସାମାଜିକ ଚଳଣି, ସଂସ୍କୃତି, ଆର୍ଥିକ ଅବସ୍ଥା, ଦୁଃଖ-ଦାରିଦ୍ର୍ୟ, ଉଦାର ମାନବିକତାବୋଧ, ମୃତ୍ୟୁ ପ୍ରତି ଓ ପ୍ରକୃତି ପ୍ରୀତିର ସ୍ୱାଭାବିକ ଜୀବନଧାରା ସହିତ ଘନିଷ୍ଠତା ସ୍ଥାପନ କରିଥିଲେ । ଏହି ସମୟରେ ସେ ରଚନା କରିଥିଲେ 'ଦାଦିବୁଢ଼ା' 'ଅମୃତର ସନ୍ତାନ' 'ଶିବଭାଇ' 'ଅପହଞ୍ଚ' ଓ 'ପରଜା' । ଏହି ଶାସନରେ ଆଦିବାସୀଙ୍କ ଦୁଃଖଦୁର୍ଦ୍ଦଶା ତୁଚ୍ଛ ଗରିବ ଓ ଅନ୍ୟାୟଭାବର ଚାକଚକ୍ୟ ପ୍ରକୃତି, ପ୍ରେମ ଜମିଦାର ଆକାଂକ୍ଷା, ନିର୍ଯ୍ୟାତନର ଶୀଘ୍ରପଥ, ହିଂସା ପ୍ରଣୀତ ଉପଜାତିଭୂମି ସହଜରେ ଶଙ୍କାମୟ ଆଦିବାସୀଙ୍କ ଜୀବ ଗୋପୀନାଥଙ୍କର ଏହି ଉପନ୍ୟାସଗୁଡ଼ିକୁ

ମହତ୍ତ୍ୱର ସୃଷ୍ଟିର ମର୍ଯ୍ୟାଦା ଦେଇଥିଲା । ଗୋପୀନାଥଙ୍କର ଏହି ଉପନ୍ୟାସଗୁଡ଼ିକୁ ପାଠକଲେ ଏକ ଦିଗରେ ଜଣେ ନୃତାତ୍ତ୍ୱିକ ତଥ୍ୟ ଜିଜ୍ଞାସୁର ସୂକ୍ଷ୍ମ ଗବେଷଣା ଓ ଅନ୍ୟଦିଗରେ ଜଣେ ମାନବବାଦୀ ସ୍ରଷ୍ଟାର ଶିଳ୍ପୀର ଅନ୍ତର୍ଦୃଷ୍ଟି ପ୍ରଗାଢ଼ ବିସ୍ମୟ ସୃଷ୍ଟି କରେ ।

ଗୋପୀନାଥଙ୍କର ଉପନ୍ୟାସଗୁଡ଼ିକୁ କେହି କେହି ନୃତାତ୍ତ୍ୱିକ, ମନସ୍ତାତ୍ତ୍ୱିକ ଓ ସାମାଜିକ ଭିତ୍ତିରେ ଶ୍ରେଣୀ ବିଭାଗ କରନ୍ତି । ପୁଣି କେହି ସହର ଓ ଆରଣ୍ୟ ଅଂଚଳ; ପୁଣି କେହି ଗ୍ରାମୀଣ ଓ ନାଗରିକ ଜୀବନର ଆଲେଖ୍ୟ ଭିତ୍ତି ଗ୍ରହଣ କରିଥାନ୍ତି । ଗୋପୀନାଥଙ୍କର କୌଣସି କୌଣସି ଉପନ୍ୟାସରେ ଯେପରି ମାନବ ଚରିତ୍ରର ସୂକ୍ଷ୍ମତର ଅନ୍ତର୍ଗତ ପ୍ରକୃତିର ଅସଂଖ୍ୟ ଚିତ୍ର ଦେଖାଯାଏ, ପୁଣି କେଉଁଠି ନାରୀ ସମାଜର ଅଥବା ସର୍ବହରା ବର୍ଗ, ଜଟିଳ ପୁରୁଷ ସମାଜର ଚିତ୍ର । ଗ୍ରାମ୍ୟ ପୃଷ୍ଠଭୂମିର ବର୍ଣ୍ଣାଢ୍ୟ ଆଲେଖ୍ୟ ସହିତ ସହରୀ ନାଗରିକ ଜୀବନର କଳୁଷ କାଳିମା ବନ୍ଧୁରଙ୍କ ବର୍ହିର୍ବିଶ୍ୱ ଓ ପ୍ରବଞ୍ଚନାର ଚିତ୍ର ।

ଯୌବନରେ ରଚିତ ଗୋପୀନାଥଙ୍କର 'ପରଜା' ଓ ଅମୃତର ସନ୍ତାନ ତାଙ୍କ ସୃଷ୍ଟିଶୀଳ ମନର ଶ୍ରେଷ୍ଠ ପ୍ରକାଶ ବୋଲି ସର୍ବସ୍ୱୀକୃତ ହୋଇଥାଏ । ଆଦିବାସୀ ଜୀବନ ନେଇ ତାଙ୍କ ଉପନ୍ୟାସ "ଦାଦିବୁଢ଼ା" ରେ ଆଦିବାସୀଙ୍କ ପ୍ରକୃତ ଚେହେରା ଖଜୁରୀଟେ ଏକ ବିଶିଷ୍ଟ ଢଙ୍ଗରେ ଚିତ୍ରିତ ହୋଇଅଛି । ଅମୃତର ସନ୍ତାନ ଆଦିବାସୀ ଜୀବନ ନେଇ ତାଙ୍କର ସର୍ବଶ୍ରେଷ୍ଠ ଉପନ୍ୟାସ । ଏହାର ଶୈଳୀ ମହାକାବ୍ୟିକ । ଜୀବନର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ, ପ୍ରେମ ଓ ଈର୍ଷାର ଗଭୀର ଅନୁଭୂତି, ପରିବେଶୋପଯୋଗୀ ଭାଷା ଓ ଶବ୍ଦଶୈଳୀ ଜୀବନ୍ତ ବନଭୂମିର ଅନୁପମ ବର୍ଣ୍ଣନା ହେଉଛି ଭିତରେ ମନୁଷ୍ୟର ଦ୍ୱନ୍ଦ୍ୱବାଦ, ପ୍ରେମବିରହ, ଜୀବନ ସଂଗ୍ରାମ ଇତ୍ୟାଦି ଧର୍ମାଶ୍ରୟ, ସଂସ୍କୃତି, ଭାଷା ପ୍ରଭୃତିର ଚିତ୍ର ଉପନ୍ୟାସରେ ଅଙ୍ଗୀଭୂତ ହୋଇଥିଲା ।

ଗୋପୀନାଥଙ୍କର 'ଲୟବିଲୟ' ଓ 'ଦାନାପାଣି' ଦୁଇଟି ଭିନ୍ନ ସ୍ୱାଦର ଉପନ୍ୟାସ । 'ଲୟବିଲୟ' ଉପନ୍ୟାସଟି ପୁରୀର ସମୁଦ୍ର କୂଳକୁ ନେଇ ରଚିତ । କଲିକତା ମହାନଗରୀର ଦୁଇ ଶ୍ରାନ୍ତ

କୂଳକୁ ଟେଣି ଉଠିଛି । କଲିକତା ମହାନଗରୀର ରୁଦ୍ଧଶ୍ୱାସ ବାତାବରଣରୁ ଆସି ଭୌତିକ ତକ୍ଷଣବାବୁ, ତାଙ୍କର ସ୍ତ୍ରୀ ଓ ଅନୂଢ଼ା କନ୍ୟା ସେଠାରେ ନୂତନ ଜୀବନର ସନ୍ଧାନ କରିଛନ୍ତି । ସୀମାହୀନ ସମୁଦ୍ରର ଅନନ୍ତ ଢେଉ ଶବ୍ଦକ୍ଷୁବ୍ଧ ବାଲିବେଳାରେ ସମୁଦ୍ର ଓ ଆକାଶର ବଦଳନ୍ତା ବିଚିତ୍ର ରୂପ ଦେଖିଦେଖାନ୍ତରରୁ ଆଗତ ଜୀବନ ଭୁଲି, ଜୀବନଗତି ବେଦ, ଅନ୍ତର୍ଦ୍ୱନ୍ଦ୍ୱ—ଗୋପୀନାଥ ସେସବୁ ସୂକ୍ଷ୍ମଭାବରେ ନିରୀକ୍ଷଣ କରିଛନ୍ତି, ତାର ପ୍ରକାଶ ମଧ୍ୟ ହୋଇଛି ସେହିପରି ବଳିଷ୍ଠ ଓ ପ୍ରଭାବଶାଳୀ । ପୁରୀର ପ୍ରସିଦ୍ଧ ଜଗନ୍ନାଥଙ୍କ ଦେବଦାସୀ ସମ୍ପ୍ରଦାୟର ଘଣ୍ଟାମାନ ଏହି ଉପନ୍ୟାସର ନାୟକର ଅନୁଭବକୁ ନିବିଡ଼ କରି ଦେଇଛନ୍ତି । ନିମ୍ନସ୍ଥଳରେ—

“ତରୁଣୀଟିଏ ଦେବତା ଶ୍ରୀମୁଖ ଦେଖୁଥାଆନ୍ତି, ସେ ଦେଖୁଛନ୍ତି ଅତି ଆଗ୍ରହରେ ନୂଆ ସେଇ ମନର ମଣିଷକୁ, ସେହି ଯାହାକୁ ସେ ମନଦର୍ପଣର ଆଲୋକ ଅନ୍ଧାରି ଭିତରେ, ଆଉ ସଦାବେଳ ଜୀବନ ଯାକ ଦେଖି ଜୀବନରେ ଖୋଜିବୁଲୁଥିଲା, × × × କେତେକେତେବେଳେ ମୂର୍ତ୍ତିମନ୍ତର ସ୍ମରଣରେ ବେଶ୍ ବୁଝିପାରୁଥିଲା କେତେକେତେବେଳେ ଯାତନାରେ ଯାଉଥିଲା । ତାଙ୍କୁ ଲାଗୁଥାଏ ସେ ଦେଖିପାରୁଛନ୍ତି ଏକାଠିକ ସେ । ତା ଆଗରେ ଏମିତି କେତେଟି ସେ ଅଛନ୍ତି ।” ଏହି ଦେବ ବିଗ୍ରହ ଆଗରେ ଯେଉଁ ମଣିଷ ନିଜକୁ ହଜାଇଦେଇଛି ନିଜର ଉଦାରତା, ହାବଭାବ ନିଜର ଗ୍ଲାନି, ଦୁରାଶା ଓ ଅହଂକାର ସେଇମଣିଷ ‘ଦାନାପାଣି’ର ବଳିଦତ୍ତ ଭିତରେ ନୂଆକରି ଉଠିଛି ଅହଂକାରୀ, ଉଦ୍ଧତ ଓ ଦାନାପାଣିର ପ୍ରାଚୁର୍ଯ୍ୟ ଓ ଜୀବନର ସାଫଲ୍ୟ ଟେକି ଖୋଜି ପାଇଛି ବିରାଟ ଶୂନ୍ୟତା ।

ଗୋପୀନାଥ ବହୁ ସାମାଜିକ ଉପନ୍ୟାସ ରଚନା କରିଛନ୍ତି, ‘ରାହୁର ଛାୟା,’ ‘ସପନମାଟି’, ‘ଲୁଇଟେଣ୍ଡ’, ‘ଶରତ ବାବୁଙ୍କ ଗଳି’ ଏହି ଶ୍ରେଣୀର ଉପନ୍ୟାସ । କେହି କେହି ମତ ଦିଅନ୍ତି ଏହି ଉପନ୍ୟାସ–ଗୁଡ଼ିକରେ ଗୋପୀନାଥ ନିଜ ବଡ଼ଭାଇ କାହ୍ନୁଚରଣଙ୍କ ଦ୍ୱାରା ପ୍ରଭାବିତ । କାହ୍ନୁଚରଣଙ୍କ ଶିଳ୍ପରଚନା ସ୍ତର ଚମତ୍କାର, ଭାଷା ନିପୁଣ । ମାତ୍ର

ଗୋପୀନାଥଙ୍କ ଉପନ୍ୟାସରେ ଗଳ୍ପ ଗୌଣ, କେତେକ ସାମାଜିକ ଘଟଣାର ତଥ୍ୟ ବର୍ଣ୍ଣନା ମଧ୍ୟରେ ଲେଖକ ନିଜର ବଳିଷ୍ଠ ଭାଷା ଶୈଳୀ-ଓ ସୂକ୍ଷ୍ମ ମର୍ମବୋଧତାର ପରିଚୟ ଦେଇଛନ୍ତି ।

'ହରିଜନ' ଗୋପୀନାଥଙ୍କର ଆଉ ଏକ ଉଲ୍ଲେଖଯୋଗ୍ୟ ଉପନ୍ୟାସ । ଏହା ସ୍ୱାଧୀନତାର ପ୍ରାକ୍‌କାଳର ବର୍ଣ୍ଣ-ବିଦ୍ୱେଷ ଓ ଶ୍ରେଣୀ ସଂଘର୍ଷର ପୃଷ୍ଠଭୂମିରେ ରଚିତ । ସହର ତଳର 'ନାକଟଦେଉଳ' କୁ ସଫା କରାଯାଉଛି । ଅବିନାଶ ବାବୁଙ୍କ ନୂତନ ପ୍ରାସାଦର ଶୋଭା ବର୍ଦ୍ଧନ ପାଇଁ ହରିଜନ ବସ୍ତି ଉଠି, ସେଠାରେ ପାର୍କ ତିଆରି ହେଉଛି । ଏହି ଘଟଣାକୁ କେନ୍ଦ୍ରକରି କେତେ ପ୍ରେମ, ଈର୍ଷା, ଧର୍ମ ଓ ଦ୍ୱନ୍ଦ୍ୱଙ୍କ ମଧ୍ୟରେ ସଂଘର୍ଷର ଚିତ୍ର ଅଙ୍କିତ ହୋଇଛି । ସବୁ ଆନ୍ଦୋଳନ, ଅନୁଯୋଗ ବିଫଳ ହୋଇଛି । ବରଂ, ହରିଜନଙ୍କୁ ସମର୍ଥନ ପାଇଁ ଆଗେଇ ଆସିଥିବା ଧନୀ ଓ ଶିକ୍ଷିତ ଲୋକେ ଶେଷ ମୁହୂର୍ତ୍ତରେ ସେମାନଙ୍କୁ ପରିତ୍ୟାଗ କରିଛନ୍ତି । କେହି ରେଲୱେ ପଟେଥରେ ଚାଲି ଯାଉଛନ୍ତି, ସେମାନଙ୍କ ଜମି ଧନୀଙ୍କ ହାତକୁ ଯାଉଛି । ସେମାନେ ପରାଜିତ ହୋଇଛନ୍ତି ସହର ଉପାନ୍ତର ଅପରାଧକୁ । ଗାନ୍ଧିଜୀଙ୍କ ଆଦର୍ଶ ଏଠାରେ ବ୍ୟର୍ଥ ହୋଇଛି । ଅଛୁଆଁ ଛୁଆଁ ହୋଇନାହିଁ, କି ଧନୀ ଭଦ୍ରସମାଜର ସମାନ ମର୍ଯ୍ୟାଦା ପାଇନାହିଁ ।

ଗୋପୀନାଥଙ୍କର ସର୍ବବୃହତ୍ ଉପନ୍ୟାସ ମାଟିମଟାଳ । ଏହା ରଚନାରେ ଲେଖକଙ୍କର ଦଶବର୍ଷ ଅତିବାହିତ ହୋଇଛି । ଏହା ଓଡ଼ିଶାର ସମତଳ ଅଞ୍ଚଳର ଗ୍ରାମଜୀବନରେ ଏକ ମହାକାବ୍ୟକ ଚିତ୍ର । ଏହି ଉପନ୍ୟାସର ନାୟକ ରବି ବି.ଏ. ପାଶ କରି ସହରରେ କର୍ମଜୀବନ ବିତାଇବାକୁ ଚାହିଁଛି । ଏପରିକି ଜଣେ ବନ୍ଧୁ ଘରେ ଗୋଟିଏ ଚାକିରି କରାଇବାକୁ ହେଉଛି । ସେଇଠି ସେ ସିଦ୍ଧାନ୍ତ କରିଛି, ସହରନୁହେଁ, ଗ୍ରାମହିଁ ତାର କର୍ମଭୂମି । ପିତା ଜଣେ ଗାଉଁଲି ଜମିଦାର—ସେ ଏହାର ବିରୋଧ କରନ୍ତି । ନାୟକ ରବି ନିଜ ସିଦ୍ଧାନ୍ତରେ ଅଟଳ ରହିଛି । ସେ ଗ୍ରାମବାସୀଙ୍କ ଦୁଃଖ ଦୈନ୍ୟ ଦୂର କରିବାକୁ, ସେମାନଙ୍କୁ ଗୋଟିଏ ପରିବାରରେ ପରିଣତ କରିବାକୁ ସଙ୍ଗଠନ କରିଚାଲିଛି, ରବିର ବିରୋଧ ଉଠିଛି ପିତାଙ୍କ ତରଫ ନିଜ ପରିବାରରୁ । ଏଥିରେ ମଧ୍ୟ ନୂତନ ମୂଲ୍ୟବୋଧ ଓ ଭାବାଦର୍ଶର

ଜନ୍ତୁ ଓ ପୁରାତନ ଦେଉଳରେ ରୂପ ବିଳସୁଛି ଚିତ୍ର ଅଙ୍କିତ ହୋଇଛନ୍ତି । ତାତ୍କାଳିକ ଜୀବନରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଆଉ ମାନବୀୟ ସମ୍ପର୍କର ସାର୍ଥକତା । ଏକ ଉପନ୍ୟାସର ଅଧିକ ଅଂଶ ମଧ୍ୟରେ ମନୁଷ୍ୟର ଅସହାୟତା ଓ ଲୋଭ ଓ ଜୀବନ ଯନ୍ତ୍ରଣା ମଧ୍ୟରେ ହିଁ ରହିଛି ସ୍ୱାଭାବିକ ପରିବେଶ । ବନ୍ଧୁ ଘଟଣାର ଘାତ ପ୍ରତିଘାତ ନାଟକୀୟ ଉପନ୍ୟାସ ମଧ୍ୟରେ ନାୟକଙ୍କ ଗଭୀର ଅନ୍ତର୍ଦୃଷ୍ଟି ପ୍ରତିଫଳିତ । ମାଣ୍ଡ ଭୁଜବାଳାର ଉପନ୍ୟାସଟିର ଚିତ୍ର ଦେଖନ୍ତୁ ଶିଶୁମାନଙ୍କ ବେକରେ ଚେଇଁ ସର୍ବନାଶ । ଏହାର ସଂସ୍କାର ପୂର୍ଣ୍ଣାନୁପୁଙ୍ଖ ବର୍ଣ୍ଣନା ରହିଛି । ନାଗ ନାୟକ ନାୟିକାଙ୍କ ମାନବୀୟ ଧାରଣା ଯଥାର୍ଥ ଶରତ ନାହିଁ ! ଘଟଣା ସ୍ଥାନ ସ୍ଥାନେ ପୂର୍ବକଳ୍ପିତ ଭଳି ବୋଧହୁଏ । ଚରିତ୍ରଙ୍କର ଗତି ଏତେ ମନ୍ଥର ଯେ, ସେଥିରେ କୌଣସି ପାଠକ ନବୀନତା ଅନୁଭବ କରନ୍ତି ନାହିଁ । ଏହି ଉପନ୍ୟାସରେ ମଧ୍ୟ ନାୟକ ନାୟିକାଙ୍କର ଆକସ୍ମିକ ଚୋରାଚନ ମିଳନ । ସେଥିଲାଗି ଅପବାଦ ରଚନାର ଦେଶଚୋଟୀ-ପାନ ବର୍ଣ୍ଣନାର ଲୋଭକ ଅପେକ୍ଷା ଏଣ୍ଡ ଅପେକ୍ଷା କରିଛନ୍ତି । ଏଇ ଉପନ୍ୟାସର 'ବଡ଼ମହାରାଜ' ଓଡ଼ିଆ ଉପନ୍ୟାସର ଜନକ ଫକୀର ମୋହନଙ୍କ ନିର୍ମାଣ ଆଟେଷ୍ଟର ସମକକ୍ଷ ଫକୀରଙ୍କର ଦେହେଲିକା ଆଧୁନିକ ସଂସ୍କରଣ । ଉପନ୍ୟାସ କ୍ଷେତ୍ରରେ ନୂତନ ଅଙ୍ଗିକ ଶୈଳୀ ଦେଇ ଚେଷ୍ଟା ଏବେବି ହେଉଛି । ତାଙ୍କର 'ଆକାଶ ଶୁନ୍ଦ୍ରତ' ଉପନ୍ୟାସରେ ଜଣେ ସ୍ୱଳ୍ପବୁଦ୍ଧି ମହିଳାର ଦୁଃଖ ସଫଳ ସ୍ଥାନ ପାଇଛି । ସମଗ୍ର ଉପନ୍ୟାସରେ କୌଣସି ବିରକ୍ତି ଭାବ ପର୍ଯ୍ୟନ୍ତ ବ୍ୟକ୍ତ ହୋଇନାହିଁ ।

ସରକାରୀ କର୍ମରୁ ଅବସର ଗ୍ରହଣ ପରେ ଗୋପୀନାଥ ସମ୍ପୂର୍ଣ୍ଣରୂପେ ସାହିତ୍ୟ ଓ ସମାଜର ସେବାରେ ନିଜକୁ ନିୟୋଜିତ କରିଛନ୍ତି । ଭାଷାଶିଳ୍ପର ସୃଷ୍ଟିଶୀଳ ମନନ୍ତା ଶୀଘ୍ର ପ୍ରତି ଦକ୍ଷିଣାନୁକୂଳତା କରିଛନ୍ତି । ଆଦିବାସୀଙ୍କ ଭାଷାର ବର୍ଣ୍ଣନାତ୍ମକ ବ୍ୟାକରଣ ରଚନା ତାଙ୍କର ଅନ୍ୟତମ କୃତିତ୍ୱ ।

ଦେଶାଡ଼ି ଏବେବି ଉପନ୍ୟାସ ରଚନା ସଙ୍ଗେ ଗୋପୀନାଥଙ୍କର 'ଅଟେବାଟି' କ୍ଷୁଦ୍ରଗଳ୍ପ ସଙ୍କଳନ ପ୍ରକାଶିତ ହୋଇଛି । ବସ୍ତୁତଃ ୧୯୩୬ ଖ୍ରୀଷ୍ଟାବ୍ଦର ସୁବିଖ୍ୟାତ ଆଧୁନିକ ପତ୍ରିକାରେ ଗୋଟିଏ କ୍ଷୁଦ୍ରଗଳ୍ପ ଲେଖି

ଗୋପୀନାଥ ଆତ୍ମପ୍ରକାଶ କରିଥିଲେ । ଗୋପୀନାଥଙ୍କ ପ୍ରଥମ ପ୍ରକାଶିତ ସଙ୍କଳନ 'ଘାସଫୁଲ'ର ଗଳ୍ପଗୁଡ଼ିକ ସମାଜ ଓ ଜୀବନର ଅତି ସାଧାରଣ ଘଟଣା ଓ ଚିତ୍ର ଉପରେ ଆଧାରିତ । ତାଙ୍କର ଅନ୍ୟ ସଙ୍କଳନଗୁଡ଼ିକ ହେଉଛି—ଚଉଡ୍ଡାକଣାକ 'ନବବଧୂ, ଛାଇ ଆଲୁଅ, ରଣଧନ୍ଦୋଳ, ଗୁପ୍ତଗଙ୍ଗା, ନା ମହନାଣ୍ଡି, ଉଡ଼ନ୍ତାଖାଇ ; ସମସ୍ତ ସମୟରେ ଅନ୍ତକଥନ ଦୋଷରେ ତାଙ୍କ ଗଳ୍ପଗୁଡ଼ିକ ଭାରାକ୍ରାନ୍ତ ହୋଇଥିଲେହେଁ, ଏସବୁ ଏକ ଚୋଟିକ ମନର ସୃଷ୍ଟି । ନଳରେଳ ଶବ୍ଦରେ ଏକ ଏକ ପ୍ରସ୍ତବଶାଳୀ ମନୋଜ୍ଞ ପ୍ରଜ୍ଞାନ ମଧ୍ୟରେ କ୍ଷୁଦ୍ରଗଳ୍ପ ଗୁଡ଼ିକ ସାର୍ଥକ ହୋଇଉଠିଛି ।

ସାମ୍ପ୍ରତିକ ଭାବରେ ଗୋପୀନାଥ ନାଟକ, ଜୀବନୀ ଓ ପ୍ରବନ୍ଧ ରଚନା କରିଥାନ୍ତି । ତାଙ୍କ ନାଟକଗୁଡ଼ିକ ମଞ୍ଚୋପଯୋଗୀ ନୁହେଁ । ମାତ୍ର ଉଚ୍ଚ କଳାତ୍ମକ କାବ୍ୟ ସୌନ୍ଦର୍ଯ୍ୟ ମଣ୍ଡିତ । ତାଙ୍କର ନିବନ୍ଧ ମାଳାରେ ମୌଳିକ ଭାବନା, କଳାତ୍ମକ ପ୍ରକାଶ ଭଙ୍ଗୀରେ ପାଠକଙ୍କୁ ଆକୃଷ୍ଟ କରେ ।

**ସୁରେନ୍ଦ୍ର ମହାନ୍ତି**—(୧୯୨୨) ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ରେଭେନ୍ସା କଲେଜର ଇଂରାଜୀ ଅନର୍ସ ଶେଷବର୍ଷ ଶ୍ରେଣୀରୁ ବହିଷ୍କୃତ ହୋଇଥିଲେ । ରାଜନୀତି ଓ ସାମ୍ବାଦିକତା ମଧ୍ୟରେ ସେ ଆଜୀବନ ସାହିତ୍ୟ ସାଧନା କରିଆସୁଛନ୍ତି । ୧୯୫୦ରୁ ସେ ପ୍ରଥମେ ନାଟକ ଲେଖକ ଓ କ୍ଷୁଦ୍ରଗଳ୍ପ ଲେଖକ ଭାବରେ ନୂତନ ଶୈଳୀର ପ୍ରବର୍ତ୍ତନ କରି ଆସିଛନ୍ତି । ନାଟ୍ୟକାର ସୁରେନ୍ଦ୍ର ମହାନ୍ତି ମାନବତା ଓ ନୈତିକତାର ପୂଜାରୀ ଥିଲେ । ବୁଦ୍ଧ ଓ ବାପୁଜୀଙ୍କ ଜୀବନୀ ତାଙ୍କୁ ନାଟକ ଲେଖିବାପାଇଁ ପ୍ରେରିତ କରିଥିଲା । କିନ୍ତୁ ନାଟ୍ୟସୃଷ୍ଟି ତାଙ୍କର ସମଗ୍ର ସାହିତ୍ୟ କୃତିରେ ଏକ ଶିଳ୍ପ ଚେତନା ଭାବରେ ଜୀବନ୍ତହୋଇ ରହିଥିଲା । କ୍ଷୁଦ୍ରଗଳ୍ପ ଓ ସାହିତ୍ୟ ସମୀକ୍ଷା କ୍ଷେତ୍ରରେ ଅବିନଶ୍ୱର ସୃଷ୍ଟି ସମ୍ଭାରର ଅଧିକାରୀ କାହ୍ନୁଚରଣ ଶିଳ୍ପରେ ଉପନ୍ୟାସ କ୍ଷେତ୍ରରେ ପ୍ରବେଶ କରିଛନ୍ତି । ତାଙ୍କର ପ୍ରାଥମିକ ସ୍ତରର ଲେଖା 'କଟକ ଜନପଦ' (୧୯୫୭), ବଧୂ ଓ ପ୍ରିୟା (୧୯୫୮) ଉପନ୍ୟାସଗୁଡ଼ିକ ଲରେନ୍ସଙ୍କ ଆଦର୍ଶରେ

ଜୀବନଚେତନା ଭିତରେ ସ୍ୱାଧୀନତାର ସ୍ପନ୍ଦନର ସମାହାର । ଏହିସବୁ ଭାବପ୍ରବଣତା କ୍ରମଶଃ ମହତ୍ତ୍ୱର ଶିଳ୍ପମୂର୍ତ୍ତି ଆଡ଼କୁ ଶ୍ରୀ ମହାନ୍ତିଙ୍କୁ ନେଇଯାଇଥିଲା । ଏହି ଗଣତାନ୍ତ୍ରିକ ସମାଜର ସ୍ୱପ୍ନମୂର୍ତ୍ତି ଅଙ୍କନ କରିବାକୁ ପାଇଁ ସେ ବାରମ୍ବାର ନିଜ ଗଣତାନ୍ତ୍ରିକ ଚେତନାର ବା ଇତିହାସ ସ୍ତରରେ ଭ୍ରମଣ କରିଅଛନ୍ତି । ଶ୍ରୀ ମହାନ୍ତିଙ୍କ ଉପନ୍ୟାସଗୁଡ଼ିକ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ବୈଶିଷ୍ଟ୍ୟ ଧାରଣକରେ । ଅନ୍ଧଦିଗନ୍ତ (୧୯୬୪), ସାମାଜିକ ଉପନ୍ୟାସ । ସାଂସ୍କୃତିକ ପ୍ରତୀକାତ୍ମକ ମନସ୍ତତ୍ତ୍ୱବାଦୀ ଉପନ୍ୟାସ । ଦୋଳିର ସୂର୍ଯ୍ୟ (୧୯୬୭) ଓ କୁଳବୃଦ୍ଧ (୧୯୬୮) ଚରିତ୍ରୋପନ୍ୟାସ, ନୀଳଶୈଳ (୧୯୬୮) ଓ ନୀଳାଦ୍ରି ବିଜୟ (୧୯୬୯) ଐତିହାସିକ ଉପନ୍ୟାସ । ଏସବୁ ଆଙ୍ଗିକ ବୈଚିତ୍ର୍ୟ ସତ୍ତ୍ୱେ ସୁରେନ୍ଦ୍ରବାବୁଙ୍କ ଉପନ୍ୟାସଗୁଡ଼ିକରେ ଅନ୍ତର୍ନିହିତଥିବା ଚେତନାରେ ରାଜନୈତିକ, ସାମାଜିକ, ଧର୍ମୀୟ ଓ ସଂସ୍କାରଗତ ପାରମ୍ପରିକତା ମଧ୍ୟରେ ଦୃଢ଼ବିଶ୍ୱାସୀ ବ୍ୟକ୍ତିର ସଂଘର୍ଷ ଓ ଉଦ୍ବର୍ତ୍ତନର ଚିତ୍ର ଅଙ୍କିତ ଲେଖକଙ୍କର ଏକ ପ୍ରକାର ମୁକ୍ତ ନିରପେକ୍ଷ ମାନବତାବାଦୀ ଦୃଷ୍ଟିକୋଣ ଏକ କାବ୍ୟିକ ଅନ୍ତର୍ଦୃଷ୍ଟି ସହିତ ସଙ୍ଗୀତର ଅନ୍ତର୍ଗତ ଭାବଜଗତର ଧ୍ୟାନ ପ୍ରତି ସେ ନାଟ୍ୟିକ ଦୃଷ୍ଟି ତାଙ୍କ ଉପନ୍ୟାସଗୁଡ଼ିକୁ ଶିଳ୍ପସମୃଦ୍ଧ କରିଅଛି । ଉପନ୍ୟାସର ଘଟଣାବଳୀକୁ ସ୍ଥାନକାଳର ବାସ୍ତବ ପୃଷ୍ଠଭୂମିରେ ଉପସ୍ଥାପନା ମଧ୍ୟରେ ଲେଖକଙ୍କର ପାରମ୍ପରିକ 'ରସଦୃଷ୍ଟି' ପ୍ରତିଫଳିତ ହୋଇଅଛି । ତାଙ୍କ ଉପନ୍ୟାସ-ଗୁଡ଼ିକର ସାମଗ୍ରିକ ଚେତନାର କଳେବର ପରୀକ୍ଷା ଓ ବସ୍ତୁବୋଧ ପ୍ରତ୍ୟାହାର ସମନ୍ୱୟ ସାଧନ କରି ଜଣେ ସାର୍ଥକ ଚିନ୍ତାବୋଧ ଶିଳ୍ପୀର ପରିଚୟ ଦେଇଅଛନ୍ତି । ତାଙ୍କର ଉପନ୍ୟାସଗୁଡ଼ିକ ମହାକାବ୍ୟିକ ଭାବଚେତନା, ଭଙ୍ଗୀ ସ୍ଥଳୀୟ ଆତ୍ମିକ ଅନୁଭୂତି ଓ ସୁସ୍ପଷ୍ଟ ପ୍ରଦର୍ଶନ ଶକ୍ତିର ପରିଚୟ ଦେଇଥାଏ । ମନୁଷ୍ୟ ହୃଦୟ ନିଃସର୍ତ୍ତ ପ୍ରେମଭିତ୍ତିର ଆତ୍ମିକ ଯୋଗସୂତ୍ର ଉଦ୍ଘାଟନରେ ଶ୍ରୀ ମହାନ୍ତି ଜଣେ କୁଶଳୀ ଶିଳ୍ପୀର ପରିଚୟ ଦେଇ ଅଛନ୍ତି । ନାୟକ ନାୟିକାଙ୍କର ବିଷାଦ-ଆନନ୍ଦ ମୁହୂର୍ତ୍ତଗୁଡ଼ିକ ସହିତ ଲେଖକଙ୍କ ପ୍ରକୃତିର ସହଜ ପ୍ରାଣସ୍ପନ୍ଦନରେ ସ୍ଥାୟିତ୍ୱ ଲାଭ କରିଅଛି ।

ସ୍ୱାଧୀନତାର ପ୍ରାକ୍ କାଳରେ ରଚିତ କଲେଜବନ୍ଧୁ (୧୯୪୭), ସାମୟିକ ଶିକ୍ଷାନୁଷ୍ଠାନର ନୈତିକ ବିଭ୍ରାଟର ଏକ ବିଶ୍ଳେଷଣ । ଏହି ଉପନ୍ୟାସରେ କଲେଜର ଦୁଇଟି ତରୁଣୀ ଶରତ୍ ଓ ତାର ସହପାଠିନୀ ମଞ୍ଜରୀ ମଧ୍ୟରେ ଘନ ଆନ୍ତରିକତା ଘଟିଛି । ସେମାନଙ୍କର କଲେଜ ବନ୍ଧୁ ଜଗୀଟ, ସୁକାନ୍ତ, ହରିରାଜ ସମ୍ପର୍କରେ । କେତେବେଳେ ଏହି ତରୁଣମାନେ ଅବଦମିତ ଯୌନ କ୍ଷୁଧାରେ ଶରଣାର୍ଥୀ ପୁଣି ସ୍ୱାଧୀନତାର ସ୍ୱାଧୀନତାରେ ଆଦର୍ଶବାଦୀ । ଏମାନଙ୍କ ଧାରଣାରେ କଲେଜ କେବଳ ଗୁଣ୍ଡାମି ଏ ନୀତିବାଦର କାରଖାନା ଅଥବା ଲକ୍ଷ୍ୟହୀନ ଓ ଉଚ୍ଛୃଙ୍ଖଳତାବାଦର ଉଦ୍ଭାବନା, ଅର୍ଥ ବ୍ୟବସାୟ ଏକ ଅନୁଷ୍ଠାନ । ପରିଶେଷରେ ଏକ ରାଜନୈତିକ ଆନ୍ଦୋଳନରେ ଛାତ୍ରମାନଙ୍କୁ କେତେ ହତାଶ ହତଶ୍ରୀ କରିଯାଇଥିଲା, ତାର ଚିତ୍ରମାନ ଉପନ୍ୟାସଟି ଦେଇ ଦେଇଛି ।

ବଧୂ ଓ ପ୍ରିୟା (୧୯୪୮) ଉପନ୍ୟାସରେ ନାୟିକା ଲୀଳା ଶ୍ରୀକାନ୍ତଙ୍କର ସ୍ତ୍ରୀ, ମାତ୍ର ଶିଳ୍ପୀ ନନ୍ଦଙ୍କର ପ୍ରଣୟୀ ଭାବରେ ଆଶା ଓ ଆକାଂକ୍ଷାର ସୃଷ୍ଟିରେ ତାର ହୃଦୟ ସେଠାରେ ଦେଇଛନ୍ତି ଶ୍ରୀକାନ୍ତ ଦେହରେ ତାର ଦୈନିକ ଟଙ୍କାର ଜୀବନ ନେଇଛନ୍ତି ଅନ୍ତ୍ୟବନ୍ୟାରେ ସକଳ । ଏମାନଙ୍କ ଲକ୍ଷ୍ ଉପନ୍ୟାସଗୁଡ଼ିକ ରଚନାର ପର୍ଯ୍ୟ ୧୯ ବର୍ଷରେ ଅସମାପ୍ତ ପ୍ରକାଶିତ । ଏକଦିଗରେ ସ୍ୱାଧୀନତା ପାଇଁ ସଂଗ୍ରାମ ଓ ଅନ୍ୟଦିଗରେ ସ୍ୱାଧୀନତା ପରବର୍ତ୍ତୀ ଯୁଗର ବିଭ୍ରାଟ, ଏକ ଦିଗରେ ସ୍ୱାଧୀନତାର ସ୍ୱପ୍ନ ଓ ଅନ୍ୟଦିଗରେ ସ୍ୱାଧୀନତାର ବ୍ୟର୍ଥତାର ପୃଷ୍ଠଭୂମିରେ ୧୯୨୧ରେ ଗାନ୍ଧିଙ୍କର ଅସହଯୋଗ ଆନ୍ଦୋଳନଠାରୁ ୧୯୫୦ରେ ପ୍ରଥମ ସାଧାରଣ ନିର୍ବାଚନ ସମୟ ମଧ୍ୟରେ ଉପନ୍ୟାସଟି କଳ୍ପିତ । ଏହି ଉପନ୍ୟାସର ଘଟଣା ପ୍ରବାହ ମଧ୍ୟରେ ସମସାମୟିକ ଇଂରେଜ ଭାରତର ରାଜନୈତିକ ରୂପ, ସାମାଜିକ ସମସ୍ୟା, ସାମ୍ପ୍ରଦାୟିକ ସଂଘର୍ଷର ବର୍ଣ୍ଣନା ମଧ୍ୟରେ ଆଦର୍ଶବାଦୀ କର୍ମୀ ଓ ସ୍ୱାର୍ଥପର ଜନତାଙ୍କର ଚରିତ୍ର ଫୁଟାଯାଇ ରହିଅଛି । ସେଠାରେ ପ୍ରଜାପୀଡ଼କ ଜମିଦାର ରାମନାରାୟଣ ମନ୍ତ୍ରୀ ହୋଇଛନ୍ତି, ଦୁର୍ଗର ଆତ୍ମତ୍ୟାଗ ମଧ୍ୟରେ ବୃନ୍ଦାବନ ହୋଇଛନ୍ତି ମୁଖ୍ୟମନ୍ତ୍ରୀ । ମାତ୍ର ସେଥିରୁ ମୂଳକ ମଧୁପୁର ଗାଁରେ ଅତି ସାଧାରଣ ନଦୀବାସ

୧୯୨୧ରୁ ୧୯୩୭ ସମସ୍ତ ଆନ୍ଦୋଳନରେ ଖାସ ଦେଶୀ ସ୍ୱାଧୀନତାରେ କ୍ଷମତାର ପ୍ରଲୋଭନରୁ ନିଜକୁ ମୁକ୍ତରଖି ଦେଶପ୍ରେମୀଙ୍କ ଅନ୍ତରରେ ସ୍ଥାନକାଟି ଦରିଦ୍ର ନାରାୟଣଙ୍କ ସେବାକାର୍ଯ୍ୟ ତିଳ ତିଳ କରି ନିଜ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ଉତ୍ସର୍ଗ କରୁଛନ୍ତି ନିଜର ଅଜ୍ଞାତ ଦେଶର ସେହି ଖଣ୍ଡୁପାଗ୍ରାମର ବନ୍ଧୁହୀନା ମଥୁରା । ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ତାଙ୍କର ତାଭାବିଷ୍ଟ ସେମାନଙ୍କୁ ସାର୍ଥିର ରେଣୁ । ନନ୍ଦଦାସ ଚରିତ୍ରରେ ଯେପରି ଆତ୍ମ-ନିର୍ଭୀକ ଓ ମହନୀୟ ବ୍ୟକ୍ତିତ୍ୱର ବିଶ୍ଳେଷଣ ଅଙ୍କିଛନ୍ତି, ସେହି ସେପରି ସେହି ଅନୁରୂପ ଚରିତ୍ରମାନ ଖୋଜିଛନ୍ତି ଜାତିର ଇତିହାସ ପୃଷ୍ଠାରୁ । ଆଦର୍ଶ ପାଇଁ ଆତ୍ମବଳିଦାନର ଜ୍ୱଳନ୍ତ ପ୍ରେରଣାର ଉତ୍ସରୂପେ ସେ ଗ୍ରହଣ କରିଛନ୍ତି ମୁକୁନ୍ଦଦେବ ଓ ଗଜାଦ୍ରି ବିଜୟପୁର ନାୟକ ଅଷ୍ଟାଦଶ ଶତାବ୍ଦୀର ଖୋର୍ଦ୍ଧାର ରାଜା ରାମଚନ୍ଦ୍ରଦେବଙ୍କୁ । ସେ ଏକ ହାତରେ ଉତ୍କଳୀୟ ଆଦର୍ଶର ପ୍ରତୀକ । ଜଗନ୍ନାଥଙ୍କୁ ବିଧର୍ମୀଙ୍କ କବଳରୁ ରକ୍ଷାକରିବା ପାଇଁ ଧର୍ମାନ୍ତର ଗ୍ରହଣ କରିଛନ୍ତି ପୁଣି ନିଜର ସମସ୍ତ ସୁଖ ସମ୍ଭୋଗ ପରିହାରକରି ଜଗନ୍ନାଥଙ୍କୁ ଚିଲିକା କୂଳରେ ଲୁଚାଇ ଉତ୍କଳର ମର୍ଯ୍ୟାଦା ରକ୍ଷା କରିଛନ୍ତି । ଏହି ମହାନାୟକଙ୍କ ଚତୁର୍ପାର୍ଶ୍ୱରେ ଉଜ୍ଜ୍ୱଳଶିଖା ଭଳି ଦେଖି ରହିଛନ୍ତି ଅନେକ ଚରିତ୍ରଗଣ । ଲକ୍ଷ୍ମୀ, ଚନ୍ଦ୍ରମଣି, ବିଷ୍ଣୁ, ପଣ୍ଡିତମକଦାନ୍ତ, ସେହିପରି ଜାତୀୟ ଅବଦାନର ପ୍ରତୀକରୂପେ ଆତ୍ମପ୍ରକାଶ କରିଛନ୍ତି ବେଣୁ ଭ୍ରମରବର, ଚୌଧୁରୀ ରାଜଗୁରୁ ଓ ତାଙ୍କର ଅନୁଚରବର୍ଗ । ସମକାଳୀନ ସମାଜରୁ ଯେଉଁ ସମସ୍ତ ଅସମତା, ବିରୋଧ ସାମନ୍ତ ସଂସ୍କୃତିର ଅବକ୍ଷୟରୁ ଏହି ଲେଖକଙ୍କୁ ଉଦ୍‌ବେଳିତ କରିଥିଲା ସେସବୁର ଯଥାର୍ଥ ଆଲେଖ୍ୟ ଯୋଗାଇଛନ୍ତି ସେ ଇତିହାସର ପୃଷ୍ଠଭୂମିରେ ଦେଖିଛନ୍ତି । ରାଜନୈତିକ ସଂକୀର୍ଣ୍ଣତା, ପ୍ରାକୃତିକ ଦୁର୍ଯୋଗ ଏ ସମସ୍ତ ଭିତରେ ମାନବାତ୍ମାର ଅନାବିଳ ଆଶା ଓ ଆକାଂକ୍ଷାର ଚିତ୍ର, ସେ ଫୁଟାଇଛନ୍ତି ରାଜଅନ୍ତଃପୁର ବାସିନୀ ଉଜ୍ଜ୍ୱଳା-ବାଳଟାରୁ ଦରିଦ୍ରଙ୍କ ଗୃହରେ ବାସ କରୁଥିବା ସାଧାରଣଙ୍କ ପର୍ଯ୍ୟନ୍ତ ।

ଜାତି, ଧର୍ମ ନିର୍ବିଶେଷରେ ଓଡ଼ିଆ ପ୍ରାଣରେ ଉଦାର ଦେବତା ଭାବରେ ଜଗନ୍ନାଥଙ୍କର ସେହିଁ ଚିର ପ୍ରଥାଗାର ଜନସମୁଦ୍ର ମଧ୍ୟରେ ଲେଖକଙ୍କ ଆଜି ଅନ୍ତରେ ଖସି ପଡ଼ୁଥିଲା । ୧୯୬୩ରେ ଗଭୀର ଅନ୍ତର୍ଦୃଷ୍ଟି ନେଇ ଲେଖକ ଛାଡ଼ି ଶ୍ରୀ ଭୂତ ଦେବଗଣଙ୍କ ପର୍ଯ୍ୟାୟବାଚୀ ଉପନ୍ୟାସ ନୀଳଶୈଳ ଓ ନୀଳାଦ୍ରି ବିଜୟ ଲେଖିଥିଲେ । ନୀଳଶୈଳ ପ୍ରସଙ୍ଗରେ ଯଥାର୍ଥରେ କୁହାଯାଇଛି—"ମହାକାବ୍ୟିକ ବ୍ୟାପ୍ତି ବୈଚିତ୍ର୍ୟରେ ଓ ଐତିହାସିକ ତଥ୍ୟ ବିସ୍ତାରରେ ନୀଳଶୈଳ ଏକ ଶ୍ରେଷ୍ଠ କୃତିର ଆବେଦନ ଦାବି କରିପାରେ' । ସେହିଁ ଭୂମିଗତ ଓ ଜନ ସମାଜର ଆଧାରରେ ଉପନ୍ୟାସଟି କଳ୍ପିତ ତାହା ସମ୍ଭବତ ଲେଖକଙ୍କର ଆତ୍ମୀୟତା ଉପନ୍ୟାସଟିକୁ କାଳଜୟୀ କରିପାରିଛି । ଏହି ଉପନ୍ୟାସର ଅନ୍ୟତମ ବିଷୟବସ୍ତୁ ମୃତ୍ୟୁ । ମାତ୍ର ଲେଖକ ଦୁଇଟି ସମାଜକୁ ସହଜରେ ତାଙ୍କ ମଧ୍ୟରେ ସୁନ୍ଦର କଳ୍ପନା କରିପାରିଛନ୍ତି । ଏକ ଦିଗରେ ଦୁର୍ନୀତି ଚାଟୁକାର ଦଳ ଓ ଅନ୍ୟ ଦିଗରେ ଅସହାୟ ସାଧାରଣ ଜନତାର ଅନ୍ତରର ଶକ୍ତି ମଧ୍ୟରେ ସଂଘର୍ଷରେ ବଂଶଧର ବିଜୟର ନାଟକୀୟ ଚିତ୍ର ଲେଖକ ଆକସ୍ମିକ ମୁହୂର୍ତ୍ତରେ ଦିଗ ଦେବଜୟୀ ଘଟଣା ସହିତ ସଙ୍ଗୀ ନାୟକ ନାୟିକାଙ୍କର ମାନସିକ ଅନ୍ତର୍ଦ୍ୱନ୍ଦ୍ୱ ମାର୍ମିକତାର ଉପନ୍ୟାସଟିର ସ୍ଥିତି ଗତି ପ୍ରତିଫଳିତ ହୋଇଅଛି । କି ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ସଂସ୍ଥାପନା ସହିତ ଶ୍ରୀ ମହାନ୍ତି ସେଥିରେ ବିଦଗ୍ଧ ମାନସିକତାର ପରିଚୟ ଦେଇଅଛନ୍ତି । ସେଥିରୁ ପ୍ରାଚୀନ ସାହିତ୍ୟ, ଓଡ଼ିଶାର ପାରମ୍ପରିକ ଜୀବନବୋଧ ଓ ଓଡ଼ିଶାର ଐତିହାସିକ ଜୀବନଦର୍ଶନ ସହିତ ତାଙ୍କର ନିବିଡ଼ ପରିଚୟର ସୂଚନା ମିଳେ । ମଧ୍ୟ ଯୁଗରେ ଓଡ଼ିଶାର ସମାଜ, ରାଜଦରବାର, ଅନ୍ତଃପୁରର ଦ୍ୱନ୍ଦ୍ୱ, ଶାନ୍ତ୍ରୀ, ଅତିସାଧାରଣ ଜନତା, ସୈନିକ, ଶାସକ ପାରିଷଦିକ ଠାରୁ ପ୍ରାକୃତ ଅଦ୍ଭୁତ ଘଟଣାଠାରୁ ଆରମ୍ଭ କରି ଚିତ୍ରରେଖୀ, ଅରଣ୍ୟ ଦେବ, ରୂପ ବର୍ଣ୍ଣ ବିଭୁତି ଲେଖକଙ୍କ ପାଠକର ଦୃଷ୍ଟିପଥକୁ ଆଣିଦେଇଛନ୍ତି ।

ଶତାବ୍ଦୀର ସୂର୍ଯ୍ୟ (୧୯୭୦) ଓ କୁଳବୃଦ୍ଧ (୧୯୭୮) ଉତ୍କଳ-ଗୌରବ ମଧୁସୂଦନଙ୍କ ଜୀବନ ଉପରେ ଆଧାରିତ ଏକ ପର୍ଯ୍ୟାୟବାଚୀ ଉପନ୍ୟାସ । ଅତୀତ ଇତିହାସର ଐତିହାସିକ ଚରିତ୍ରକୁ ନେଇ ଏପରି ଉପନ୍ୟାସରଚନାର ପରିକଳ୍ପନା ଓଡ଼ିଆ ସାହିତ୍ୟରେ ଶ୍ରୀ ମହାନ୍ତିଙ୍କର ନୂତନ ପ୍ରଚେଷ୍ଟା । ପ୍ରଥମଟିରେ ୧୮୭୦ରୁ ୧୯୦୩ ପର୍ଯ୍ୟନ୍ତ ଏକ ଶତାବ୍ଦୀ କାଳର ଐତିହାସିକ ପୃଷ୍ଠଭୂମି ଉପରେ ନିଜ ନାୟକଙ୍କ ଆତ୍ମ ବିକାଶ କାହାଣୀ ବର୍ଣ୍ଣିତ କରିଛନ୍ତି । ଦ୍ୱିତୀୟଭାଗ 'କୁଳବୃଦ୍ଧ'ରେ ୧୯୦୩ରୁ ୧୯୩୪ରେ ମଧୁସୂଦନଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଓଡ଼ିଶାର ରାଜନୈତିକ' ସାମାଜିକ ଜୀବନରେ ମଧୁସୂଦନଙ୍କର ଆତ୍ମଦାନର ଗୌରବମୟ କାହାଣୀ ବର୍ଣ୍ଣିତ । ଆମ ଦେଶରେ ଅତୀତ ଇତିହାସ ଯେ କେବଳ କୁହେଳିକାମୟ ତାହାନୁହେଁ । ଯଥାର୍ଥ ଇତିହାସ ସଚେତନତା ଅଭାବରୁ ଆଧୁନିକ ଯୁଗରେ ଇତିହାସ ରଚନା ମଧ୍ୟ କଷ୍ଟସାଧ୍ୟ । ମଧୁସୂଦନଙ୍କ ଜୀବନୀକାର ଶ୍ରୀ ମହାନ୍ତି ସନ୍ତ ଯେତେ ତଥ୍ୟଅଭାବରୁ ଉତ୍କଳ-ଗୌରବଙ୍କର ତଥ୍ୟପୂର୍ଣ୍ଣ ଜୀବନୀ ରଚନାରେ ବ୍ୟର୍ଥହୋଇ ଏକ ଉପନ୍ୟାସ ରଚନାରେ ପ୍ରବୃତ୍ତ ହୋଇଛନ୍ତି । ଖୋଜି ବସିଥିଲେ ଉତ୍କଳ ଗୌରବ ତଥା ତାଙ୍କ ସମସାମୟିକ ଜାତୀୟ ନେତାଙ୍କ ଜୀବନର ଘଟଣାବଳୀ ଓ ପାରସ୍ପରିକ ସମ୍ପର୍କ ବିଷୟରେ ବସ୍ତୁ ତଥ୍ୟଗତ ସୂତ୍ର ମିଳିପାରେ । ମାତ୍ର ନିଜ ନାୟକଙ୍କ ସହିତ ଲେଖକ ନିଜକୁ ଏକାତ୍ମ କରିପାରିଛନ୍ତି । ମଧୁସୂଦନଙ୍କ ଜୀବନ ଓ ଆଦର୍ଶର ସାର୍ଥକ ଅବବୋଧ ପାଇଁ ମୂଳଚରିତ୍ରର ବିକାଶ ଓ ଏହାର ସୃଷ୍ଟି ନିମନ୍ତେ ଗୌଣ ଚରିତ୍ର, ଘଟଣା ଓ ପରିବେଶର ଅବତାରଣାରେ ଶ୍ରୀ ମହାନ୍ତିଙ୍କର ଶିଳ୍ପ ସାଫଲ୍ୟ, ନିର୍ବାଚନ ନୈପୁଣ୍ୟ ସହଜରେ ଦୃଷ୍ଟି ଆକର୍ଷଣ କରେ । ଉପନ୍ୟାସ ଲେଖକଙ୍କର ସ୍ୱାଧୀନତା ସହିତ ଜୀବନ ଚରିତ ଲେଖକଙ୍କ ତଥ୍ୟନିଷ୍ଠାର ସମନ୍ୱୟ ଘଟିଅଛି । ଶତାବ୍ଦୀର ସୂର୍ଯ୍ୟରେ ଲେଖକଙ୍କର ଉଦାର ବଚନ ବିନ୍ୟାସ, ଉପସ୍ଥାପନାର ନାଟ୍ୟକତା କୁଳବୃଦ୍ଧରେ ସେତିକି ଉପଲବ୍ଧ ହୋଇଅଛି । ମଧୁସୂଦନ ଓଡ଼ିଆ ଜାତିର ସ୍ରଷ୍ଟା ଦେବାଳୟ, କିଏ ତାର ନିର୍ମାଣ ଅଥବା କିଏ ତାର ଉଦ୍‌ବୋଧକଙ୍କ ସେ ବସ୍ତୁର ଗୌଣ । ନାଟକର ନିର୍ମାଣର କାଳର ବିଚ୍ଛିନ୍ନ ବଳସୂଚରେଖା ଭେଦ ତନ୍ମୟ ତର ସେଉଦ୍ୟମ । ଉକ୍ତି ମଧ୍ୟରେ ଲେଖକ ଦେଶପ୍ରୀତି ସମଗ୍ର

ତାହାପରେ ଶବମୂର୍ତ୍ତିର ସମଦୃଶ୍ୟ ଉପରେ ମଧୁସୂଦନଙ୍କ ବ୍ୟକ୍ତିତ୍ୱକୁ ଉପସ୍ଥାପିତ କରିଛନ୍ତି । ନାଟକୀୟ ଅନ୍ତରଂଗତା, କୃତ୍ରିମତାର ଆଚ୍ଛାଦନ ମଧ୍ୟରେ ଉତ୍କଳଗୌରବ ମଧୁସୂଦନଙ୍କ ସ୍ୱାଭାବିକ ଜୀବନବୋଧ ଉପନ୍ୟାସର ନାୟକ ସୁଲଭ ଅନ୍ତ ମାନସକୁ ବ୍ୟକ୍ତିତ୍ୱରେ ଦୀପ୍ତି ଲାଭ କରିଅଛି । ହୁଏତ ଏହାକୁ ଚରିତ୍ରୋପନ୍ୟାସର ସାର୍ଥକ ସାଫଲ୍ୟର ଆଉ ଏକ ବୈଭବ ।

ଆଧୁନିକ ଜୀବନର ଯାହାକିଛି କୁତ୍ସିତ ବିଭ୍ରାନ୍ତିକର ତାକୁ ବ୍ୟଙ୍ଗାତ୍ମକ ରୂପଦେବାର ପ୍ରୟାସ ନିଜ ତରୁଣ ଜୀବନଭିତ୍ତିକ ପ୍ରକାଶ ବୟସରେ ନଥ ଶ୍ରୀ ମହାନ୍ତି କରିଥିଲେ । ହୁଏତ ଏହା ତାଙ୍କ ସ୍ରଷ୍ଟା ମାନସର ଚିର ତାରୁଣ୍ୟର ପ୍ରତୀକ । 'ନଂଗ ଚିଡ଼ି' (୧୯୬୭) ଏଥିରେ ଏକ କ୍ଷୁଦ୍ରକୃତି । ସ୍ୱାଧୀନ ପଲ୍ଲୀର ପୃଷ୍ଠଭୂମିରେ ବେକାର ଯୁବକ ଦୁର୍ଗତ ଚୌଧୁରୀଙ୍କୁ ଚରିତ୍ର କରି ବସିଛନ୍ତି, ହରେକୃଷ୍ଣ ମହାରଥୀ ସୁମିତ୍ରା, ସ୍ୱପ୍ନ ପିତାକ ଧନଦୀପ ଟାଙ୍ଗାଳିଲ, କଲଗାର୍ଲ ଦେଶୋନ୍ନତି ଶ୍ରୀ ବାସୁଦେବ, ନେତା ଆତ୍ମାନନ୍ଦ ଆଦି ଅନେକ ଚରିତ୍ରର ସମାବେଶ ମଧ୍ୟରେ । ଯେଉଁଠି ନଡ଼ିଆ ମଣିଷକୁ ଦେଖେଇ ଲୁଂଗୁ ଜାଣୁଥିଲା ଅଥବା ସମ୍ପୃକ୍ତ ଭାବରେ । ନାୟକଙ୍କ ଉଦ୍‌ବେଗ, ମଣିଷର ଅର୍ଥହୀନ ହକାଳ କଟେ ଶୂନ୍ୟତାର ଜୀବନର ପ୍ରକାଶରେ ।

ଓଡ଼ିଆ ସାହିତ୍ୟର ଉପନ୍ୟାସର ଧାରାରେଖାରେ ଜ୍ଞାନୀନ୍ଦ୍ର ବର୍ମା (୧୯୧୮) ଗୋକୁଳାନନ୍ଦ ମହାପାତ୍ର (୧୯୨୩) ନରସିଂହ ସାହୁ (୧୯୨୩) ମହାପାତ୍ର ନୀଳମଣି ସାହୁ (୧୯୨୬) ଚନ୍ଦ୍ରଶେଖର ରଥ (୧୯୨୯) ଆଦି ଔପନ୍ୟାସିକମାନେ ସ୍ମରଣୀୟ । ଏମାନେ ନିଜର ଅଜସ୍ର ସୃଷ୍ଟିସମ୍ଭାରରେ ଓଡ଼ିଆ ଉପନ୍ୟାସର ଦିଗବଳୟକୁ ଯେ କେବଳ ପ୍ରସାରିତ କରିଅଛନ୍ତି ତାହାନୁହେଁ, ନିଜର ସୃଷ୍ଟି ବୈଚିତ୍ର୍ୟରେ ଓଡ଼ିଆ ଉପନ୍ୟାସ କଳାର ସମୃଦ୍ଧି ସାଧନ କରିଛନ୍ତି । ଜ୍ଞାନୀନ୍ଦ୍ର ବର୍ମା ସାମ୍ବାଦିକ ଓ ସମାଜଧର୍ମୀ ଔପନ୍ୟାସିକ । ସମାଜର ବହୁ ସମସ୍ୟା ଓ ତାର ସମାଧାନର ଇଙ୍ଗିତ ତାଙ୍କର ନାନା ଉପନ୍ୟାସରୁ ମିଳିଥାଏ । ନୀଳ ଘୋଡ଼ା, ଦେବଦାସୀର ସ୍ୱପ୍ନଭଙ୍ଗ, ଜୀବନର ଛନ୍ଦ, ଚଳୁ ଅଚଳୁ, ତେରନାହିଁ ହୃଦୟର କାହାଣୀ, ଶେଷ ଅଭିସାର, ଭୂମିକା, ଅନେକ ତୁଚ୍ଛର ଆକାଶ ଆଦି ଉପନ୍ୟାସ ଗୁଡ଼ିକ ମଧ୍ୟରେ ମାନବବାଦୀ ସମାଜଟିକୁ ଆରମ୍ଭକରି ଆଧୁନିକ ଓଡ଼ିଶାର ଚଳଣି

ଜୀବନର କଥା, ପ୍ରବାସୀ ଓଡ଼ିଆ, ଜୀବନର ସମସ୍ୟା ଚିତ୍ରିତ ପ୍ରଭୃତିର ଶିକ୍ଷ ସାମ୍ପ୍ରଦାୟିକ ସମ୍ପ୍ରୀତି ମୂଲ୍ୟବୋଧକୁ କେନ୍ଦ୍ରକରି ତାଙ୍କ ଉପନ୍ୟାସ ଗୁଡ଼ିକ ଗଢ଼ି ଉଠିଛି ।

ନରସିଂହ ମିଶ୍ର ଇଂରାଜୀ ସାହିତ୍ୟର ଅଧ୍ୟାପକ ଓ ସାମାଜିକ ସେବା ଓ ସଙ୍ଗଠନ କାର୍ଯ୍ୟରେ ଜଡ଼ିତ ରହି ମଧ୍ୟ କୋଡ଼ିଏରୁ ଅଧିକ ଉପନ୍ୟାସ ରଚନା କରିଛନ୍ତି । ତାଙ୍କ ଅଜସ୍ର ସୃଜନ ଲେଖନୀରୁ ଓଡ଼ିଆର ପଲ୍ଲୀଜୀବନରୁ ଆରମ୍ଭକରି ସମସାମୟିକ ନାଗରିକ ଜୀବନର ସମସ୍ୟା ପର୍ଯ୍ୟନ୍ତ କୌଣସି କଥାକୁ ବାଦ ଯାଇନାହିଁ । ତାଙ୍କର ବିବରଣ ମୂଳକ ବର୍ଣ୍ଣନା ଶୈଳୀଧର୍ମୀ ସ୍ଥୂଳତା ଓ ଚରିତ୍ର ବିଶ୍ଳେଷଣରେ ଅନ୍ତର୍ଦୃଷ୍ଟିର ଅଭାବ ଓ ସ୍ୱଚ୍ଛତାର ଆଦର୍ଶବାଦୀ ଦୃଷ୍ଟି କୋଣ ମଧ୍ୟରେ ହିଁ ଏତ ତାଙ୍କ ଉପନ୍ୟାସ ଗୁଡ଼ିକର ଦୁର୍ବଳତାମାନ ସ୍ପଷ୍ଟ ହୋଇଅଛି । ତାଙ୍କର ଅତ୍ୟାଧୁନିକ ଉପନ୍ୟାସ 'ସ୍ୱର୍ଣ୍ଣକଳସ'ରେ ବର୍ଣ୍ଣନା, ସେମାନଙ୍କ ଉଚ୍ଚଆଦର୍ଶବାଦ ସେବାଚେତ ଶିକ୍ଷାନ୍ତର ଓ ସଂସ୍କୃତ ମନ୍ତ୍ରୀ ଅତି ଶିକ୍ଷିତା ନାୟିକାର ଚରିତ୍ର ମଧ୍ୟରେ ବାସ୍ତବତା ଅଭାବରେ । ମାତ୍ର ଏସବୁ ଲେଖକଙ୍କର ଗଭୀର ଅନୁଭୂତିରହିତ ସଂଳାପ ଦୋଷଯୁକ୍ତ ବୋଧହୁଏନାହିଁ । ଅଧିକ ବିବରଣ ଓ ଆଙ୍ଗିକଗତ ଗଠନରେ ଶୈଥିଲ୍ୟ ସତ୍ତ୍ୱ ନରସିଂହଙ୍କ ଉଦ୍ଦେଶ୍ୟଧର୍ମୀ ଉପନ୍ୟାସଗୁଡ଼ିକ ସାଧାରଣ ପାଠକଙ୍କ ଲୋକପ୍ରିୟତା ଅର୍ଜନ କରିପାରେ ।

ବିଜ୍ଞାନ ବିଷୟରେ ଉପନ୍ୟାସ ରଚନାରେ ରସାୟନ ଅଧ୍ୟାପକ ଗୋକୁଳାନନ୍ଦ ମହାପାତ୍ର ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । ବୈଜ୍ଞାନିକ ତଥ୍ୟର ଆଧାରରେ ରଚିତ 'ପୃଥିବୀ ବାହାରେ ମଣିଷ' ଚନ୍ଦ୍ରର ମୃତ୍ୟୁ, କୃତ୍ରିମ ଉପଗ୍ରହ ଆଦି ଉପନ୍ୟାସରେ ରୋମାଞ୍ଚଧର୍ମୀ କାହାଣୀର ଉପସ୍ଥାପନା ସଙ୍ଗେ ସଙ୍ଗେ ବୈଜ୍ଞାନିକ ଦୃଷ୍ଟିରେ ରଚିତ ଏକ ଆଦର୍ଶ ସମାଜର ଚିତ୍ର ପରିକଳ୍ପିତ ହୁଏ ।

ମହାପାତ୍ର ନୀଳମଣି ସାହୁ (୧୯୨୬) ସୁଧର ଉଚ୍ଚକୋଟୀର ହାସ୍ୟରସାଶ୍ରିତ କାହାଣୀ ରଚନାରେ ନିଜର ସଫଳତା ଲାଭ ସଙ୍ଗେ ସଙ୍ଗେ 'ଧର ଓ ଧାର' 'ତାମସୀରାଧା' ଆଦି କେତୋଟି ଉପନ୍ୟାସ ମଧ୍ୟ ରଚନା କରିଛନ୍ତି । ତାଙ୍କର ଉପନ୍ୟାସ ଗୁଡ଼ିକ ମୁଖ୍ୟତଃ କାହାଣୀଧର୍ମୀ । କଥା-ବସ୍ତୁର ସଂଗଠନ, ଘଟଣାବଳୀର ଚରିତ୍ରବର୍ଣ୍ଣନ ଓ ନାୟକ ନାୟିକାଙ୍କର ଚରିତ୍ର ଚିତ୍ରଣରେ ତାଙ୍କର ନିପୁଣତାର ଅଭାବ ନଥିଲେ ହେଁ ଆକସ୍ମିକତା, ରୋମାନ୍ସ ସୁଲଭ ଅତି ଔତ୍ସୁକ୍ୟ ପ୍ରବଣତା ତାଙ୍କ ଉପନ୍ୟାସଗୁଡ଼ିକୁ ସାଧାରଣ ପାଠକଙ୍କ ନିକଟରେ ଉଚ୍ଚକୋଟୀର କଲେହେଁ ବିଦଗ୍ଧ ପାଠକଙ୍କଠାରେ ଗ୍ରହଣୀୟ ହୋଇ ନପାରେ ।

**ପରମେଶ୍ୱର ମିଶ୍ର** (୧୯୨୭)—କର୍ଣ୍ଣପୁର (ଆଠମଲ୍ଲିକ)ରେ ଜନ୍ମଗ୍ରହଣ କରିଥିଲେ । ୧୯୬୭ ଆଠମଲ୍ଲିକର ମହେନ୍ଦ୍ର ଉଚ୍ଚବିଦ୍ୟାଳୟରେ କଳାଶିକ୍ଷକ ଭାବରେ ଅବସ୍ଥାନ କରିଛନ୍ତି । ଏକଦା ଶାନ୍ତିନିକେତନରେ [୧୯୫୫-୫୯] କଳାଭବନର ଛାତ୍ରଥିଲେ । ଶିଶୁ କାହାଣୀ ଓ ଗୋଇନ୍ଦାଗଳ୍ପ ରଚନାରେ ତାଙ୍କର ବିଶେଷ ଆଗ୍ରହ ଓ ଆଧିପତ୍ୟ ଦେଖିବାକୁ ମିଳେ । ପ୍ରାୟ ୩୦ଖଣ୍ଡ ଗୋଇନ୍ଦା ଉପନ୍ୟାସ ୧୯୬୦ ପର୍ଯ୍ୟନ୍ତ ପ୍ରକାଶ କରିଛନ୍ତି । ଏଥି ମଧ୍ୟରେ H. G. Wellsଙ୍କର Invisible man ଗ୍ରନ୍ଥଦ୍ୱାରା ଲିଖିତ 'ଅଦୃଶ୍ୟ ଶିକାରୀ' ଅନ୍ୟତମ । ମାତ୍ର ଷଷ୍ଠଦଶକରେ ପ୍ରକାଶିତ 'ଜମାଣ୍ଡ' ଓ 'ଗଉଁଟିଆ' ଆଞ୍ଚଳିକ ଉପନ୍ୟାସ ଭାବରେ ବୈଶିଷ୍ଟ୍ୟର ଅଧିକାରୀ । ଲେଖକଙ୍କ କଥାରେ କହିଲେ ଉକ୍ତ ଉପନ୍ୟାସ ଲେଖି ହାଲିଆ ହେବାବେଳେ କିଛି ଜାଣି ହୋଇବା ଭଳି ବସ୍ତୁ, ଅତୀତ ଲାଗିରହିଥିବା, ଆଖିରେ ଦେଖିଥିବା, ବନ୍ଧୁ ମହଲ ଭଳି ଠାଟରୁ ଶୁଣିଥିବା ଘଟଣା ଗୁଡ଼ିକୁ ଛିଆଳରେ ରଖି କିଛି ଲେଖିବାକୁ ଚେଷ୍ଟା କରିଛନ୍ତି । ଏହି ଚେଷ୍ଟାର ଫଳସ୍ୱରୂପ 'ଜମାଣ୍ଡ' ଓ 'ଗଉଁଟିଆ'ର ସୃଷ୍ଟି । ପଶ୍ଚିମ-ଓଡ଼ିଶାର ମେହେନତି ଜନତାର ଜୀବନଶୈଳୀ, ସାମାଜିକ ସଂସ୍କାର, ଉତ୍ସବ ଅନୁଷ୍ଠାନର ପୃଷ୍ଠଭୂମି ଉପରେ ଗଉଁଟିଆଙ୍କର ଗ୍ରାମ୍ୟ ମଧ୍ୟବିତ୍ତ ଜୀବନର ଚିତ୍ର ଅଙ୍କିତ । ଏଥିରେ ସେ ଯୁଗର ଦେଶୀୟ ଅଞ୍ଚଳର ପ୍ରାଞ୍ଜଳଭାବେ ବର୍ଣ୍ଣିତ । ଦେବାନ୍ ବାବୁଙ୍କ କୌଶଳପୂର୍ଣ୍ଣ, ମଧୁସୂଦନବାବୁଙ୍କ ମଦ୍ୟସେବନ,

ବନ୍ଧ ଅଞ୍ଚଳର ଧୂମପାନ, ହାଣ୍ଡି ଦେଖା, ବିଶେଷ ମନ୍ୱନ୍ତରକାଳରେ ମଧ୍ୟବିତ୍ତ ସମାଜର ଆର୍ଥିକ ଦୁର୍ଗତି ଅବସ୍ଥାର ଓ ନୈତିକତାର ଦୁର୍ବଳତାର ଚିତ୍ର ଅଙ୍କନରେ ସେ ମଧ୍ୟ ସମର୍ଥ ହୋଇଛନ୍ତି । ୧୯୭୦ ପରେ ସେ ମୌଳିକ ଓଡ଼ିଆ ଉପନ୍ୟାସ ଲେଖନରୁ ପ୍ରାୟ ବିରତ ରହିଛନ୍ତି । ମାତ୍ର ନିଜ ଓଡ଼ିଆ ଉପନ୍ୟାସ ଗୁଡ଼ିକର ସଂକ୍ଷିପ୍ତସାର ଇଂରେଜୀରେ ପ୍ରକାଶ କରିବାପାଇଁ ସେ ଉଦ୍ୟମ କରିଛନ୍ତି । ଆଟଲାଣ୍ଟିକ ବାଣୀଭବନରୁ ୧୯୬୩ରେ ଗଙ୍ଗଶିଉଳିର ଇଂରେଜୀ ଅନୁବାଦ ପ୍ରକାଶ ପାଇଅଛି । ଏହାର ମୁଖବନ୍ଧରେ ଗୋପୀନାଥ କାନୁନ୍‌ଗୋଙ୍କ ଅଙ୍କିତ ଛବିଟିର ସଂଜ୍ଞାତର ଅଭାବ ମୂଳକରେ ବେଦନାବିଦ୍ଧ ଦାରିଦ୍ର୍ୟ ନିପୀଡ଼ିତ ସାଧାରଣ ଜୀବନର ଆବେଦନ ସ୍ୱରଲିପି ଉଦ୍ଭାସିତ ହୋଇଅଛି । ସମାଲୋଚକଙ୍କର ସାର୍ଥକତାର ତାରିଫ କରି ସୁରେନ୍ଦ୍ର ମହାନ୍ତି ସମର୍ଥନରେ କହିଅଛନ୍ତି—"ଦୃଢ଼ଚିତ୍ତ ପୂର୍ଣ୍ଣାଙ୍ଗ ଉପନ୍ୟାସ ଲେଖିବାରେ ସମସ୍ତଙ୍କ ଠାରୁ ନୀରବ ହୋଇଯାଇଥିବା ଓଡ଼ିଆ ଉପନ୍ୟାସର ଦୁର୍ଭାଗ୍ୟ" ।

**ଶୁକଦେବ ସାହୁ** (୧୯୨୭)—କଟକ ଜିଲ୍ଲାର ଧୂମାଟ ଗ୍ରାମରେ ଜନ୍ମ । ୧୯୪୫ରୁ କଲିକତାରେ ଏକ ବଙ୍ଗଳୀ ବ୍ୟବସାୟୀ ଅନୁଷ୍ଠାନରେ କର୍ମଜୀବନ ଆରମ୍ଭ କରିଥିଲେ ଓ ୧୯୫୦ ପର୍ଯ୍ୟନ୍ତ କଲିକତାର ପ୍ରବାସୀ ଓଡ଼ିଆ ଆନ୍ଦୋଳନ ସହିତ ଘନିଷ୍ଠ ଭାବରେ ସଂପୃକ୍ତ ଥିଲେ । ୧୯୫୦ରୁ ସେ କଟକରେ ପୁସ୍ତକ ବ୍ୟବସାୟ ସହିତ ସଂପୃକ୍ତ । ୧୯୫୯ରୁ ସେ ମଧ୍ୟରେ 'ନବକଳି', 'ସ୍ୱପ୍ନ ଓ ଦୁଃସ୍ୱପ୍ନ' 'ଝରଣା ଝରେ', ପରବାସୀ, କଜ୍ଜଳବାହୁଲା, ମନର ମୋନାଲିସା' ମନପଡ଼ିଣୀ କାଠେ, ଭ୍ରିମ୍ବା ଓ ଟଙ୍କଥ୍ୟା, ଆଉ ଓ କନକଟ୍ଟିମ୍ମ ଉପନ୍ୟାସ ମାନ ପ୍ରକାଶିତ । ଶୁକଦେବଙ୍କର ଉପନ୍ୟାସଗୁଡ଼ିକରେ ଗ୍ରାମ ଜୀବନର ମୋହମୟ ଚିତ୍ର ଅଙ୍କିତ । ଗାଁ ମାଟିର ନିଆଳ ସବୁଜବନ, ନଦୀନାଳ ବାଉଁଶ ବଣ, ଆମ୍ବତୋଟା ! ଏସବୁ ଭିତରେ ଗ୍ରାମୀଣ ନାୟକନାୟିକାର ଆଶା ଓ ଆକାଂକ୍ଷା ଅନ୍ୟ ଦିଗରେ ଗ୍ରାମ୍ୟ ଚକ୍ରାନ୍ତ ଭରିଥିବା ସ୍ଥାନରେ ଅଶାନ୍ତିଦାୟକ ଏହି ଶୁକଦେବଙ୍କର ଉପନ୍ୟାସ ଗୁଡ଼ିକୁ ଉପଭୋଗ୍ୟ କରିଥାଏ । ଗଳ୍ପ ଗଠନର ଜଟିଳ ବିନ୍ୟାସ ଓ ସୃଷ୍ଟି ଶୁକଦେବଙ୍କ ଉପନ୍ୟାସ ଗୁଡ଼ିକରେ ନୂତନତ୍ୱ ଆଣିଅଛି । ଏହି ଦୃଷ୍ଟିରୁ

ତାଙ୍କର ଉପନ୍ୟାସଗୁଡ଼ିକୁ 'ନଭେଲ୍' ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇପାରେ । ଶୁକଦେବଙ୍କର ସର୍ବୋତ୍ତମ ସୃଷ୍ଟି 'ଅଗ୍ନିମୁଖର କାହାଣୀ (୧୯୭୯) ଧୂମାଭ୍ ଓ ଇନ୍ଦ୍ରଧନୁର ହୋଇଛି ଗ୍ରାମର ଜୀବନର ବାସ୍ତବ ଚିତ୍ର ଓ ଅଶାନ୍ତ ଇତିହାସକୁ କେନ୍ଦ୍ରକରି ରଚିତ । ବାସ୍ତବ ଅନୁଭବ ଓ ମନୋଜ୍ଞଶୈଳୀ ଶୁକଦେବଙ୍କ ଉପନ୍ୟାସର ସାର୍ଥକତା ।

( ୭ )

ସୃଜ୍ୟମାନ ଉପନ୍ୟାସ ସାହିତ୍ୟର ଜଗତ ନବନବ ପ୍ରେରଣାରେ ପ୍ରାଣବନ୍ତ । ଏକ ଏକ ଦଶକର ପାଠକଙ୍କ ରୁଚି ଓ ସୁବିଧା ପୂରଣରେ ପ୍ରସାରଣଶୀଳ ଓ ଅନ୍ୟ ଦଶକର ନବନବ ପ୍ରୟୋଗ ଓ ପରୀକ୍ଷାରେ ବିସ୍ତୃତିକର ପ୍ରାନ୍ତରେଖାମାନଙ୍କରେ କୌଣସି ଏକକ ସ୍ରଷ୍ଟାଙ୍କ ପ୍ରତିଭାର ପରିପୂର୍ଣ୍ଣ ମୂଲ୍ୟାୟନ ଅସମ୍ଭବ । ସେତେ ଦେଶରିକ ସୃଜ୍ୟମାନ ଉପନ୍ୟାସର ତଥା ଏକାଧିକ ଅଧିକୃତିର ସମାହାର, ଯାହାର ପ୍ରାରମ୍ଭ ବା ପରିସମାପ୍ତି କୌଣସିର ସୀମାନିର୍ଦ୍ଦେଶ ଅସମ୍ଭବ । ତେଣୁ ଲେଖକ ବିଶେଷଙ୍କର ସମୀକ୍ଷାରେ ପ୍ରବୃତ୍ତ ନହୋଇ ଉପନ୍ୟାସ ଜଗତରେ ପରିଚୟ ପ୍ରସଙ୍ଗରେ କେତୋଟି ବିଶେଷ ସୃଷ୍ଟିର ଅନୁଶୀଳନ କରାଯାଇପାରେ ।

ଆଧୁନିକ ଯୁଗରେ ସାମ୍ୟ ଓ ସମାନତା ଭିତ୍ତିରେ ବିକଶିତ ଲେଖକ ଓ ଲେଖିକାଙ୍କର ବ୍ୟକ୍ତିଜୀବନର ବିକାଶ ଦେଖିଲେ ଦୃଷ୍ଟିରୁ କୌଣସି ଲେଖିକାଙ୍କର ସ୍ୱାତନ୍ତ୍ର୍ୟ ବିଚାର ହେବା ଅନାବଶ୍ୟକ । ତଥାପି ଓଡ଼ିଆ ସାହିତ୍ୟର ଇତିହାସର କୁନ୍ତଳାକୁମାରୀଙ୍କ ପରେ ଔପନ୍ୟାସିକା ଭାବରେ ବସନ୍ତ କୁମାରୀ ପଟ୍ଟନାୟକ (୧୯୧୭) ଗୁଣାତ୍ମକ ଦୃଷ୍ଟିରୁ ଓଡ଼ିଆ ଉପନ୍ୟାସକୁ ସମୃଦ୍ଧ କରିଥିବାର ସ୍ୱୀକୃତି ପାଇଛନ୍ତି । ନିଜର 'ଅମଡ଼ାବାଟ' (୧୯୪୧) ଓ ଚୋରାବାଲି (୧୯୬୬) ଉପନ୍ୟାସ ଦୁଇଟିରେ ଏକ ଉପନ୍ୟାସ ଦୁଇଟିର ମହତ୍ତ୍ୱ ହେଉଛି ମାୟା ଓ କାମବଶ ଅଜାତ ବିରୋଧୀ

ଦୁଇଟି ନାରୀ ଚରିତ୍ରର ସମାବେଶ ଓ ନବମୂର୍ତ୍ତି ବିକାଶ । ମଧ୍ୟଶ୍ରେଣୀ ମନୋଭାବକୁ ଭିତ୍ତିକରି ଉପନ୍ୟାସଟି ରଚିତ । ସହରର ପରିବେଶରେ ଓକିଲ ଟୀକାମ୍ବର ବାବୁଙ୍କର ପରିବାର । ଅଳଅଳିଆ ମାଣ୍ଡୁ ଓ ବଧୂ କାବେଶ୍ୱ । କାବେଶ୍ୱ ଶୁଣିଛି ଡାକ୍ତର ସ୍ୱାମୀକୁ ସେବା କରି ସ୍ୱତନ୍ତ୍ର ସୁଖର ସଂସାର ରଚନା କରିବା ପାଇଁ । ମାତ୍ର ମାଣ୍ଡୁ ଭେଗୋଟି ଶିଶୁ ପରିଜନଙ୍କ-ଦ୍ୱାରା ପରିବେଷ୍ଟିତ ହୋଇ କାବେଶ୍ୱର କେତେ ସୁଖର ଆଶା ସେମାନଙ୍କ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଇଛନ୍ତି । ମାଣ୍ଡୁର ଚରିତ୍ର କ୍ରମଶଃ ଉଦାରତା ଓ ଶାନ୍ତିରେ ମହନୀୟ ହୋଇ ଉଠିଛି । ସେତେବେଳେ ତାର କୁମାରୀ ଜୀବନର ଅବସାନ ଘଟିଛି ଓ ସେ ହୋଇଛି ଏକ ଅସହାୟ ପରିବାରର ବଧୂ । ଶାଶୁଙ୍କ ଚିକିତ୍ସାପାଇଁ ସେ ନିଜ ହାତରୁ ଅଳଙ୍କାର ଖୋଲିଦେଇଛନ୍ତି ଅସହାୟ ସ୍ୱାମୀ ଶଶିଭୂଷଣଙ୍କ ହାତରେ । ଏକଦିଗରେ ରୁଗ୍ଣ ପିତା ଅନ୍ୟ ଦିଗରେ ରୁଗ୍ଣ ଶାଶୁ । ଏକଦିଗରେ ବାପଘର ଅନ୍ୟଦିଗରେ ଶ୍ୱଶୁର ଘର । ଦୁଇଆଡ଼େ ଜୋର ଲାଗିଛି କାହାକୁ ଛାଡ଼ିବ, କିଏ ତା ପାଖରେ ବଡ଼ ? ଏହି ପ୍ରଶ୍ନବାଚକ ମଧ୍ୟରେ ଅନନ୍ତାବାଳର ଶେଷ ହୋଇଛି ଓ ଦ୍ୱିତୀୟସ୍ତର 'ଶେଷବାଳି' ଆରମ୍ଭ ହୋଇଛି ସେତେବେଳେ ତା ଆସିଛି ଲୁହ ବନ୍ଦ-କରିବାପାଇଁ ବୁଝାଇ ବସିଛନ୍ତି ତାର ଶାଶୁ । ମାଣ୍ଡୁକେନ୍ଦ୍ରିକ ଶଶିଭୂଷଣଙ୍କ ପରିବାର ଓ କାବେଶ୍ୱ କେନ୍ଦ୍ରିକ ଟୀକାମ୍ବରର ପରିବାର ମଧ୍ୟରେ ଏକ ସମାନ୍ତରାଳ ରେଖାଟାଣି ଶେଷବାଳାର ଲେଖିକା ବୁଝାଇଛନ୍ତି ବ୍ୟକ୍ତି-କେନ୍ଦ୍ରିକ ଆପାତଃ ସୁଖ ମଧ୍ୟରେ ହିଁ ଥାଏ ନିଃସଙ୍ଗତା, ବ୍ୟର୍ଥତା ଓ ଅତୃପ୍ତିର ଜ୍ୱାଳା । ବସନ୍ତ କୁମାରୀଙ୍କର ସାଫଲ୍ୟ ତାଙ୍କର ଧ୍ରୁପଦ ସାବଲୀଳ ଭାଷା ଶୈଳୀରେ, ଚରିତ୍ର ଗୁଡ଼ିକର ପରିପୂର୍ଣ୍ଣ ଆତ୍ମିକ ବିକାଶରେ ସବୁଠାରୁ ବେଶୀ ପରିସ୍ଫୁଟ । ବୃଦ୍ଧ ପିତା, ବୃଦ୍ଧା ଶାଶୁ କିମ୍ବା ଚଞ୍ଚଳ ଶିଶୁ ଝିଅଝିଅଁଙ୍କ ଯେ କୌଣସି ଚରିତ୍ର ଲେଖିକା ଫୁଟାଇଛନ୍ତି—ସେ ସବୁ ସେପରି ବାସ୍ତବ ସେହିପରି ଜୀବନ୍ତ ହୋଇଉଠିଅଛି । ଉଭୟ ଆନନ୍ଦାଶ୍ରୁ ଓ ବେଦନାଶ୍ରୁଳିପ୍ତ ମୁହୂର୍ତ୍ତ ଅଙ୍କନରେ ଲେଖିକାଙ୍କର ଶିଳ୍ପୀ ସୁଲଭ ବ୍ୟକ୍ତିତ୍ୱର ପରିଚୟ ମିଳେ ।

**ଶ୍ରୀମତୀ କୁନ୍ତଳା କୁମାରୀ ଆଚାର୍ଯ୍ୟ**—(୧୯୩୭) ପୁରୀର ଏକ ଅଭିଜାତ ପରିବାରରେ ଜନ୍ମ । ସମାଜସେବୀ, ନାଟ୍ୟନେତ୍ରୀ ହିସାବରେ

ସାହିତ୍ୟ ସଂସଦର ଅଧିକାରିଣୀ । ଦୀର୍ଘବର୍ଷରୁ ଓଡ଼ିଶା ପ୍ରଦେଶ କଂଗ୍ରେସର ସମ୍ପାଦିକା (୧୯୭୬) ଭାବରେ ରାଜନୀତିରେ ପ୍ରବେଶ । ବହୁଜନକଲ୍ୟାଣ ମୂଳକ ସଂସ୍ଥା ସହିତ ଜଡ଼ିତ ରହି ଦେଶ ସେବାରେ ଅତନ୍ଦ୍ର ଭାବରେ ବ୍ରତୀ ରହିଛନ୍ତି । ସାହିତ୍ୟ ତାଙ୍କ ବହୁମୁଖୀ କର୍ମ ଜୀବନର ଏକ ଆଂଶିକ ଅଭିବ୍ୟକ୍ତି । କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ମାଧ୍ୟମରେ ସେ ଆଧୁନିକ ଜୀବନର ବାସ୍ତବ ପରିବେଶ ସହିତ ନିଜ ନିବିଡ଼ ଅନୁଭୂତିର ଚିତ୍ର ଅଙ୍କନ କରିଛନ୍ତି । ତାଙ୍କର ଉଲ୍ଲେଖଯୋଗ୍ୟ କୃତି 'ଅଚିନ ମେଘ' (ବିଦ୍ୟାପୁରୀ ପ୍ରକାଶ ୧୯୭୬) ଏକାଧିକ ସଂସ୍କରଣରେ ପ୍ରକାଶିତ । ଜନକାଜ ଭ୍ରମେ ଏହି ଉପନ୍ୟାସଟି ସ୍ୱଷ୍ଟତେ ପୁରସ୍କାର ପ୍ରାପ୍ତ । ଅଚିନମେଘର କାହାଣୀ ଚଳିଷ୍ଣୁକ । ତେବେ ଏହା ଆଧୁନିକ ଜୀବନର ସଙ୍କଟରୁ ମୁକ୍ତ ନୁହେଁ । ଲେଖିକାଙ୍କ ନିଜର ଉକ୍ତି ସ୍ମରଣୀୟ । ବଂଶଧରଙ୍କର ସର୍ବଶ୍ରେଷ୍ଠ ପ୍ରଗତିବାଦୀ ଯୁଗର ନୂତନ ଆନୁଗତ୍ୟ ଯେଉଁ ବିଭ୍ରାନ୍ତ ସମସ୍ୟା ସୃଷ୍ଟି କରିଛି, ତାହାର ବିକଳ୍ପ କଳ୍ପନା ବହିର୍ଗତ ବାସ୍ତବବସ୍ତୁ । ସାହିତ୍ୟ ପ୍ରତିଫଳିତ ଜୀବନର ଅନ୍ତିମ ଚେଷ୍ଟା ନୁହେଁ, ଏହା ନୂତନ ଜୀବନର ଜୀବନୀ ।" ଏହି ନୂତନ ଜୀବନର ଚିତ୍ର ଲାଗିଛି ବାଳବିଧବା ଅନୁ, ଅଶିକ୍ଷ କଲାଣୀ ଚମ୍ପକ, ଗ୍ରାମସେବିକା ହେମାଙ୍ଗିନୀ ପ୍ରଭୃତିଙ୍କଠାରୁ ଗ୍ରାମ ସରପଞ୍ଚ ନନ୍ଦନିଧି ଦାସ ମହାପାତ୍ର ଓ ଗ୍ରାମର ପ୍ରଗତିଶୀଳ ଯୁବକର ପ୍ରତିନିଧି ମଧୁସୂଦନ । ଏକା ଡାକ୍ତରୀଙ୍କଠାରୁ ଗାଁ ଟାଉଟର ସଦୁବାବୁଙ୍କ ପର୍ଯ୍ୟନ୍ତ । ଉପନ୍ୟାସର ଗଠନରେ ଭିନ୍ନ ପ୍ରତିଷ୍ଠାନରେ ପ୍ରେମର ତ୍ରିଭୁଜ କଳ୍ପିତ । 'ସାନ୍ତା, ସୁରେଶ, ଚମ୍ପକ ଅଳକା ସୁରେଶ, ସାନ୍ତା—ଚମ୍ପକ, ସୁରେଶ, ଅଳକାଙ୍କ ମଧ୍ୟରେ ଗଢ଼ି ଉଠିଛି ଆଶା, ନୈରାଶ୍ୟ, ମିଳନ ବିଚ୍ଛେଦ ଆଲୋକ ଅନ୍ଧାରର ସ୍ପନ୍ଦିତ । ପୁଣି ଦେଶ-ସେବା ବର୍ଣ୍ଣନା ଏଥିରେ ଉପନ୍ୟାସଟି ନିର୍ଦ୍ଦିଷ୍ଟ ମଣ୍ଡିତ । ଆଧୁନିକ ନାଗରିକ ଜୀବନର ଏକ ଚିତ୍ର ଓଡ଼ିଶାର ସମତଳ ଅଞ୍ଚଳର ତଥାକଥିତ ପ୍ରଗତିଶୀଳ ଗ୍ରାମ ଓ ଅନ୍ୟ ଦିଗରେ ସେ ପାର୍ବତ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅପେକ୍ଷାକୃତ ଶାନ୍ତସମାହିତ ପରିବେଶ । ଉପନ୍ୟାସର ନାୟକ ସୁରେଶଙ୍କ ଜୀବନର ଦର୍ଶନ "ବାସନା ବିନାଶରେ ବିକାଶ ଅସମ୍ଭବ, ବରଂ ମରଣରେ ହିଁ ଈଶ୍ୱର" । କିନ୍ତୁ ଶେଷ ପର୍ଯ୍ୟନ୍ତ ବାସନା ବିକାରଗ୍ରସ୍ତ ସୁରେଶ ସମସ୍ତ ବିକାରର ଊର୍ଦ୍ଧ୍ୱକୁ ଉଠିଛନ୍ତି ଓ

ଏହି ଉଦ୍‌ବର୍ତ୍ତନର ମୂଳସାକ୍ଷୀ ରୂପେ ଦଣ୍ଡାୟମାନ ଚମ୍ପକ ସ୍ମୃତି ଅବୈଧ ପ୍ରଣୟରୁ ଜନ୍ମ ନେଇଥିବା ରେଖା । ଉପନ୍ୟାସଟି ବିୟୋଗାନ୍ତ, ଯଦିଓ ଏକ ଆକସ୍ମିକ ମିଳନର ବେଦନାତୁର ମୁହୂର୍ତ୍ତରେ ଲେଖିକା ଉପନ୍ୟାସର ଯବନିକା ଟାଣିଛନ୍ତି । କୁନ୍ତଳାକୁମାରୀଙ୍କର ଲେଖନଶୈଳୀ ସରସ ଓ ସାବଲୀଳ, ବର୍ଣ୍ଣନା ସଂକ୍ଷିପ୍ତ ଓ କାହାଣୀର ଉପଯୁକ୍ତ । ବିଶେଷ ଭାବରେ ନାରୀମାନଙ୍କ ମୁଖର ସଂଳାପ ରଚନାରେ ଲେଖିକା ବହୁ ସ୍ଥଳରେ ସ୍ୱାଭାବିକ ସରସତା ଫୁଟାଇବାକୁ ସମର୍ଥ ହୋଇଛନ୍ତି । ମହତ୍‌ଶିଳ୍ପସୃଷ୍ଟିର ସମସ୍ତ ସମ୍ଭାବନା ସତ୍ତ୍ୱେ ଔପନ୍ୟାସିକ ଗଠନପାଟବ, ଉଦାର କଳ୍ପନା ଓ ମହତ୍ତର ଜୀବନର ବିପୁଳତର ଅଙ୍କନରେ ସମର୍ଥ ହୋଇନାହାନ୍ତି । ହୁଏତ ଏହା ଲେଖିକାଙ୍କର ଏକ ପ୍ରାଥମିକ ପ୍ରୟାସ । ଏହାର ସ୍ୱୀକୃତି ତାଙ୍କୁ ମହତ୍ତର ସୃଷ୍ଟିର ପ୍ରେରଣା ଦେବ ବୋଲି ଆଶା କରାଯାଏ ।

ଶ୍ରୀମତୀ ପ୍ରତିଭା ରାୟ, ଜନ୍ମ ୧୯୪୩ ବାଲିକୁଦା, କଟକ । ଶିକ୍ଷାବିତ୍ (ରେଭେନ୍ସା କଲେଜର ପ୍ରଶିକ୍ଷଣ ବିଭାଗର ଅଧ୍ୟାପିକା) ଶିକ୍ଷା ମନସ୍ତତ୍ତ୍ୱ ତାଙ୍କ ଗବେଷଣାର ବିଷୟ । ପିତା ପ୍ରଧାନ ଶିକ୍ଷକ ସ୍ୱର୍ଗତ ପରଶୁରାମ ଦାସ ଥିଲେ ତାଙ୍କ ସାହିତ୍ୟିକ ପ୍ରେରଣାର ଉତ୍ସ । ଛାତ୍ରୀ ଜୀବନରୁ କବିତା ଓ ସାମୟିକ ପତ୍ର ପତ୍ରିକାରେ କ୍ଷୁଦ୍ରଗଳ୍ପ ଆଦି ତାଙ୍କର ପ୍ରକାଶ ପାଇଥିଲା । ଷଷ୍ଠ ଦଶକର ଓଡ଼ିଆ ଉପନ୍ୟାସର ବିବର୍ତ୍ତନସ୍ରୋତରେ ତାଙ୍କର ଆବିର୍ଭାବ ଏକ ନୂତନ ପ୍ରବାହ ସୃଷ୍ଟି କରିଛି । ଏପର୍ଯ୍ୟନ୍ତ ୨୦ଟି ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ସେ ରଚନା କରିଛନ୍ତି । ସମଗ୍ର ଭାବରେ ସମାଜର ସୁଖଦୁଃଖ ଆଶା ଆକାଂକ୍ଷା, ତାଙ୍କ ଉପନ୍ୟାସର ଉପଜୀବ୍ୟ ହେଲେ ହେଁ ଆଧୁନିକ ସମାଜରେ ନାରୀଜୀବନର ବିଶେଷ ସମସ୍ୟା ଉପରେ ତାଙ୍କର ଉପନ୍ୟାସ ଗୁଡ଼ିକ ଆଲୋକପାତ କରିଥାଏ । ନାରୀଜୀବନର ମର୍ଯ୍ୟାଦା ଓ ସମାଜରେ ନାରୀର ସମାନ ଅଧିକାର ପ୍ରତିଷ୍ଠାପାଇଁ ଏକ ସଂଗ୍ରାମର ସ୍ୱର ତାଙ୍କର ଉପନ୍ୟାସରେ ଝଙ୍କୃତ । ପରିସ୍ଥିତିର ଦାସ ହେଲେ ହେଁ ତାହାର ଊର୍ଦ୍ଧ୍ୱକୁ ଉଠିବା ପାଇଁ ବ୍ୟକ୍ତିର ପ୍ରୟାସ ଓ ଏହି ପ୍ରୟାସ ଭିତରେ ପ୍ରତିଫଳିତ ବ୍ୟକ୍ତିହୃଦୟର ଅନ୍ତରଙ୍ଗ ଚିତ୍ର ଅଙ୍କନରେ ଲେଖିକା ନିଜ ସିଦ୍ଧ-ହସ୍ତତାର ପରିଚୟ ଦେଇଅଛନ୍ତି । ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ଦେଇ ସେ

ଚରିତ୍ରଗୁଡ଼ିକୁ ଜୀବନ୍ତ କରିପାରିଛନ୍ତି । ତାଙ୍କର କେତୋଟି ସ୍ମରଣୀୟ ଉପନ୍ୟାସ ହେଲା, 'ବର୍ଷା', ବସନ୍ତ, ବୈଶାଖ' (୧୯୭୪), ଅପରାଜିତା (୧୯୬୯) ଉପନାୟିକା (୧୯୬୯) ଅରଣ୍ୟ (୧୯୭୭) । ଏତଦ୍ଭିନ୍ନ ଧରଣର ପାଠକଙ୍କ ପାଇଁ ବିଶେଷ ଭାବରେ ନବସାକ୍ଷର ଲାଭ କରିଥିବା ପ୍ରୌଢ଼ ତଥା ଶିଶୁମାନଙ୍କପାଇଁ କେତେକ କ୍ଷୁଦ୍ର ଉପନ୍ୟାସ ଲେଖି ସେ ପ୍ରଶଂସିତ ହୋଇଛନ୍ତି । ଏହାଙ୍କ ଶୈଳୀ ମନୋଜ୍ଞ, ସହଜ ଓ ସ୍ୱତଃସ୍ଫୂର୍ତ୍ତ । ନାରୀ ମନର ଭାଷାକୁ ସେ ସାହିତ୍ୟରେ କୌଳିନ୍ୟ ଦେଇଛନ୍ତି । ଏହାହିଁ ତାଙ୍କ ନାରୀକେନ୍ଦ୍ରିକ ଉପନ୍ୟାସ ଗୁଡ଼ିକର ସାର୍ଥକତାର ଅନ୍ୟତମ କାରଣ । ନାରୀଜୀବନର ଅନ୍ତରଙ୍ଗ କାହାଣୀ ଅଙ୍କନରେ କୁନ୍ତଳା ଅଥବା ବସନ୍ତ-କୁମାରୀଙ୍କର ଦାୟାଦ ଭାବରେ ଶ୍ରୀମତୀ ପ୍ରତିଭାରାୟ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ନୂତନ ସମ୍ଭାବନାର ସୂଚନା ଦେଇଅଛନ୍ତି । ଦୃଶ୍ୟମାନ ଓଡ଼ିଆ ଉପନ୍ୟାସର ସମୃଦ୍ଧିର ସଂପ୍ରସାରଣରେ ତାଙ୍କର ଭବିଷ୍ୟତ ମହତ୍ତର ସୃଷ୍ଟି ସମୂହ ସହାୟକ ହେବ, ଏହା ନିଃସନ୍ଦେହ ।

ବହୁ ଚର୍ଚ୍ଚିତ ଉପନ୍ୟାସ "ବର୍ଷା ବସନ୍ତ ବୈଶାଖ"ରେ ଲେଖିକାଙ୍କର ଶୈଳୀ ଓ ଜୀବନଦର୍ଶନର ସୁନ୍ଦର ପରିଚୟ ମିଳେ । ବର୍ଷା ଭଳି ନିହାତି ଅବୁଝା ଝିଅ ସୁଲଗ୍ନା । 'ଝକାର ଚମ୍ପୁ ଭୁବନ୍ ସମାଜର ବଡଲୋକଙ୍କ କବଳରୁ ସୃଷ୍ଟିର ଅନାହତ ଅନାବିଳ ଧାରା ଜୀବନ୍ତ ରଖିବାପାଇଁ ମାତୃତ୍ୱ ଗର୍ବିଣୀ ଏହି ନାରୀର ମହାନତ୍ୱ ତଥା ପାଠକ, ଅମରେନ୍ଦ୍ର, ଦେବବ୍ରତ ଭଳି ପୁରୁଷ—"ସବୁଗୁଡ଼ିକ ଗନ୍ଧହୀନ କାଗଜ ଫୁଲ" ମଧ୍ୟରେ ସୁରଭି ସ୍ନିଗ୍ଧ ବର୍ଣ୍ଣବିଭାରେ ରଞ୍ଜିତ ହୋଇ ଉଠିଛି । ଉପନ୍ୟାସର କାହାଣୀ ଗତିଶୀଳ, ସଂଳାପ ଶାଣିତ । ପରିବେଶର ସ୍ୱାଭାବିକତା ରକ୍ଷିତ । ମାତ୍ର ପ୍ରାକୃତିକ ସୌନ୍ଦର୍ଯ୍ୟର ଉନ୍ମିଳନରେ, ଦେହଭୋଗ କାମ ଉତ୍ତେଜନାରେ କୌଣସି ମହତ୍ କଳାତ୍ମକ ଅଭିବ୍ୟକ୍ତି ଘଟିନାହିଁ । ଗଳ୍ପ ସ୍ୱାଭାବିକ ଗତି ବହୁ ଆକସ୍ମିକ ଘଟଣା ଦ୍ୱାରା ନିୟନ୍ତ୍ରିତ । ଆଦର୍ଶର ପୀଠରେ ନାୟକ ନାୟିକାଙ୍କ ଜୀବନ କିଞ୍ଚିତ ଅସ୍ୱାଭାବିକ ହୋଇଛି । ଏସବୁ ଦୁର୍ବଳତା ସତ୍ତ୍ୱେ ହୃଦୟର ଆବେଗିକ ସତ୍ତା ଉନ୍ମିଳନରେ, ଆଦର୍ଶର ବିକାଶରେ, ପରିସ୍ଥିତି

ପ୍ରକାଶରେ, ଘଟଣାର ଏହି ସ୍ୱାଭାବିକ ସମାବେଶ ମଧ୍ୟରେ ଅର୍ଦ୍ଧ ଉକ୍ତି ଭଳି ସଂକ୍ଷିପ୍ତ ବଚନ ବିନ୍ୟାସରେ ଲେଖିକାଙ୍କ ସୂକ୍ଷ୍ମଦୃଷ୍ଟି ପ୍ରତିଫଳିତ । 'ଭୁଲ୍ ନଥାଇ ବୋଧହୁଏ ନାରୀର ଜୀବନର ସ୍ଥିତି ନାହିଁ ।''—ଭୁଲଭ୍ରାନ୍ତିର ଆଧୁନିକ ନାରୀକୁ ଉଦାର ମହତ ଓ ସହବେଦୀକ କରିବା ପାଇଁ ଉପନ୍ୟାସଟିର ଅନ୍ତର୍ବେଦନ ସ୍ୱସ୍ୱଜରେ ମ୍ଳାନ ହେବାର ନୁହେଁ ।

ନାରୀ ଜୀବନର କାହାଣୀ ଯେମିତି ଦୁନ୍ତ ଲେଖକଙ୍କ ବହୁ ଉତ୍କୃଷ୍ଟ ଉପନ୍ୟାସ ଅନେକ ଲେଖିକା ଲେଖିଅଛନ୍ତି । ''ଓଡ଼ିଆ ଉପନ୍ୟାସ ସାହିତ୍ୟରେ କେତେଜଣ ନାରୀ ଔପନ୍ୟାସିକା'' ପ୍ରବନ୍ଧରେ ଶ୍ରୀମତୀ ହାରକାଦେବୀ ଏହିସବୁ ଉପନ୍ୟାସର ପରିଚୟ ଦେଇଅଛନ୍ତି । ପିତାମ୍ବରୀ ଦେବୀଙ୍କ କାନ୍‌ତ୍ରା ବାଲୁ ଶ୍ରୀମତୀ ଲବଙ୍ଗଲତା ଦେବୀଙ୍କର 'ମନର ମଣିଷ', କୁମୁଦଲତା ଦେବୀଙ୍କର 'ଅବକାମନ' ସୀତା ଦେବୀ ଖାଡ଼ଙ୍ଗାଙ୍କର 'ଅଗ୍ରଜ' ଶ୍ରୀମତୀ ସିଂବେଦ୍ରା ଦେବୀଙ୍କର 'ପାଲଟି' ଓ 'ପାଷାଣ ବୁକେ ହୃଦନ' କଳ୍ପନା କୁମାରୀ ଦେବୀଙ୍କର 'ଚେଉ' ଓ ଅମୂଲ୍ୟ କୁମାରୀ ଦେବୀଙ୍କର 'ତୋଫାନ-ପରେ' ପ୍ରଭୃତି ଉପନ୍ୟାସଗୁଡ଼ିକ ସ୍ମରଣୀୟ । ଏହି ନାରୀ ଲେଖିକାମାନଙ୍କର ଉପନ୍ୟାସଗୁଡ଼ିକ ସରଳ କାହାଣୀ, ପାରିବାରିକ ଜୀବନର ବାସ୍ତବତା, ନିପୀଡ଼ିତା ବଧୂ ଓ ଅସହାୟା ନାରୀର କରୁଣ ଆଲେଖ୍ୟ ଅତି ସରଳ ସହଜ ଭାଷାରେ ଅଙ୍କନ କରିଥାଏ । ପ୍ରାଚୀନ ଗ୍ରାମୀଣ ଜୀବନର ସରଳତା ସହିତ ଆଧୁନିକ ଧନୀ ଓ ସହର ଜୀବନର ଜଟିଳତା ଫୁଟାଇବାକୁ ଯାଇ ଉପନ୍ୟାସଗୁଡ଼ିକରେ ଦ୍ୱନ୍ଦ୍ୱ ଅବତାରଣା କରା ହୋଇଥାଏ । ଗରିବର ସନ୍ତାନ ଆତ୍ମଚେଷ୍ଟାରେ ଶିକ୍ଷିତ ହେବା ଓ ଧନୀଘର କନ୍ୟାର ପାଣିଗ୍ରହଣ କରିବା ବା ସହରର ଶିକ୍ଷିତ କନ୍ୟା ଗ୍ରାମଜୀବନରେ ସଂସ୍କାର ଓ ପରିବର୍ତ୍ତନ ପାଇଁ ଅଗ୍ରସର ହୋଇ ପାରମ୍ପରିକ କୁସଂସ୍କାରଗ୍ରସ୍ତ ସମାଜର ବନ୍ଧନରେ ପଡ଼ିବା ଦେଖାଯାଏ । ଅଥବା କେତେକ ସ୍ଥଳେ ଏକାଧିକ ନାରୀ ଜଣେ ପୁରୁଷର ପ୍ରଣୟପ୍ରାର୍ଥୀ ହୋଇ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା କରିବା ଅଥବା ପ୍ରଣୟ ଓ ପ୍ରଣୟରେ ବିଫଳ ହୋଇ ବନ୍ଦ୍ରମ ସାଜିବା ଭଳି ଘଟଣାର ଅବତାରଣା ଏଥିରେ ଦେଖିବାକୁ ମିଳେ । ନାରୀ ଲେଖିକାଙ୍କର ଉପନ୍ୟାସର ଆଉ ଏକ ଅତି ପରିଚିତ ବିଷୟ ହେଉଛି ଶାଶୁ ବୋହୂଙ୍କ ମଧ୍ୟରେ କଳି ଓ ଏହି ଅବସରରେ ପୁରୁଷର ଅସହାୟ ଅବସ୍ଥାର ବର୍ଣ୍ଣନା ।

( ୭ )

ଶୁନ୍ୟମାନ ଉପନ୍ୟାସ ଜଗତର ଏକ ବଡ଼ ଧର୍ମ ହେଉଛି ସାଧାରଣ ପାଠକଙ୍କ ମନରେ ଆନନ୍ଦ ଦେବା । ଏହି ଭାବରେ ରଚିତ ଉପନ୍ୟାସ ଗୁଡ଼ିକରେ ହୁଏତ ଅତି ସରଳ ପ୍ରଣୟକାହାଣୀ ଅଥବା ଗୋଏନ୍ଦାଙ୍କୁ ପ୍ରାଧାନ୍ୟ ଦିଆଯାଇଥାଏ । ଦୈନନ୍ଦିନ ଜୀବନ ସମ୍ପୃକ୍ତ ଏହି ସରସ ଓ ସୁଲଭ ଉପନ୍ୟାସ ଗୁଡ଼ିକୁ ନିଜର ସାମାନ୍ୟ ଅବସର ସମୟର ଉପଭୋଗ ନିମନ୍ତେ ସ୍ୱଳ୍ପ ଶିକ୍ଷିତ ପାଠକମାନେ କିଣିଥାନ୍ତି । କଲିକତାର ଶ୍ରମିକମାନେ ହୁଏତ ଏହାର ବଡ଼ ପାଠକ । ଏହି ବଜାରର ପ୍ରଣୟଧର୍ମୀ ଉପନ୍ୟାସ ଗୁଡ଼ିକର ଜଳାମୂଲ୍ୟ ସ୍ୱଳ୍ପ । ଜନପ୍ରିୟ ଉପନ୍ୟାସର ଲେଖକମାନେ ସାଧାରଣତଃ ଚର୍ଯ୍ୟାସୂଚାରୀ ଉପନ୍ୟାସ ଲେଖିଥାନ୍ତି । ଗୋଟିଏ ଉପନ୍ୟାସ ପାଠପରେ ଆଉ ଖଣ୍ଡିଏ ପଢ଼ିବାପାଇଁ ପାଠକଙ୍କୁ ଆକୃଷ୍ଟ କରନ୍ତି । ସାହିତ୍ୟର ଇତିହାସରେ ଏହି ଔପନ୍ୟାସିକମାନଙ୍କର ସ୍ଥାନ ଯାହା ହେଉନା କାହିଁକି ସମାଜ ଉପରେ ଏସବୁର ପ୍ରଭାବ କେତେ ଗଭୀର ତାହା ସ୍ୱତନ୍ତ୍ର ଗବେଷଣାର ବିଷୟ । ଏକ ପ୍ରକାର ଅହିଫେନ ଭଳି ହୁଏତ ଶ୍ରମଜୀବୀର କ୍ଳାନ୍ତି ଅପନୋଦନ ପାଇଁ ଏହାର ମୂଲ୍ୟ ଥାଇପାରେ, ଅନ୍ୟ ପକ୍ଷରେ ତରୁଣର ଅପୁଷ୍ଟମନକୁ ବିଭ୍ରାନ୍ତ କରିବାରେ ଏହି ଉପନ୍ୟାସର ଭୂମିକା ମଧ୍ୟ ଭାବି ଦେଖିବାର ବିଷୟ । ଡିଟେକ୍ଟିଭ ଉପନ୍ୟାସ ଲେଖି ଏକ ଦିଗରେ ଅର୍ଥଲାଭ କରିବା ଓ ଅନ୍ୟ ଦିଗରେ କୌଣସି ମହତ୍ ଆଦର୍ଶ ପାଇଁ କାର୍ଯ୍ୟ କରିବାର କେହି କେହି ଲେଖକଙ୍କୁ ଦେଖାଯାଏ । ମହତ୍ ଲକ୍ଷ୍ୟ ପୂରଣ ପାଇଁ ଗୋଇନ୍ଦା ଉପନ୍ୟାସ ରଚନା ଭଳି ଏକ ଅପେକ୍ଷାକୃତ କମ୍ ମନ୍ଦ ଉପାୟ ଏମାନେ ଗ୍ରହଣ କରିଥାନ୍ତି । ବିଦେଶୀ ସାହିତ୍ୟରେ କେହି କେହି ବଡ଼ ବଡ଼ କବି ଓ ବିପ୍ଳବୀଙ୍କୁ ଛଦ୍ମ ନାମରେ ଡିଟେକ୍ଟିଭ ଉପନ୍ୟାସ ଲେଖିଥିବାର ଦେଖାଯାଏ । ଓଡ଼ିଆରେ ଶ୍ରୀ ଜଗେଶ୍ୱର ମିଶ୍ର ବଜାରିଆପାଇଁ ଅର୍ଥ ଲାଭ ଆଶାରେ ଏକଦା ବହୁ

ଡିଟେକ୍‌ଟିଭ୍ ଉପନ୍ୟାସ ଲେଖିଥିଲେ । ତାଙ୍କ ଲକ୍ଷ୍ୟରେ ସେ ସିଦ୍ଧିଲାଭ କରିଥିଲେ । ଓଡ଼ିଆ ଡିଟେକ୍‌ଟିଭ ଉପନ୍ୟାସଗୁଡ଼ିକର ମୌଳିକତା ଉପରେ କୌଣସି ପ୍ରଶ୍ନ ନଉଠାଇବା ଭଲ । ସାଧାରଣତଃ ବଙ୍ଗଳା ବା ବେହେଲ ହିନ୍ଦୀ ଡିଟେକ୍‌ଟିଭ୍ ଉପନ୍ୟାସର ହୁଏତ ଏମାନେ ଅନୁକରଣ କରିଥାନ୍ତି କିମ୍ବା ସସ୍ତା ହିନ୍ଦୀ ସିନେମାର କାହାଣୀକୁ ଉପନ୍ୟାସର ରୂପ ଦେଇଥାନ୍ତି । ଚନ୍ଦ୍ରମଣି ଦାସ, ପ୍ରଥମେ ନରବଳି ନାମରେ ଗୋଟିଏ ଡିଟେକ୍‌ଟିଭ ଲେଖିଥିଲେ । ପାଠକଙ୍କର କୌତୁହଳ ଚରିତାର୍ଥ କରିବା ପାଇଁ ଏହି ଉପନ୍ୟାସର ଅନେକଖଣ୍ଡ ତାଙ୍କୁ ଲେଖିବାକୁ ହୋଇଥିଲା । ସେଶବଜନାମୃତର ଲୋମହର୍ଷକୋରୀ କାହାଣୀ ମଧ୍ୟ ଡିଟେକ୍‌ଟିଭଉପନ୍ୟାସର ଅନ୍ୟଏକ ଉଦାହରଣ । ଦ୍ୱାରିକାନାଥ ଦାସଙ୍କ ନାୟକ ଦସ୍ୟୁ ରଞ୍ଜନ୍ ଓ ଷଣ୍ଡାନ୍ ଅଥବା କଣ୍ଡୁରି ଚରଣ ଦାସଙ୍କ ନାୟକ ନୃସିଂହ ଏକ ଦିଗରେ ଦସ୍ୟୁ ନରହନ୍ତା ଓ ଅନ୍ୟ ଦିଗରେ କର୍ମବୀର ଦାନବୀର ରୂପେ ଚିତ୍ରିତ । ଶ୍ରୀ ଯୋଗେନ୍ଦ୍ର କୁମାର ମହାନ୍ତି, ଗିରିଧାରୀ ମହାରଣା, ଭୁବନ୍ ଗୋସ୍ୱାମୀ ରୁଦ୍ର ସୁନ୍ଦର ମହାପାତ୍ର, ମହେଶ୍ୱର ପଣ୍ଡା, ଜଗମେଶ୍ୱର ତ୍ରିପାଠୀ ଆଦିଙ୍କ ନାମ ଏ ଦିଗରେ ସର୍ବାଦୌ ସ୍ମରଣୀୟ ।

—୮—

ଉପନ୍ୟାସ ରଚନା ଯେକୌଣସି ସାଧାରଣ ଶିକ୍ଷିତ ବ୍ୟକ୍ତିର ଏକ ସାମୟିକ ବିଳାସ ହୋଇପାରେ । ହୁଏତ ଅର୍ଥ ଲାଭ ଅଥବା ଯଶ ଲାଭ ପାଇଁ ନଲେଖି ନିଜ ଜୀବନର କୌଣସି ଏକ ସ୍ମରଣୀୟ ଅନୁଭୂତିକୁ ପ୍ରକାଶ କରିବାପାଇଁ ଏମାନେ ଉପନ୍ୟାସର ଆଶ୍ରୟ ନେଇଛନ୍ତି । ଗୋଟିଏ ଅଧେ ଉପନ୍ୟାସ ଲେଖି ଲେଖି କେହି ଉପନ୍ୟାସ ରଚନାକୁ ନିଜର ପେଶାରୂପେ ଗ୍ରହଣ କରନ୍ତି କେହି ବା କରନ୍ତି ନାହିଁ, କିନ୍ତୁ ଯଦି ଏହି ଏକକ ଉପନ୍ୟାସର ଗୁରୁତ୍ୱାନୁସାରେ ସାହିତ୍ୟ ଇତିହାସରେ

ଏମାନଙ୍କର ସ୍ଥାନ ଗୌଣ, ତଥାପି ଏହି ଉପନ୍ୟାସ ଗୁଡ଼ିକର ଷୟ ବୈଚିତ୍ର୍ୟ, ଆଙ୍ଗିକ ଓ ରୂପଗତ ସ୍ୱାତନ୍ତ୍ର୍ୟ ଅନେକ ସମୟରେ ଦୃଷ୍ଟି ଆକର୍ଷଣ କରେ । ଏ କ୍ଷେତ୍ରରେ ଔପନ୍ୟାସିକଙ୍କ ବହୁଳ ନୁହେଁ, ଉପନ୍ୟାସର ବହୁଳ କରିବାକୁ ଯତ୍ନ । ପୁଣି କବିତା, ନାଟକ, ଭ୍ରମଣ କାହାଣୀ ଆଦି ଲେଖି ଖ୍ୟାତି ଅର୍ଜନ କରିଥିବା କେତେ କେତେ ସାହିତ୍ୟିକଙ୍କୁ ଉପନ୍ୟାସ କ୍ଷେତ୍ରରେ ଆବିର୍ଭୂତ ହେବାର ଦେଖିବାକୁ ମିଳେ । ଏମାନଙ୍କ ଏକାଧିକ କୃତି ମଧ୍ୟରେ ଥାଏ ଅନନ୍ୟ ସାଧାରଣ ଶିଳ୍ପୀର । କେତେବେଳେ ଏମାନେ ସାହିତ୍ୟ ସାଧନାର ଆରମ୍ଭରେ ହିଁ ଉପନ୍ୟାସ କ୍ଷେତ୍ରରେ ପ୍ରବେଶ କରନ୍ତି ମାତ୍ର ଏଥିରେ ଆଉ ପ୍ରକାରେ ଯଥାର୍ଥ କ୍ଷେତ୍ର ପାଇ ନଥାନ୍ତି । ପୁଣି କେତେବେଳେ ନିଜ ସାହିତ୍ୟ ସାଧନାର ଏକ ପରିଣତ ପର୍ଯ୍ୟାୟରେ ସେମାନେ ଉପନ୍ୟାସ କ୍ଷେତ୍ରକୁ ଫେରିଆସନ୍ତି । ଏହି ଶ୍ରେଣୀର ଉପନ୍ୟାସ ମଧ୍ୟରେ ସଚ୍ଚି ରାଉତରାୟଙ୍କର ଚିତ୍ରଗ୍ରୀବ; ମାୟାଧର ମାନସିଂହଙ୍କର 'ଅନ୍ୱେଷଣ' ଗୋବିନ୍ଦ ଦାସଙ୍କର 'ଅମାବାସ୍ୟାର ଚନ୍ଦ୍ର; କୁଞ୍ଜବିହାରୀ ଦାଶଙ୍କର 'ମଶାଣି ଭୂଇଁ' ର ନାମ ଉଲ୍ଲେଖ କରାଯାଇପାରେ ।

ସଚ୍ଚି ରାଉତରାୟଙ୍କ 'ଚିତ୍ରଗ୍ରୀବ' ଏକାଧିକ ସଂସ୍କରଣରେ ପ୍ରକାଶିତ । ୧୯୩୬ରେ ଏହା କଲିକତାରେ ଲେଖକଙ୍କର ପ୍ରବାସ ଜୀବନର ସ୍ମୃତି ବହନକରି ରଚିତ ହୋଇଥିଲା । ଏହି ଉପନ୍ୟାସର ଦ୍ୱିତୀୟ ସଂସ୍କରଣରେ ମୁଖବନ୍ଧରେ ଲେଖକ ନିଜେ ସ୍ୱୀକାର କରିଛନ୍ତି ଏଥିରେ କେବଳ କଲିକତାରେ ପଢୁଥିବା ଓଡ଼ିଆ ଛାତ୍ରମାନଙ୍କର ଚିନ୍ତାଧାରା, ଜୀବନବୋଧ ପରିପାର୍ଶ୍ୱର ଯେ ପ୍ରତିଫଳନ ହୋଇଛି ତାହା ନୁହେଁ, ଏହା ବୁଦ୍ଧିଜୀବୀ ଶ୍ରେଣୀର ଏକ ବାସ୍ତବ ଜୀବନାଲେଖ୍ୟ" । ଚିତ୍ରଗ୍ରୀବର ଗଳ୍ପାଂଶ ଅତ୍ୟନ୍ତ ଦୁର୍ବଳ । ଗଳ୍ପାଂଶର କୌଣସି କ୍ରମିକ ଅଗ୍ରଗତି ଦେଖାଯାଏ ନାହିଁ । ଏଥିରେ ଯୁବଗୋଷ୍ଠୀ ଶିକ୍ଷିତ ଯୁବକ ହୀରେନ୍ଦ୍ର, ଗଗନ, ମୃଗାଙ୍କ ଓ ଗଣେଶ ନାୟକ । ଉପନ୍ୟାସରେ ସମସ୍ତଙ୍କର ସ୍ଥାନ ସମାନ । ଏଥିରେ ମୃଗାଙ୍କ ବିବାହିତ । ଗଣେଶ ପ୍ରେମିକ, ସେ ହୀରେନ୍ଦ୍ର ବା ଗଗନଙ୍କ ଭଳି ଚିନ୍ତକ ଅଥବା ବାସ୍ତବଦର୍ଶୀ ନୁହେଁ । ଅଯଥା ଖିଆଲ ପଛରେ ଗୋଡ଼ାଇ ସେ ଏକ ଅର୍ଦ୍ଧପାଗଳ ଖିଆଲ ଚରିତ୍ରରେ ପରିଣତ ହୋଇଛି । ସୀମାସ୍ଥାନ

ପ୍ରତୀକ୍ଷା ଓ ଅତୃପ୍ତି ମଧ୍ୟରେ ତା ପ୍ରେମର ପରିସମାପ୍ତି ଘଟିଅଛି । ଏହି ବନ୍ଧୁ-ମାନଙ୍କ ମଧ୍ୟରେ ସୂକ୍ଷ୍ମ ତର୍କ ଗଳ୍ପ ଓ କଥୋପକଥାର ଲଘୁ ପରିବେଶ ମଧ୍ୟରେ ଉପନ୍ୟାସ ହୋଇଛି କେତେବେଳେ ପରିହାସ ଧର୍ମୀ, ଅବା କେତେବେଳେ ପ୍ରଚ୍ଛୁର ଧର୍ମୀ । ପ୍ରେମ, ଅର୍ଥନୀତି, ରାଜନୀତି ସମାଜ ସଂସ୍କାର ସବୁ କିଛିକୁ ଲେଖକ ନିଜ ଉପନ୍ୟାସରେ ଜଟାଜାଳ ସୃଷ୍ଟି କରିଛନ୍ତି । ବ୍ୟର୍ଥ ପ୍ରେମିକ ଗଣେଶ କେବଳ ପ୍ରେମିକାଙ୍କ ନାଁ ଲେଖି ବିନା ଠିକଣାରେ ଚିଠି ଲେଖେ ଓ ରାସ୍ତା କଡ଼ରେ ଚିଠିବାକ୍ସର (letter box) ସନ୍ଧାନ ନପାଇ ଅଳିଆ ବାକ୍ସ (litter box)ରେ ଚିଠିପକାଏ । ଚାହିଁବାରେ ଅତୃପ୍ତି ଓ ପାଇବାରେ ବ୍ୟର୍ଥତାବୋଧ ଏହି ଚରିତ୍ର ଗୁଡ଼ିକ ହୋଇଛନ୍ତି କେତେବେଳେ ଆଦର୍ଶବାଦୀ ରୋମାଣ୍ଟିକ୍ ଦୃଷ୍ଟିରୁ ବାସ୍ତବବାଦୀ । ସରିଅଲିଷ୍ଟଙ୍କର ଏହି ଉପନ୍ୟାସ ଶାର୍ଦ୍ୟକ୍ ବୁଦ୍ଧିଦୀପ୍ତ ଭାଷାରେ ରଚିତ । ଏହି ଭାବରେ ଏହା କେତେ ପରିମାଣରେ ବୈଶିଷ୍ଟ୍ୟ ଦାବି କରିପାରେ ।

'ଦେଶେ ବେଶେ' ଭ୍ରମଣ କାହାଣୀର ଲେଖକ ଦିଲ୍ଲୀସୁପ୍ରିମ କୋର୍ଟ୍‌ର ଆଡ୍‌ଭୋକେଟ୍ ରୂପେ ପ୍ରତିଷ୍ଠିତ ବୁଦ୍ଧିଜୀବୀ ବାରିଷ୍ଟର **ଗୋବିନ୍ଦ ଦାସଙ୍କର (୧୯୬୮) ଅମାବାସ୍ୟାର ଚନ୍ଦ୍ର (୧୯୭୪)**— ଆଧୁନିକ ସହରୀ ଜୀବନର ପରିବେଶରେ ରଚିତ ଏକ ଉଲ୍ଲେଖ ଯୋଗ୍ୟ ଉପନ୍ୟାସ । ଏହି ଉପନ୍ୟାସର ମୁଖ୍ୟ ଚରିତ୍ର 'କାଜଲ୍' ଏକ ଅସହାୟ ତରୁଣ ଦରିଦ୍ର ଜୀବନକୁ ଚ୍ୟାଲେଞ୍ଜ କରି ଭୌତିକ ସଫଳତା ଅର୍ଜନ କରିଛି । ଏକ ଦିଗରେ ତା ଚରିତ୍ରର ବହୁ ଦୋଷ ଦୁର୍ବଳତା ଓ ଅନ୍ୟଦିଗରେ ତା'ର ଉଦାର ମନୁଷ୍ୟତ୍ୱ ହୋଇଛି ଉପନ୍ୟାସର ଉପଜୀବ୍ୟ । ସେ ସନ୍ତାନବିହୀନା କମ୍ପାନୀ ମାଲିକଙ୍କର ଶ୍ରଦ୍ଧା ଅର୍ଜନ କରିଛି, କିନ୍ତୁ କୌଣସି ନାରୀଙ୍କର ସେ ହୋଇପାରି ନାହିଁ ଅସଫଳ ପ୍ରେମିକ । କାଜଲ୍ ନଗରକୁ ନଚାଇ ବୁଲୁଛି । ତାର ନେପଥ୍ୟ ଜୀବନରେ ଆସିଛନ୍ତି କେତେ ନାରୀ । ମାନ ସ୍ଥାନ ଓ କାଳର ନାୟକ ନହୋଇ ସେ ହୋଇଛି କେତୋଟି ମନୁଷ୍ୟ ଅନୁଭବର ବ୍ୟକ୍ତି ଚେତନାର ପ୍ରମୂର୍ତ୍ତି ଆଲେଖ୍ୟ । ସଂଳାପ ଧର୍ମୀ ଚରିତ୍ରଭାଷାଶୈଳୀ କେତେବେଳେ ନାଟକୀୟ ପରିମିତି ବୋଧ, କେତେବେଳେ ଅବା କାବ୍ୟିକ ଆବେଗ

ପ୍ରବଣତା ମଧ୍ୟରେ ଏହାର ସ୍ୱାତନ୍ତ୍ର୍ୟ ବୈଶିଷ୍ଟ୍ୟତାର ଅପେକ୍ଷା ରଖେ । ସମସ୍ତ ଉପନ୍ୟାସଟି ଏକ ସ୍ୱାଦେଶୀ ଟ୍ରାଜିକ୍‌ର ଧର୍ମ, ବ୍ୟର୍ଥ ପ୍ରେମ ଓ ଅସାର ଭୌତିକତା ମଧ୍ୟରେ ଉଦାର ବ୍ୟକ୍ତିକେନ୍ଦ୍ରିକ ମାନବତାର ବାଣୀ ବହନ କରୁଛି । ଅଳଙ୍କାରିତ ଅନୁକଥନ, ଉନ୍ନତ ସ୍ତରର ସମ୍ବେଦନ ଓ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ମଧ୍ୟରେ ଲେଖକ ନିଜର ନାୟକ ନାୟିକାଙ୍କୁ ଜୀବନ୍ତ କରି ପାରିଛନ୍ତି । 'ଅମାବାସ୍ୟାର ଚନ୍ଦ୍ର' ନାମକରଣ ମଧ୍ୟରେ ଆଧୁନିକ ମଣିଷର ଚତୁର୍ପାର୍ଶ୍ୱର ଆବିଳ ଅନ୍ଧକାରମୟ ପରିବେଶ ମଧ୍ୟରେ ଶାଶ୍ୱତ ମାନବତାର ସ୍ଥିତି ଆବିଷ୍କାର କରିଅଛନ୍ତି ।

**କୁଞ୍ଜବିହାରୀ ଦାସ (୧୯୧୪)** କବି ମନୀଷୀ କୁଞ୍ଜବିହାରୀଙ୍କର ଅନ୍ୟତମ ସୃଷ୍ଟି ମଶାଣି ଭୂଲଦୀ (୧୯୬୦) ଗ୍ରାମୀଣ ପୃଷ୍ଠଭୂମିର ଏକ ପ୍ରସଙ୍ଗ, ବିଂଶ ଶତକରେ ଦୁର୍ଦମ୍ୟ ଦଶକର ଓଡ଼ିଶା । ପଲ୍ଲୀଜୀବନ ଉପରେ କେନ୍ଦ୍ରିତ । ଲୋକ ସାହିତ୍ୟ ରସରେ ସଞ୍ଜୀବିତ ଏକ ପଲ୍ଲୀପ୍ରାଣ ଦରଦୀ କବିଙ୍କର ସ୍ୱଚ୍ଛ ଦୃଷ୍ଟି ଉପନ୍ୟାସରେ ପ୍ରତିଫଳିତ । ନାୟକ ପାଣ୍ଡୁଦାସଙ୍କ (ହରିବୋଲବାବା) ମହାପ୍ରୟାଣରୁ ହିଁ ଉପନ୍ୟାସର ଆରମ୍ଭ ଓ ତାଙ୍କର ଦେହତ୍ୟାଗ ଅନ୍ତରେ ଉପନ୍ୟାସର ପରିଣତି । ଏହାର ନାୟକ ସମ୍ଭବତ ନଟପତ୍ରିକା ଲେଖକଙ୍କର ଏକାନ୍ତ ପରିଚିତ । କଳ୍ପନାରେ ଲେଖକ ରଙ୍ଗଗୁମ୍ଫନ କରିଛନ୍ତି କିନ୍ତୁ ସେଠାର ପଲ୍ଲୀଜୀବନ ସହିତ ତାଙ୍କର ଏକାତ୍ମ୍ୟ ପରିଦୃଷ୍ଟ । ମନେହୁଏ ଯେପରିକି ଲେଖକଙ୍କ ଆତ୍ମଜୀବନୀର ଏହା ଅଂଶ ବିଶେଷ । କର୍ମର କଠୋର ଶିଳାଭୂମିରେ ଶତାବ୍ଦୀକର କୁସୁମପୁରର ସେଇ ଟୋକା ପାଣ୍ଡୁ ଜୀବନରେ ମହାନ୍ ସତ୍ୟ ଉପଲବ୍ଧି କରିଅଛି । ଏହି ଉପନ୍ୟାସଟିର ପ୍ରଥମ ଅଧ୍ୟାୟରେ ଲୋକଙ୍କ ଆଖିରେ ବାବାଜୀ ପାଣ୍ଡୁର ଅତିମାନସିକ ରୂପ ଅଙ୍କିତ । ଏହି ବାବାଜୀ ଥିଲେ ଅତି ସାଧାରଣ ଓ ତାଙ୍କର ମୁଖନିଃସୃତ ବାଣୀ ୧୯୨୯ରେ ଛପା ହୋଇଥିଲା ଏକ କ୍ଷୁଦ୍ର ପୁସ୍ତିକା ଆକାରରେ । ଉପନ୍ୟାସର ଶେଷ ଅଧ୍ୟାୟରେ ଏହି ଉପନ୍ୟାସର ନାୟକ ପାଣ୍ଡୁଆ ଦରବୁଝି ଯାଇଛି ବାବାଜୀ ହୋଇ କେତେଶହ କେତେ ପାହାଡ଼ ଉପତ୍ୟକା ଘୁରିବୁଲି ଶେଷରେ ନିଜ ଗାଁ କୁସୁମପୁରକୁ ଫେରି ଆସିଛନ୍ତି ଜଣେ ସିଦ୍ଧପୁରୁଷ ମହାତ୍ମା ହୋଇ ଆଉ ତାଙ୍କ କଣ୍ଠରୁ ଶୁଣା ଯାଇଛି ।

'ସବୁରି ଜନରେ ଏ ମଣିଷ ବଡ଼,' ମଣିଷ ଉପରେ ନାହିଁ ।
ଈଶ୍ୱର ପିତା, ଈଶ୍ୱର ସତ୍ୟ, ଈଶ୍ୱରଭାବ ସାର" ।

ଚାଷୀ ଦାସଙ୍କ ଆନ୍ଦୋଳନବହୁଳ କାହାଣୀ ମଧ୍ୟରେ ଐତିହାସିକ ପୁରୁଷ ଗୋପବନ୍ଧୁ ଓ ଜଣେ ଅଦେଶଭକ୍ତା ଗ୍ରାମୀଣ କର୍ମୀ ଶିବ ମହାନ୍ତିଙ୍କର ଆବିର୍ଭାବ ଘଟିଅଛି । ଏହି ଭାବରେ ଦେଶ ସମ୍ପୃକ୍ତ କାଳ ପ୍ରମାଣିତ ହୋଇଛି । ମାତ୍ର ଉପନ୍ୟାସଟିର ଆବେଦନ କାଳାତୀତ । ଏହା ଏକ ଜୀବନଧର୍ମୀ ଭାବବାଦୀ ଉପନ୍ୟାସ । ଏଠାରେ ଆଧ୍ୟାତ୍ମିକତା ଆଧିଭୌତିକତାରେ ଲୟ ଲଭ କରିନାହିଁ, ଜାଗତିକ କୁଟୁମ୍ବିତାରେ ବିକଶିତ ହୋଇଅଛି । ଏଣୁ ଜଗତ ତରୁଲତା, ପଶୁପକ୍ଷୀଠାରୁ ଆରମ୍ଭ କରି ଧନଦୁଃଖୀ, ଭକ୍ତ, କବି ସମସ୍ତଙ୍କୁ ନେଇ ଗଠିତ ଶକ୍ତି ସଂଘର୍ଷ ଊର୍ଦ୍ଧ୍ୱରେ ସମତା, ମମତା ଓ ସତ୍ୟଧର୍ମିତା ମଧ୍ୟରେ ମନୁଷ୍ୟର ଉତ୍ତରଣକୁ ଉପନ୍ୟାସର ଉପଜୀବ୍ୟ, ପଲ୍ଲୀର ଅନୁଷ୍ଠାନ, ଜୀବନଧାରା, ଆଦର୍ଶ ଓ ଆନନ୍ଦର ଏକ ଖାଣି ଲୋକ ଭାଷାରେ ରଚିତ । ଏହି ଭାଷା ଆମୂଳାଗ୍ର ଛନ୍ଦୋମୟ ସଙ୍ଗୀତ ଓ ରସଧର୍ମୀ । ଲେଖକଙ୍କ ଉକ୍ତି ସ୍ମରଣୀୟ—ଓଡ଼ିଆର ସାମାଜିକ ଜୀବନ ଖାଣି ଓଡ଼ିଆଭାଷାରେ ଚିତ୍ରିତ ହୋଇଛି ଅଳ୍ପ ଅଳ୍ପ । ଲୋକ ସାହିତ୍ୟ ସଂଗ୍ରହ କାଳରେ ଓଡ଼ିଆ ଜୀବନକୁ ଯେମିତି ଜାଣିଥିଲି ତାର କିଂଚିତ ଆଭାସ ଦେଲି । ଲୋକ ଗୀତ ଲୋକ ଜୀବନର କେତେ ଅନ୍ତରଙ୍ଗ ଭାବକଳ୍ପନାବନ୍ତ, ତାର ସୂଚନା ଦେବ ଦେବ" । ଆପାତତଃ ଦୃଷ୍ଟିରେ ଉପନ୍ୟାସରେ କାହାଣୀ ଅଂଶ ଦୁର୍ବଳ ମନେ ହୋଇପାରେ । ମାତ୍ର ବଳିଷ୍ଠ ଚରିତ୍ର ଚିତ୍ରଣ ସେ ଅଭାବ ପୂରଣ କରିଅଛି । ମୁଖ୍ୟଚରିତ୍ର ସମ୍ପୃକ୍ତ ଗ୍ରାମର ବନ୍ଧୁ, ମାତା, ବୁଢ଼ିଆ, ମକଦମ ଆବାଳବୃଦ୍ଧ-ସମସ୍ତଙ୍କର ଚିନ୍ତା ଓ ଚରିତ୍ର, କର୍ମ ଓ ଜୀବନ ତାହାର ଅନ୍ତରଙ୍ଗ ଆଲେଖ୍ୟରେ ସମଗ୍ର ଉପନ୍ୟାସଟି ଉଜ୍ଜ୍ୱଳ ହୋଇଉଠିଛି । ଅଜସ୍ର ଲୋକଚିତ୍ରର ରୂପକାର, ଗାଥାର ସ୍ରଷ୍ଟା, ଦରଦୀ କବିଙ୍କ ଭାବଦୃଷ୍ଟି ଓ ଅନ୍ତର୍ଦୃଷ୍ଟି ସମ୍ମିଶ୍ରଣରେ ଉପନ୍ୟାସଟି ମହାକାବ୍ୟିକ ଗରିମା ଲାଭ କରିଛି—ଯାହାବା ଶତ ଟ୍ରାଜେଡିର କାରୁଣ୍ୟ, ସଙ୍ଗୀତର ଝଙ୍କାର ଉଚ୍ଚାରିତ ହୋଇଛି ଛତେ ଛତେ । ଓଡ଼ିଆ କଥା ସାହିତ୍ୟର ଅଗ୍ରଗତିର ଗୌରବ ଓ ଭବିଷ୍ୟତର

ବିକାଶ ସମ୍ଭାବନାର ଏକ ନୂତନ ଦିଗ୍ 'ମହାଣି ଭୁଜଙ୍ଗୀ'ର ସ୍ଥାନ ସ୍ୱତନ୍ତ୍ର ରୂପେ ଚିହ୍ନିତ ହେବ—ଏହା ନିଃସନ୍ଦେହ ।

**ମହିମା ଗୁଣିମା ନେଉ (୧୯୮୧)** ଆଧୁନିକ ଉପନ୍ୟାସ ଜଗତରୁ ଚରିତ୍ରଗତକଥାର ସ୍ଥାନରୁ ଅପସାରଣ କରି ନବତମ ପ୍ରୟାସ ନେଇଥିବା ସୃଷ୍ଟିର ନିଦର୍ଶନ ମିଳୁ ନାହିଁ, ଅନୁଷ୍ଠାନର ଗମ୍ଭୀରତା ଓ ଆଧୁନିକ ଜୀବନଚର୍ଯ୍ୟାର ବ୍ୟଞ୍ଜନା ଉପରେ ନିର୍ଭରକରେ । ଏହି ଦିଗରୁ କୁଞ୍ଜବିହାରୀଙ୍କର ସର୍ବୋତ୍ତମ ସୃଷ୍ଟି 'ମହିମା ଗୁଣିମା ନେଉ' ବିଶେଷ ଉଲ୍ଲେଖ ଯୋଗ୍ୟ । ପ୍ରକାଶଗତ ଓ ପ୍ରାକୃତିକ ବୈଚିତ୍ର୍ୟ ଓ ବ୍ୟକ୍ତିତ୍ୱ ମଧ୍ୟରେ ଜାଗୃତ ଓ ଚରିତ୍ର ମାନବତାର ବିକାଶ ଇତିହାସର ଆଧୁନିକ ଯୁଗରେ ଜମିଦାରୀ ପ୍ରଥା ଉଠିଥିଲା—ଗାଁଗାଁ ପୃଷ୍ଠଭୂମିରେ ସ୍ଥାପିତ ଓଡ଼ିଶା ତାହାର ଏକ ଦୃଷ୍ଟାନ୍ତ । ଏହାର ଗ୍ରାମ ଜୀବନ, ନୀତି ନିୟମ, ନଦୀ ନାଳଗୁଡ଼ିକ କୋଣେ କୋଣେ ଯେପରି ବିଶେଷ ମାନବୀୟ ସ୍ପନ୍ଦନ ଓ ସମନ୍ୱୟର ଇତିହାସ ନେଇ ସେପରିକି ଏକଥାର ଉପାଦାନ ହୋଇ ରହିଛି । ଏହାର ସାମାଜିକ ଇତିହାସ ସମ୍ମୁଖ ଯୁଗ ପରିବର୍ତ୍ତନ ମଧ୍ୟରେ ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଛି । ସ୍ୱତନ୍ତ୍ର ଏଥିରୁ ବହୁଳାଂଶ ଏବେବି ଅନେକରେ 'ଲଷ୍ଟ ହେରିଟେଜ୍'; ମାତ୍ର ଏହାକୁ ସାହିତ୍ୟର ଅଙ୍ଗୀଭୂତ ନକଲେ ଆମ ନିଜସ୍ୱ ଜୀବନଧାରା, ସଂସ୍କୃତିବୋଧ ଖଣ୍ଡିତ ଓ ବିକଳାଙ୍ଗ ହୋଇ ରହିଯିବ । ଆଜି ରାଜା ନାହାନ୍ତି, ରାଜମହଲର ରଙ୍ଗମଞ୍ଚରୁ ସେ ସବୁ ହଜିଗଲେଣି ! ମାତ୍ର ଲେଖକଙ୍କ ଅନ୍ତରେ ତାଙ୍କର ସ୍ମୃତି ଉଜ୍ଜ୍ୱଳ ହୋଇରହିଛି, ଅନେକ ପ୍ରଶ୍ନ ଓ ପ୍ରତିଧ୍ୱନିର ଇଙ୍ଗିତ ମିଳିଯାଉ ନାହିଁ । ଉପନ୍ୟାସଟିର ଏହି ପରମ୍ପରା ଆଧୁନିକ ଯୁଗର ଇତିହାସ ନିଷ୍ଠା, ତଥ୍ୟ ଓ ସୂକ୍ଷ୍ମଧାରାର ଆଲୋକରେ ମନୋଜ୍ଞ ଭାବରେ ବର୍ଣ୍ଣିତ ହୋଇଅଛି । ଔପନ୍ୟାସିକଙ୍କ କଳ୍ପିତ ତାଳସ୍ତୁଳ ରାଜ୍ୟ, ତାହାର ରାଜବଂଶର କାର୍ଯ୍ୟକଳାପ, ରାଜାମାନଙ୍କର ଅନ୍ତରଙ୍ଗ ଜୀବନଶୈଳୀ, ରାଜ ଅନ୍ତଃପୁରର କାହାଣୀ, ବ୍ରିଟିଶ ଶାସନର ସୁଦୃଢ଼ ପୃଷ୍ଠଭୂମିରେ ମୋଗଲ ରାଜତ୍ୱକାଳରୁ ସୁଦୀର୍ଘ ଇତିହାସ କାଳର ଓଡ଼ିଶାର ଗଡ଼ଜାତ ରାଜ୍ୟ ଗୁଡ଼ିକର ଉତ୍ଥାନ ଓ ସ୍ୱାଧୀନ ଭାରତରେ ସେଗୁଡ଼ିକର ମିଶ୍ରଣ ବିଳୟ ପର୍ଯ୍ୟନ୍ତ ସମସ୍ତ ଘଟଣା ଏହି ଉପନ୍ୟାସଟିରେ ସ୍ଥାନ ପାଇଅଛି । ଉପନ୍ୟାସର

ତଥ୍ୟ ଆହରଣ ପାଇଁ ଲେଖକ ଏକ ଗବେଷକର ଦୃଷ୍ଟିରେ ପୁରାତ ଓ ଐତିହ୍ୟ ଭିତ୍ତିଭୂମିର ସୃଷ୍ଟି ଉନ୍ମୋଚନ କରିଅଛନ୍ତି, ସେଥିପାଇଁ ରାଜଦରବାର ସହିତ ସଂପୃକ୍ତ ଅନେକ ଚାଂଚଲ୍ୟକର ଷଡ଼ଯନ୍ତ୍ର, ପ୍ରେମକାହାଣୀ, ଉଚ୍ଚାକାଂକ୍ଷା ଜୀବନ ଚର୍ଯ୍ୟା ଆଦିକୁ ଆନୁଷଙ୍ଗିକ ଆଣିଅଛନ୍ତି । ଔପନ୍ୟାସିକ ନବାଳକାଶ-ଙ୍କନ୍ତି ଏକାଧାରରେ ଜଣେ ଐତିହାସିକ, ନୃତାତ୍ତ୍ୱିକ, ଲୋକ ସଂସ୍କୃତିବିତ୍ ଓ ସମାଜତତ୍ତ୍ୱଜ୍ଞ । ଏହି ଦୃଷ୍ଟାନ୍ତ ଆଧୁନିକ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ବାସ୍ତୁ ବିରଳ ! ପୁଣି କେବଳ ତଥ୍ୟ ନୁହେଁ ତଥ୍ୟର ଭିତରେ ଥିବା ସତ୍ୟର ପ୍ରାଣ ଦୃଢ଼କାରୀ ଯେଉଁ କାବ୍ୟିକ ଦୂରଦୃଷ୍ଟି ପ୍ରୟୋଜନ, ତାହାର ଦ୍ୟୁତିର ପରିଚୟ ଉପନ୍ୟାସର ସ୍ଥାନେ ସ୍ଥାନେ ବିଦ୍ୟମାନ । ଗଠନ ଚାତୁରୀ ଓ ଭାଷା ଶିଳ୍ପରେ ପ୍ରକାଶ ପାଇଅଛି ଲେଖକଙ୍କ ଅନନ୍ୟ ଆହରଣ ଓ ସ୍ୱତନ୍ତ୍ର ଶୈଳୀ । ଏକ ସମଗ୍ର ଜୀବନର ଗତି କୌଣସି ବୌଦ୍ଧିକ ପରିକଳ୍ପନା ମଧ୍ୟରେ ସୀମିତ କରିବା ଅସମ୍ଭବ । ତାଙ୍କର ସତେ ଯେମିତି ଓ ଦୁର୍ଲଭ ଯାଆନ୍ତି ସମୟ ମଧ୍ୟରେ ବନ୍ଧାକୁ ଦେଖ ଲୌକିକ ପରମ୍ପରା ଏକ ପୃଷ୍ଠଭୂମିରେ ରାଜା କୀର୍ତ୍ତିଚନ୍ଦ୍ରଙ୍କର ରାଜ୍ୟର ଅତୀତ ଓ ବର୍ତ୍ତମାନର କାହାଣୀ ବର୍ଣ୍ଣିତ । ରାଜ୍ୟଚ୍ୟୁତ ରାଜା କୀର୍ତ୍ତିଚନ୍ଦ୍ର ଓ ରାଣୀ ସୁରତରଙ୍ଗିଣୀ ଉପନ୍ୟାସର ଏକ ପାରମ୍ପରିକ ଅନ୍ତର୍ଦ୍ଵନ୍ଦ୍ୱ ଜୀବନର ଦାବଦଗ୍ଧ ମନର ସ୍ମୃତିଚାରଣ ମାଧ୍ୟମରେ ତାଙ୍କ ମୂଳ ରାଜ୍ୟର ଅତୀତ ଇତିହାସ ବର୍ଣ୍ଣିତ ହୋଇଅଛି । ବନ୍ଧ୍ୟା ରାଜା କୀର୍ତ୍ତିଚନ୍ଦ୍ର ଦ୍ଵିତୀୟ ରାଣୀ ସୁରତରଙ୍ଗିଣୀ । ରାଜବଂଶର ଅନେକ ଉତ୍ଥାନ ପତନକୁ ଉପହାସ କରି ବହିଯାଉଛି ବ୍ରାହ୍ମଣୀ ନଦୀର ଅବାରିତ ସ୍ରୋତ-ଧାର—ମହାକାଳର କାବ୍ୟିକ ଇଙ୍ଗିତ ବହନ କରି । ତଳୁଭ ବହୋଦର କଥନ ଶୈଳୀର ସ୍ୱତନ୍ତ୍ର ଯେତେଣ ନୂତନ ଆଙ୍ଗିକ ଓ ଆତ୍ମିକ ଅନୁଭବରେ ଗାରଦମୟ ପାଇଅଛି । ଓଡ଼ିଆ କଳ୍ପନାମୟୀ ସାହିତ୍ୟର ବାଗ୍‌ଧାରାର ପୁସ୍ତକ ବିକାଶ "ନଟିନୀ ପୂର୍ଣ୍ଣିମା ଚେହେର୍" ଉପନ୍ୟାସରେ ଘଟିଅଛି ! ଏହି ଦୃଷ୍ଟିରୁ ଆଧୁନିକ ଓଡ଼ିଆ ଉପନ୍ୟାସର ଏକ ନୂତନ ଦିଗ୍‌ବଳୟ ଉନ୍ମୋଚିତ । ନାନା ପ୍ରସଙ୍ଗ ଓ ଅଳଙ୍କାର, ଅନୁସରଣ ମାଧ୍ୟମରେ ଲୌକିକ ଓ ପାରମ୍ପରିକ ଜଟିଳତାର ଧାରା ନିର୍ଦ୍ଦିଷ୍ଟ ହୋଇ ଦେଖାଯିବା ବେଳେ— ତାହାକୁ ବୁଝିବାପାଇଁ ଏକ ସୂକ୍ଷ୍ମଦର୍ଶୀ ଦୃଷ୍ଟିକୋଣ ଦେଇଛନ୍ତି । ଗ୍ରାମୀଣ ଲୌକିକ, ଅଜ୍ଞାତ ସାମନ୍ତ ଓ ଆଧୁନିକତାବାଦିକ ଜୀବନର

ଚରିତ୍ରବିଧାନରେ ଲେଖକଙ୍କ ଅନ୍ତରଙ୍ଗତା ଓ ତଦାତ୍ମ୍ୟବୋଧ ତାଙ୍କୁ ଘଟଣା ଓ ଚରିତ୍ରବର୍ଗର ଏକାନ୍ତ ନିକଟବର୍ତ୍ତୀ କରାଇଛି । ମାନବ ଚରିତ୍ରରେ ଦୋଷ ଦୁର୍ବଳତା, ସ୍ୱାର୍ଥପରତା ଗ୍ଲାନି ଓ ଗୌରବ, ଅମଙ୍ଗଳ ଓ ସୌନ୍ଦର୍ଯ୍ୟ, ତଥ୍ୟ ଲୁକ୍କାୟିତ ବାସ୍ତବତାର ସତ୍ୟ ସନ୍ଧାନ ପାଇଁ ଲେଖକ ପ୍ରଚେଷ୍ଟ ଦୃଢ଼ତା ଲାଭ କରିଛନ୍ତି । ତାଙ୍କର ଦୃଷ୍ଟି ଘଟଣା ବିନ୍ୟାସରେ ଯେପରି ଅନ୍ତର୍ବୀକ୍ଷଣିକ ସତ୍ୟ ସନ୍ଧାନରେ ସେହିପରି ଦୂର ବୀକ୍ଷଣିକ ।

ଏକ ଦିଗରେ ରାଜା ବୀରେନ୍ଦ୍ର ଓ ରାଣୀ ସୁରତରଙ୍ଗିଣୀ, ତଥା ଅନ୍ୟ ଦିଗରେ ଜନନେତା ମର୍ଦ୍ଦୀ ଗୋବର୍ଦ୍ଧନ ଓ ତାଙ୍କ ସ୍ତ୍ରୀ ୧୯୪୬ର ସ୍ୱପ୍ନଦର୍ଶିନୀ କରବଙ୍କ ବିଳାସ ବାହୁଲ୍ୟ ଆଉ ଭର୍ତ୍ତି ଜୀବନ ଚର୍ଯ୍ୟାକୁ ଏକତ୍ର ବିସ୍ତାର କଲେ ଉଭୟ ସମ୍ମତ ବର୍ତ୍ତମାନର ରାଜନୈତିକ କ୍ଷମତାଧରଙ୍କ ସାମଗ୍ରିକ ଶୂନ୍ୟତା ବୈଚିତ୍ର୍ୟ, ସାଧାରଣ ଓ ବ୍ୟକ୍ତିଗତ ଜୀବନର ଅସାମଞ୍ଜସ୍ୟର ମୂଳ ଉତ୍ସର ସନ୍ଧାନ ମିଳେ । ଦୂର ଅତୀତର ସ୍ମୃତିରୁ ବିଗତ ଅର୍ଦ୍ଧଶତକ ମଧ୍ୟରେ ଦେଖିଲେ ଜାଣିବୁ ଜୀବନ ପରିବର୍ତ୍ତନର ମାଟିକଟିଏ ଏକଦା ଗାଁର ଚଷା, କୋଇଲଝଟିର କୁଲି, ନୂଆଖୁଣ୍ଟର ଝୁଲ୍ଲଣା ରଚନାର ବ୍ୟକ୍ତିଗତ ଜୀବନରେ ପ୍ରତିଫଳିତ । ଉପନ୍ୟାସଟିର ପ୍ରତି ପର୍ଯ୍ୟାୟରେ ଲେଖକଙ୍କର ଅଙ୍ଗିକ ଓ ସ୍ୱାଦ—ମାତ୍ର ସମଗ୍ର ଗଠନରେ ଏକ ପୂରାଣ ମହାକାବ୍ୟିକ ସୌଷ୍ଠବ ଓ ବିନ୍ୟାସ ଅଣୁ ସଜ୍ଜିତ ମହାନର, ସ୍ୱୁଳ୍ପ ସଜ୍ଜିତ ବିସ୍ତାରର ସମନ୍ୱୟ ସାଧନ କରିଅଛି । ଏକ ନିର୍ଦ୍ଦିଷ୍ଟ ଦେଶକାଳର ପଟଭୂମିରେ କଳ୍ପିତ ହେଲେହେଁ ଏହାର ଆବେଦନ ଦେଶକାଳାତୀତ । "କଥାଟିଏ କହୁଁ"ରେ ଯେଉଁ ପ୍ରାଣରସପୂର୍ଣ୍ଣ ଗଳ୍ପର ଆରମ୍ଭ ତାର ଶେଷରେ ପହିଁଛି ଏକ 'ଶୀଳମୂର୍ତ୍ତି'ର ସଦେଶ୍ୟ ଆତ୍ମାର ସ୍ୱପ୍ନର ଆଶୀର୍ବାଦରେ—"ତୋର ଆଖି ଦେଖା ଦଳର ସମସ୍ତଙ୍କର ମଣିଷପଣ ଆଜୁଡ଼ିଛି ମାତ୍ର ଥିବ । ପ୍ରକୃତ ଶିଳ୍ପ ଦେଖାଇଦେବ ! ଅଜଗରପରି ନିର୍ବିକାରରେ ଗିଳିଦେବୁ, ହୁଡ଼ା ଦେଖିଲେ ଯେତେବେଳେ ବୁଝିବୁ ମାଟିକୁଣ୍ଡ ଗଣ୍ଡାଟେ ଏକମୁହାଁ ମାଡ଼ିଯିବୁ, ଦଳରେ ଚମ୍ପୁ କାମୁଡ଼ି ଦେଶମାତାର ନିଃଶ୍ୱାସକୁ ବଢ଼ାଉ, ସମର୍ଥ କରିଦେଉଥିବୁ" (ପୃ ୨୬୯) । ମାତ୍ର ସ୍ୱପ୍ନ ଅମର, ଅନେକ ମହାନ୍ ବେଦନାର ମଣିଷ "ଘୋର ଅନ୍ଧାରେ, ଉଦ୍‌ବେଳ ସମୁଦ୍ରରୁ,

ଲିଖୁଆଳି, ବାଙ୍କ କଟୁଆଳି, ଅଭିଜ୍ଞ ମଙ୍ଗଳଧାରୀ ଦଶାଧାରୀ ଏସବୁ କିଏ ଅସ୍ୱୀକାର କରିପାରିବ ?

**ଡକ୍ଟର ବଙ୍କିମ ଦାସ** (ଜନ୍ମ ୧୯୨୧)ଙ୍କ 'ମହିମା ଭୂମି' ଏକ ନୂତନ ସ୍ୱାଦର ସଦ୍ୟ ପ୍ରକାଶିତ ଉପନ୍ୟାସ (ପ୍ରକାଶ କାଳ ୧୯୮୧) । ଏକ ଐତିହାସିକ ପଟ୍ଟଭୂମି ଉପରେ ସତ୍ୟବାଦୀର ସାକ୍ଷୀଗୋପାଳ ମନ୍ଦିର ଓ ତାର ପାରିପାର୍ଶ୍ୱିକ ଜୀବନକୁ ନେଇ ରଚିତ ଏହି ଉପନ୍ୟାସଟିରେ ଗଭୀର ଅନ୍ତରଙ୍ଗତା, ଜୀବନ ପ୍ରତି ଦରଦୀ ଦୃଷ୍ଟିକୋଣ ଓ ନୈଆତ୍ମିକ ସ୍ୱଚ୍ଛତା ଓ ଜୀବନଧାରା ସହିତ ମାଟିର ତାଦାତ୍ମ୍ୟବୋଧ ପ୍ରତିଫଳିତ ହୋଇଅଛି । ପୁରୀର ଗଜପତି ମହାରାଜା ଦିପଚନ୍ଦ୍ରଦେବ ଶ୍ରୀଶ୍ରୀଙ୍କର ଜନ୍ମସ୍ଥ ପୁତ୍ର ଏହି ଉପନ୍ୟାସର ନାୟକ ମହିମାଙ୍କର କୁଳଗୌରବ ଆଭିଜାତ୍ୟ ଓ ଆଧୁନିକ ଜୀବନ ସହିତ ସାମଞ୍ଜସ୍ୟ ସ୍ଥାପନ କରୁଥିବା ଜୀବନର ଚିତ୍ର ପ୍ରଦତ୍ତ । ଚକନାତ୍ମକ ପେସ୍କାର, ନଡ଼ିଆ ବ୍ୟବସାୟୀ ଓ ଜମିଦାର ଶମ୍ଭୁ ଓ ତାଙ୍କ ପୁଅ ରାମସିଂହ ଚରିତ୍ର, କମଳିନୀ ଦାସବର୍ମାଙ୍କ ଭଳି ବନ୍ଧୁ ଚରିତ୍ରଙ୍କ ସହିତ ଉକୃଷ୍ଟ ଲେଖା, ସତ୍ୟବାଦୀର ବକୁଳବନ, ସାକ୍ଷୀଗୋପାଳ, ଏ ସମସ୍ତ ଚରିତ୍ରଙ୍କ ଉପନ୍ୟାସରେ ଜୀବନ୍ତ ସାବଲୀଳ ହୋଇ ଉଠିଅଛନ୍ତି । ଇତିହାସ ପୁରାଣ ଓ କିମ୍ବଦନ୍ତୀ ସଙ୍ଗରେ ଲେଖକଙ୍କ ନିଜସ୍ୱ ଅନୁଭବ ଓ ବୈଶିଷ୍ଟ୍ୟ ଓତଃପ୍ରୋତଃ ଭାବରେ ମିଶିଯାଇଅଛି । ଏହି ଉପନ୍ୟାସର ଅନ୍ତରାଳରେ ଔପନ୍ୟାସିକ ନିଜେ କେଉଁଠାକୁ ବେଦଥ୍ୟ ଭୂମିକା ମଧ୍ୟରେ ଆବଦ୍ଧ ହୋଇ ପାଦପ୍ରଦୀପର ଆଲୋକ ମଧ୍ୟକୁ ଶୁଣାଇଛନ୍ତି । ଏକ ପରିଚିତ ଓ କ୍ଷୁଦ୍ର ଭୂମିଖଣ୍ଡ ମହିମାଭୂମିକୁ ଉପଜୀବ୍ୟ କରି ଗଢ଼ି ଉଠିଥିବା ଏହି ଉପନ୍ୟାସଟିରେ ସାବଲୀଳ ଗ୍ରାମ୍ୟ ଭାଷାରେ ଗ୍ରାମ୍ୟ ପ୍ରକୃତି, ଚରିତ୍ର, ଚିତ୍ର, ଚରାଣୀ ମାନଙ୍କୁ ଏକ ମହାନ୍ ଐତିହାସିକ ରଙ୍ଗଭୂମିରେ ଏକଦା ଅଧିକାଂଶ କରି କାଳର କୁଟିଳଗର୍ଭରେ ଅପସାରିତ ହୋଇଥିବା ରାଜାରାଣୀ, ସାଦୁଷ୍କ ଓ ଜନନାୟକଙ୍କ ଚରିତ୍ର ସମସ୍ତଙ୍କୁ ଅଶାନ୍ତ ସ୍ମୃତିରୁ ଉଦ୍ଧାର କରି ଲେଖକ ଭବିଷ୍ୟତ ପାଇଁ ଏକ ମାନବୀୟ ଚିରନ୍ତନ ଆଦର୍ଶର ଚିତ୍ର ଉପସ୍ଥାପିତ କରିଛନ୍ତି । ଲେଖକଙ୍କ ନିଜ ଭାଷାରେ "ତାଙ୍କ କଳମ ଯାହା ଲେଖୁଛି ତାହା ଠିକ୍ ଆଧୁନିକ ଚିତ୍ରକରର ଚିତ୍ର ଭଳି । ତଥାପି କିଏ କଣ ଦେଖିବ ତାହା

ତାଙ୍କ ଜଣା" । ଉପନ୍ୟାସଟି ତିନି ଏକ ଜାତିର ଚାତୁର୍ଯ୍ୟ ସମ୍ପର୍କରେ କଳନା କରାଯାଇପାରେ । ପ୍ରକୃତରେ ଏହା ଏକ ଐତିହାସିକ କି ସାମାଜିକ ଉପନ୍ୟାସ, ଅଥବା କି ବର୍ତ୍ତମାନ ଜୀବନର ଆଧାରିତ ଉପନ୍ୟାସ, ଇତିହାସ କି କମ୍ପନା ମିଶ୍ରିତ ଗଠିତ ଏକ ଅପ୍ରମାଦତାତ୍ମକ ରଚନା, କି ଜୀବନର ବାସ୍ତବତା ଓ ନୈତିକ ଆଦର୍ଶ ନେଇ ଲୁଚାଳୁର ଜଣେ ଶିଳ୍ପୀଙ୍କର ନିଜସ୍ୱ ସମ୍ଭାର—ତାହା କଳନା କରିବା କଠିନ । ତୁଳନା ଉପନ୍ୟାସଟିରେ ଏ ସମସ୍ତର ସମନ୍ୱୟ ଘଟିଅଛି । ଶର୍ତ୍ତ ଅଜ୍ଞାତା, ବହୁ ଲୁଚା ସଂକୀର୍ଣ୍ଣ ତର୍କ, ବିବେକହୀନ ମହାତ୍ମା ପ୍ରଶ୍ନିତ ଶଙ୍କରଙ୍କର ପ୍ରେମଦଶା ଆଧୁନିକ ଡଃ ଦାସଙ୍କ ନିଷ୍ଠାରୁ ଅଭିବ୍ୟକ୍ତି ଲାଭ କରିଥିବା ଏହି ଉପନ୍ୟାସଟି ଏକ ପ୍ରାଥମିକ ରଚନା ହେଲେହେଁ ଏଥିରେ ନିପୁଣ ଶିଳ୍ପ ସାଧନାର ଇଙ୍ଗିତ ସ୍ୱତଃ ଉଦ୍ଭାସିତ । ଭବିଷ୍ୟତ ଦାସଙ୍କ ଲେଖନୀ ନୂତନ ସୃଷ୍ଟିର ସନ୍ଧାନ କରୁ ଓ 'ମହିମାମୟ' ପରି ତାଙ୍କ ଅବଦାନିତ ସାରସ୍ୱତ ସମ୍ପଦ 'ନୂପୁର ଦୁନିଆଁ', 'ଅଗ୍ନିବନ୍ୟା କଥା' ଓଡ଼ିଆ କଥାସାହିତ୍ୟର ନବ ଦିଗ୍‌ବଳୟ ଉନ୍ମୋଚନ କରୁ, ଏହାହିଁ କାମନା ।

( ୯ )

ସମସାମୟିକ ଉପନ୍ୟାସ କ୍ଷେତ୍ରରେ ସୃଷ୍ଟି ପ୍ରାଚୁର୍ଯ୍ୟ ପାଇଁ ବିଭୂତି ପଟ୍ଟନାୟକ (୧୯୩୯) ଓ ନବଦଳ ଲେଖା ପାଇଁ କୃଷ୍ଣପ୍ରସାଦ ମିଶ୍ର ଓ ଶାନ୍ତନୁ କୁମାର ଆଚାର୍ଯ୍ୟ ବିଶେଷ ସୁପରିଚିତ । କାଷ୍ଣୁ ଚରଣଙ୍କ ପରେ ବିଭୂତି ପଟ୍ଟନାୟକଙ୍କ ଲୋକପ୍ରିୟତା ଉଲ୍ଲେଖଯୋଗ୍ୟ । ସେ ଏଯାବତ୍ ପ୍ରାୟ ଅର୍ଦ୍ଧଶତାଧିକ ଉପନ୍ୟାସ ରଚନା କରିଛନ୍ତି । ଶ୍ରେଣୀବଦ୍ଧ ଶାନ୍ତ ସାଧାରଣ ମଧ୍ୟରୁ ଜନ୍ମଲାଭ କରି ତାଙ୍କ ଉପନ୍ୟାସର ନାୟକ ନାୟିକାମାନେ ସେମାନଙ୍କ ଜୀବନର ବିବର୍ତ୍ତି ନାଟକୀୟତା ମଧ୍ୟରେ ଜୀବନ ଅତିବାହିତ କରିଛନ୍ତି । ବିଭୂତି ବାବୁ ଜନତାର ଲେଖକ । ସମସାମୟିକ ସମାଜର ଐତିହାସିକ ପରିବର୍ତ୍ତନ ପ୍ରତି ତାଙ୍କର ଦୃଷ୍ଟି ସଦା ପ୍ରସାରିତ । ସେ ପୁଞ୍ଜିବାଦର କଠୋର ସମାଲୋଚକ, ବ୍ୟକ୍ତି ସ୍ୱାତନ୍ତ୍ର୍ୟବାଦ ଗଣତନ୍ତ୍ରର ସମର୍ଥକ । ଫ୍ରଏଡୀୟ ମନସ୍ତତ୍ତ୍ୱର ଆଧାରରେ ସେ ନାୟକ ନାୟିକାଙ୍କର ମାନସିକ ବିଶ୍ଳେଷଣରେ ଗଭୀର ଅନ୍ତର୍ଦୃଷ୍ଟିର ପରିଚୟ ଦେଇଅଛନ୍ତି । ଏଜଣେ ଉପନ୍ୟାସର ସ୍ରଷ୍ଟା ହେଲେହେଁ ନିଜ ଉପନ୍ୟାସ ଜଗତକୁ ବୈଚିତ୍ର୍ୟ ମଣ୍ଡିତ କରିବା ପାଇଁ ସେ ବହୁଳ କୌଶଳର ଆଶ୍ରୟ ନେଇଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ ତାଙ୍କର 'ଦେବଦେବୀ-

କନ୍ୟା' ଉପନ୍ୟାସଗୁଡ଼ିକର କାହାଣୀ ଚରିତ୍ର ଅନ୍ତର୍ଜଗତର ଆବିଷ୍କାର ପାଇଁ ଗତି ଓ ଶବ୍ଦକଳ୍ପର ମାଧ୍ୟମ ଗ୍ରହଣ କରିଛନ୍ତି । ବସନ୍ତ ବାବୁଙ୍କର ଭାଷା ଶୈଳୀ ମନୋରମ । ଘଟଣା ଓ ଚରିତ୍ର ଉନ୍ମୀଳନ ପାଇଁ ସେ ସଂଳାପ ଓ ନାଟକୀୟ ଉପସ୍ଥାପନା ଶୈଳୀର ନିପୁଣତା ଦେଖାଇଅଛନ୍ତି । ବସନ୍ତ-ଲୁହଣ ଓଡ଼ିଆ ଉପନ୍ୟାସର ପ୍ରକୃତ ପରମ୍ପରାର ଯଥାର୍ଥ ବାହକ । 'ଏକଗାଁ ଏକମାଟି' ଉପନ୍ୟାସର ଦେବୁପାତ୍ରଙ୍କର ବର୍ଣ୍ଣନା ପ୍ରକାର-ନୋନ୍ଧନଙ୍କ ଅନୁଭୂତିକୁ ସ୍ପଷ୍ଟ କରାଇଦିଏ । 'ନାୟିକାର ନାମ ସ୍ୱାତୀ' ଉପନ୍ୟାସର କାହବର୍ତ୍ତି ବର୍ଣ୍ଣନାରେ ଗୋପୀନାଥଙ୍କର ମନୋଜଗତର ମେଧାବୀର ବଣ୍ଠିର ରୀଷ ପ୍ରତିଧ୍ୱନି । ବସନ୍ତବାବୁ ସମସାମୟିକ ଜୀବନର ରୂପକାର । କିନ୍ତୁ ଆଧୁନିକ ଓଡ଼ିଆ ଜୀବନ ଏହି ଏକପକ୍ଷରେ ଉଚ୍ଚାକାଂକ୍ଷୀ ଶାସନ, ସାମନ୍ତ ସଂସ୍କୃତିର ଶୋଷଣରେ ଗ୍ଲାନିଭରୁ ପୂର୍ଣ୍ଣତଃ ଉପଲବ୍ଧି କରୁଛି । ଏହି ବାସ୍ତବତା ବସନ୍ତବାବୁ ସଚେତନ । ତେଣୁ ତାଙ୍କ ଉପନ୍ୟାସରେ ଦେଶକାଳଠାରୁ ଆଧୁନିକଯୁଗଚେତନାର ମୂର୍ତ୍ତ ପ୍ରତିଛବି ବୁଦ୍ଧିଜୀବୀମାନଙ୍କୁ ଦେଖିବାକୁ ମିଳେ । ଜନପ୍ରିୟ ଉପନ୍ୟାସ ସୁଲଭ ପ୍ରେମ, ବହୁବିଧ ପାରିବାରିକ ସାମାଜିକ ଜୀବନ ନିର୍ବାଚନ ବହୁଳତାର ଦୃଷ୍ଟିଭଙ୍ଗୀରେ ସେ ତାଙ୍କର ନାୟକ ନାୟିକାଙ୍କ ପ୍ରେମ ଘୃଣା, ଈର୍ଷା ଓ ତାରୁଣ୍ୟ ସୃଷ୍ଟିର ସନ୍ଧାନ କରିଛନ୍ତି । ତ୍ରିକୋଣ ଧର୍ମୀ କାହାଣୀ ଉପାଦାନରେ ବସନ୍ତ ଦକ୍ଷତାସୂଚକ ବିଶେଷ ପ୍ରଚୁରତା ଦେଖାଇଅଛନ୍ତି ।

**କୃଷ୍ଣପ୍ରସାଦ ମିଶ୍ର** (୧୯୩୩) ଗର୍ଭିକ ବର୍ଷଗତରେ ଅଧ୍ୟାପନା ସଙ୍ଗେ ସଙ୍ଗେ ଓଡ଼ିଆ କଥାସାହିତ୍ୟର ସାମୟିକ ସ୍ରଷ୍ଟା । 'ନଷ୍ଟଙ୍କା', 'ସ୍ୱୟଂବର', 'ଦେବଦତ୍ତ' ପ୍ରଭୃତି ଉପନ୍ୟାସ ମଧ୍ୟରେ ଯୌନକ୍ଷୁଧା ଓ ଦାମ୍ପତ୍ୟର ସମସ୍ୟାଗତ ଭାବରେ ଲେଖକ ଆଗ୍ରହୀ । ଉପନ୍ୟାସରେ ଚମତ୍କାରିତା ସୃଷ୍ଟି ପାଇଁ ସେ କେତେ ବିପରୀତ ଧର୍ମୀ ନାୟକ ନାୟିକାଙ୍କର ବ୍ୟର୍ଥପ୍ରେମ, ଧର୍ଷକାଂକ୍ଷା, ଦୁଃସାହସିକ ଅଭିଯାନ ପ୍ରବଣତା ସବୁକିଛିର ବିନିଯୋଗ କରିଅଛନ୍ତି । ତାଙ୍କର ବର୍ଷ ଧର୍ମିକ ନାୟକ କେତେବେଳେ ଦେହଲଜ୍ଜୁ ସନ୍ନ୍ୟାସୀ ମୁକ୍ତି କେତେବେଳେ ଦୈହିକତାବାଦୀ ପାଳର ସଭ୍ୟ । ତାଙ୍କ ନାୟକ ନାୟିକାମାନେ ବହୁ ସମସ୍ୟାରେ ଶୁଭ୍ରତାର ଉଚ୍ଚ ଚରିତ୍ରର ବଳି

ପ୍ରବୃତ୍ତି ଚରିତାର୍ଥପାଇଁ ବ୍ୟଗ୍ର ହୋଇଛନ୍ତି । ଜୀବନର ଯଥାର୍ଥ ଶାନ୍ତି ଦେବାକୁ-ଯାଇ ଲେଖକ ପାରମ୍ପରିକ ସଂସ୍କାରର ଜଗତ ଓ ଆଧୁନିକ ଦେହଭୋଗବାଦ-ଶକ୍ତି ଉଭୟ ମଧ୍ୟରେ ମାନସିକ ସଂଘର୍ଷର ପୃଷ୍ଠଭୂମିରେ ନିଜ ଉପନ୍ୟାସର ଚରିତ୍ରମାନଙ୍କୁ ଉପସ୍ଥାପିତ କରିଅଛନ୍ତି । କୃଷ୍ଣପ୍ରସାଦଙ୍କ ଭାଷା ପ୍ରାଞ୍ଜ-ଳତେଜର ପ୍ରସାଦଧର୍ମୀ ହେଲେହେଁ ଅସମ୍ପୂର୍ଣ୍ଣ । କୃଷ୍ଣପ୍ରସାଦଙ୍କ ସୃଷ୍ଟିରେ ସାର୍ଥକ ଶିଳ୍ପୀର ସମ୍ଭାବନା ବହୁ ସ୍ଥଳମାନଙ୍କରେ ବିଦ୍ୟମାନ । ମାନବ ଜୀବନ ସଞ୍ଚିତ କଳାର ଅନୁଭବ ସଞ୍ଜାତ କଳ୍ପନାର ସମନ୍ୱୟ ସାଧନରେ ଯେଉଠିକି ତାଙ୍କର ନିଷ୍ଠାର ଅଭାବ, ତାଙ୍କ ସୃଷ୍ଟି ଧର୍ମକୁ କଥିତ ଖଣ୍ଡିତ କରିଛି । ତେବେ ପ୍ରସ୍ତାବଧର୍ମୀ ଲେଖକଙ୍କ କଳ୍ପ ଚରିତମାନଙ୍କରେ ଏପରି ବିଶେଷତାର ସ୍ୱତନ୍ତ୍ରୀନ ନେବାକୁହିଁ ହୋଇଥାଏ, କୃଷ୍ଣପ୍ରସାଦ ତାର ବ୍ୟତିକ୍ରମ ନୁହନ୍ତି ।

**ଶାନ୍ତନୁ କୁମାର ଆଚାର୍ଯ୍ୟ** (୧୯୩୪) ବିଜ୍ଞାନର ଅଧ୍ୟାପକ । ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ପ୍ରତିଶ୍ରୁତିବାନ୍ ଲେଖକ ଭାବରେ ସୁପରିଚିତ । 'ନରକିନ୍ନର', 'ଶତାବ୍ଦୀର ନଚିକେତା', 'ତିନୋଟି ଛବିର ସକାଳ'ରେ ଅନ୍ତର୍ବାସ୍ତବ ଚେତନାର ସ୍ପଷ୍ଟ ଭରିଛି । ତାଙ୍କର ନାୟକ ନର୍ଦ୍ଦମାରେ ଜନ୍ମଲାଭ କରେ । ଆଧୁନିକ ନଗର ଜୀବନର ଗ୍ଳାନି ଓ ହତାଶା ଭିତରେ ନିଜ ଅବଚେତନ ମନର ଅନ୍ଧକାର ମଧ୍ୟରେ ଆବିଷ୍କାର କରେ ନିଜର ଦ୍ୱିଧା ଓ ବିଚଳିତ ଜଗତକୁ । ଏହି ଜଗତ ରୁଦ୍ଧଶ୍ୱାସ, ଗନ୍ଧମୟ । କେତେକ ସ୍ମୃତିଚାରଣ ମୁହୂର୍ତ୍ତର ଅଧମ ପ୍ରବୃତ୍ତିର ଆତ୍ମପ୍ରକାଶ ବହନ କରେ । ଅନ୍ତର୍ଲୀନ ଉଚ୍ଚାରଣ ଭିତରେ ଉପନ୍ୟାସ ଗୁଡ଼ିକରେ ଶାନ୍ତନୁକୁମାର ଆଧୁନିକ ଜୀବନର ଦର୍ଶନ ଫୁଟାଇବାକୁ ଚେଷ୍ଟା କରିଛନ୍ତି । ତେଣୁ ତାଙ୍କ ଉପନ୍ୟାସରେ ବର୍ଣ୍ଣନାଧର୍ମୀ ଉପନ୍ୟାସର ଶୃଙ୍ଖଳା ପରିବର୍ତ୍ତେ ଆତ୍ମଧର୍ମୀ ଉପନ୍ୟାସର ବ୍ୟଞ୍ଜନା ପ୍ରାଧାନ୍ୟଲାଭ କରିଅଛି ।

'ନରକିନ୍ନର'ର ନାୟକ ଜର୍ଜ ଏକ ଅବୈଧ ସନ୍ତାନ । ଜଣେ ବୃଦ୍ଧ ଭିକ୍ଷୁକଦ୍ୱାରା ପ୍ରତିପାଳିତ । ବୃଦ୍ଧ ଭିକ୍ଷୁକର ମୃତ୍ୟୁପରେ ପରିତ୍ୟକ୍ତ ନିଃସଙ୍ଗ ଜର୍ଜ ସମାଜର ଅନ୍ଧକାର ପଥରେ ଚୋରକାରବାରୀ ଓ ବହୁ କୁଷ୍ଠ-ରୋଗୀଙ୍କର ନେତୃତ୍ୱ ଗ୍ରହଣ କରି ପୋଲିସ ଗୁଳିରେ ନିହତ ହୋଇଛି । ଏ ଅବହେଳିତମାନେ କାହିଁକି ଜନ୍ମହୁଅନ୍ତି ? ଏମାନଙ୍କ ଜୀବନପାଇଁ

ସମାଜର ନୈତିକ ଭୂମିକା କ'ଣ ? ଏସବୁ ପ୍ରଶ୍ନର ଅବତାରଣା କରିଛନ୍ତି ଶାନ୍ତନୁ କୁମାର ଆଚାର୍ଯ୍ୟ 'ନରକିନ୍ନର' ଉପନ୍ୟାସରେ । ଶତାବ୍ଦୀର ନଚିକେତା ଓ ଭଟନାଟି ସହରର ସକାଳ ଦୁଇଟି ଟର୍ଯ୍ୟାସ୍ତୁବାଦୀ ଉପନ୍ୟାସ । ଆଧୁନିକ ଉଚ୍ଚଶିକ୍ଷିତ ନଭ୍ରୁପ୍ରସାଦର ଜୀବନଟର ଭଗ୍ନ ଓ ନିଃସଙ୍ଗ ଜୀବନର ଚିତ୍ର ଅଙ୍କିତ । ସମାଜର ମୂଲ୍ୟବୋଧ ଓ ନୈତିକତା ବ୍ୟକ୍ତିଜୀବନର ଅନ୍ବେଷା ଓ ଆକାଂକ୍ଷାକୁ କରେ ପଦେ ପଦେ ଖଣ୍ଡିତ ଓ ବିଡ଼ମ୍ବିତ କରେ ତାହା ନଭ୍ରୁପ୍ରସାଦ ଚରିତ୍ରରେ ପ୍ରତୀକାତ୍ମକ ଭାବରେ ଚିତ୍ରିତ । ବ୍ୟକ୍ତିର ସତ୍ତା ଓ ସ୍ୱାତନ୍ତ୍ର୍ୟ ମାନବିକ ମୂଲ୍ୟବୋଧକୁ ଅଗ୍ରାଧିକାର ଦେବାପାଇଁ ଆଚାର୍ଯ୍ୟଙ୍କ ସାର୍ଥକତା ସମସ୍ତ ଓ ଅବସ୍ଥାର ଚିତ୍ରଦର୍ଶନ ସଫଳତାରେ ସ୍ଥିତିଶୀଳ ସମାଜ ଜୀବନର ବିଡ଼ମ୍ବନାର ଚିତ୍ର ଆଧୁନିକ ଓଡ଼ିଆ ଉପନ୍ୟାସର ଏକ ବୈଶିଷ୍ଟ୍ୟ । ଶାନ୍ତନୁ ନିଜର ଆତ୍ମଧର୍ମୀ ଉପନ୍ୟାସ-ଗୁଡ଼ିକରେ ଏ ଦିଗରେ ହିଁ ଧ୍ୟାନ ଦେଇଛନ୍ତି ।

ସାମଗ୍ରିକ ଉପନ୍ୟାସ ଲେଖକଙ୍କ ମଧ୍ୟରେ ସ୍ୱର୍ଗତଃ ବାମାଚରଣ ମିତ୍ରଙ୍କର 'ଚନ୍ଦ୍ର ଓ ଚମ୍ପା', ସାତକଡ଼ି ହୋତାଙ୍କର 'ସ୍ୱପ୍ନ ଶିଉଳୀ', 'ବଂଧ୍ୟାକୁଳ ଦ୍ରୁପଦ', 'ଏତେ ସ୍ୱପ୍ନ ଏତେ ଆଲୋକ', ଉପେନ୍ଦ୍ର ପ୍ରସାଦ ମହାନ୍ତିଙ୍କର ସଜନୀ ଓ 'ନଗ୍ନଶଙ୍କର' ଆଦି ଉଲ୍ଲେଖଯୋଗ୍ୟସୃଷ୍ଟି ।

( ୧୦ )

ସୃଜ୍ୟମାନ ଓଡ଼ିଆ ଉପନ୍ୟାସର ଜଗତ ଏବେ ପ୍ରସାରିତ ଓ ବହୁ ସମ୍ଭାବନା ପୂର୍ଣ୍ଣ । ଓଡ଼ିଆ ଏକ ଆଞ୍ଚଳିକ ଭାଷା ହେଲେହେଁ ଏହା ସାର୍ବ-ଜନୀନ ସଂସ୍କୃତିର ବାହକ ଓ ଧାରକ । ମୂଳରୁ ଅତୀତର ସଂଜ୍ଞା ଓ ବୋଧ ଓ ଭବିଷ୍ୟତର ଭୂମିରଚନା ପାଇଁ କଳ୍ପନାପ୍ରବଣତାର ଅଭାବ ଘଟିବାର କୌଣସି କାରଣ ନାହିଁ । ଆଧୁନିକ ଜଗତର ଜୀବନର ସନ୍ଧାନ ସଙ୍ଘର୍ଷଙ୍କ ମୂଳବକୁ ଅର୍ଥବହ କରିବାପାଇଁ ଆତ୍ମାବିଷ୍କାରରେ ଓଡ଼ିଆ ଜାତି । ତେଣୁ ଏକ ଆଞ୍ଚଳିକ ସାହିତ୍ୟ ଭାବରେ ଜନ୍ମଲାଭ କରିଥିଲେହେଁ ବିଶ୍ୱସାହିତ୍ୟର ସ୍ୱରମୂର୍ତ୍ତି ବହନକରିବାକୁ ଓଡ଼ିଆ ସାହିତ୍ୟ ବେଶ ସମର୍ଥ ତାହା ଦେଶର ମୌଳିକ ଉପନ୍ୟାସ ସୃଷ୍ଟିରେ ଅନୂଦିତ ଉପନ୍ୟାସ

ସାହିତ୍ୟକୁ ମଧ୍ୟ ଦେଖାଯାଇପାରେ । ଓଡ଼ିଆରେ ଅନୁବାଦ ଉପନ୍ୟାସ ପ୍ରକାଶ କରିବାରେ ଶ୍ରୀ ଚିତ୍ତରଞ୍ଜନ ଦାସ, ଲଲ୍ ନରେନ୍ଦ୍ର କୁମାର ଗୁପ୍ତ, ଗୋଲୋକବିହାରୀ ଧଳ; ଭୁବନ କର, ରଘୁନାଥ ଦାସ, ରବୀନ୍ଦ୍ରନାଥ ସିଂହ, ଲକ୍ଷ୍ମୀନାରାୟଣ ମହାନ୍ତି, କୁଞ୍ଜବିହାରୀ ଦାଶ, ଜଟେଶ୍ୱର ମହାପାତ୍ର ପ୍ରମୁଖଙ୍କ ନାମ ସ୍ମରଣୀୟ । କିନ୍ତୁ ଏମାନଙ୍କ ଅନୁବାଦଗ୍ରନ୍ଥ ଗୁଡ଼ିକରେ ମୂଳଗ୍ରନ୍ଥରୁ ଅନୁବାଦ କ୍ୱଚିତ୍ ଘଟିଅଛି । ଅନୁବାଦଗୁଡ଼ିକ ଇଂରେଜୀ, ହିନ୍ଦୀ ଅଥବା ବଙ୍ଗଳାରୁ ହୋଇଥାଏ । ମୂଳଭାଷାରୁ ଅନୁବାଦ ନାହିଁ ହୋଇଥିଲା ସ୍ଥଳେ ଅନୁବାଦକଙ୍କର ଆଦର୍ଶ ବଜାଇଲେ ବିଶ୍ୱସାହିତ୍ୟ ସହିତ ଆତ୍ମୀୟତା ସ୍ଥାପନରେ ପ୍ରୟାସ ଦେଖାଦେବ ଉତ୍ତମ ହେବ—ଏଥିରେ ସନ୍ଦେହ ନାହିଁ । ଏ ଦିଗରେ ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ ପ୍ରଚେଷ୍ଟା ସ୍ମରଣ ଯୋଗ୍ୟ ।

—–—

# ଷଷ୍ଠ ଅଧ୍ୟାୟ

## ପ୍ରାନ୍ତଭାଷା: ଉପନ୍ୟାସ ଓ ଆତ୍ମଜୀବନ

ଓଡ଼ିଆ ଉପନ୍ୟାସର ଜନକ ଫକୀରମୋହନ ; ପ୍ରାଚୀନ ଓ ପାରଂପରିକ କଥାସାହିତ୍ୟର ଚରିତ୍ର ସୀମା ଅତିକ୍ରମ କରି ସେ ନୂତନ ଶିଳ୍ପରୂପର ପ୍ରଥମ ଆଙ୍ଗିକ ରଚନା କରିଥିଲେ ଯଦିଓ ତାଙ୍କ ପୂର୍ବରୁ ଏକ ବଙ୍ଗଦେଶୀ ନାୟକର ଜୀବନକାହାଣୀ 'ଲକ୍ଷ୍ମୀପ୍ରିୟା ଦ୍ଭୁବୀ'ରେ । ମାତ୍ର ଓଡ଼ିଆ ଉପନ୍ୟାସକୁ ଓଡ଼ିଆ ଜୀବନ ସହିତ ଏକାତ୍ମକରି ଶିଳ୍ପରୂପ ଦେବାରେ ସାର୍ଥକତା ଅର୍ଜନ କରିଥିଲେ ଏହି ବଂଶ ଚୋରୀର ପ୍ରଥମ ସ୍ରଷ୍ଟାକାର ଫକୀର ମୋହନ । ସ୍ୱଭାବରେ ଅଷ୍ଟାଦଶ ଶତକେ ଉପନ୍ୟାସର ପ୍ରାରମ୍ଭିକ ନାମଥିଲା ନବନ୍ୟାସ । ଇଂରେଜୀ ନଭେଲ୍ ଶବ୍ଦଟି ସମ୍ଭବତ ଲାଟିନ୍‌ର ଏକ ନୂତନର ଭାବ ବହିତ । ସୁତରାଂ ନବନ୍ୟାସ ଶବ୍ଦଟି ସମ୍ଭବତ ବାସ୍ତବ ଜୀବନଠାରୁ ଅବାରିତ ଧାର ଉଦ୍ଭାବିତ । ତେଣୁ ଉପନ୍ୟାସ ବଦଳରେ ନବନ୍ୟାସ ଶବ୍ଦଟି ଅର୍ଥିକ ପ୍ରଚଳିତ ନହେବ ? — ଏ ପ୍ରଶ୍ନ ଏବେବି ଅବାନ୍ତର ନୁହେଁ । ଏଣୁ କୌଣସି ଶିଳ୍ପ କଥାସାହିତ୍ୟ । ଏହା ଅନେକ ଅର୍ଥବହ କାରଣ ଏହାର ଚରିତ୍ରର ଏକକ ଭୂମିକା ଯେ ଏଥିରେ ଉପନ୍ୟାସ ଓ ସ୍ମୃତିଗଳ୍ପ ସମ୍ପୃକ୍ତ ଅନ୍ତର୍ଭୁକ୍ତ । ଉପନ୍ୟାସ କଳ୍ପନାର ଏକ ମୁକ୍ତ ରଙ୍ଗମଞ୍ଚ । ତଥ୍ୟ ଓ କଳ୍ପନାର (Fact ଓ Fiction) ମିଳିତ ଭୂମିରେ ଜୀବନ ବିକଶିତ । ଅନ୍ତଃସ୍ଥିତ ବାସନାର ପ୍ରଶ୍ନବାଚୀ ମଧ୍ୟରେ ଜୀବନର ଚରିତ୍ରାଙ୍କନ ହୁଏ ଶିଳ୍ପ, ସୁନିର୍ଦ୍ଦିଷ୍ଟ ତଥ୍ୟ ଉପରେ ସେତିକି ନୁହେଁ ସୁନିୟନ୍ତ୍ରିତ ଓ ସୁସଂହତ କଳ୍ପନାର ଭାବମୂର୍ତ୍ତି ମଧ୍ୟରେ କେବଳ ଆବିଷ୍କାର କରିପାରି ନାହିଁ । ୱିଲିୟମ ବ୍ଲାକ୍ (William Black) ଉପନ୍ୟାସର ସେଇ ଆତ୍ମ-ସ୍ୱରୂପର ଜୀବନ ପାଇଁ ଏକ ଚିରନ୍ତନ ଧ୍ରୁବବାଣୀ (gospel) ରଚନା କରିବାକୁ ଯାଇ ଲେଖିଥିଲେ—

> "Do what you will, this life is a Fiction, and is made up of Contradiction."

ସବୁ ଶିଳ୍ପର ଉପନ୍ୟାସ ହେଉଛି ଏକ ସମାହାର ଓ ସମନ୍ୱୟକର କଳା । ଜୀବନର କ୍ୟାନ୍‌ଭାସ୍ ଏତେ ବିସ୍ତୃତ, ସ୍ଥାନ ଓ କାଳର ଅନ୍ତଃସ୍ରୋତ ପ୍ରବାହ ମଧ୍ୟରେ ତରଙ୍ଗିତ ଏତେ ବିଚିତ୍ର—ଯାହା କୌଣସି ସ୍ଥିରଚିତ୍ର କଳ୍ପନା କରିବାକୁ ହେଲେ ଅଜସ୍ର ସମ୍ଭାବନା ମଧ୍ୟରୁ ନିଜ ବିଷ ପାଇଁ ଉପାଦାନ ବାଛିବାକୁ ସବୁଠାରୁ କଠିନକାମ । ଏହିକାର୍ଯ୍ୟ ସତତା ଓ ନିଷ୍ଠାର ସହିତ ଆଧୁନିକ ଯୁଗର ଔପନ୍ୟାସିକମାନେ କରିବାକୁ ଆଗ୍ରହୀ । ଏକ ଖଣ୍ଡିତ ସତ୍ତାରୁ ଜୀବନର ଏକ ସମ୍ପୂର୍ଣ୍ଣ ସ୍ୱରମୂର୍ତ୍ତି - ଅଙ୍କନରେ ସେମାନେ ସଦା ଉଦ୍ୟୋଗୀ । ଏଥିପାଇଁ ଆତ୍ମସଚେତନ ଔପନ୍ୟାସିକ ମନେକରିଥାଆନ୍ତି ଋଷି, ବୈଜ୍ଞାନିକ, କବି ସମସ୍ତଙ୍କଠାରୁ ତାଙ୍କର ସ୍ଥାନ ଉଚ୍ଚରେ । କାରଣ ସେମାନେ ଜୀବନ୍ତ ମଣିଷର ଖଣ୍ଡାଂଶ ବିଷୟରେ ଶ୍ରେଷ୍ଠ ଶିଳ୍ପୀ । ମାତ୍ର ଔପନ୍ୟାସିକ ହିଁ ପରିପୂର୍ଣ୍ଣ ଜୀବନର ସ୍ରଷ୍ଟା । ଉପନ୍ୟାସ ହିଁ ଜୀବନର ଉଜ୍ଜ୍ୱଳ ଗ୍ରନ୍ଥ । ※ ଏହି ଗ୍ରନ୍ଥ ରଚନା ପାଇଁ ସଚେତନ ଔପନ୍ୟାସିକ (ସ୍ୱପ୍ନଜଗତରେ ଶୂନ୍ୟକାର) ସ୍ୱପ୍ନ ଦେଖି ଥାଆନ୍ତି, ମୃତ୍ତିକାର ଉଷ୍ମତା ଓ ସ୍ପର୍ଶରେ ଶିହରଣ ହୋଇ ଥାଆନ୍ତି, ଖୋଜି ପାଆନ୍ତି ଶାନ୍ତିର [illegible], ସଂଗ୍ରାମର ମରୁଭୂମିରେ ଅଥବା ଅଣୁବୀକ୍ଷଣିକ ଓ ଦୂର-ବୀକ୍ଷଣିକ ଦୃଷ୍ଟିକୋଣ ନିକ୍ଷେପ କରିଥାଆନ୍ତି ନିକଟ ଓ ଦୂରକୁ । ବାରମ୍ବାର ଫେରିଯାଇ ଥାଆନ୍ତି ନିଜର କେଉଁଏକ ପରିଚିତ ମାଟିକୁ ଏକ ଶ୍ରାନ୍ତ ପକ୍ଷୀ ବସାକୁ ଭଳି । ଜୀବନର ଯାହାକିଛି ଅସ୍ପଷ୍ଟ, ଜଗତରେ ଯାହାକିଛି ବର୍ଣ୍ଣହୀନ--- ସେଥିରେ ରୂପ ଓ ରଙ୍ଗ ଦେବାକୁ ଯାଇ ଔପନ୍ୟାସିକ ହୋଇ ଥାଆନ୍ତି ନିଜର କଳ୍ପିତ କାଳଯନ୍ତ୍ରର ସାରଥି, ନବନବ ସୃଷ୍ଟିର ବିଧାତା ।

---

※ And being a novelist, I consider myself Superior to the saint, the scientest the philosopher, and the poet, who are all great masters of different bits of man alive, but never get the whole hog.

The novel is the one bright book of life.

D. H. Lawrence :
(Why the Novel Matters)

ଓଡ଼ିଆ ଉପନ୍ୟାସର ଅଭ୍ୟୁଦୟକାଳର ଫକୀରମୋହନ ହିଁ ପ୍ରଥମ ସାର୍ଥକ ସ୍ରଷ୍ଟା । ତାଙ୍କ ଦୃଷ୍ଟିର ସୀମାରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ପ୍ରସାରିତ କରିଥିଲା ଶୋଷକ ଶୋଷିତ ଓ ଆତ୍ମଶୋଷିତ ବ୍ୟକ୍ତି ଚରିତ୍ରମାନର ସୃଷ୍ଟି କରନ୍ତି । ଏକ ଦିଗରେ ଇତିହାସ ଓ ଅନ୍ୟ ଦିଗରେ ସମସାମୟିକ ଜୀବନ । ଉପନ୍ୟାସରେ ଫକୀରମୋହନ କୌଣସି ଇତିହାସର ଗୌରବମୟ ଚିତ୍ର ଅଙ୍କନ କରି ନାହାନ୍ତି । ସେ ଯଥାର୍ଥରେ ଆଧୁନିକତାର ଉପାସକ । ସମକାଳୀନ ଚିତ୍ର ମଧ୍ୟରେ ସେ ଚରିତ୍ରମାନର ଅନ୍ତର୍ଦ୍ୱନ୍ଦ୍ୱ ନିଷ୍ପୀଡ଼ିତ, ଅପକର୍ମ ଲିପ୍ତ, ଅନୁଦାର, ଅନୁତପ୍ତ ମଣିଷର ଚିତ୍ର ଅଙ୍କନ କରିଛନ୍ତି । ଫକୀରମୋହନ କଥାଶିଳ୍ପୀ ହେଲେବି ସେ ଥିଲେ ମୂଲ୍ୟବୋଧ ଜନ୍ୟ । ଧୂଳିଧୂସରିତ ଜଗତ, ପଣ୍ଡ ଓ ଭଗ୍ନ ଜୀବନ ଉପରେ ଏକ ମହତ୍ତ୍ୱର ଶକ୍ତି ଓ ସତ୍ୟର ତାଙ୍କର ବିଶ୍ୱାସ ଥିଲା ଅଟଳ । ଏହି ବିଶ୍ୱାସର ଭାବ-ଭୂମିରେ ଦଣ୍ଡାୟମାନ ହୋଇ ସେ ଜୀବନରୁ ସମସ୍ତ ଅମଙ୍ଗଳବୋଧ ଦୂରକରିବାକୁ ଚେଷ୍ଟାକରିଥିଲେ ।

ଅମଙ୍ଗଳ ବୋଧର ଦୂରୀକରଣ ନୁହେଁ ଆବାହନ ସେତେବେଳେ ଆଧୁନିକ ଶିଳ୍ପ ସୃଷ୍ଟିର ଅନ୍ୟତମ ଲକ୍ଷ୍ୟ । ମାତ୍ର ଏହି ଲକ୍ଷ୍ୟ ମହତ୍ ସୃଷ୍ଟିର ପ୍ରତିପାଦକ ନହୋଇ ପ୍ରତିବନ୍ଧକ ହୁଏତ ବରଂ ବିଦ୍ୟମାନ । ଏହି ବାଧା ଅତିକ୍ରମ କରିବା ପାଇଁ ଆଧୁନିକ ଲେଖକମାନେ ଅନୁଭୂତିର ଜଗତରୁ ଦୂର ଅବଚେତନର ଜଗତରେ ପ୍ରବେଶ କରିବାରେ ଆଗ୍ରହୀ । ଏହି ଅବଚେତନର ଜଗତ ଏକ ଅପରିଚିତ ଜଗତ । କେଉଁ ଆଦିମ ଅତଳ ଗୁହାର ଅନ୍ଧକାର ଭିତରୁ ପୁରାଣ କଳ୍ପନାର ଦେବ ଓ ଦୈତ୍ୟ, ସ୍ୱର୍ଗ ଓ ନରକ ସୀମାରେଖା ଭେଦକରି ପ୍ରାକୃତ ମାନବ ମନୁଷ୍ୟର ଆତ୍ମଲୋକର ସନ୍ଧାନ ନିହିତ ଭାବରେ ଏକ ଦୁରୂହ କାର୍ଯ୍ୟ । ଏଇ ପଥରେ ଗତି କରିଥିବା ଶିଳ୍ପୀ ସବୁବେଳେ ନିଜ ଅନ୍ତରକୁ ଦେଖନ୍ତି ଓ ପ୍ରତି ମୁହୂର୍ତ୍ତରେ ରସ ଅନୁଭବ କରନ୍ତି । ତାଙ୍କ ଚତୁର୍ଦ୍ଦିଗରେ ଜୀବନ ସେପରିକି ଜୀବନର ଏକ ଆଶ୍ରମ, ଏକ ଦୁର୍ବୋଧ ପ୍ରହେଳିକା । ଏକ ସାଧାରଣ ମଣିଷ ତାର ଅତିସାଧାରଣ ମନ ଓ ଧାରଣାର ଜଗତ, ବୋଧିଏ ଅତି ସାଧାରଣ ଦିନ, ଏପରିକି ଏକ ଅତି ସାଧାରଣ ମୁହୂର୍ତ୍ତର ବିଶ୍ଳେଷଣ

କଲେ ଚେତନାପ୍ରବାହରେ ମନର ଗଭୀରରେ ଅସଂଖ୍ୟ ଚିନ୍ତା କରେଇ ଦେଇ-ଯାଉ ଥାଏ । କେତେ ତୁଚ୍ଛ, କେତେ ଭୟଙ୍କର, କେତେ ଜଟିଳ—ସବୁ ଚେତନାର ମନର ଗଭୀରରେ ଲୁକାୟିତ ହୋଇଥାଏ । ମନୁଷ୍ୟଙ୍କର ଶ୍ୱାସ ମଧ୍ୟରେ ଅସଂଖ୍ୟ ଅଙ୍ଗାର ଅଶ୍ରୁର ବିଚରଣ ଭଳି ଏବଂ ଅସଂଖ୍ୟ ବେଦନାର ବର୍ଷା ଭିତରେ ଲୁକାୟିତ ହୁଏ ଆମର ଅତୀତର ଐଶ୍ୱର୍ଯ୍ୟମଣ୍ଡିତ ଦିନ, ମାସ ଓ ବର୍ଷ । ଶିଳ୍ପୀର ସ୍ୱାଧୀନତା ଜନ୍ମାଇବାରେ ନିଜସ୍ୱ ଅନୁଭବ ଓ ଉପଲ-ବ୍ଧିର । ଜୀବନ ଭୋଗର ଅଧିକାର ସମସ୍ତଙ୍କ, ମାତ୍ର ସେହି ଜୀବନ ଏକ ଦୃଷ୍ଟି ମଣ୍ଡଳର ଅନେକ ସମ୍ଭାଳ ଲକ୍ଷ୍ୟର ଆପର ଚେତନାର ଆଦି ଓ ଅନ୍ତ ଯାହାର ସ୍ପଷ୍ଟ ଫଳକରେ ଆବଦ୍ଧ ତାକୁ ଭୂଲିବା କେବଳ କଳାର ସାଧନା ଓ ନିଷ୍ଠାବାନ୍ ଶିଳ୍ପୀ ପକ୍ଷରେ ହିଁ ସମ୍ଭବ । ତେଣୁ ପ୍ରଥାମୁକ୍ତ ସମାଜ ଓ ପ୍ରଭାବ ମୁକ୍ତ ମନର ଉପାଦାନରେ ହିଁ ଆଧୁନିକ ଉପନ୍ୟାସ ଜଗତରେ ସାର୍ଥକ ସୃଷ୍ଟି ସମ୍ଭବ ।

ଓଡ଼ିଆ ଉପନ୍ୟାସରେ ସାମାଜିକ ଓ ପ୍ରାକୃତିକ ବନ୍ଧନ ବାହାରେ ପ୍ରଥମ ଥର ଏହି ଅଞ୍ଚଳରେ ଯେଉଁମାନେ ଆଧୁନିକ ଔପନ୍ୟାସିକ ମାନଙ୍କର ଦୃଷ୍ଟିକୋଣ ପ୍ରକାଶିତ ହୋଇଅଛି । ଔପନ୍ୟାସିକଙ୍କ ମନର ବସ୍ତୁଠାରୁ ବଡ଼ ସମସ୍ୟା ନିଜର ଅବାଞ୍ଛିତ ଉପାଦାନକୁ ସୂତ୍ରରୂପରେ ସଂଯୋଜନ ଦ୍ୱାରା ଜୀବନ ଓ ଜଗତ ସହିତ ସମନ୍ୱିତ କରିବା । ମନସ୍ତତ୍ତ୍ୱର ଅନ୍ଧକାର ଭିତରୁ ଅନୁଭୂତି ସ୍ୱୀକୃତି ସବୁକୁ ଆଲୋକକୁ ଆଣିବାର ପ୍ରୟାସରେ ବହୁ ଲେଖକଙ୍କର ବିବର୍ଣ୍ଣ ବାସ୍ତବତା ଉପନ୍ୟାସ ସୃଷ୍ଟିକୁ ଆହ୍ୱାନ କରିଥାରେ । ଅନ୍ୟାୟକୁ ବୋଧଗମ୍ୟ କରାଇବା ଭଳି ଉଦ୍ଭଟ ସ୍ୱଭାବରେ ଆଜି ଯାହା ଆମର ନିକଟ ଚେତନାରେ ଅନ୍ତର୍ଭୂକ୍ତ ଉଦ୍ଘାଟିତ ବଂଶଧରଙ୍କ ପାଇଁ ତାର ଅଜଟିଳ ସ୍ୱପ୍ନମୂର୍ତ୍ତି ପ୍ରତିମୂର୍ତ୍ତିକରି ରଚିବା ଆଧୁନିକ ଔପନ୍ୟାସିକ ମାନଙ୍କର ଏକ ବଡ଼ ସମସ୍ୟା । କେତେ ସାହସ ଓ ନିଷ୍ଠାର ସହିତ ସେ ଏଇ ସମସ୍ୟାର ସମାଧାନ ପାଇଁ ସଚେଷ୍ଟ ହୁଅନ୍ତି, ସେ ହୋଇପାରନ୍ତି ସେତେ-ବେଶୀ ମୌଳିକ । ଜୀବନର ସବୁକିଛି ଅଭିଜ୍ଞତାର ପ୍ରତ୍ୟକ୍ଷ ଅନୁଭବ ତାହାର କ୍ଷେତ୍ରରେ ସମ୍ଭବ ନୁହେଁ । ତଥାପି କଥାଶିଳ୍ପୀଠାରୁ ମଧ୍ୟ ଏହା ଦୃଷ୍ଟିରେ ଆଶାକରାଯାଇ ନପାରେ । ଏହି ସୂତ୍ରରେ ଜଣେ ଲେଖକର କଥା ସାହିତ୍ୟର ମୂଲ୍ୟ ଅଥବା ଶିଳ୍ପୀମାନଙ୍କ ପଛରେ ସ୍ୱତ୍ୱ ସାମ୍ୟର ପ୍ରଶ୍ନ ଉଠେ ।

ଫକୀର ମୋହନଙ୍କ ଛନ୍ଦୋତ୍ରିଆ ଯୁଗର ଔପନ୍ୟାସିକ ଅଥବା କାହ୍ନୁ-ଚରଣଙ୍କୁ ଆଧୁନିକ ନବଜୋତ୍ତିରବାଦୀ ଔପନ୍ୟାସିକଙ୍କ ସହିତ ସମନ୍ୱିତ କରି ଦେଖିବା ହିଁ ଏକ ସ୍ୱାଭାବିକ । ଯୁଦ୍ଧ, ସାମାଜିକ ବିପ୍ଳବ, ରାଜନୈତିକ ଅଭ୍ୟୁତ୍ଥାନ, ବୈଜ୍ଞାନିକ ଅଗ୍ରଗତି—ଏସବୁ ସବୁରୁ ଆମେ ମନେକରୁ ଥିଲୁ ସାହିତ୍ୟର ଅନୁଭୂତି ଗଭୀରତର ଓ ଅଧିକ ପ୍ରତ୍ୟୟ । ବିଶ୍ୱମାନବତାର ଏକ ବୃହତ୍ ଅଂଶର ଅଧିବାସୀ ଭୂମି ଆମର ଏଇ ଭାରତ ଓ ତାର ଏକ ଅଂଶ ଓଡ଼ିଶା ଏକ ସମୟରେ ଗ୍ରାମ୍ୟ ନିଲିପ୍ତତା ଓ ଅନ୍ୟ ସମୟରେ ସାର୍ବଭୌମିକ ସମସ୍ୟାର ଦ୍ୱୈତ ଭୂମିରେ ବିଚରଣଶୀଳ । ଏଇ ଉପାଦାନରେ ଆମେ ଆଧୁନିକ ଜୀବନର ସ୍ପର୍ଶ ଲାଭ କରିଛୁ । ତାହାକୁ ଆଧୁନିକ ଯନ୍ତ୍ରର ସାରଥି ଓ ଲେଖକଙ୍କୁ ଆଧୁନିକ ଜୀବନର ଯନ୍ତ୍ରଣା । ଆମର କଥା ସାହିତ୍ୟକୁ ସୁଚେତନା ଓ ସୁସଂଗଠିତ ସ୍ୱତନ୍ତ୍ର ପ୍ରଭାବିତ କରିଅଛି । ମାତ୍ର ଏଇ କଥାସାହିତ୍ୟର ଶୈଳୀର ଓ ପ୍ରଭାବ ଜୀବନ ଉପରେ କେତେଦୂର ରହିଲା ତାହା କେବଳ ପ୍ରକାଶିତ ଗ୍ରନ୍ଥର ସୂଚୀ ପୁସ୍ତକରୁ କଳନା କରିଯାଇ ପାରିବନି । ଅତୀତ ଗ୍ରନ୍ଥ, ସକଳ ସମୀକ୍ଷା କେତୋଟି ପୁସ୍ତକର ସମାହାର ମାତ୍ର । ଉପନ୍ୟାସ ନାଟକଭଳି ଏକ ସାର୍ବଜନୀନ କଳା । କେବଳ ନାଟକ ସେଟିଂକ ଓ ସମବେତ ଉପନ୍ୟାସର ଏକ ସାଧନ (Means), ମାତ୍ର ଉପନ୍ୟାସ ଏକକ ମନନ ଓ ଭାବ ଚେତନାରେ ସମାଜର ଏକ ସାଧନ । ତାର ପାଠକ ନିଃସଙ୍ଗ ବ୍ୟକ୍ତିମନ ଓ ସମାଜର ସକଳ ସ୍ତରରେ ଦେଶବ୍ୟାପୀ । ବୌଦ୍ଧିକତା ଓ ଧାର୍ମିକତାର ପରିବେଶରେ ଏହାର ପ୍ରଭାବ କଳନା ପାଇଁ ବଡ଼ ଦେଶ—ଅଧ୍ୟୟନ (Field study) ଆବଶ୍ୟକ । ଓଡ଼ିଆ ଉପନ୍ୟାସର ସାମାଜିକ ତାତ୍ପର୍ଯ୍ୟ କଳନା କରିବା ଦୁରୂହ । ଉପନ୍ୟାସର Message ବା ବାଣୀ ଦେଉଛି—ଜୀବନଭଳି କଳା-ତାର ସମ୍ଭାବନାର କଣଟି ମଧ୍ୟ ଅସୀମ । ଏହାର କୌଣସି ସୁନିର୍ଦ୍ଦିଷ୍ଟ ସୀମା ନାହିଁ । କୌଣସି ନିର୍ଦ୍ଦିଷ୍ଟ ଦେଶ ଓ ଦେଶାଚାର ଏହା ଅନ୍ତର୍ଗତ ନୁହେଁ । ଉପନ୍ୟାସର ଉପାଦାନ ଆହରଣରେ ବୈଚିତ୍ର୍ୟ ବହୁଳ ଅବାନ୍ତର । ଦୁଃସହ ସ୍ପର୍ଶ ଓ ନିସ୍ତେଜର ସ୍ପର୍ଶ ଦେଇ ଗତିର କଥା ସାହିତ୍ୟର ଉନ୍ମେଷ ମୁକ୍ତି ସତ୍ତ ଦେଶର ଚରମ ମୁହୂର୍ତ୍ତରେ ଆମକୁ ଆହ୍ୱାନକରେ, ତାର ତାରୁଣ୍ୟ ଓ ସାର୍ବଭୌମତ୍ୱରେ ଅବଗାହନ ପାଇଁ ।

ଜାତିସ୍ୱଭାବରେ ଆମେ ଇତିହାସ ପ୍ରତି ସଚେତନ ନୋହୁଁ । ଆମ ଆଖିରେ ଇତିହାସ କେବଳ ସେପରିକି ଏକ ପ୍ରକାଣ୍ଡଶିଳାସ୍ତୂପ, କାଳର ଶିଉଳୀରେ ତାର ସର୍ବାଙ୍ଗ ଆଚ୍ଛାଦିତ । ମାତ୍ର ଏକ ସଚେତନ ଜାତି ଭବିଷ୍ୟତରେ ଇଙ୍ଗିତ ନେଇଥିବ ଜୀବନଧାରା ଚିରସ୍ରୋତା ଇତିହାସର ଗତିଶୀଳ ନିତ୍ୟ । ମହତ ପ୍ରାଣର ଧ୍ୟାନ ଅନ୍ଧକାର ମଧ୍ୟରୁ ଆଲୋକ ଆବିଷ୍କାର । ଐତିହାସିକୋପନ୍ୟାସ ରଚନାକାରୀ ଶ୍ରୀ ସୁରେନ୍ଦ୍ର ମହାନ୍ତି ନୂତନ ଦିଗର ସନ୍ଧାନ ଦେଇଛନ୍ତି । କବି, ଶିଳ୍ପୀଙ୍କ ଜୀବନ ଉପରେ ଆଧାରିତ ଅସଂଖ୍ୟ ଉପନ୍ୟାସ ରଚିତ ହୋଇପାରେ । ଜାତିର ମହାକବି ସାରଳା, ବଳରାମ, ଜଗନ୍ନାଥଙ୍କଠାରୁ ଅଶୋକର ଭଳି ବୀର ଶାସକଙ୍କ ଜୀବନ ଆଲେଖ୍ୟ ଉପନ୍ୟାସ-କଳ୍ପନାକୁ ଉଜ୍ଜୀବିତ କରିପାରେ । ଏହା କିନ୍ତୁ କେବଳ ଇତିହାସର ଔପନ୍ୟାସିକଙ୍କ କାର୍ଯ୍ୟ ନୁହେଁ । ବିଭିନ୍ନ ବିଷୟରେ ତତ୍ତ୍ୱବିତ୍‌ମାନେ କେବଳ ଅଧ୍ୟୟନ ଜ୍ଞାନ, ଆହୃତ ତଥ୍ୟର ପଞ୍ଜରରେ କଳ୍ପନାର ପ୍ରଲେପ ଦେଇ ଏପରି ସାହିତ୍ୟ ସୃଷ୍ଟି କରି ପାରନ୍ତି । କପିଳେନ୍ଦ୍ର, ଅଥବା ସେନାପତି ବକ୍ସିଙ୍କ ଉପରେ ଉପନ୍ୟାସ ରଚନା ହୁଏତ ଐତିହାସିକଙ୍କ କାର୍ଯ୍ୟ । ବିଶେଷ ଦେଶାଧାରୀ ଜାତି ଅଥବା ପ୍ରଜାତି ବିଶେଷର ଜୀବନଚର୍ଯ୍ୟା ଓ ସଂସ୍କୃତିର ଭିତ୍ତିରେ ନୃତତ୍ତ୍ୱବିତ୍ ଉପନ୍ୟାସ ରଚନା କରିପାରନ୍ତି । ସମାଜ ତତ୍ତ୍ୱବିତ୍ ପରିବର୍ତ୍ତିତ ସମାଜର ଚିତ୍ର ପ୍ରତିଛବି ଆକଳନ କରିପାରନ୍ତି । ନୌବାହିନୀ ବା ବ୍ୟୋମବାହିନୀର ସୈନିକ ଅଥବା ଜଣେ ସର୍କସ ବା ରଙ୍ଗମଞ୍ଚର ଶିଳ୍ପୀଙ୍କୁ ନେଇ ଉପନ୍ୟାସ ରଚିତ ହୋଇପାରେ । ବିଜ୍ଞାନ ବିଷୟ ସେପରି ଉପନ୍ୟାସ ରଚନା ଆଜି ଅନେକ ବୁଦ୍ଧିଜୀବୀ ବୈଜ୍ଞାନିକଙ୍କ କାର୍ଯ୍ୟ । ସେମାନେ ଆଧୁନିକ ଯୁଗର ଭବିଷ୍ୟତ ଦ୍ରଷ୍ଟା । ଜୀବନ କାବ୍ୟର ପରିକଳ୍ପିତ ଭାଷା, ବୁଦ୍ଧିର ଶକ୍ତି ଓ କଳ୍ପନାର ଯାଦୁ ବୈଜ୍ଞାନିକ ଉପନ୍ୟାସକୁ ସବୁଠାରୁ ଉପଭୋଗ୍ୟ କରିପାରେ । ବିଶେଷତଃ ବୁଦ୍ଧିଜୀବୀ ପାଠକଙ୍କ ପାଇଁ ଏହାର ଆକର୍ଷଣ ଅଲଂଘ୍ୟ ।

ଏବେବି ଓଡ଼ିଆ ଉପନ୍ୟାସ କେବଳ ଓଡ଼ିଶାର ଭୂମିଖଣ୍ଡରେ ଆତ୍ମପ୍ରତିଷ୍ଠା ନେଇ ଆସିଛି । ଭ୍ରମଣ କାହାଣୀ ମଧ୍ୟରେ ଆଜି ସାରାବିଶ୍ୱ ଆମର ନିକଟ ଅନୁଭୂତିରେ ଧରାଦେବାକୁ ଯାଉଛି । ଓଡ଼ିଆ ଉପନ୍ୟାସ

ଦୃଶ୍ୟର କୌଣସି ମନ୍ତ୍ରଦ୍ୟାନ ଅଥବା ପୃଥିବୀର କୌଣସି ଖଣ୍ଡ ନମନସ୍ତ୍ର-ଣକାରୀଙ୍କୁ ଭିତ୍ତିକରି ରଚିତ ହୋଇପାରେ । ଡିଟେକ୍ଟିଭ ଉପନ୍ୟାସ ମଧ୍ୟ ଅଧିକତର ସୂକ୍ଷ୍ମତାର ଅପେକ୍ଷା ରଖେ । ଏହା କେବଳ ଅନୁକରଣ ହେତୁ ରଚନା ନହୋଇ, ଯଥାର୍ଥରେ ଆନନ୍ଦ ଦାନ ସଙ୍ଗେ ମାନବ ଚରିତ୍ରର ମୌଳିକ ପ୍ରବୃତ୍ତି ସକଳର ଆବିଷ୍କାରରେ ସହାୟତା କରିପାରେ । ଇଂଲଣ୍ଡରେ ଷ୍ଟୁଆର୍ଟଙ୍କ ଭଳି ବୁଦ୍ଧିଜୀବୀ ଅଧ୍ୟାପକ ଓ ସି.ଡେ ଲୁଇସ୍ଙ୍କ ଭଳି ମୁଖ୍ୟ କବି ଛଦ୍ମ ନାମରେ ଡିଟେକ୍ଟିଭ୍ ଉପନ୍ୟାସ ଲେଖି ନୂତନ ସମ୍ଭାବନାର ଇଙ୍ଗିତ ଦେଇଛନ୍ତି ।

(C. Day Lewis—Nicholas Black.
Michael Innes (J. I. M, Stewart)

ସମକାଳୀନ ଉପନ୍ୟାସର ଦିଗନ୍ତରେ ଅନନ୍ତ ସମ୍ଭାବନା ବିଦ୍ୟମାନ । ଏହା ପୁରାଣ ମହାକାବ୍ୟ ଭଳି ଏକ ମହାନ କଳାସୃଷ୍ଟିର ଦାବୀଦାର । ଆଜି ସାଧାରଣ ଲେଖକଙ୍କ ହାତରେ ଏକ ଲଘୁ ଆମୋଦ ଦାୟକ ରଚନା ଭାବରେ ଏହାର ମହତ୍ତ୍ୱ ଖଣ୍ଡିତ ହୋଇଛି । ମାତ୍ର ଉଚ୍ଚ-କୋଟୀର ଉପନ୍ୟାସ ରଚନା ପାଇଁ ମଧ୍ୟ ପୃଷ୍ଠପୋଷକତା ଆବଶ୍ୟକ । ଏ ପୃଷ୍ଠପୋଷକତା ଯଦି ଦେଶର ଅଳ୍ପଶିକ୍ଷିତ ସାଧାରଣ ଜନତାଙ୍କ ରୁଚି ଉପରେ କେବଳ ନିର୍ଭର କରେ, ତେବେ ଏହା ଉଚ୍ଚକଳାସୃଷ୍ଟିର ସୋପାନ ଅତିକ୍ରମ କରି ନପାରେ । ପୁଣି ଅବହେଳାଜନିତ ସୃଷ୍ଟି ଭାବରେ ଉପନ୍ୟାସର ସ୍ୱାତ୍ମକ କଳାର ପରିକଳ୍ପନା କରିଯାଇ ନପାରେ । ଅନ୍ୟ ପକ୍ଷରେ ସରକାରୀ ବା ବେସରକାରୀ ପୁଞ୍ଜିପତିଙ୍କ ପୃଷ୍ଠପୋଷକତା ଦ୍ୱାରା କଥାଶିଳ୍ପୀଙ୍କୁ ଶୃଙ୍ଖଳାରେ ପରିଣତ କରିପାରେ । କେବଳ ସ୍ୱଚ୍ଛନ୍ଦ ବିକାଶ ପାଇଁ ଯୌନ କ୍ଷୁଧା ବା ମତ ପ୍ରବୃତ୍ତିର ଚାହିଦା ଉପନ୍ୟାସର କଳାମୂଲ୍ୟ ଯେପରେ ହ୍ରାସ କରିଥାଏ, ସ୍ୱାଧୀନତା ହୀନ କଥାଶିଳ୍ପୀଙ୍କ ରଚନାରେ ଶିଳ୍ପର ଯଥାର୍ଥ ପ୍ରାଣ ପ୍ରାଚୁର୍ଯ୍ୟ ମ୍ଳାନ ହୋଇଯାଏ ।

ବସ୍ତୁର ଚେତନାର ଆଲୋକ ବର୍ତ୍ତିକା ନେଇ ଆଧୁନିକ ଯୁଗର ଔପନ୍ୟାସିକମାନେ ନୈତିକ ପ୍ରଗତି, ବ୍ୟକ୍ତିବାଦ, ଚେତନାପ୍ରବାହ ସ୍ଥିତା, କାର୍ଯ୍ୟକାରଣ ସମ୍ବନ୍ଧ, ରହସ୍ୟଧର୍ମିତା, ଶୃଙ୍ଖଳତା, ସହଜ ଘଟଣା ଓ

ମଧ୍ୟବର୍ତ୍ତୀର ନୈତିକ ବସ୍ତୁର ବୋଧକୁ ଅସ୍ୱୀକାର କରିବାକୁ ଶିଖାଇ-ଥିଲେ । ଏକ ସମୟରେ ସ୍ୱୈରବାଦୀ ଚେତନାର ସତ୍ୟତା ସୁଦ୍ଧା ଅସ୍ୱୀକାର କରାଯାଇଥିଲା । କିନ୍ତୁ ସ୍ୱୈରବାଦର ବିରୋଧୀ ଆଧୁନିକ ଲେଖକମାନଙ୍କ ପ୍ରବର୍ତ୍ତିତ ବ୍ୟକ୍ତିନିଷ୍ଠ କାହାଣୀ, ସମୟମୁକ୍ତ ଚେତନା, ଅନିଶ୍ଚିତତା, ଆତ୍ମଚେତନସର୍ବସ୍ୱତା, ରାଜନୈତିକ ମତବାଦର ମୁକ୍ତସ୍ପୃହା, ନୈତିକ ଚେତନାର ବିରୋଧ ପ୍ରବଣତାକୁ ମଧ୍ୟ ସତ୍ୟ ବୋଲି ଗ୍ରହଣ କରାଯାଇ ନପାରେ । ଏକାଳର ଜଣେ ପ୍ରସିଦ୍ଧ ମାର୍କିନ୍ କଥା ସାହିତ୍ୟିକ ଅଧ୍ୟାପକ ଜନ୍‌ବାର୍ଥଙ୍କ (John Barth) ମତକୁ ସମର୍ଥନ କରି କୁହାଯାଇ-ପାରେ—ଏହି ତଥାକଥିତ ଆଧୁନିକ ଟେକ୍ନିକ୍ କବଳରୁ ମୁକ୍ତହୋଇ ଆଦର୍ଶ ଉପନ୍ୟାସ, ବାସ୍ତବତା ଓ ଅବାସ୍ତବତା, ଆଧେୟ ଓ ଆଧାର ହସ୍ୱତା, ଶୃଙ୍ଖଳା ଓ ଆଦର୍ଶ ପ୍ରତି ଆନୁଗତ୍ୟ । ଗୋଷ୍ଠୀ କୈନ୍ଦ୍ରିକତା ଓ ସାର୍ବଜନୀନତାର ଦ୍ୱନ୍ଦ୍ୱର ଉର୍ଦ୍ଧ୍ୱକୁ ଉଠିବା ଆଶାକରାଯାଏ ।

ନିଃସ୍ୱାର୍ଥପର ଭାବନା ଓ ନୈତିକ ମୂଲ୍ୟବୋଧର ଉର୍ଦ୍ଧ୍ୱରେ ଉପନ୍ୟାସର ମୂଲ୍ୟ ଅବଧାରିତ । ସର୍ବଜନର ଭାଷାରେ ସକଳ ହୃଦୟର ଅତି ସାଧାରଣ ଆଶା ଓ ଆକାଂକ୍ଷାର ରୂପ ଦେବାରେ କଳାର କଲ୍ପଲୋକ ସୃଷ୍ଟିର ପ୍ରୟାସ—ଏକ କଠିନ ପ୍ରୟାସ । ଏହି ବାଟରେ ସଚେତନତାର ଅଭାବ ଏହାକୁ କଳାସୃଷ୍ଟି ଭାବରେ ଅସାଂପ୍ରେସ୍ୟ କରିପାରେ । ପୁଣି ଅତି ସଚେତନତା ଏହାକୁ ଜୀବନରୁ ଦୂରକୁ ନେଇ ଯାଇପାରେ । ଏକ ଭବାର୍ଥିକ ଧାରରେ—ନବତର ବିକାଶ ଓ ଆକସ୍ମିକ ବିନାଶ—ଉଭୟ ସମ୍ଭାବନାର ପଥ ଉନ୍ମୁକ୍ତ । ଶଙ୍କା ଜଡ଼ିତ ଭବିଷ୍ୟତ ମୁହଁରେ, ବିଷାଦ ବିବର୍ଣ୍ଣ ନୈରାଶ୍ୟର ଯବନିକା ଅନ୍ତରାଳରେ ନୂତନ ଊଷାର ଆଲୋକ, ନୂତନ ଆନନ୍ଦ ନୂତନ ଜୀବନର ସନ୍ଧାନରେ ଏକ ନୂତନ ମାନବର ପଦଧ୍ୱନି ଆମ କଥା ସାହିତ୍ୟରେ ଶୁଣିବା ପାଇଁ ଆଜି ଅପେକ୍ଷା କରିବାକୁ ହେବ । ନଗଣ୍ୟ ଦେଶ କାନ୍ତିକାନ୍ତ ମଧ୍ୟରେ ସହମର୍ମିତାରେ ସ୍ୱପ୍ନ ଓ ଆଶା ମଧ୍ୟରେ ସମପ୍ରାଣତାରେ ପ୍ରୀତି ଓ ପରିବେଶ ମଧ୍ୟରେ ପରିପୂରକତାର ନିଜ ସୃଷ୍ଟିର ସାର୍ଥକତା ଏ ଯୁଗର ଔପନ୍ୟାସିକ ଖୋଜିପାରନ୍ତି । ତେବେ ଜୀବନଠାରୁ ସଭ୍ୟତାକୁ କଳାର ମୂଲ୍ୟ ଊଣା ନୁହେଁ । ସୁ ଲଳିତ, ସୁରଚିତ,

ସୁସଂଯୋଜିତ ଓ ସୁବିନ୍ୟସ୍ତ ଏକ କଳାର ଜଗତ ରଚନା ଔପନ୍ୟାସିକଙ୍କର ଧ୍ୟେୟ ହେବା ଉଚିତ । ଆଜି ଜନତାର ଜଗତ ସଙ୍କୁଚିତ, ନାଟକର ଜଗତ ଦୃଶ୍ୟପଟରେ ସୀମିତ । ପରିପୂର୍ଣ୍ଣ ଶିଳ୍ପ ସୃଷ୍ଟିର ଏକ ମହାନ କ୍ଷେତ୍ର ଉପନ୍ୟାସ—କାବ୍ୟଧର୍ମୀ ଓ ନାଟକୀୟ ଗୁଣ ଓ ଭୂଷଣରେ ପୁଷ୍ଟ ଓ ସୁଷମ ହେବାରେ ହିଁ ଏହାର ସାର୍ଥକତା ।